# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୩/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, November 3/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 337 | ମୂଲ୍ୟ ₹୭/-




## ଜନ୍ମଦିନରେ 'ପଠାନ୍' ଟିଜର ଦେଖାଇଲେ କିଙ୍ଗ୍ ଖାନ୍

୫୭ତମ ଜନ୍ମଦିନ ଅବସରରେ ବଲିଉଡ୍ ଅଭିନେତା ଶାହରୁଖ ଖାନ୍ ନିଜ ଅପ୍‌କମିଂ ଫିଲ୍ମ 'ପଠାନ୍'ର ଟିଜର ଭିଡିଓ ଶେୟାର୍ କରିଛନ୍ତି।

୧୦

୧୪

## ବିରାଟ କୋହଲିଙ୍କ ରେକର୍ଡ

ଟି୨୦ କ୍ରିକେଟ ବିଶ୍ୱକପ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହ ରେକର୍ଡର ଅଧିକାରୀ ହୋଇଛନ୍ତି ଭାରତର ବିରାଟ କୋହଲି।



# ଭୁବନେଶ୍ୱରରେ ବୁଲିଲା ଦନ୍ତା

ଭୁବନେଶ୍ୱର,(ବ୍ୟୁରୋ)/ ଖୋର୍ଦ୍ଧା ଅଫିସ/ ରଣପୁର, ୨।୧୧(ସ୍ୱ.ପ୍ର.)

ଖୋର୍ଦ୍ଧା ରଣପୁର ଜଙ୍ଗଲରୁ ବାଟହୁଡ଼ି ରାଜଧାନୀ ଭୁବନେଶ୍ୱରକୁ ଚାଲି ଆସିଥିବା ଏକ ଦନ୍ତାହାତୀକୁ ନେଇ ସହରରେ ଆତଙ୍କ ଖେଳିଯାଇଛି। ଏପରିକି ମଙ୍ଗଳବାର ରାତିରୁ ବୁଧବାର ଦିନତମାମ ବନ ବିଭାଗକୁ ନାକେଦମ୍ ହେବାକୁ ପଡ଼ିଛି। ହାତୀକୁ ଦୁଇଥର ଟ୍ରାଙ୍କୁଲାଇଜ୍ କରାଯାଇ ରଣପୁର ଜଙ୍ଗଲରେ ଛଡ଼ାଯିବାକୁ ନିଆଯାଇଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଲୋକଙ୍କ ବିରୋଧ ଯୋଗୁ ହଟହଟା ହେବାକୁ ପଡିଛି। ଫଳରେ ହାତୀକୁ ହାଇୱାରେ ଶହେ କିମି ବୁଲାଇବା ପରେ ଶେଷରେ ଚନ୍ଦକା ଜଙ୍ଗଲରେ ଛଡ଼ା ଯାଇଛି। ହାତିଟି ମଙ୍ଗଳବାର ଦିନରେ ପିପିଲି ଅଞ୍ଚଳରେ ଦେଖିବାକୁ ମିଳିଥିଲା। ପରେ ରାତି ପ୍ରାୟ ୧୨ଟାରେ ଧଉଳିରେ ପହଞ୍ଚିଥିଲା। ପରେ ଗ୍ୟାରେଜ ଛକଦେଇ ହାତୀଟି ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ବୁଲାବୁଲି କରିଥିଲା। ସହର ଭିତରେ ହାତୀ ପଶିଥିବା ଜଣାପଡିବା





ଲିଙ୍ଗରାଜ ମନ୍ଦିର ନିକଟରେ ବୁଲୁଥିବା ଦନ୍ତାହାତୀ ଏବଂ ଟ୍ରାଙ୍କୁଲାଇଜ୍ ପରେ କ୍ରେନ୍ ଯୋଗେ ହାଇୱାରେ ରଖାଯାଇଛି।

## ଟ୍ରାଙ୍କୁଲାଇଜ୍ ହାତୀକୁ ହାଇୱାରେ ନିଆଗଲା ୧୦୦ କି.ମି.

- ବନ ବିଭାଗ ୧୨ଘଣ୍ଟା ନାକେଦମ
- ଦୁଇ ସ୍ଥାନରେ ଜଙ୍ଗଲରେ ଛାଡ଼ିବାକୁ ଦେଲେନି ଗ୍ରାମବାସୀ

ପରେ ପୁରୁଣା ଭୁବନେଶ୍ୱର ଅଞ୍ଚରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ପହଞ୍ଚି ଲୋକଙ୍କ ସତର୍କ କରିବା ସହ ହାତୀକୁ ସୁରକ୍ଷିତ ଭାବେ ସହର ବାହାରକୁ ନେବାକୁ ଉଦ୍ୟମ କରିଥିଲେ। ହାତୀଟି ସୁନ୍ଦରପଦା ଅଞ୍ଚଳ ଦେଇ ଆଗକୁ ବଢ଼ିଥିଲା। ବୁଧବାର ସକାଳ ପ୍ରାୟ ୬ଟାରେ ପାତ୍ରପଡ଼ାସ୍ଥିତ ଶନି ମନ୍ଦିର ପଛପାର୍ଶ୍ୱ ଜଙ୍ଗଲରେ ହାତୀଟିଥିବାବେଳେ ବନ ବିଭାଗ ପକ୍ଷରୁ ଟ୍ରାଙ୍କୁଲାଇଜ୍ କରି ଆୟତ୍ତ କରାଯାଇଥିଲା। ସକାଳ ପ୍ରାୟ ୧୦ଟାରେ ବେଳେ ରଣପୁର ଜଙ୍ଗଲ ନେବା ପାଇଁ ସ୍ଥିର କରାଯାଇଥିଲା। ତେଣୁ ହାତୀକୁ ପୁଣିଥରେ ଟ୍ରାଙ୍କୁଲାଇଜ୍ ☞ପୃଷ୍ଠା-୪

## ବାଂଲାଦେଶକୁ ହରାଇଲା ଭାରତ

### ଟି୨୦ ବିଶ୍ୱକପ୍

ଆଡିଲେଡ, ୨।୧୧

ଟି୨୦ କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ଏକ ବର୍ଷା ବାଧାପ୍ରାପ୍ତ ଗ୍ରୁପ୍-୨ ସୁପର୧୨ ମ୍ୟାଚରେ ଭାରତ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ୫ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଏଥିସହ ଭାରତ ସେମିଫାଇନାଲର ନିକଟତର ହୋଇଛି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**

ବିଗତ ଯୁଗର ବିଶ୍ୱ ଦୃଶ୍ୟପଟ






# ସ୍କୁଲ କ୍ରୀଡ଼ାରେ ଭିତ୍ତିଭୂମି ବାଧକ

କ୍ରୀଡ଼ା ଜରିଆରେ ଓଡ଼ିଶାର ଛାତ୍ରୀଛାତ୍ରମାନଙ୍କ ବ୍ୟକ୍ତିତ୍ୱ ବିକାଶ କରିବା ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ। ସରକାର ସବୁବେଳେ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରର ଉତ୍କର୍ଷ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ସେଥିପାଇଁ ଭାରତରେ ଓଡ଼ିଶା ଏକ ବୃହତ୍ କ୍ରୀଡ଼ା ହବ୍ ଭାବେ ଉଭା ହୋଇଛି। ଏହି ସଫଳତାକୁ ଆଗକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ଗତ ମେ ୨୪ ତାରିଖରେ 'ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା ଯୋଜନା' ଆରମ୍ଭ କରିଥିଲେ। ଏହାଦ୍ୱାରା ପାଠଶାଳାରୁ ଅଲିମ୍ପିକ୍ସ ପ୍ରସ୍ତୁତି ହେବ। ଛାତ୍ରୀଛାତ୍ର ସ୍କୁଲ ସମୟରୁ ଅଲିମ୍ପିକ୍ସର ମୂଲ୍ୟ ବୁଝିବେ। ସ୍କୁଲରେ ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ପାଇଲଟ ପ୍ରକଳ୍ପ ଭାବେ ଭୁବନେଶ୍ୱର ଓ ରାଉରକେଲାର ୯୦ ସ୍କୁଲରେ ଏହି ଯୋଜନା ଆରମ୍ଭ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ରାଜ୍ୟର ଅନ୍ୟ ସ୍କୁଲରେ କାର୍ଯ୍ୟକାରୀ କରାଯିବ। କିନ୍ତୁ ସରକାରଙ୍କ ଏହି ମହତ୍ ଉଦ୍ଦେଶ୍ୟ ଆଗରେ ଭିତ୍ତିଭୂମି ଅଭାବ ବାଧକ ସାଜିଛି। ସରକାର ସ୍କୁଲରେ ଖେଳକୁଦ ପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି ସତ, ହେଲେ ଖେଳପଡ଼ିଆ ଉପଲବ୍ଧ କରାଇବା ଏବଂ କ୍ରୀଡ଼ା ଶିକ୍ଷକ ପଦବୀ ପୂରଣ କରିବାରେ ସଫଳ ହୋଇପାରି ନାହାନ୍ତି। ଏଥିପାଇଁ ରାଜ୍ୟର ବହୁ ସ୍କୁଲରେ ପିଲାମାନେ ଖେଳକୁଦରୁ ବଞ୍ଚିତ ହେଉଛନ୍ତି।

ପ୍ରମୋଦ କୁମାର ନାୟକ, ଅସମାପିକା ସାହୁ, ସଦାଶିବ ପ୍ରହରାଜ, ହର୍ଷବର୍ଦ୍ଧନ ବେହେରା, ଜୟନାରାୟଣ ମେଣ୍ଡୁଲି, ଲୋକନାଥ ମିଶ୍ର
ଜଗତ୍‌ସିଂହପୁର/ ଭୁବନେଶ୍ୱର/ନବରଙ୍ଗପୁର/ଯାଜପୁର/ ସୁନ୍ଦରଗଡ଼/ନୟାଗଡ଼, ୨।୧୧

ରାଜ୍ୟରେ ମୋଟ ୨୭,୬୩୯ ସରକାରୀ ପ୍ରାଥମିକ, ୧୬,୫୩୮ ଉଚ୍ଚ ପ୍ରାଥମିକ ଏବଂ ୫,୭୮୩ ହାଇସ୍କୁଲ ରହିଛି। ୨୦୨୨-୨୩ରେ ଏହି ସବୁ ସରକାରୀ ସ୍କୁଲକୁ ମୋଟ ୪୪ କୋଟି ୮୧ ଲକ୍ଷ ୫୦ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ୨୦୨୧-୨୨ରେ ଏହି ଅନୁଦାନ ପରିମାଣ ଥିଲା ୪୬ କୋଟି ୩୪ ଲକ୍ଷ ୬୦ ହଜାର ଟଙ୍କା। ୨୦୨୧ ଡିସେମ୍ବର ୧ ସୁଦ୍ଧା ରାଜ୍ୟର କେବଳ ସରକାରୀ ହାଇସ୍କୁଲଗୁଡ଼ିକରେ ୧,୨୧୮ କ୍ରୀଡ଼ା ଶିକ୍ଷକ ପଦବୀ ଖାଲିପଡ଼ିଥିଲା। ଏ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକର ଖେଳପଡ଼ିଆ ଅଭାବ ଦୂର

- ବହୁ ବିଦ୍ୟାଳୟରେ ପଡ଼ିଆ ନାହିଁ
- ଫାଙ୍କା ପଡ଼ିଛି କ୍ରୀଡ଼ା ଶିକ୍ଷକ ପଦବୀ
- ଅନୁଦାନ ଯୋଗାଇଦେଇ ସରକାର ଚୁପ୍
- ସାମଗ୍ରୀ କିଣାରେ ଅନିୟମିତତାର ଗନ୍ଧ

କରାଯାଇ ପାରିନାହିଁ। ରାଜ୍ୟ ସାରା ଏଭଳି ସ୍ଥିତି ଥିବାବେଳେ ଜଗତ୍‌ସିଂହପୁର, ସୁନ୍ଦରଗଡ଼, ନବରଙ୍ଗପୁର, ନୟାଗଡ଼ ଏବଂ ଯାଜପୁର ଜିଲ୍ଲାକୁ ଉଦାହରଣ ଭାବେ ନିଆଯାଇପାରେ। ଜଗତ୍‌ସିଂହପୁର ଜିଲାରେ ମୋଟ ୯୬୪ ସରକାରୀ ବିଦ୍ୟାଳୟ (ପ୍ରାଥମିକରୁ ଉଚ୍ଚ)ର ଛାତ୍ରୀଛାତ୍ରଙ୍କ ପାଇଁ ☞ପୃଷ୍ଠା-୪






## ୧୨ ବିଲିୟନ ଡଲାର ରହସ୍ୟ

**ଭାରତ-ଚାଇନା ବାଣିଜ୍ୟ**

ନୂଆଦିଲ୍ଲୀ/ ବେଜିଂ, ୨।୧୧

ଦୁଇ ବଡ଼ ଅର୍ଥନୀତି ଚାଇନା ଓ ଭାରତ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ମତଭେଦରୁ ସମ୍ପର୍କରେ ତିକ୍ତତା ରହିଥିଲେ ହେଁ ବାଣିଜ୍ୟିକ କାରବାର ଚାଲିଛି। ଏହି କାରବାର ଭିତରେ ଏକ ବଡ଼ ବ୍ୟତିକ୍ରମ ସାମ୍ନାକୁ ଆସିଛି। ଚାଇନାର କହିବା ହେଲା, ୨୦୨୨ର ପ୍ରଥମ ୯ ମାସରେ ଭାରତ ସହ ଏହାର ବାଣିଜ୍ୟିକ କାରବାର ୧୦୩ ବିଲିୟନ୍ ଡଲାରକୁ ଛୁଇଁଛି। କିନ୍ତୁ ଭାରତର ତଥ୍ୟ କହୁଛି, ୯୧ ବିଲିୟନ ଡଲାରର ଦ୍ୱିପାକ୍ଷିକ ଟ୍ରେଡ୍ ହୋଇଛି। ଦୁଇ ଦେଶର ଦାବିରେ ତାଳମେଳ ନ ଥିବାରୁ ଅବଶିଷ୍ଟ ୧୨ ବିଲିୟନ ଡଲାର (ପ୍ରାୟ ୯୯,୧୯୭.୪୬ କୋଟି ଟଙ୍କା)କୁ ନେଇ ରହସ୍ୟ ଲାଗିରହିଛି।

ଗତ ୫ ବର୍ଷରେ ଭାରତ ଓ ଚାଇନା ମଧ୍ୟରେ ବାଣିଜ୍ୟିକ କାରବାରରେ ୨୯% ବୃଦ୍ଧି ଘଟିଛି। ଭାରତ ପଡ଼ୋଶୀ ଦେଶରୁ ମୁଖ୍ୟତଃ ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଆମଦାନୀ କରିଥାଏ। ଟେଲିକମ୍ୟୁନିକେଶନ ଉପକରଣ, ଯାନବାହନ ଯନ୍ତ୍ରାଂଶ, ନ୍ୟୁକ୍ଲିୟର ମେଶିନାରି, ଡାକ୍ତରୀ ଉପକରଣ, ସାର, ଆଇରନ୍ ଓ ଇସ୍ପାତ, ପ୍ଲାଷ୍ଟିକ୍ ଟୟ, ଡେଏରି ପ୍ରଡକ୍ଟ ମଧ୍ୟ ଚାଇନାରୁ ଆମଦାନୀ କରାଯାଇଥାଏ। ଅନ୍ୟପକ୍ଷେ ଭାରତ ଜୈବିକ ସାରାୟନିକ ପଦାର୍ଥ, ତୁଳା, କପର୍, ଆଲୁମିନିୟମ୍, ଲୁଣ, ରବର ଓ ସିମେଣ୍ଟ ଆଦି ସାମଗ୍ରୀ ଚାଇନାକୁ ରପ୍ତାନି କରିଥାଏ। ଭାରତର ବଡ଼ ବଡ଼ ଶିଳ୍ପ ସଂସ୍ଥା ଓ କମ୍ପାନୀଗୁଡ଼ିକ ଏହି କାରବାର କରିଥାଆନ୍ତି। ବାଣିଜ୍ୟିକ କାରବାର ସମୟରେ ☞ପୃଷ୍ଠା-୪

## ରାଜଧାନୀରେ ମହିଳାଙ୍କୁ ଗଣବଳାତ୍କାର

### ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ରୁମ୍‌ରେ ଘଟିଛି କାଣ୍ଡ, ୨ ଗିରଫ

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ଭୁବନେଶ୍ୱର ରାମ ମନ୍ଦିର ନିକଟରେ ଜଣେ ମହିଳାଙ୍କୁ ଆଶ୍ରୟ ଦେବା ଆଳରେ ଗଣବଳାତ୍କାର କରାଯାଇଛି। ଏକ ଘରୋଇ ବ୍ୟାଙ୍କରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିବା ଦୁଇ ଯୁବକ ଉକ୍ତ ବ୍ୟାଙ୍କର ବେସ୍‌ମେଣ୍ଟରେ ଥିବା ସିକ୍ୟୁରିଟି ରୁମ୍‌ରେ ବଳାତ୍କାର କରିଥିବା ଜଣାପଡ଼ିଛି। ଅଭିଯୋଗ ପରେ ଖାରବେଳ ନଗର ଥାନା ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳର କାଳିଆ ଓରଫ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ (୪୮) ଓ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ାରେ ରହୁଥିବା ଅନୁଗୋଳ ଜିଲା ବନ୍ତଳା ଥାନା ଅନ୍ତର୍ଗତ ତଳବେହେରାସାହିର ବସନ୍ତ କୁମାର ସାହୁ (୪୦)। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ଝାରପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, କଟକ ଅଞ୍ଚଳର ଜଣେ ମହିଳା ଏକ ମାମଲା ସମ୍ପର୍କରେ ବୁଝାବୁଝି କରିବାକୁ ରବିବାର ଭୁବନେଶ୍ୱର ଆସିଥିଲେ। ତାଙ୍କର କାମ ସରିବା ବେଳକୁ ସନ୍ଧ୍ୟା ହୋଇଯିବାରୁ ସେ ଘରକୁ ଫେରି ପାରି ନ ଥିଲେ। ତେଣୁ ମହିଳା ଜଣକ ରାମ ମନ୍ଦିର ପରିସରରେ ଆଶ୍ରୟ ନେଇଥିଲେ। ଆଶ୍ରୟ ନେଉଥିବାବେଳେ ମୁଖ୍ୟଅଭିଯୁକ୍ତ କାଳିଆ ମହିଳାଙ୍କ ପାଖକୁ ଆସିଥିଲେ। ମନ୍ଦିର ଅପରପାର୍ଶ୍ୱରେ ଥିବା ଏକ ବ୍ୟାଙ୍କରେ ଶୋଇବା ପାଇଁ ସୋଫା ଏବଂ ପାଣି ଆଦି ବ୍ୟବସ୍ଥା ଅଛି। ତେଣୁ ସେଠାରେ ☞ପୃଷ୍ଠା-୪






## ଦିନକୁ ୪୩ କେଜିର ମାଇକ୍ରୋପ୍ଲାଷ୍ଟିକ ଗିଳୁଛନ୍ତି ବ୍ଲୁ ହ୍ୱେଲ୍

ୱାଶିଂଟନ୍, ୨।୧୧

ସମୁଦ୍ର ଜଳରେ ମାଇକ୍ରୋପ୍ଲାଷ୍ଟିକର ଉପସ୍ଥିତି କାରଣରୁ ସେଠାରେ ବାସ କରୁଥିବା ପ୍ରାଣୀଙ୍କ ଜୀବନ ଏବେ ବିପଦରେ ପଡ଼ିଯାଇଛି। ତେବେ ପୃଥିବୀର ସବୁଠାରୁ ବିଶାଳ ପ୍ରାଣୀ କୁହାଯାଉଥିବା ତିମିଙ୍କ ଜୀବନ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି ବୋଲି କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଷ୍ଟଡି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦୈନିକ ଏକାଧିକ ଟନ୍ ପରିମାଣର ଖାଦ୍ୟ ଗ୍ରହଣ କରୁଥିବା ବ୍ଲୁ ହ୍ୱେଲ୍ ପ୍ରତ୍ୟେକ ଦିନ ୧୦ ନିୟୁତ ଓଜନର ମାଇକ୍ରୋପ୍ଲାଷ୍ଟିକ୍ ଖାଦ୍ୟ ସହ ଗିଳୁଛି, ଯାହାର ଆନୁମାନିକ ଓଜନ ୪୩.୫ କେଜି ବୋଲି ଆକଳନ କରାଯାଇଛି। ବ୍ଲୁ ହ୍ୱେଲ୍‌କୁ ବାଦ୍ ଦେଲେ ସମୁଦ୍ରରେ ଫିନ୍ ଓ



ହମ୍ପବର୍ଗ ଭଳି ଆଉ ଦୁଇ ବାଲିନ୍ ପ୍ରଜାତିର ତିମି ମଧ୍ୟ ବାସ କରୁଛନ୍ତି।

ବାଲିନ ତିମିମାନଙ୍କୁ ଫିଲ୍‌ଟର ଫିଡର ବୋଲି କୁହାଯାଏ। କାରଣ ଏହି ବିଶେଷ ପ୍ରଜାତିର ହ୍ୱେଲ୍ ସମୁଦ୍ର ଜଳରୁ ଖାଦ୍ୟକୁ ଛାଣିକରି ଖାଇଥାନ୍ତି। ସେମାନଙ୍କ ପାଟିରେ ଥିବା ବାଲିନ ପ୍ଲେଟ୍ ଖାଦ୍ୟକୁ ☞ପୃଷ୍ଠା-୪

## ଆଜି ଧାମନଗର ଉପନିର୍ବାଚନ

ଧାମନଗର,୨।୧୧(ଡି.ଏନ.ଏ)

ଧାମନଗର ବିଧାନସଭା ଉପ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହେବ। ୨ ଲକ୍ଷ ୩୮ ହଜାର ୪୧୪ ମତଦାତା ମଇଦାନରେ ଥିବା ୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିଲାଗି ୨୫୨ଟି ମତଦାନ କେନ୍ଦ୍ର ଖୋଲାଯାଇଛି। ୩ ପ୍ରମୁଖ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ଯେଉଁ ନାରା ଦେଇ ପ୍ରଚାର କରୁଥିଲେ ତାହା କେତେଦୂର କାହା ହୃଦୟ ଜିଣିବା ନିମନ୍ତେ ସଫଳ ହୋଇଛି ତାହା ଜଣାପଡ଼ିବ। ବିଶେଷ କରି 'ବିକାଶ', 'ସ୍ୱାଭିମାନ', 'ଅହଂକାର' ଓ 'ସମ୍ମାନ' ଶବ୍ଦ ପ୍ରଚାର ବେଳେ ବହୁଳ ମାତ୍ରାରେ ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଥିଲା। ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କ ପାଇଁ ପ୍ରଚାର କରିଥିବା ଦଳର ତାରକା ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ☞ପୃଷ୍ଠା-୪

## ସଂକ୍ଷେପରେ

### ୪ ଆତଙ୍କବାଦୀ ନିହତ

**ଶ୍ରୀନଗର,୨।୧୧:** ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ଆଉ ଏକ ବଡ଼ ଯୋଜନାକୁ ପଣ୍ଡ କରିଛି ଭାରତୀୟ ସେନା। ପ୍ରଦେଶର ଦୁଇଟି ସ୍ଥାନରେ ଏନ୍‌କାଉଣ୍ଟରରେ ୪ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ମୃତ ଆତଙ୍କବାଦୀଙ୍କୁ ଚିହ୍ନଟ କରାଯାଇ ନାହିଁ। ଅନନ୍ତନାଗ ଜିଲା ବିଜବେହରାର ସେମଥାନଗ୍ରାମ ଏବଂ ପୁଲ୍‌ୱାମା ଜିଲା ଖାଣ୍ଡିପୋରା ଗ୍ରାମରେ ଆତଙ୍କବାଦୀ ଲୁଚିଥିବା ନେଇ ମଙ୍ଗଳବା ରାତିରେ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ଏହାପରେ ସ୍ଥାନୀୟ ପୋଲିସ, ସିଆର୍‌ପିଏଫ୍ ମିଳିତ ଭାବେ ଏକ ସର୍ଚ୍ଚ ଅପରେଶନ୍ ଆରମ୍ଭ କରିଥିଲେ। କଶ୍ମୀର ଏଡିଜିପି ବିଜୟ କୁମାର ଟୁଇଟର ଯୋଗେ ଏହାର ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ପାକିସ୍ତାନ ଆତଙ୍କବାଦୀ ହୋଇଥିବାବେଳେ ଅନ୍ୟ ୩ଜଣ ସ୍ଥାନୀୟ ବାସିନ୍ଦା ବୋଲି ପୋଲିସ ସନ୍ଦେହ କରୁଛି। ଆତଙ୍କବାଦୀମାନେ ସିକ୍ୟୁରିଟି ଫୋର୍ସ କ୍ୟାମ୍ପରେ ସୁଇସାଇଡ୍ ଆଟାକ୍ କରିବା ପାଇଁ ଯୋଜନା କରିଥିବା ଜଣାପଡ଼ିଛି। ସେମାନଙ୍କ ନିକଟରୁ ଏକେ-୪୭ ରାଇଫଲ, ଏକେ-୫୬ ରାଇଫଲ୍ ଏବଂ ପିସ୍ତଲ ପୋଲିସର ହସ୍ତଗତ ହୋଇଛି।

### ସିଆର୍‌ପିଏଫ୍, ଆର୍‌ଏଏଫ୍‌ରେ ମହିଳାଙ୍କୁ ଗୁରୁଦାୟିତ୍ୱ



**ନୂଆଦିଲ୍ଲୀ, ୨।୧୧:** ପ୍ରଥମ ଥର ପାଇଁ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ର ଦୁଇ ମହିଳା ଅଫିସର ସୀମା ଧୁଣ୍ଡିଆ ଏବଂ ଆନି ଆବ୍ରାହମଙ୍କୁ ଇନ୍‌ସ୍ପେକ୍ଟର ଜେନେରାଏ (ଆଇଜି) ପଦ ମିଳିଛି। ଦୁହେଁ ୧୯୮୭ରେ ପ୍ରଥମ ଥର ପାଇଁ ଫୋର୍ସରେ ସାମିଲ ହୋଇଥିଲେ। ସୀମା ବିହାର ସେକ୍ଟର ସିଆର୍‌ପିଏଫ୍‌ର ମୁଖ୍ୟ ଭାବେ କାର୍ଯ୍ୟ ନିର୍ବାହ କରିବାକୁ ଥିବାବେଳେ ଆନି ସିଆର୍‌ପିଏଫ୍‌ର ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍)ର ପ୍ରମୁଖ ଭାବେ ଦାୟିତ୍ୱ ନିର୍ବାହ କରିବେ। ଦୁଇଜଣଯାକ ସିଆର୍‌ପିଏଫ୍‌ର ପ୍ରଥମ ମହିଳା ବ୍ୟାଚ୍ ହୋଇଥିବାବେଳେ ଚାକିରିକାଳ ନୁହେଁ, ବହୁ ଗୁରୁତ୍ୱପୂର୍ଣ୍ଣ ଅପରେଶନ୍‌ର ଅଂଶ ପାଲଟିଥିବା ଜଣାପଡ଼ିଛି। ପୂର୍ବରୁ ସୀମା ଲାଇବେରିଆରେ ଜାତିସଂଘର ଏକ ମିଶନରେ ଆର୍‌ଏଏଫ୍‌ର ଡିଆଇଜି ଦାୟିତ୍ୱରେ ରହିଥିଲେ। ନିଜର କାର୍ଯ୍ୟଦକ୍ଷତା ପାଇଁ ଦୁହେଁ ରାଷ୍ଟ୍ରପତିଙ୍କ ଦ୍ୱାରା ପୋଲିସ ମେଡାଲରେ ସମ୍ମାନିତ ହୋଇଛନ୍ତି। ଆସନ୍ତା ବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉଭୟଙ୍କୁ ବିଧିବଦ୍ଧଭାବେ ଦାୟିତ୍ୱ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

### ପରଲୋକରେ ଇଲା ଭଟ୍ଟ

**ନୂଆଦିଲ୍ଲୀ, ୨।୧୧:** ବୁଧବାର ସାମାଜିକ କର୍ମୀ ଇଲା ଭଟ୍ଟଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ବିହୁବିଧ ରୋଗରେ ଆକ୍ରାନ୍ତ ଥିବା ଇଲା ଗୁଜରାଟ ଅହମ୍ମଦାବାଦର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗାନ୍ଧୀବାଦୀ ତଥା



ସେଲ୍ଫ ଏମ୍ପଲଏଡ୍ ଓମେନ୍ ଆସୋସିଏସନ୍ (ସେବା)ର ସଂସ୍ଥାପକ ଥିଲେ ଇଲା। ପଦ୍ମ ଭୂଷଣ ପୁରସ୍କାରରେ ସମ୍ମାନିତ ଇଲାଙ୍କ ବିୟୋଗ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିଛନ୍ତି। ଦେଶରେ ନାରୀ ସଶକ୍ତିକରଣ ଦିଗରେ ଇଲାଙ୍କ ବହୁତ ଅବଦାନ ରହିଛି।



## ୨% ପିଉଛନ୍ତି ଟ୍ୟାପ୍ ପାଣି

**ନୂଆଦିଲ୍ଲୀ, ୨।୧୧:** ଦେଶର ମୋଟ ଜନସଂଖ୍ୟାର ମାତ୍ର ୨ ପ୍ରତିଶତ ଲୋକଙ୍କ ଘରେ ଟ୍ୟାପ୍‌ଯୋଗେ ପାନୀୟ ଜଳ ସୁବିଧା ଉପଲବ୍ଧ ରହିଛି। ସୋସିଆଲ ମିଡିଆ ପ୍ଲାଟଫର୍ମର ଏକ ସଂଗଠନ ଲୋକାଲସର୍କଲ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ଏବେ ବି ଅନେକଙ୍କ ଘରେ ପାଣି ଟ୍ୟାପ୍ ସୁବିଧା ପହଞ୍ଚିପାରି ନାହିଁ। ପାଖାପାଖି ୬୫% ଲୋକ ପାନୀୟ

**୩୭.୭ ନିୟୁତ ଭାରତୀୟ ଜଳବାହିତ ରୋଗରେ ଆକ୍ରାନ୍ତ**

ଜଳ ପାଇଁ ମର୍ଡନ୍ ଫିଲ୍ଟରେଶନ୍ ମେଶିନ୍ ଉପରେ ନିର୍ଭରଶୀଳ। ଅନ୍ୟପକ୍ଷେ ଯେଉଁମାନଙ୍କ ଘରକୁ ପାନୀୟ ଜଳ ପାଇଁ ପାଇପ୍ ସଂଯୋଗ ହୋଇଛି ସେମାନଙ୍କ ମଧ୍ୟରୁ ୫% ଲୋକ ପାଣି ନିମ୍ନମାନର ଥିବା କହିଛନ୍ତି।



ଜାତିସଂଘ ଷ୍ଟାବିଲାଇଜେଶନ ମିଶନର ଏକ ଯାନକୁ କଙ୍ଗୋର କାନ୍ୟାରୁଚିନ୍ୟାରେ ଉତ୍ତ୍ୟକ୍ତ ଲୋକେ ଜାଳିଦେଇଛନ୍ତି।

# କ୍ଷମତାକୁ ଫେରୁଛନ୍ତି ନେତନ୍ୟାହୁ

- ଇସ୍ରାଏଲ୍‌ରେ ୪ ବର୍ଷରେ ପଞ୍ଚମ ନିର୍ବାଚନ
- ବିରୋଧୀ ମେଣ୍ଟ ସପକ୍ଷରେ ଜନାଦେଶ

**ଜେରୁଜେଲମ୍,୨।୧୧**

ଇସ୍ରାଏଲ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍‌ନ୍ୟାହୁ ପୁନର୍ବାର କ୍ଷମତାସୀନ ହେବାକୁ ଯାଉଛନ୍ତି। ସଦ୍ୟ ଅନୁଷ୍ଠିତ ନିର୍ବାଚନର ଫଳାଫଳ ତାଙ୍କ ସପକ୍ଷରେ ଯିବ ବୋଲି ଆକଳନ କରାଯାଉଛି। ତେବେ ରାଜନୈତିକ ଅଚଳାବସ୍ଥା ମଧ୍ୟରେ ଏହି ୭୩ ବର୍ଷୀୟ ଦକ୍ଷିଣପନ୍ଥୀ ନେତାଙ୍କ ପାଇଁ ସହଯୋଗୀ ଦଳଗୁଡ଼ିକୁ ନେଇ ଶାସନ କରିବା ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ମଧ୍ୟପ୍ରାଚ୍ୟର ପ୍ରଭାବଶାଳୀ ରାଷ୍ଟ୍ର ଇସ୍ରାଏଲ୍‌ରେ ମଙ୍ଗଳବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୮୫% ମତଦାନ ହୋଇଥିଲା। ବୁଧବାର ରାତି ୧୦ ସୁଦ୍ଧା ହୋଇଥିବା ଗଣତିରେ ନେତ୍‌ନ୍ୟାହୁଙ୍କ ଲିକୁଡ୍ ପାର୍ଟିକୁ ବିପୁଳ ସଫଳତା ମିଳିବା କୁହାଯାଉଛି। ଲିକୁଡ୍ ପାର୍ଟି ୩୨ ଆସନ ଦଖଲ କରିବାକୁ ଅଗ୍ରସର ହେଉଥିବାବେଳେ ଏହି ଦଳ ନେତୃତ୍ୱାଧୀନ ମେଣ୍ଟ ପାର୍ଲାମେଣ୍ଟର



ଜେରୁଜେଲମସ୍ଥିତ ଲିକୁଡ ପାର୍ଟି ମୁଖ୍ୟାଳୟରେ ନିଜ ସମର୍ଥକଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍‌ନ୍ୟାହୁ।

୧୨୦ ଆସନରୁ ୬୫ ଆସନରେ ସଫଳତା ପାଇବା ଏକପ୍ରକାର ନିଶ୍ଚିତ ହୋଇଛି। ଏହି ମେଣ୍ଟରେ ଦକ୍ଷିଣପନ୍ଥୀ ଧର୍ମୀୟ ଜିଓନିଜମ୍, ଅତି ରକ୍ଷଣଶୀଳ ଶାସ୍ ଏବଂ ୟୁନାଇଟେଡ୍ ତୋରାହ ଜୁଡାଇଜମ୍ ଅନ୍ତର୍ଭୁକ୍ତ। ନେତ୍‌ନ୍ୟାହୁ ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ ବୋଲି ଏକ୍‌ଜିଟ୍ ପୋଲ୍‌ରେ ଭବିଷ୍ୟବାଣୀ କରାଯାଇଛି। ଇସ୍ରାଏଲ୍‌କୁ ସର୍ବାଧିକ ୧୫ ବର୍ଷ (୧୯୯୬-୯୯ ଏବଂ ୨୦୦୯-୨୦୨୧) ଶାସନ କରିଥିବା ନେତ୍‌ନ୍ୟାହୁଙ୍କ ବିରୋଧରେ ୨୦୧୯ରେ ଦୁର୍ନୀତି ଓ ଠକେଇ ଅଭିଯୋଗ ଆସିଥିଲା। ବିରୋଧୀ ମେଣ୍ଟର ବଳ ବୃଦ୍ଧି ଘଟିବାରୁ ତାଙ୍କ ପ୍ରଧାନମନ୍ତ୍ରିତ୍ୱ ୨୦୨୧ ମାର୍ଚ୍ଚରେ ଶେଷ ହୋଇଥିଲା। ରାଜନୈତିକ ଅଚଳାବସ୍ଥା ମଧ୍ୟରେ ଦେଶରେ ୪ ବର୍ଷ ଭିତରେ ଅନୁଷ୍ଠିତ ପଞ୍ଚମ ନିର୍ବାଚନର ଫଳ ଅସ୍ଥିରତା ଦୂର କରିବ ବୋଲି ଇସ୍ରାଏଲ୍ ଭୋଟର ଆଶାବାଦୀ। ବିଦାୟୀ ପ୍ରଧାନମନ୍ତ୍ରୀ ୟେର ଲାପିଡ୍ ଓ ତାଙ୍କ ପୂର୍ବସୁରୀ ନଫ୍‌ଟାଲି ବେନେଟ୍‌ଙ୍କ ନେତୃତ୍ୱକୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଥିବା ଏହି ଜନାଦେଶରୁ ସ୍ପଷ୍ଟ ହୋଇଛି।

## ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ,୨।୧୧**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତ ଆସନ୍ତା ୮ରେ ଅବସର ନେବେ। ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ୯ ତାରିଖରେ ସିଜେଆଇ ରୂପେ ଶପଥ ଗ୍ରହଣ କରିବେ। ତେବେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କୁ ପରବର୍ତ୍ତୀ ସିଜେଆଇ କରାଇ ନ ଦେବା ପାଇଁ ଏକ ପିଟିଶନ ଦାଖଲ ହୋଇଥିଲା, ଯାହାକୁ ସର୍ବୋଚ୍ଚ ଅଦାଲତ ବୁଧବାର ଖାରଜ କରିଦେଇଛନ୍ତି। ଆବେଦନକାରୀ ମୁରସଲିନ୍ ଅସିଜିତ୍ ଶେଖ୍‌ଙ୍କ ପକ୍ଷରୁ ଦାଖଲ ଉକ୍ତ ପିଟିଶନର ଶୁଣାଣି ବୁଧବାର ପୂର୍ବାହ୍ନରେ କରାଯାଉ ବୋଲି ତାଙ୍କ ଓକିଲ ଅନୁରୋଧ କରିଥିଲେ। ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ଶପଥ ଗ୍ରହଣ ଉତ୍ସବ ନଭେମ୍ବର ୯ରେ ହେବ। ତେଣୁ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କୁ ଶପଥ ନେବାକୁ ଅନୁମତି ନ ଦେବା ନିମନ୍ତେ ଏହାର ତ୍ୱରିତ ବିଚାର କରାଯାଉ। ତାଙ୍କ ଅନୁରୋଧ କ୍ରମେ ସିଜେଆଇ ଲଳିତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ରବୀନ୍ଦ୍ର ଭଟ୍ଟ ଏବଂ ବେଲା ଏମ୍. ତ୍ରିବେଦୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଅପରାହ୍ନ ୧୨ଟା ୪୫ରେ ପିଟିଶନର ଶୁଣାଣି କରିବାକୁ ରାଜି ହୋଇଥିଲେ। କିନ୍ତୁ ପରେ ସିଜେଆଇ ଉକ୍ତ ଆବେଦନକୁ ଭୁଲ୍ ଦର୍ଶାଇ ଖାରଜ କରିଦେଇଥିଲେ।

ରାଷ୍ଟ୍ରପତିଙ୍କ ନିକଟରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିରୋଧରେ ରଶିଦ ଖାନ୍ ପଠାନ ଏକ ଅଭିଯୋଗପତ୍ର ଦାଖଲ କରିଛନ୍ତି। ସେ ଉକ୍ତ ଅଭିଯୋଗପତ୍ରକୁ ସୋସିଆଲ ମିଡିଆ ଓ ହ୍ୱାଟ୍ସଆପ୍ ଗ୍ରୁପଗୁଡ଼ିକରେ ଭାଇରାଲ କରିଦେଇଛନ୍ତି। ମାମଲାର ଶୁଣାଣି ଆରମ୍ଭ



ହେବା ପରେ ସମ୍ପୃକ୍ତ ଓକିଲ ସିଜେଆଇ ଲଳିତଙ୍କୁ ନେଇ ଆପତ୍ତି ଉଠାଇଥିଲେ, ଯିଏକି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ନାମ ନିଜ ଉତ୍ତରାଧିକାରୀ ଭାବେ କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରଣାଳୟକୁ ସୁପାରିସ କରିଛନ୍ତି। ଆଇନଜୀବୀ କହିଥିଲେ, କୋଭିଡ୍-୧୯ ଟିକାକରଣ ସମ୍ପର୍କିତ ଏକ ମାମଲାରେ ଜଣେ ବରିଷ୍ଠ ଆଇନଜୀବୀ ହାଜର ହୋଇଥିବାବେଳେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଟ୍ୟାଗିଂ ପାଇଁ ଅନୁମତି ଦେଇଥିଲେ। କିନ୍ତୁ ଜଣେ ଜୁନିୟର ଓକିଲ ହାଜର ହେବାରୁ ଚନ୍ଦ୍ରଚୂଡ଼ ଟ୍ୟାଗିଂ ଅନୁମତି ଦେବାକୁ ମନା କରିଥିଲେ। ସେହିପରି ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ବମ୍ବେ ହାଇକୋର୍ଟଙ୍କ ଏକ ରାୟରୁ ସୃଷ୍ଟ ସ୍ପେଶାଲ ଲିଭ୍ ପିଟିଶନ (ଏସ୍‌ଏଲ୍‌ପି)ର ଶୁଣାଣି କରିଥିଲେ, ଯହିଁରେ ତାଙ୍କ ପୁଅ ଓକିଲାତି କରିଥିଲେ। ଏହାର ଜବାବରେ ସିଜେଆଇ ଲଳିତଙ୍କ ଖଣ୍ଡପୀଠ କୌଣସି ନ୍ୟାୟିକ ରାୟ ସମ୍ପର୍କିତ ଅଭିଯୋଗ ଆଣନ୍ତୁ ନାହିଁ କହି ଉକ୍ତ ପିଟିଶନକୁ ଖାରଜ କରିଦେଇଛନ୍ତି। ଏହା ପୂର୍ବରୁ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ଏବଂ ଅନ୍ୟ କେତେକ ସଙ୍ଗଠନ ମଧ୍ୟ ଅଭିଯୋଗକୁ ଭିତ୍ତିହୀନ କହି ନିନ୍ଦା କରିଛନ୍ତି।

## ୨ ଯୁବକଙ୍କୁ ଉଲଗ୍ନ କରି ବୁଲାଇଲେ

**ଭୋପାଳ, ୨।୧୧**

ଛତିଶଗଡ ବିଳାସପୁରରେ ବ୍ୟକ୍ତି ଗୋରୁ ମାଂସ ବିକ୍ରି ଅଭିଯୋଗରେ ଦୁଇ ଜଣ ବ୍ୟକ୍ତିଙ୍କୁ କଙ୍ଗାରୁ କୋର୍ଟର ନିର୍ଦ୍ଦେଶକ୍ରମେ ଅକଥନୀୟ ଅତ୍ୟାଚାର କରାଯାଇଛି। ଏହି ଘଟଣାକ୍ରମର ଏକ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଜାରି ଭିଡିଓ ଅନୁସାରେ, ଗ୍ରାମବାସୀ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଉଲଗ୍ନ କରି ରାଜରାସ୍ତାରେ ଚଲାଇ ଚଲାଇ ନେଉଥିବାବେଳେ ଗହଳିଭିତରୁ ଜଣେ ବ୍ୟକ୍ତି ବେଲ୍ଟରେ ଯୁବକଙ୍କୁ ମାଡ଼ ମାରୁଥିବାବେଳେ କେତେଜଣ ଏହାକୁ ନିଜ ଫୋନ୍‌ରେ କଏଦ କରୁଥିବା ଦେଖିବାକୁ ମିଳିଛି। ସେମାନଙ୍କୁ ଅଣ୍ଡାମାଡ଼ କରିବା ପାଇଁ କେତେଜଣ ବ୍ୟକ୍ତି କହୁଥିବା ଭାଇରାଲ ଭିଡିଓରେ ଶୁଣିବାକୁ ମିଳିଛି। ଗୋରୁ ମାଂସ ବିକ୍ରି କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ଦୁଇ ଯୁବକଙ୍କୁ ଗିରଫ କରି ନେଇଛି। ନରସିଂହ ଦାସ (୫୦) ଏବଂ ରାମନିବାସ ମେହେର (୫୨) ଏକ ଧଳାବସ୍ତାରେ କିଛି ଜିନିଷ ନେଇ ବାଇକ୍‌ରେ ଯାଉଥିଲେ। ବସ୍ତାରେ କ'ଣ ଅଛି ବୋଲି ଥିବା ସ୍ଥାନୀୟ ଲୋକେ ସେମାନଙ୍କୁ ପଚାରିବାରୁ ବସ୍ତାରେ ଗୋରୁମାଂସ ବିକ୍ରି ପାଇଁ ନେଇ ଯାଉଥିବା ସେମାନେ କହିଥିଲେ। ତେବେ ପୋଲିସ ଏହାର ସୂଚନା ପାଇ ତୁରନ୍ତ ଦୁଇ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୩୩.୫ କେ.ଜି ଓଜନର ଗୋରୁ ମାଂସ ଜବତ ହୋଇଥିବାବେଳେ ମାଂସକୁ ପରୀକ୍ଷା ପାଇଁ ପ୍ରାଣୀ ଚିକିତ୍ସକଙ୍କ ନିକଟକୁ ପଠାଯାଇଛି।




ନୂଆଦିଲ୍ଲୀରେ ଭାରତର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର 'ରୋଲ୍, ଫ୍ରେମ୍‌ୱାର୍କ, ଆଣ୍ଡ କାପାସିଟି ମ୍ୟାନେଜମେଣ୍ଟ ବଡିଜ୍' ବିଷୟବସ୍ତୁକୁ ନେଇ 'କୋହର୍ଟ ଅନ୍ ଇଲେକ୍ସନ୍ ଇଣ୍ଟେଗ୍ରିଟି' ଶୀର୍ଷକ ଏକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି। ଏଥିରେ ଆର୍ମେନିଆ, ମରିସସ୍, ନେପାଳ, ଅଷ୍ଟ୍ରେଲିଆ, ଗ୍ରୀସ୍, ଫିଲିପାଇନ୍ସ ଓ ଆମେରିକା ସମେତ ବିଭିନ୍ନ ଦେଶର ପ୍ରାୟ ୫୦ ନିର୍ବାଚନ ପରିଚାଳନା ସଂସ୍ଥାର ପ୍ରତିନିଧି ଯୋଗଦେଇଛନ୍ତି। ନିର୍ବାଚନ ପରିଚାଳନା ବେଳେ ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା ସମ୍ପର୍କରେ ଏହି ସମ୍ମିଳନୀରେ ଆଲୋଚନା ହୋଇଛି। ୨୦୨୧ ଡିସେମ୍ବରରେ ଏହି ଧରଣର ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯାହାର ଶୀର୍ଷକ ରହିଥିଲା 'ସମିଟ୍ ଫର୍ ଡେମୋକ୍ରାସି'।



ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନରେ ହାତୀ ଉପରେ ବସି ଭ୍ରମଣ କରୁଛନ୍ତି ପର୍ଯ୍ୟଟକ। କୋଭିଡ୍ କଟକଣା ପାଇଁ ୨ ବର୍ଷ ଧରି ବନ୍ଦ ଥିବା ଏହି ନ୍ୟାଶନାଲ ପାର୍କ ବୁଧବାର ଖୋଲିଛି।

# ହେମନ୍ତ ସୋରେନଙ୍କୁ ଇଡି ଡାକରା

**ରାଞ୍ଚି,୨।୧୧**

ବେଆଇନ ଖଣି ଖନନ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ବୁଧବାର ସମନ କରିଛି। ତାଙ୍କୁ ଗୁରୁବାର ଇଡି କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଏନେଇ ସୋରେନ କହିଛନ୍ତି, ସେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ। ବିରୋଧୀ ତାଙ୍କୁ ରାଜନୀତିରେ ଟକ୍କର ଦେଇପାରୁ ନ ଥିବାରୁ ରାଜ୍ୟରେ କ୍ଷମତାସୀନ ସରକାରକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର ରଚିଛି। ଏହାର ଜବାବ ଝାଡ଼ଖଣ୍ଡର ଜନସାଧାରଣ ଦେବେ।

ସାହେବଗଞ୍ଜରେ 'ଆପ୍‌କି ଯୋଜନା, ଆପ୍‌କି ସରକାର, ଆପ୍‌କେ ଦ୍ୱାର' ଶୀର୍ଷକ ଏକ ସରକାରୀ କାର୍ଯ୍ୟକ୍ରମରେ



ସମ୍ବୋଧିତ କରି ସୋରେନ କହିଛନ୍ତି, ମୋତେ ଇଡିରୁ ଡକରା ଆସିଛି। ମୁଁ ଭୟଭୀତ। ଇଡି କେତେ ଶକ୍ତିଶାଳୀ ତାହା ଦେଖାଇବା ପାଇଁ ସେମାନେ ଉଦ୍ୟମ କରୁଛନ୍ତି। ସେମାନେ ଯଦି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ତାଙ୍କ ପୁଅ ରାହୁଲ ଗାନ୍ଧୀଙ୍କୁ ସମନ

**ଝାଡ଼ଖଣ୍ଡ ସରକାର ଭାଙ୍ଗିବାକୁ ଷଡ଼ଯନ୍ତ୍ର: ମୁଖ୍ୟମନ୍ତ୍ରୀ**

କରିପାରୁଛନ୍ତି ତେବେ ଜଣେ ମୁଖ୍ୟମନ୍ତ୍ରୀଙ୍କୁ କାହିଁକି ନୋଟିସ କରିପାରିବେ ନାହିଁ। ଯଦି ଏପରି କରି ଆମ ଛବି ମଳିନ କରିବାକୁ ଚାହୁଁଛନ୍ତି ତେବେ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କିନ୍ତୁ ଲୋକେ ମୋ ସହ ଥିବା ପର୍ଯ୍ୟନ୍ତ ମୁଁ ବିଚଳିତ ହେବିନାହିଁ। ଝାଡ଼ଖଣ୍ଡର ଯୁବତୀ ଯୁବକମାନେ ଏହି ଷଡ଼ଯନ୍ତ୍ରର ଜବାବ ଦେବେ। ପେନ୍‌ସନ ପାଉଥିବା ବରିଷ୍ଠ ନାଗରିକ, ବିଧବା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ଏହାର ମୁକାବିଲା କରିବେ ବୋଲି ସୋରେନ କହିଛନ୍ତି। ପ୍ରକାଶ ଯେ, ଝାଡ଼ଖଣ୍ଡର ଖଣି ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ନିଜ ନାମରେ ଷ୍ଟୋନ୍ ଚିପ୍ସ ମାଇନିଂ ଲିଜ୍ ନେଇଥିବା ଗତ ଫେବୃୟାରୀରେ ଭାଜପା ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। ଜନ ପ୍ରତିନିଧି ଆଇନ,୧୯୫୨ର ଧାରା ୯ଏ ଅନୁସାରେ ବିଧାନସଭାରୁ ହେମନ୍ତଙ୍କ ସଦସ୍ୟତା ରଦ୍ଦ କରିବା ସହ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଯାଉ ବୋଲି ଭାଜପା ଦାବି କରିଥିଲା। ଲାଭଜନକ ପଦବୀ ନେଇ ଭାଜପାର ଅଭିଯୋଗ ଉପରେ ଗତ ଅଗଷ୍ଟରେ ରାଜ୍ୟପାଳ ରମେଶ ବୈଶ ଏହି ମାମଲା ନିର୍ବାଚନ କମିଶନ(ଇସି)ଙ୍କ ନିକଟକୁ ପଠାଇଥିଲେ। ସେତେବେଳେ ସୋରେନ ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଲୁଇଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋଟ ଲୋକ ବଡ଼ ପଦ ପାଏ,**
**ହଗି ଗଲେ ଗୀତ ଗାଏ।**

ସାଧାରଣତଃ ନୀଚ ସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡନ୍ତି। ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ଦର୍ଶାଯାଇଛି।

**ଛୋଟ ତାଳ ଗଛ ଲମ୍ବା ବରଡ଼ା,**
**ଜିକି ଜିକି ପଡ୍ଡେ ଖରା;**
**ଅବୁଝା ନାରୀକି କିସ ବୁଝେଇବି,**
**ମାଗୁଛି ସରଗ ତରା।**

ଅସମ୍ଭବ ଅପ୍ରାପ୍ୟ ନିଶ୍ଚୟ। ଦୁର୍ଲଭ ଦ୍ରବ୍ୟ ପ୍ରତି ଆଗ୍ରହ ଯେ ବୃଥା ଏ କଥା ଅନେକେ ସ୍ୱୀକାର କରି ନ ଥାନ୍ତି। ଆକାଶରୁ ତାରା ତୋଳି ଆଣିବାକୁ ଅଡ଼ିବସିବା ଭଳି ଅବୁଝା ନାରୀଙ୍କୁ ବୁଝାଇବା କଷ୍ଟକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ସ୍କୁଲ କ୍ରୀଡ଼ାରେ ...

କ୍ରୀଡ଼ା ଅନୁଦାନ ବାବଦରେ ବାର୍ଷିକ ୯୩,୭୫,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। କିନ୍ତୁ ବାସ୍ତବରେ ୯୦୦ରୁ ଅଧିକ ବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆ ନାହିଁ। କେତେକ ସ୍କୁଲର ଛାତ୍ରୀଛାତ୍ର ନିକଟସ୍ଥ ସରକାରୀ ଜମିକୁ ଖେଳପଡ଼ିଆ ଭାବେ ବ୍ୟବହାର କରୁଛନ୍ତି। ଏତିକି ନୁହେଁ, ଜିଲାରେ ୧୯ କ୍ରୀଡ଼ା ଶିକ୍ଷକ (ପିଇଟି) ପଦବୀ ଖାଲିପଡ଼ିଛି। ଏଭଳିସ୍ଥିତିରେ ଅନୁଦାନ ରାଶି କିପରି ବିନିଯୋଗ ହେଉଥିବ ତାହା ସହଜେ ଅନୁମେୟ। ଏହି ପ୍ରସଙ୍ଗକୁ ନେଇ ଅନିୟମିତତାର ଗନ୍ଧ ବାରି ହୋଇଛି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଅନେକ କିଛି ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି। ଜିଲା ଶିକ୍ଷା ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ପ୍ରାଥମିକ ୫୧୨, ଉଚ୍ଚ ପ୍ରାଥମିକ ୨୯୯ ଓ ହାଇସ୍କୁଲ ସଂଖ୍ୟା ୧୫୩ ରହିଛି। ସେଥିମଧ୍ୟରୁ ୧୦୩ଟି ହାଇସ୍କୁଲରେ ଖେଳିବା ପାଇଁ ଆଦୌ ସୁଯୋଗ ନାହିଁ। ଅବଶିଷ୍ଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମ ସରକାରୀ ଜମିରେ ଖେଳକୁଦ କରୁଥିବା ଦର୍ଶାଯାଇଛି। ହେଲେ କେଉଁଠି ଖେଳୁଛନ୍ତି ତାହାର କୌଣସି ସ୍ପଷ୍ଟ ଚିତ୍ର ବିଭାଗ ପାଖରେ ନାହିଁ। ଏଣେ ସରକାରୀ ନିଷ୍ପତ୍ତି ମୁତାବକ ସରକାରୀ ପ୍ରାଥମିକ ବିଦ୍ୟାଳୟ ପିଛା ବାର୍ଷିକ ୫,୦୦୦, ଉଚ୍ଚ ପ୍ରାଥମିକ ୧୦,୦୦୦ ଓ ଉଚ୍ଚ ବିଦ୍ୟାଳୟ ପିଛା ୨୫,୦୦୦ ଟଙ୍କା ଲେଖାଏ ଅନୁଦାନ ଯୋଗାଇ ଦିଆଯାଉଛି। ଏହାବାଦ୍ ଅନ୍ୟ ଯୋଜନାରେ ମଧ ବିଦ୍ୟାଳୟ ଖେଳପଡ଼ିଆର ଉନ୍ନତୀକରଣ ଓ ଉପକରଣ କିଣା ଆଦି ପାଇଁ ଅର୍ଥ ବିନିଯୋଗ ହେଉଛି। କ୍ରୀଡ଼ା ଅନୁଦାନରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ୨୦, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟଗୁଡ଼ିକ ୨୨ ପ୍ରକାର ଲେଖାଏ କ୍ରୀଡ଼ା ଉପକରଣ କିଣିବା ସୁଯୋଗ ରହିଛି। ବାସ୍ତବରେ ଏସବୁ କିଣାଯାଉଛି କି ନାହିଁ ତାହା ଅନୁଧାନସାପେକ୍ଷ। ଜଗତ୍‌ସିଂହପୁର ସହର ନିକଟ ବଡ଼ବାଗ ଗାଁରେ ଥିବା ୧୦୦ ବର୍ଗ ମିଟର ପଡ଼ିଆକୁ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଭାବେ ବ୍ୟବହାର କରାଯାଉଛି। ଉକ୍ତ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ପାତ୍ର ଓ ଛାତ୍ର ଅଂଶୁମାନ୍ ସାହୁ କହିଛନ୍ତି, ଖେଳପଡ଼ିଆ ନ ଥିବାରୁ ବିଦ୍ୟାଳୟ ପରିସର ଫାଙ୍କା ସଂକୀର୍ଣ୍ଣ ସ୍ଥାନରେ ସେମାନେ ଖେଳୁଛନ୍ତି। ତେଣୁ ସ୍ଥାୟୀ ଖେଳପଡ଼ିଆ ଆବଶ୍ୟକ। ଏନେଇ ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ କହିଛନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଓ ଜିଲାପାଳଙ୍କ ପକ୍ଷରୁ ୩।୧୧।୨୧ରେ ଖେଳ ପଡ଼ିଆ ସମ୍ପର୍କିତ ଚିଠି ହସ୍ତଗତ ହୋଇଛି। ଚିଠି ପାଇ ସେ ବିଦ୍ୟାଳୟଠାରୁ ପାଖାପାଖି ୧ କିଲୋମିଟର ଦୂର ୧ ଏକର ଜମି ବିଦ୍ୟାଳୟ ନାମରେ କରିବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ୧୧।୨।୨୨ରେ ଚିଠି କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ରେକର୍ଡ ହୋଇନାହିଁ ବୋଲି ରାଉତ କହିଛନ୍ତି। ଏନେଇ ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ଦେଖାଦେଇଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଚେଷ୍ଟା ଚାଲିଥିବା କହିଛନ୍ତି।

ନବରଙ୍ଗପୁର ଜିଲାରେ ୨୦୨୧ ସୁଦ୍ଧା ୧୮୮ ସରକାରୀ ହାଇସ୍କୁଲ, ଯୁଜି ହାଇସ୍କୁଲ, ଗ୍ରାଣ୍ଟ ଓ ନୂତନ ଗ୍ରାଣ୍ଟ ହାଇସ୍କୁଲ ରହିଛି। ସେଥିମଧ୍ୟରୁ ୧୦୯ ହାଇସ୍କୁଲର ନିଜସ୍ୱ ଖେଳପଡ଼ିଆ ରହିଛି। ଗୋଟିଏ ହାଇସ୍କୁଲର ଖେଳପଡ଼ିଆ ଗୋଚର ଜମିରେ ରହିଛି। ୭୯ ହାଇସ୍କୁଲର ନିଜସ୍ୱ ଖେଳପଡ଼ିଆ ନ ଥିବାରୁ ଜମି ପାଇଁ ସମ୍ପୃକ୍ତ ବ୍ଲକର ତହସିଲଗୁଡ଼ିକରେ ଆବେଦନ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ପ୍ରୋସେସ୍‌ରେ ରହିଥିବାବେଳେ ଅନ୍ୟଗୁଡ଼ିକ ଆବେଦନରେ ସୀମିତ ଅଛି। ୨୦୨୧ ସୁଦ୍ଧା ଜିଲାର ୧୮୫ ହାଇସ୍କୁଲ ମଧ୍ୟରୁ ୧୬୩ଟିରେ କ୍ରୀଡ଼ା ଶିକ୍ଷକ ପଦବୀ ପାଇଁ ଅନୁମୋଦନ ମିଳିଛି। ସେଥିମଧ୍ୟରୁ ୩୮ ହାଇସ୍କୁଲରେ କ୍ରୀଡ଼ା ଶିକ୍ଷକ ପଦବୀ ଖାଲି ପଡ଼ିଛି। ଗ୍ରାଣ୍ଟ, ନୂତନ ଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକରେ ଖେଳ ଶିକ୍ଷକ ଅଛନ୍ତି। ଜିଲାରେ ୨୦୨୧-୨୨ ଓ ୨୦୨୨-୨୩ ବର୍ଷ ପାଇଁ ସମଗ୍ର ଶିକ୍ଷା ଅଭିଯାନ ଜିଲା କାର୍ଯ୍ୟାଳୟରୁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଖେଳ ଉପକରଣ ପାଇଁ ଅନୁଦାନ ପ୍ରଦାନ କରାଯାଇଥିଲେ ମଧ ଏଯାଏ ଯୁସି କୌଣସି ବିଦ୍ୟାଳୟକୁ ବ୍ଲକସ୍ତରରୁ ଜିଲାସ୍ତରକୁ ଆସି ପହଞ୍ଚି ନାହିଁ। ୨୦୨୨-୨୩ ବର୍ଷରେ ୧୬୧୮ ପ୍ରାଥମିକ ବିଦ୍ୟାଳୟକୁ ୫ହଜାର, ୫୩୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୧୦ ହଜାର ଏବଂ ୧୮୨ ହାଇସ୍କୁଲକୁ ୨୫ ହଜାର ଟଙ୍କା ଲେଖାଏ ମୋଟ ୧୮ଶହ ବିଦ୍ୟାଳୟକୁ ୧ କୋଟି ୫୩ ଲକ୍ଷ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି।

ଯାଜପୁର ଜିଲାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୨୭ ସ୍କୁଲ ରହିଛି। ହେଲେ ସେଥିରୁ ୧୦୬୨ ସ୍କୁଲରେ ଖେଳପଡ଼ିଆ ନାହିଁ। ସେହିପରି ୪୨୨ ହାଇସ୍କୁଲ ମଧ୍ୟରୁ ୨୬୫ଟିର ଛାତ୍ରୀଛାତ୍ର ପଡ଼ିଆ ଅଭାବରୁ ଖେଳରୁ ବଞ୍ଚିତ ରହିଛନ୍ତି। ଶିକ୍ଷାକ୍ଷେତ୍ରରେ ପିଲାଙ୍କ ଶାରୀରିକ ବିକାଶ କରି କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଉଥିଲେ ହେଁ ଖେଳପଡ଼ିଆ ନ ଥିବା ଦୁର୍ଭାଗ୍ୟଜନକ। ଏନେଇ ୨୦୧୯ରେ ଆଶିଷ ଖଇତାନ ନାମକ ଜଣେ ବ୍ୟକ୍ତି ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ରେ ଏକ ମାମଲା ରୁଜୁ କରିଥିଲେ। ଏହା ଉପରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ତତ୍କାଳୀନ ଯୁଗ୍ମ ସଚିବ ନିବେଦିତା ମିଶ୍ର ଉପଯୁକ୍ତ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏବଂ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ ଉପରୋକ୍ତ ସମସ୍ୟାର ସମାଧାନ ହୋଇ ପାରିନାହିଁ। ବରଂ କେତେକ ସ୍କୁଲରେ ଥିବା ଖେଳ ପଡ଼ିଆ ଜବରଦଖଲକାରୀଙ୍କ କବଜାକୁ ଚାଲି ଯାଉଥିବା ଦେଖିବାକୁ ମିଳିଛି। ଏଠାରେ ଯାଜପୁର ଜିଲା ବ୍ୟାସନଗର ନରସିଂହ ଚୌଧୁରୀ(ଏନ୍‌ସି) ହାଇସ୍କୁଲକୁ ଉଦାହରଣ ଭାବେ ନିଆଯାଇପାରେ। ୧୯୪୫ରେ ପ୍ରତିଷ୍ଠିତ ଏହି ହାଇସ୍କୁଲର ୧୭.୪୬ ଏକର ଜମି ରହିଛି। ହେଲେ ଏହାର କିଛି ଜମିକୁ କେତେଜଣ ଜବରଦଖଲକାରୀଙ୍କୁ ଟେକି ଦେଇ ରାଜନୈତିକ ଦଳ ଭୋଟବ୍ୟାଙ୍କ କରିଛନ୍ତି। ଫଳରେ ଏହି ହାଇସ୍କୁଲ ଖେଳପଡ଼ିଆର ବିକାଶ ତ ଦୂରର କଥା, ଏବେ ତାହା ଖୋଲା ପାଇଖାନା ପାଲଟିଛି। ରାଜ୍ୟ ସରକାର ବିଭିନ୍ନ ଖେଳପଡ଼ିଆକୁ ମିନି ଷ୍ଟାଡିୟମ ରୂପ ଦେଉଥିବାବେଳେ ଏନ୍‌ସି ହାଇସ୍କୁଲ ପଡ଼ିଆ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି।

ସୁନ୍ଦରଗଡ ଜିଲାରେ ୨୫୬ ସରକାରୀ ଏବଂ ୧୨୮ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ ରହିଛି। ମୋଟି ୩୮୪ ହାଇସ୍କୁଲ ମଧ୍ୟରେ ୨୬୫ ସ୍କୁଲର ଖେଳପଡ଼ିଆ ରହିଛି। ସେହିପରି ମୋଟ ୧୮୩ ମଞ୍ଜୁରୀପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ମଧ୍ୟରୁ ୮ଟି ପଦବୀ ଖାଲି ରହିଛି।

ଖେଳ ଉପକରଣ କିଣିବା ପାଇଁ ସରକାର ଦେଉଥିବା ଅନୁଦାନ ନୟାଗଡ଼ ଜିଲାରେ ଠିକ୍ ବିନିଯୋଗ ହେଉନାହିଁ ବୋଲି ଜିଲା ପରିଷଦ ବୈଠକରେ କ୍ଷୋଭ ପ୍ରକାଶ ପାଇଆସିଛି। ଖେଳ ଅନୁଦାନରେ ଦୁର୍ନୀତି ଚାଲିଥିବାବେଳେ ଏହା କେତେଜଣଙ୍କ ପାଇଁ ଲାଭବାନ ହୋଇଛି ବୋଲି କୁହାଯାଉଛି। ଗୋଟିଏ ଗୋଟିଏ ଖେଳ ଉପକରଣକୁ ୩ଥର ଲେଖାଏ ବିଲ୍ କରାଯାଉଛି। ନୟାଗଡ଼ ଜିଲାରେ ୧୧୦୦ ପ୍ରାଥମିକ ଏବଂ ୬୦୭ ଉଚ୍ଚ ପ୍ରାଥମିକ ସ୍କୁଲ ରହିଛି। ସେହିପରି ୧୪୦ ସରକାରୀ ଏବଂ ୭୩ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ ରହିଛି। ଏଥିମଧ୍ୟରୁ ୧୩୦ ହାଇସ୍କୁଲର ଖେଳପଡ଼ିଆ ନ ଥିବାବେଳେ ୩୪ ସ୍କୁଲରେ ଖେଳ ଶିକ୍ଷକ ନାହାନ୍ତି। ପ୍ରାଥମିକ ସ୍କୁଲରେ ଅବସ୍ଥା ଆହୁରି ଖରାପ। ହେଲେ ଏ ଦିଗରେ ସମୀକ୍ଷା ହେଉ ନଥିବାରୁ ଅସନ୍ତୋଷ ବଢ଼ି ଚାଲିଛି। ଏନେଇ ଜିଲା ପରିଷଦର ଶିକ୍ଷା ଷ୍ଟାଣ୍ଡିଂ କମିଟି ନଂ. ୭ର ଅଧକ୍ଷ ରାମେଶ୍ୱର ଶତପଥୀ କୁହନ୍ତି, ସ୍କୁଲରେ ଖେଳ ଶିକ୍ଷକ ଅଭାବ ସାଙ୍ଗକୁ ଖେଳିବାକୁ ପଡିଆ ନାହିଁ। କେତେକ ସ୍କୁଲରେ ପଡ଼ିଆ ଥିଲେ ମଧ ଖେଳକୁଦ ପାଇଁ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆଯାଉନାହିଁ। ତେଣୁ ସ୍କୁଲକୁ ଖେଳ ଅନୁଦାନ ଆସୁଥିଲେ ମଧ ଛାତ୍ରୀଛାତ୍ର ଉପକୃତ ହେଉ ନଥିବା ନେଇ ଜିଲା ପରିଷଦ ବୈଠକ ଓ ଶିକ୍ଷାର ଷ୍ଟାଣ୍ଡି କମିଟି ବୈଠକରେ ଆଲୋଚନା ହୋଇଛି। ଏପରିକି ଖେଳ ଅନୁଦାନରେ ଅନିୟମିତତା ହୋଇଥିବା ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଏନେଇ ଉତ୍ତର ଦେଇ ନ ପାରି ଅପଦସ୍ଥ ହୋଇଛନ୍ତି। ବିଶିଷ୍ଟ କ୍ରୀଡ଼ାବିତ୍ ଗୋଡିପଡାର ପୁରୁଷୋତ୍ତମ ମହାରଣା କୁହନ୍ତି, ପ୍ରାଥମିକ ସ୍କୁଲରେ ଖେଳକୁଦ କରାଯାଉ ନାହିଁ। ପଚାରିଲେ ଉତ୍ତର ମିଳୁଛି ସରକାର ଅନୁଦାନ ଦେଉନାହାନ୍ତି। କିଛି ହାଇସ୍କୁଲରେ ବର୍ଷକୁ କେବଳ ଫୁଟବଲଟିଏ ଧରାଇ କାମ ଶେଷ କରାଇ ଦେଉଛନ୍ତି। ଏଣୁ ଖେଳକୁଦ ଅନୁଦାନ କାମରେ ଲାଗି ପାରୁନି ବୋଲି ମହାରଣା କହିଛନ୍ତି।

#### କ୍ରୀଡ଼ା ଶିକ୍ଷକଙ୍କ ନିର୍ଦ୍ଦିଷ୍ଟ ଯୋଗ୍ୟତା ରହୁ: ସଂଘ

ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ(ବିପିଏଡ଼) ସଂଘ ସଭାପତି ଅମରେନ୍ଦ୍ର ସ୍ୱାଇଁ କୁହନ୍ତି, କ୍ରୀଡ଼ାର ବିକାଶ କରିବା ପାଇଁ କୁହାଯାଉଛି, କିନ୍ତୁ ଭିତ୍ତିଭୂମି ସଜାଡ଼ିବାକୁ ସରକାର ଗୁରୁତ୍ୱ ଦେଉନାହାନ୍ତି। ସମସ୍ତ ବିଦ୍ୟାଳୟରେ ଖେଳପଡ଼ିଆ ଓ ଶିକ୍ଷକ ପଦବୀ ପୂରଣ କରିବା ଆବଶ୍ୟକ। ରାଜ୍ୟରେ ୫,୭୮୩ ସରକାରୀ ହାଇସ୍କୁଲ ସମେତ ମୋଟ ୮,୩୧୭ ହାଇସ୍କୁଲ ରହିଛି। ସେଥିରୁ ୨,୩୦୯ ସ୍କୁଲରେ କ୍ରୀଡ଼ା ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିଭଳି ଅର୍ଦ୍ଧାଧିକ ସ୍କୁଲରେ ଖେଳପଡ଼ିଆ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କ୍ରୀଡ଼ା ଶିକ୍ଷକଙ୍କ ନିର୍ଦ୍ଦିଷ୍ଟ ଯୋଗ୍ୟତା ଧାର୍ଯ୍ୟ କରାଯାଉ ନାହିଁ। ନ୍ୟାଶନାଲ କାଉନସିଲ ଫର୍ ଟିଚର ଏଜୁକେଶନ(ଏନ୍‌ସିଟିଇ) ନିୟମାନୁସାରେ ହାଇସ୍କୁଲରେ ବିପିଏଡ୍ ଯୋଗ୍ୟତାଧାରୀମାନେ କ୍ରୀଡ଼ା ଶିକ୍ଷକ ରହିବେ। ଏହା ଅନ୍ୟ ରାଜ୍ୟରେ ପାଳନ କରାଯାଉଥିଲେ ମଧ ଓଡ଼ିଶାରେ ତାହା ହେଉନାହିଁ। ଓଡ଼ିଶାରେ ଅନ୍ୟ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଏନ୍‌ସିଟିଇ ନିୟମ ପାଳନ କରାଯାଉଛି। କିନ୍ତୁ କ୍ରୀଡ଼ା ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ତାହା ଲାଗୁ କରାଯାଇ ନାହିଁ। ଯେତିକି ବି କ୍ରୀଡ଼ା ଶିକ୍ଷକ ନିଯୁକ୍ତି ହୋଇଛନ୍ତି, ସେଥିରେ ବିପିଏଡ୍ ଓ ସିପିଏଡ୍ ଯୋଗ୍ୟତାଧାରୀ ରହିଛନ୍ତି। ତେଣୁ ଯେଉଁ ସିପିଏଡ୍ ଯୋଗ୍ୟତାଧାରୀ କ୍ରୀଡ଼ା ଶିକ୍ଷକ ଅଛନ୍ତି, ସେମାନଙ୍କୁ ଗ୍ରୀଷ୍ମଛୁଟି ସମୟରେ ପ୍ରଶିକ୍ଷଣ ଦିଆଯାଇ ବିପିଏଡ୍‌ରେ ସାମିଲ କରାଯାଉ। ସମସ୍ତ ଶିକ୍ଷକଙ୍କୁ ବିପିଏଡ୍‌ଧାରୀ କରାଗଲେ କ୍ରୀଡ଼ାର ମାନ ବୃଦ୍ଧି ପାଇପାରିବ। ଅନ୍ୟପକ୍ଷରେ ବିଦ୍ୟାଳୟଗୁଡିକରେ କ୍ରୀଡ଼ା ପାଠ୍ୟପୁସ୍ତକ ରଖାଯିବା ଉଚିତ। ସ୍କୁଲ ପାଠ୍ୟକ୍ରମରେ କ୍ରୀଡ଼ା ପାଠ୍ୟପୁସ୍ତକ ଲାଗୁ କରିବା ପାଇଁ ତତ୍କାଳୀନ ଗଣଶିକ୍ଷା ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଏକ ବୈଠକ ହୋଇଥିଲା। ୨୦୧୪ ମେ' ୧୩ରେ ଏ ନେଇ ବିଭାଗ ପକ୍ଷରୁ ମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଥିଲା। କିନ୍ତୁ ଏଯାବତ ତାହା ଲାଗୁ ହୋଇପାରିଲା ନାହିଁ ବୋଲି ଅମରେନ୍ଦ୍ର କହିଛନ୍ତି। ଏ ନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ୫-ଟି ଆଧାରରେ ସ୍କୁଲରେ ଖେଳପଡ଼ିଆ ରହିବା ପାଇଁ ଗୁରୁତ୍ୱ ଦିଆଯାଇଛି। ତେଣୁ କିଛି ସ୍କୁଲରେ ଖେଳପଡ଼ିଆ ଥିବା ବେଳେ ଆଉ କିଛି ସ୍କୁଲରେ ଖେଳପଡ଼ିଆ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି। ସେହିଭଳି ରାଜ୍ୟରେ ଏବେ ଶିକ୍ଷକ ପଦବୀ ପୂରଣକୁ ପ୍ରାଧାନ୍ୟ ଦିଆଯାଉଛି। ଖୁବ୍‌ଶୀଘ୍ର ବିଭିନ୍ନ ବିଷୟରେ ଶିକ୍ଷକ ପଦବୀ ପୂରଣ ହେବ। ଏହାପରେ ଖାଲି ପଡ଼ିଥିବା କ୍ରୀଡ଼ା ଶିକ୍ଷକ ପଦବୀ ପୂରଣ ପାଇଁ ସରକାର ନିଶ୍ଚିତ ଭାବେ ଆବଶ୍ୟକ ନିଷ୍ପତ୍ତି ନେବେ।

### ଭୁବନେଶ୍ୱରରେ ବୁଲିଲା ...

କରି ଏକ ହାଇୱାରେ ଦନ୍ତାକୁ ରଖାଯାଇ ରଣପୁର ଜଙ୍ଗଲକୁ ନିଆଯାଉଥିଲା। ବନ ବିଭାଗର ଏକ୍ସକର୍ଟ ଟିମ୍ ସହାୟତାରେ ସୁରକ୍ଷା ମଧ୍ୟରେ ହାତୀକୁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ରଣପୁର ଜଙ୍ଗଲକୁ ନିଆଯାଉଥିବାବେଳେ ଅର୍ଜୁନପୁରଠାରେ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ। ରାସ୍ତା ଉପରେ କାଠ ପକାଇ ଅବରୋଧ କରି ଧାରଣା ଦେଇଥିଲେ। ଅନ୍ୟ ଅଞ୍ଚଳର ହାତୀକୁ ଏଠାରେ ନ ଛାଡ଼ିବାକୁ ଜିଦ୍ ଧରିଥିଲେ। ଦୀର୍ଘ ସମୟ ଧରି ବନ ବିଭାଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିବାରୁ ବନ ବିଭାଗ ବାଧହୋଇ ହାତୀକୁ ସେଠାରୁ ପୁଣି ଟାଙ୍ଗୀ ବନାଞ୍ଚଳକୁ ନେଇଥିଲେ। କିନ୍ତୁ ସେଠାରେ ମଧ ବନ ବିଭାଗକୁ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ପରେ ହାତୀଟିକୁ ଖୋର୍ଦ୍ଧା ରେଞ୍ଜ ଅଧୀନ କେତକୀଝର ନର୍ସରୀକୁ ନିଆଯାଇଥିଲା। ବାଟସାରା ବାରମ୍ବାର ହାତୀକୁ ପାଣି ସିଞ୍ଚନ କରାଯାଉଥିଲା। ଟାଙ୍କୁଲାଇଜ୍ ଓ ଦିନତମାମ ଖରାରେ ବୁଲିବା ଯୋଗୁ ହାତୀଟି ଦୁର୍ବଳ ହୋଇପଡିଥିଲା। ତେଣୁ ସେଠାରେ ଖାଦ୍ୟ ଦିଆଯିବ ସହ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ସନ୍ଧ୍ୟାରେ ତାକୁ ଚନ୍ଦକା ଜଙ୍ଗଲରେ ଛଡ଼ାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୧୨ ବିଲିୟନ ଡଲାର ...

ଟିକସ ଫାଙ୍କିବା ପାଇଁ ଭାରତୀୟ ବ୍ୟବସାୟୀମାନେ ଅସାଧୁ ଉପାୟ ଅବଲମ୍ବନ କରୁଥିବା କେତେକ ରିପୋର୍ଟରୁ ଜଣାପଡ଼ିଛି।ଚାଇନା ସୀମାଶୁଳ୍କ ବିଭାଗର ସାଧାରଣ ପ୍ରଶାସନ ପକ୍ଷରୁ ଉପଲବ୍ଧ ତଥ୍ୟାନୁସାରେ, ସେପ୍ଟେମ୍ବର ସୁଦ୍ଧା ଭାରତକୁ ପଡ଼ୋଶୀ ଦେଶ ୮୯.୯୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା। କିନ୍ତୁ ଭାରତର ହିସାବକିତାବ ଅନୁସାରେ ଏହି ଅବଧି ମଧ୍ୟରେ ୭୯.୧୬ ବିଲିୟନ ଡଲାରର ଆମଦାନୀ ହୋଇଛି। ଏଠି ୧୦ ବିଲିୟନ ଡଲାର ବ୍ୟବଧାନ ରହିଛି। ସେହିପରି ଭାରତରୁ ରପ୍ତାନି ହୋଇଥିବା ସାମଗ୍ରୀର ମୂଲ୍ୟ ବାବଦକୁ ଆଉ ୨ ବିଲିୟନ ଡଲାର ଏପଟସେପଟ ହୋଇଛି। ଭାରତର ଡେଟା ଅନୁସାରେ ଚାଇନାକୁ ୧୨ ବିଲିୟନ ଡଲାର ସାମଗ୍ରୀ ରପ୍ତାନି ହୋଇଥିବାବେଳେ ବେଜିଂର ଜେନେରାଲ ଆଡମିନିଷ୍ଟ୍ରେଶନ୍ ଏହାକୁ ୧୩.୯୭ ବିଲିୟନ ଡଲାର ବୋଲି କହିଛି। ଦୁଇ ଦେଶର କାରବାରରେ ଏତେବଡ଼ ପାର୍ଥକ୍ୟକୁ ନେଇ ପ୍ରଶ୍ନ କରାଯିବାରୁ ଭାରତର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ଭାରତ ଏକ ସାର୍ବଭୌମ ରାଷ୍ଟ୍ର ଏବଂ ଆମଦାନୀ ରପ୍ତାନି ସମ୍ପର୍କିତ ଆମ ସଂଖ୍ୟା ପୂରା ଠିକ୍। ବନ୍ଦରଗୁଡ଼ିକ ସମେତ ବିଭିନ୍ନ ସୂତ୍ରରୁ ସଂଗୃହୀତ ତଥ୍ୟ ଭିତ୍ତିରେ ହିସାବ କରାଯାଇଛି। ଅନ୍ୟଦେଶ ସେମାନଙ୍କ ଡେଟା କିଭଳି ଭାବେ ସଂଗ୍ରହ କରୁଛନ୍ତି ତା' ଉପରେ ନୂଆଦିଲ୍ଲୀ ମନ୍ତବ୍ୟ ଦେବାକୁ ଚାହୁଁନାହିଁ। ଭାରତ ଅନ୍ତର୍ଜାତୀୟ ନିୟମ ଓ ଜାତିସଂଘର ସର୍ତ୍ତାବଳୀ ଅନୁସରଣ କରି ନିର୍ଭୁଲ୍ ତଥ୍ୟ ପ୍ରସ୍ତୁତ କରିଥାଏ। ବାଣିଜ୍ୟ ବିଶେଷଜ୍ଞଙ୍କ ମତରେ ଭାରତୀୟ ଇମ୍ପୋର୍ଟର୍ସ ଆମଦାନୀ ଶୁଳ୍କ ଫାଙ୍କିବା ପାଇଁ ୧୨ ବିଲିୟନ ଡଲାର ସାମଗ୍ରୀର କାଗଜପତ୍ର କରାଇ ନାହାନ୍ତି। ଆମଦାନୀବେଳେ ଶିପ୍‌ମେଣ୍ଟର ଇନ୍‌ଭଏସିଂକୁ ପ୍ରକୃତ ପରିମାଣରୁ କମ୍ କରି ଦେଖାଇଲେ ଆମଦାନୀ ଶୁଳ୍କ ହ୍ରାସ ହୋଇଥାଏ। ଭାରତର ଟିକସ ବିଭାଗ ଅନେକ ସମୟରେ ଅଣ୍ଡର୍-ଇନ୍‌ଭଏସିଂ ମାମଲା ଉପରୁ ପରଦା ହଟାଇଛି। କିନ୍ତୁ ଭାରତ-ଚାଇନା ବଣିଜ୍ୟିକ କାରବାରରେ ଅର୍ଥର ପରିମାଣକୁ ନେଇ ଏତେବଡ଼ ବ୍ୟବଧାନ ଆମଦାନୀ ଶୁଳ୍କ ଠକେଇ ବହୁଳଭାବେ ଚାଲିଥିବା ଦର୍ଶାଉଛି। ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ) ପ୍ରଫେସର ବିଶ୍ୱଜିତ ଧର କହିଛନ୍ତି, ସର୍ବାଧିକ ଲାଭ ଉଠାଇବା ପାଇଁ ଟ୍ରେଡର୍ସ ପରିବହନ ସାମଗ୍ରୀ ବିଲ୍‌ରେ ହେର୍‌ଫେର୍ କରୁଛନ୍ତି। ଦୁଇ ଦେଶ ମଧ୍ୟରେ ଯେଉଁ ସମୟରେ ଟାରିଫ୍ ଉଚ୍ଚ ରହିଥାଏ ବିଜ୍‌ନେସ୍ ଫାର୍ମଗୁଡ଼ିକ ଆମଦାନୀ ସମ୍ପର୍କିତ ବିଲ୍‌କୁ କମ୍ କରି ଦେଖାଇଥାନ୍ତି।

### ଆଜି ଧାମନଗର ...

ବିକାଶମୂଳକ କାର୍ଯ୍ୟକୁ ଆୟୁଧ କରି ମତଦାତାଙ୍କୁ ନିଜ ସପକ୍ଷରେ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରିଥିଲେ। ସେହିପରି ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ ଦଳୀୟ ନେତା ବିଷ୍ଣୁ ସେଠୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କ ପୁଅଙ୍କୁ ବିଜୟୀ କରାଇବା ଲାଗି ଆହ୍ୱାନ ଦେବା ସହ ସ୍ୱାଭିମାନ ଓ ସମ୍ମାନ କଥା କହୁଥିଲେ। କଂଗ୍ରେସ ପ୍ରାର୍ଥୀ ବାବା ହରେକୃଷ୍ଣ ସେଠୀଙ୍କ ପାଇଁ ଦଳର ନେତାମାନେ ଅହଂକାରୀ ଶାସନ ବିରୋଧରେ ଲଢ଼େଇ କଥା କହି ପ୍ରଚାର କରୁଥିଲେ। ଅପରପକ୍ଷରେ ବିଜେଡିର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ବିଦ୍ରୋହୀ ହୋଇ ସ୍ୱାଧୀନ ପ୍ରାର୍ଥୀ ହେବା ପରେ ଧାମନଗରର ଜନସାଧାରଣଙ୍କୁ ନିଜର ତାରକା ପ୍ରଚାରକର ଆଖ୍ୟା ଦେଇଥିଲେ। ସ୍ୱାଭିମାନୀ ଭୋଟର କହି ସେ ପ୍ରଚାର କରୁଥିବା ବେଶ ଚର୍ଚ୍ଚାର ବିଷୟ ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭର୍ଚୁଆଲ ସଭାରେ ୫ବର୍ଷର କାର୍ଯ୍ୟ ୧୮ ମାସରେ ଶେଷ କରିବା ପ୍ରତିଶ୍ରୁତି କେବଳ ଧୂଆଁବାଣ ବୋଲି ବିରୋଧୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧୁଷୁରିଠାରେ ଭାଜପା ପକ୍ଷରୁ ଆୟୋଜିତ ଶେଷ ନିର୍ବାଚନ ସଭାରେ ରାଜ୍ୟ ସରକାର 'ନାଗଫାଶ'ରୁ ମୁକୁଳି ପାରିବେ ନାହିଁ ବୋଲି ସିଧାସଳଖ ଚେତାବନୀ ଦେଇଥିଲେ। ସୂର୍ଯ୍ୟବଂଶୀଙ୍କ ପ୍ରତି ଅନୁକମ୍ପା, ରାଜେନ୍ଦ୍ରଙ୍କ ପ୍ରତି ସମବେଦନା, ଅବନ୍ତୀଙ୍କ ପ୍ରତି ପ୍ରଶାସନିକ କଳର ଦୁର୍ବଳତା ଓ କଂଗ୍ରେସ ତାର ସ୍ଥିତି ବଜାୟ ରଖିବାକୁ କରୁଥିବା ଉଦ୍ୟମକୁ ଭୋଟର ପରଖୁଛନ୍ତି। ପ୍ରଚାର ମଙ୍ଗଳବାର ସନ୍ଧ୍ୟାରୁ ଶେଷ ହୋଇଥିବା ବେଳେ ଗୁରୁବାର ଭୋଟ ଗ୍ରହଣ ହେବ। ସ୍ୱାଭିମାନୀ ମତଦାତାଙ୍କ ମତ କାହା ସମ୍ମାନ ରଖିବ, କାହା ଅହଙ୍କାର ଭାଙ୍ଗିବ ତାହା ଇଭିଏମ୍‌ରେ ପ୍ରତିଫଳିତ ହେବ। ତେବେ ଏହି ସବୁ ପ୍ରସଙ୍ଗକୁ ନେଇ ଧାମନଗରବାସୀଙ୍କ ରାୟ କାହା ସପକ୍ଷରେ ଯିବ ତାହା ଆଗାମୀ ୬ ତାରିଖ ଭୋଟ ଗଣତି ପରେ ସ୍ପଷ୍ଟ ହେବ।

### ଦିନକୁ ୪୩ କେଜିର ...

ଛାଣିବାରେ ସାହାଯ୍ୟ କରିଥାଏ। ସେହିପରି ଚିଙ୍ଗୁଡ଼ି ଖାଇବାକୁ ପସନ୍ଦ କରୁଥିବା ହମ୍ପବ୍ୟାକ୍ ହ୍ୱେଲ୍ ପ୍ରତିଦିନ ୪ ନିୟୁତ ଓଜନର ମାଇକ୍ରୋପ୍ଲାଷ୍ଟିକ୍ ଗିଳୁଥିବା ରିପୋର୍ଟରେ କୁହାଯାଇଛି। ଆମେରିକାର ପଶ୍ଚିମ ତଟରେ ଜଳ ପ୍ରଦୂଷଣର ମାତ୍ରା ବଢ଼ିବା କାରଣରୁ ବାଲିନ ତିମି ଖାଦ୍ୟ ସହିତ ମାଇକ୍ରୋପ୍ଲାଷ୍ଟିକ୍ ଗିଳୁଥିବା ଷ୍ଟାଣ୍ଡଫୋର୍ଡ ୟୁନିଭର୍ସିଟିର ମେରାଇନ୍ ବାୟୋଲୋଜିଷ୍ଟ ମାଥେଉ ସାଭୋକା ସୂଚନା ଦେଇଛନ୍ତି। ଷ୍ଟଡି ମୁତାବକ ତିମି ଗିଳୁଥିବା ମାଇକ୍ରୋପ୍ଲାଷ୍ଟିକ୍‌ର ୯୯ ଭାଗ ସେମାନଙ୍କ ଶିକାର ଜରିଆରୁ ଆସୁଛି। ସାଧାରଣ ଭାବେ ନୀଳ ତିମିର ଶରୀର ୧୦୦ ଫୁଟ୍ ଲମ୍ବା ହୋଇଥିବାବେଳେ ଫିନ୍ ହ୍ୱେଲ ୮୦ ଫୁଟ ଏବଂ ହମ୍ପବ୍ୟାକ୍‌ର ଶରୀର ୫୦ ଫୁଟ ପର୍ଯ୍ୟନ୍ତ ଲମ୍ବା ହୋଇଥାଏ। ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ରିସର୍ଚ୍ଚରେ ୧୨୬ ବ୍ଲୁ ହ୍ୱେଲ୍, ୬୫ ହମ୍ପବ୍ୟାକ୍ ଏବଂ ୨୯ଟି ଫିନ୍ ତିମିଙ୍କୁ ସାମିଲ କରାଯାଇଥିଲା। ତଥ୍ୟ ସଂଗ୍ରହ ପାଇଁ ସେମାନଙ୍କ ଦେହରେ ଏକ ଇଲେକ୍ଟ୍ରିକ୍ ଟ୍ୟାଗ୍ ଡିଭାଇସ୍ ଖଞ୍ଜା ଯାଇଥିଲା, ଯେଉଁଥିରେ କ୍ୟାମେରା, ମାଇକ୍ରୋଫୋନ୍, ଜିପିଏସ୍‌ଲୋକେଶନ୍ ସାଙ୍ଗକୁ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଏକ ଉପକରଣ ରହିଛି। ୧୬୫-୮୨୦ଫୁଟ ତଳୁ ତିମି ନିଜ ଖାଦ୍ୟ ସଂଗ୍ରହ କରୁଥିବବେଳେ ସମୁଦ୍ର ପତନରେ ହିଁ ଅଧିକମାତ୍ରାରେ ମାଇକ୍ରୋପ୍ଲାଷ୍ଟିକ୍ ରହିଥାଏ। ୫ ଏମ୍.ଏମ୍ ଆକାରର ମାଇକ୍ରୋପ୍ଲାଷ୍ଟିକ୍ ଭକ୍ଷଣ ଦ୍ୱାରା ତିମିର ପାଚନ କ୍ରିୟାରେ କେଉଁ ପ୍ରକାର ପରିବର୍ତ୍ତନ ଆସୁଛି, ସେ ନେଇ ବିଶେଷଜ୍ଞଙ୍କ ଅଧ୍ୟୟନ ଜାରି ରହିଛି। ଖାଦ୍ୟ ସହ ଗିଳୁଥିବା ପ୍ଲାଷ୍ଟିକ୍ କଣିକାରୁ ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ବାହାରିବା କାରଣରୁ ତିମିଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟି ମେରାଇନ୍ ବାୟୋଲୋଜିଷ୍ଟ ଶିରେଲ କାହାନେ କହିଛନ୍ତି।

### ରାଜଧାନୀରେ ମହିଳାଙ୍କୁ ...

ଆଶ୍ରୟ ନେବାକୁ କହିଥିଲେ। ମହିଳା ଜଣକ ଏଥିରେ ବିଶ୍ୱାସ କରି ଉକ୍ତ ବ୍ୟାଙ୍କକୁ ଯାଇଥିଲେ। ସେଠାରେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ କାଳିଆ ତାଙ୍କ ସହ ବଳପୂର୍ବକ ବଳାତ୍କାର କରିଥିଲେ। ଏପରି କି ସହଯୋଗୀ ବସନ୍ତ ମଧ ବଳାତ୍କାର କରିଥିଲେ। ପରେ ମହିଳା ଜଣକ ସେଠାରୁ ଚାଲି ଆସି ପୁନର୍ବାର ରାମ ମନ୍ଦିର ପରିସରରେ ଆଶ୍ରୟ ନେଇଥିଲେ। ସୋମବାର ସକାଳେ ରାତିର ଘଟଣା ସମ୍ପର୍କରେ ପୋଲିସକୁ ଜଣାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୭୬(ଡି)ରେ ଏକ ମାମଲା (ନଂ.୩୭୭/୨୦୨୨) ରୁଜୁ କରି ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା। ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଅଭିଯୁକ୍ତଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲା। ଘଟଣା ପରେ ଅଭିଯୁକ୍ତ ବସନ୍ତ ଘରକୁ ଚାଲିଯାଇଥିବାରୁ ମଙ୍ଗଳବାର ରାତିରେ ଅନୁଗୋଳରୁ ବସନ୍ତଙ୍କୁ ଏବଂ ଭୁବନେଶ୍ୱରରୁ କାଳିଆଙ୍କୁ କାବୁ କରିଥିଲା। ବୁଧବାର ଉଭୟ ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା। ଏଥିସହ ମାଜିଷ୍ଟ୍ରେଟଙ୍କ ନିକଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବା ପୋଲିସ କହିଛି।

## classifieds Everyday
0674-2580101, 2549302




**SALE**

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127

2/3 BHK residential flats available for sale within gated community and facilities like children's play area, Community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685. D-1805

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ। 8249422604. D-74141

Gharabari plot sale. Jhintisasan, Balakati, 8700 sqft., road side. 6372755567. D-1912

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି। 7848882166. D-74142

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74140




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73994

Relax, Refresh your body, Mind at Saikrupa Spa with best therapies. 8984068077. D-1863

Newly open full body massage ladies and gents. 8327740003, 8093860513. D-73992

Newly open health benefits SPA Diwali Offer @999/- Jaidevbihar, 9439676695. D-73656




ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଶ୍ୱିନୀ ନକ୍ଷତ୍ରର କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ମଉଜିଆ କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ । ବାଟରେ ଯିବା ସମୟରେ ବନ୍ଧୁଙ୍କୁ ଭେଟିପାରନ୍ତି । ବିଭିନ୍ନ କ୍ଷେତ୍ରରେ ମତାନ୍ତରଜନିତ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବୃଷ**
କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟହାନିଜନିତ ପୀଡ଼ା ସଙ୍ଗେ ସଙ୍ଗେ ଆତ୍ମୀୟଙ୍କ ପାଇଁ ଚିନ୍ତା ବଢିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ଲାଭବାନ ହେବାର ସୂଚନା ରହିଛି। ଦୀର୍ଘଦିନର ଆଶା ମଉଳି ଯାଇପାରେ ଯାହାକି ଦୁଶ୍ଚିନ୍ତାର କାରଣ ପାଲଟିଯିବ।

**ମିଥୁନ**
ସଚେତନତା ଅଭାବରୁ ସ୍ୱାସ୍ଥ୍ୟସମସ୍ୟା ଉଦ୍‌ବେଗଜନକ ହୋଇପାରେ । ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ବନ୍ଧୁମାନଙ୍କ ସହାୟତାରେ ସମାଧାନ କରିପାରନ୍ତି। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଆରଦ୍ରା ନକ୍ଷତ୍ର ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ତଥାପି ଅନୁକୂଳ ପରିବେଶ ସୃଷ୍ଟି ହେବାରୁ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ପୁଷ୍ୟା ନକ୍ଷତ୍ର ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡିପାରନ୍ତି। ନିଜ ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ ।

**ସିଂହ**
କୌଣସି ନୂତନ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ନେଇ ସଫଳତା ହାସଲ କରିବେ। ଈର୍ଷାପରାୟଣବଶତଃ ନିଜଲୋକ କେହି ହଇରାଣ କରିବାକୁ ଚେଷ୍ଟା କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଉତ୍ତରାଫାଲଗୁନୀର ବ୍ୟୟ ବୃଦ୍ଧି କିମ୍ବା ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ।

**କନ୍ୟା**
ସବୁକିଛି ଠିକ୍‌ଠାକ୍ ରହିଥିଲେ ମଧ ଆଜିର ଯାତ୍ରା କୌଣସି କାରଣରୁ ସ୍ଥଗିତ ରହିଯାଇପାରେ। ଚିତ୍ରା ନକ୍ଷତ୍ର ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବାର ସମ୍ଭାବନା ରହିଛି ।

**ତୁଳା**
ବନ୍ଧୁଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ଠିକ୍‌ଠାକ୍ ହୋଇଯିବ। ତଥାପି କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରିବାକୁ ପଡ଼ିପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁ ମନ୍ତବ୍ୟ ଦେଇପାରନ୍ତି। ସ୍ୱାତୀ ନକ୍ଷତ୍ର ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭକରି ବିଶେଷ ଆନନ୍ଦ ଅନୁଭବ କରିବେ।

**ବିଛା**
ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଅନୁରାଧା ନକ୍ଷତ୍ର ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ ଓ ନିର୍ମାଣ, ଆଲୋଚନା, ସଭାସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ। କଳା ସାହିତ୍ୟ ଓ ସାମ୍ବାଦିକତାରେ ସମସ୍ୟା ଅମୀମାଂସିତ ରହିପାରେ।

**ଧନୁ**
ଆକସ୍ମିକ ଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ମୂଳା ନକ୍ଷତ୍ର ପଡ଼ୋଶୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି । ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିପାରନ୍ତି।

**ମକର**
ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କ ନିକଟରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ । କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ଆପଣ ସଫଳତା ହାସଲ କରିବେ। ପୂର୍ବଭାଦ୍ରପଦ ନକ୍ଷତ୍ରର ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବେ। ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି ।

ଆଜି ନଭେମ୍ବର ୩ ତାରିଖ, କାର୍ତ୍ତିକ ଶୁକ୍ଳ ଦଶମୀ ଗୁରୁବାର, ଶ୍ରୀଜୀଉଙ୍କର ରାଧାଦାମୋଦର ବେଶ ସମାପ୍ତ, ସୁଦଶାବ୍ରତ, ଶରତରାସ ଅଧିବାସ, ଚାତୁର୍ମାସ୍ୟା ଗୁରୁବାରବ୍ରତ, ତପୋବନ ମେଳା, ରାଶିନକ୍ଷତ୍ର -ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୨ମି. ଗତେ ଘ.୦୭।୨୨ମି.ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୪ମି. ଗତେ ଘ. ୦୨।୧୮ମି. ମଧ୍ୟେ ରାହୁକାଳ।

**୬ ରାଜ୍ୟର ୭ ଆସନରେ ଉପନିର୍ବାଚନ ଆଜି**

ନୂଆଦିଲ୍ଲୀ,୨।୧୧: ୬ ରାଜ୍ୟର ୭ ନିର୍ବାଚନ ମଣ୍ଡଳୀରେ ଗୁରୁବାର ଉପନିର୍ବାଚନ ହେବ। ଏହି ବିଧାନସଭା ଆସନଗୁଡ଼ିକ ହେଲା, ବିହାରର ମୋକମା ଓ ଗୋପାଳଗଞ୍ଜ, ହରିୟାଣାର ଆଦମପୁର, ତେଲଙ୍ଗାନାର ମୁନୁଗୋଡ଼୍, ଉତ୍ତର ପ୍ରଦେଶର ଗୋଲା ଏବଂ ଓଡ଼ିଶାର ଧାମନଗର। ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ନିର୍ବାଚନରେ ଶାସକଦଳକୁ ବିଜୟୀ କରାଇବା ପାଇଁ ବୁଧବାର ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଭୋଟରଙ୍କୁ ଶେଷ ଅନୁରୋଧ କରିଥିଲେ। ଆସନ୍ତା ୬ରେ ଏହି ଆସନଗୁଡ଼ିକରେ ଭୋଟ ଗଣତି ହେବ।

# ଭାରତ ଯୋଡ଼ୋ ଯାତ୍ରାରେ ପୂଜା ଭଟ୍ଟ

**ହାଇଦ୍ରାବାଦ,୨।୧୧**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାରେ ବୁଧବାର ବଲିଉଡ୍ ଅଭିନେତ୍ରୀ ପୂଜା ଭଟ୍ଟ ସାମିଲ ହୋଇଛନ୍ତି। ହାଇଦ୍ରାବାଦରେ ରାହୁଲ ପଦଯାତ୍ରା କରୁଥିବାବେଳେ ପୂଜା ତାଙ୍କ ସହ ଚାଲି ଚାଲି ଆଲୋଚନା କରୁଥିବା ଦେଖିବାକୁ ମିଳିଛି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ନିର୍ଦ୍ଦେଶିକା ତଥା ପ୍ରଯୋଜିକା ପୂଜା ଭଟ୍ଟ ସୋସିଆଲ ମିଡିଆରେ ବିଭିନ୍ନ ପ୍ରସଙ୍ଗକୁ ନେଇ ମତ ରଖିଥାଆନ୍ତି। ୧୯୮୯ରେ 'ଡାଡି' ଚଳଚ୍ଚିତ୍ରରୁ କ୍ୟାରିୟର ଆରମ୍ଭ କରିଥିବା ପୂଜା ହେଉଛନ୍ତି ଭେଟେରାନ୍ ଫିଲ୍ମ ମେକର ମହେଶ ଭଟ୍ଟଙ୍କ ଝିଅ। ପ୍ରଯୋଜନା ପୂର୍ବରୁ ସେ 'ଦିଲ୍ ହୈ କି ମାନ୍ତା ନେହିଁ', 'ସଡ଼କ', 'ଫିର୍ ତେରି କାହାନି ୟାଦ୍ ଆୟି' ଭଳି ଫିଲ୍ମରେ ଅଭିନୟ କରିଥିଲେ।

ହାଇଦ୍ରାବାଦସ୍ଥିତ ବାଲାନଗର ମେନ୍ ରୋଡ୍‌ର ଏମ୍‌ଜିବି ବାଜାଜ ଶୋ'ରୁମ୍‌ରୁ ଆରମ୍ଭ ହୋଇଥିବା ପଦଯାତ୍ରାକୁ ସଫଳ କରିବା ପାଇଁ ତେଲଙ୍ଗାନା କଂଗ୍ରେସ ପକ୍ଷରୁ ୧୦ଟି ସ୍ୱତନ୍ତ୍ର କମିଟି ଗଢ଼ାଯାଇଛି। ଏହା ପୂର୍ବରୁ ରାହୁଲ ତାମିଲନାଡୁ, କେରଳ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରେ ପଦଯାତ୍ରା କରିଥିଲେ। କନ୍ୟାକୁମାରୀରୁ ସେପ୍ଟେମ୍ବର ୭ରେ ଆରମ୍ଭ ହୋଇଥିବା ଏହି ମାରାଥନ୍ ୱାକ୍ ବୁଧବାର ୫୬ ଦିନରେ ପହଞ୍ଚିଛି।


ହାଇଦ୍ରବାଦରେ ଭାରତ ଯୋଡୋ ଯାତ୍ରା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ବଲିଉଡ୍ ଅଭିନେତ୍ରୀ ପୂଜା ଭଟ୍ଟ।

# ସାମାଜିକ ଗଣମାଧ୍ୟମରେ ଭୋଟରଙ୍କୁ ଭ୍ରମିତ କରୁଛି ବିଜେଡି: ଭାଜପା

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଧାମନଗର ଉପନିର୍ବାଚନ ଜିତିବା ଲାଗି ବିଜେଡି ଏବେ ସାମାଜିକ ଗଣମାଧ୍ୟମରେ ଭୋଟରଙ୍କୁ ଭ୍ରମିତ କରୁଛି। ପୂର୍ବରୁ ଶାସକ ଦଳ ପ୍ରଶାସନିକ ଅଧିକାରୀ, ଏସ୍‌ଏଚ୍‌ଜି, ଏମ୍‌ବିକେ, ସିଆର୍‌ପି ମାଧ୍ୟମରେ ଟଙ୍କା ବଣ୍ଟନ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନାଁରେ ମିଥ୍ୟା ଅଡିଓର ଚକ୍ରାନ୍ତ କରି ଭୋଟରଙ୍କୁ ବିଚଳିତ କରିବାର ସମସ୍ତ ଅପଚେଷ୍ଟା କରିଥିଲା। ଏନେଇ ଭାଜପା ସମସ୍ତ ତଥ୍ୟ ଓ ପ୍ରମାଣ ସହ ସିଇଓଙ୍କ ନିକଟରେ ଫେରାଦ ହୋଇଥିଲା। ସିଇଓ ମଧ୍ୟ ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କିନ୍ତୁ ଶାସକ ଦଳ ନ ସୁଧୁରି ପୁଣି ଏକ ମିଥ୍ୟା ଅଡିଓ ପ୍ରସ୍ତୁତ କରି ସାଧାରଣ ଭୋଟରଙ୍କୁ ଜୋର ଜବରଦସ୍ତ ପ୍ରଭାବିତ କରି ଭୋଟ ହାତେଇବାର ଅପଚେଷ୍ଟା କରିଛି। ବିଜେଡିର ଫେକ୍ ଅଡିଓରେ କୁହାଯାଇଛି ଯେ, ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ(ରାଜୁ)ଙ୍କ ସମର୍ଥକମାନେ ଜଣେ ମୁସଲମାନ ଯୁବକଙ୍କୁ ଛୁରାମାଡ଼ କରିଛନ୍ତି। ତିହିଡି ବ୍ଲକରେ ପୋଲିସ ବର୍ତ୍ତମାନ ୧୪୪ ଧାରା ଜାରି କରିଛି। କିନ୍ତୁ ବାସ୍ତବରେ ଏହି ଅଡିଓ ପଛରେ ବିଜେଡି ନେତା, ବିଧାୟକ ଓ ମନ୍ତ୍ରୀଙ୍କ ହାତ ରହିଛି। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଏକ ଅଭିଯୋଗ ପତ୍ର ଦେଇଛି। ଯେଉଁମାନେ ଏହି ମିଥ୍ୟା ଅଡିଓ କରିଛନ୍ତି ସେମାନଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅପରାଧୀଙ୍କୁ ଗିରଫ କରିବାକୁ ଭାଜପା ଦାବି କରିଛି।

# ମଧ୍ୟପ୍ରଦେଶରୁ ମିଥ୍ୟା ଭିଡିଓ ଭାଇରାଲ କରାଯାଉଛି

## ସିଇଓଙ୍କୁ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ଭାଜପା ଭଳି ବିଜେଡି ମଧ୍ୟ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ସମାନ ଅଭିଯୋଗ ଆଣିଛି। ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ସିଇଓଙ୍କୁ ଭେଟି ଅଭିଯୋଗ କରିଛନ୍ତି, ଭାଜପା ଆଇଟି ସେଲ୍ ଫେକ୍ ଭିଡିଓ ଏବଂ ଅଡିଓ ପ୍ରସ୍ତୁତ କରି ତାହା ଭାଇରାଲ କରିଚାଲିଛି। ଯେବେଠାରୁ ସେମାନେ ଧାମନଗର ଉପନିର୍ବାଚନରେ ହାରୁଛନ୍ତି ବୋଲି ଜାଣିବାକୁ ପାଇଲେଣି ସେବେଠାରୁ ଏହିଭଳି କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। କିଛିଦିନ ପୂର୍ବରୁ ଏହିଭଳି ଏକ ମିଛ ଅଡିଓ ପ୍ରସ୍ତୁତ କରି ବିଜେଡିକୁ ଚରିତ୍ର ଖରାପ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ। ଏବେ ଭାଜପା ଆଇଟି ସେଲ୍ ମାଧ୍ୟମରେ ଜାତିଆଣ ବିଦ୍ରୋହ ସୃଷ୍ଟି ଲାଗି ପ୍ରୟାସ ହୋଇଛି। ଜଣାପଡିଛି, ଏକ ମଧ୍ୟପ୍ରଦେଶ ଅଞ୍ଚଳର ମୋବାଇଲ ନମ୍ବର ଏହି ଭାଇରାଲ ଭିଡିଓ କ୍ଲିପ୍ ବୁଲାଉଛି। ଏହା ପଛରେ କିଏ ରହିଛି ସେକଥା ଜାଣିପାରୁଥିବେ। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବିଜେଡି ଦାବି କରିଛି।

**ଧାମନଗର ଉପନିର୍ବାଚନ**

# ୧୦୦ ମିଟର ଭିତରେ କଥାବାର୍ତ୍ତା ହେଲେ ଗିରଫ ହେବେ

## ମାସ୍କ ପିନ୍ଧି ଆସିବାକୁ ଭୋଟରଙ୍କୁ ନିବେଦନ

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ଧାମନଗର ଉପନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସକାଳ ୭ଟାରୁ ସନ୍ଧ୍ୟା ୬ଯାଏ ଭୋଟଗ୍ରହଣ କରାଯିବ। ଗୁରୁବାର ସକାଳ ସାଢ଼େ ୫ଟାରେ ମକପୋଲ ହେବ। ଏହା ପରେ ଭୋଟ ଗ୍ରହଣ ହେବ। ସକାଳ ୭ଟାରୁ ସନ୍ଧ୍ୟା ସାଢ଼େ ୬ ଯାଏ ଏକ୍‌ଜିଟ ପୋଲ୍ ଉପରେ କଟକଣା ଲଗାଯାଇଛି। ବୁଥ୍‌ର ୧୦୦ ମିଟର ମଧ୍ୟରେ କେହି ବି କଥାବାର୍ତ୍ତା ହୋଇପାରିବେ ନାହିଁ । ଯଦି କେହି ନିୟମ ଉଲ୍ଲଂଘନ କରିବେ ତେବେ ତାଙ୍କୁ ଗିରଫ କରାଯିବ। ବୁଧବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁଶୀଲ କୁମାର ଲୋହାନୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ ପରିଚାଳନା ପାଇଁ ବୁଥ୍‌ରେ ୧୦୦୮ ପୋଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି। ବର୍ତ୍ତମାନ ସାଇଲେଣ୍ଟ ପିରିୟଡ୍ ଚାଲିଛି । ଏହି ସମୟରେ ଚେକିଂ କଡ଼ାକଡ଼ି କରାଯାଉଛି। ଭୋଟର ପରିଚୟ ପତ୍ର ଛଡ଼ା ୧୨ଟି ଅନ୍ୟ ଡକ୍ୟୁମେଣ୍ଟ ଦେଖାଇ ମତଦାତା ଭୋଟ ଦେଇ ପାରିବେ। ନିର୍ବାଚନ ପାଇଁ ମୋଟ ୨୫୨ ବୁଥ୍ ରହିଛି । ସେଥିମଧ୍ୟରୁ ୧୧୦ ସମ୍ବେଦନଶୀଳ ବୁଥ୍ ରହିଛି । ୧୨୬ଟି ବୁଥ୍‌ରେ ୱେବ୍‌କାଷ୍ଟିଂ ହେବ । ୨୫ ଜଣ ମାଇକ୍ରୋ ଅବଜରଭର ରହିଛନ୍ତି । ୧୫ଟି ମଡେଲ ବୁଥ୍ ଓ ୫ଟି ପିଙ୍କ୍ ବୁଥ୍ କରାଯାଇଛି। ସାଇଲେଣ୍ଟ ପିରିୟଡଠୁ ମତଦାନ ପର୍ଯ୍ୟନ୍ତ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ୪ଟି କେନ୍ଦ୍ରୀୟ ସୁରକ୍ଷାବଳ ଟିମ୍ ଓ ୯୯୭ ଜଣ ପୋଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ବୁଥ୍ ବାହାରେ ସାନିଟାଇଜର ବ୍ୟବସ୍ଥା ହୋଇଛି। ମାସ୍କ ପିନ୍ଧି ଆସିବାକୁ ଭୋଟରଙ୍କୁ ନିବେଦନ କରାଯାଇଛି। ଭିନ୍ନକ୍ଷମଙ୍କ ପାଇଁ ୯୮ଟି ଅଟୋରିକ୍ସାର ବ୍ୟବସ୍ଥା ହୋଇଛି । ସେହିପରି ମତଦାନ ଦିବସକୁ ଛୁଟି ଘୋଷଣା କରାଯାଇଛି । ସବୁ ବୁଥ୍‌ରେ ହେଲ୍‌ପ ଡେସ୍କ ରହିବ । ଇଭିଏମ୍‌ରେ ତ୍ରୁଟି ହେଲେ ଅଧୈର୍ଯ୍ୟ ନ ହୋଇ ଅପେକ୍ଷା କରିବାକୁ ସିଇଓ ନିବେଦନ କରିଛନ୍ତି । ତୁରନ୍ତ ରିଜର୍ଭ ଇଭିଏମ୍ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ୩ଟି ରାଜନୈତିକ ଦଳ ପ୍ରଚାର ସମୟରେ କିଛି ଅଭିଯୋଗ ଆଣିଥିଲେ। ସାଧାରଣ ଅଭିଯୋଗ ପାଇଁ ଜିଲା ପ୍ରଶାସନକୁ ମାର୍ଗଦର୍ଶିକା ଦିଆଯାଇଛି। ୫ଟି ମାମଲାରେ ପୋଲିସ କେସ୍ ହୋଇଛି । ଆଉ ଗୋଟିଏ କେସ୍‌ରେ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଯାହାକୁ ଭାରତର ନିର୍ବାଚନ ଆୟୋଗଙ୍କ ନିକଟକୁ ପଠାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ।



ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ

# ୨୦୬ ନଂ. ବୁଥ୍‌ରେ ସର୍ବାଧିକ ଭୋଟର

**ଭଦ୍ରକ ଅଫିସ,୨।୧୧**

ଭଦ୍ରକ ଜିଲା ୪୬-ଧାମନଗର ବିଧାନସଭା ଉପନିର୍ବାଚନ ମତଦାନ ପାଇଁ ଜିଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଗୁରୁବାର ସକାଳ ୭ଟାରୁ ମତଦାନ ସଂଗ୍ରହ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ। ଏ ନେଇ ମଙ୍ଗଳବାର ୨୧୮ ବୁଥ୍‌କୁ ପୋଲିଂ ଦଳ ଯାଇଥିବା ବେଳେ ଅବଶିଷ୍ଟ ୩୪ଟି ବୁଥ୍‌କୁ ବୁଧବାର ସକାଳେ ପୋଲିଂ ଦଳ ପଠାଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସାଧାରଣ ପର୍ଯ୍ୟବେକ୍ଷକ ନିରଞ୍ଜନ କୁମାର, ଦୁଇ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଓ ଶାନ୍ତନୁ ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଡିସବରସାଲ ସେଣ୍ଟରରୁ ୫ଟି ପିଙ୍କ୍ ବୁଥ୍ ସହ ବାକିଥିବା ସମସ୍ତ ବୁଥ୍‌କୁ ପୋଲିଂ ଦଳ ପ୍ରେରଣ କରାଯାଇଛି। ସମୁଦାୟ ୨୫୨ ବୁଥ୍ ମଧ୍ୟରେ ତିହିଡ଼ି ବ୍ଲକ୍‌ର ୩୦ ନଂ. ବାରିକ୍‌ପୁର ପ୍ରୋଜେକ୍ଟ ୟୁ.ପି. ସ୍କୁଲ ବୁଥ୍‌ର ଭୋଟର ସଂଖ୍ୟା ସର୍ବନିମ୍ନ ୨୯୨ଜଣ ଭୋଟର ଥିବା ବେଳେ ଧାମନଗର ବ୍ଲକ୍‌ର ୨୦୬ ନମ୍ବର ଧୂଷୁରୀ ହାଇସ୍କୁଲ (ଏନ୍) ବୁଥ୍‌ର ଭୋଟର ସଂଖ୍ୟା ସର୍ବାଧିକ ୧୫୩୨ ରହିଛି।

# ସ୍ୱତନ୍ତ୍ର ପିଙ୍କ୍ ରିସିଭିଂ ସେଣ୍ଟର

**ଭଦ୍ରକ ଅଫିସ,୨।୧୧:** ଧାମନଗର ଉପନିର୍ବାଚନ ପାଇଁ ୩ ତାରିଖରେ ମତଦାନ ସଂଗ୍ରହ ପରେ ବୁଥ୍‌ଗୁଡିକରୁ ପୋଲିଂ ଦଳ ଜିଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଡିସ୍‌ବରସାଲ ଓ ରିସିଭିଂ ସେଣ୍ଟରକୁ ଫେରି ଇଭିଏମ୍ ଓ ଭିଭିପାଟ୍ ଏବଂ ଅନ୍ୟାନ୍ୟ ସରଞ୍ଜାମ ଫୈଠ କରିବେ। ୫ଟି ପିଙ୍କ୍ ବୁଥ୍‌ର ପୋଲିଂ ଦଳଙ୍କଠାରୁ ଇଭିଏମ୍ ଓ ଅନ୍ୟାନ୍ୟ ସରଞ୍ଜାମ ଗ୍ରହଣ ପାଇଁ ସ୍ୱତନ୍ତ୍ର ଭାବେ ଏକ ପିଙ୍କ୍ ରିସିଭିଂ ସେଣ୍ଟର ପ୍ରସ୍ତୁତ କରାଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶ ମତେ ଦୁଇ ଅତିରିକ୍ତ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପିଙ୍କ୍ ରିସିଭିଙ୍ଗ୍ ସେଣ୍ଟରର ବ୍ୟବସ୍ଥା କରାଯାଇଛି। ପିଙ୍କ୍ ବୁଥ୍ କରାଯାଇଥିବା ଧାମନଗର ଏନ୍‌ଏସିର ବୁଥ୍ ନଂ. ୧୧୧, ୧୧୩, ୧୧୭, ୧୩୦ ଏବଂ ୧୩୧ ପାଇଁ ନିୟୋଜିତ ଥିବା ମହିଳା ପୋଲିଂ ଦଳମାନଙ୍କଠାରୁ ଏହି ପିଙ୍କ୍ ରିସିଭିଙ୍ଗ୍ ସେଣ୍ଟରରେ ଇଭିଏମ୍, ଭିଭିପାଟ ଓ ଅନ୍ୟାନ୍ୟ ସରଞ୍ଜାମ ଗ୍ରହଣ କରାଯିବ।


**P.G. CENTRAL OFFICE**
**FAKIR MOHAN UNIVERSITY**
**VYASA VIHAR, NUAPADHI, BALASORE,ODISHA-756089**

**ADMISSION NOTICE 2022-2023**

**No: FMU/PGC-I -01/2022/2051** **Date: 31.10.2022**

Fakir Mohan University, Balasore is inviting CPET-2022 appeared students interested for admission in following Post Graduate Programmes for the session 2022-23 against the vacant seats in the subject mentioned below, following the guidelines of Department of Higher Education, Govt. of Odisha vide its letter no. 45064/HE, dated 29.10.2022.

**A. New Campus (Nuapadhi)**
**Biotechnology/Botany/Chemistry/ Environmental Science/Geography/Geology/ Zoology/ Applied Microbiology/ Anthropology/English/ History & Archaeology/ Political Science/Economics/ Sociology/ Population Studies/ Odia/ Urdu/ Sanskrit/ Applied Psychology/ MSW/ Journalism & Mass Communication/ Master of Library & Information Sci.**
**B. Old Campus (Januganj)**
**Physics/ Mathematics/ M.Com/ Education/LLM/ PMIR.**

The CPET- 2022 appeared students are required to report to the Head of the concerned P.G. Departments with following documents for admission on 05.11.2022 from 10.00 A.M. to 2.00 P.M.

1. Print out of the Common Application Form (CAF)
2. All originals & Xerox copy of Certificates from H.S.C to qualifying Examination.
3. All originals & Xerox copy of Marksheets from H.S.C to qualifying Examination
4. College Leaving Certificate in Original.
5. Original Certificate relating to Reserve Category.
6. Eight copies of recent passport size Photograph.
7. Aadhaar Card & Blood Group Report (Xerox copy)
8. Migration Certificate in Original.
9. Course Fee as uploaded on the F.M. University website: www.fmuniversity.nic.in in the form of Bank Draft/ Bank Challan/through Online to be deposited on the same day of report i.e. 05.11.2022 on Selection. Further, applications are invited from students to take admission into 5 years Integrated BA-LLB & BBA-LLB Programme under F.M. University by 15.11.2022.

**By the Order of Vice Chancellor**
**Chairman, P.G. Council**
**Fakir Mohan University, Balasore-756089, Odisha**



**UTKAL UNIVERSITY OF CULTURE**
**Sanskruti Vihar, Madanpur, Bhubaneswar-752 054**
**Visit us at uuc.ac.in**
**No. 445/UUC Dt.31-10-2022**
No. CAD-2355

**ADMISSION NOTIFICATION-2022-23**

Utkal University of Culture invites application on ONLINE MODE ONLY for admission in to the following innovative, inter-disciplinary and career oriented courses:

| Courses | Duration | No. of seats |
|---|---|---|
| **Faculty of Culture Studies (M.A. Programme)** | | |
| Culture Studies | 2 Years | 32 |
| **Faculty of Architecture and Archaeology (M.A. Programme)** | | |
| History and Archaeology | 2 Years | 32 |
| **Faculty of Language and Literature (M.A. Programme)** | | |
| Linguistics | 2 Years | 32 |
| Odia Langauge and Literature | 2 Years | 32 |
| **Faculty of Visual Art (MVA Programme)** | | |
| Painting | 2 Years | 24 |
| Print Making | 2 Years | 16 |
| Applied Art & Design | 2 Years | 24 |
| Sculpture | 2 Years | 16 |
| Art History | 2 Years | 16 |
| **Faculty of Performing Art (M.Mus. Programme)** | | |
| Odissi Vocal | 2 Years | 24 |
| Hindustiani Vocal | 2 Years | 24 |
| Odissi Dance | 2 Years | 24 |
| Chhow Dance | 2 Years | 16 |
| Tabla | 2 Years | 16 |
| Mardal | 2 Years | 16 |
| Violin | 2 Years | 16 |
| Flute | 2 Years | 16 |
| Sitar | 2 Years | 16 |
| Drama(Acting, Design and Direction) | 2 Years | 16 |
| **M.Phil Programmes** | | |
| Odissi Dance | 1 year | 10 |
| Odissi Vocal | 1 year | 10 |
| Hindustani Vocal | 1 year | 08 |
| Drama | 1 year | 05 |
| Instrumental Music (Flute/Violin/Sitar/Tabla/Mardal) | 1 year | 10 |
| Painting | 1 year | 08 |
| Applied Art and Design | 1 year | 08 |

**Eligibility** : Any person who has passed the qualifying degree with atleast 45% of marks in aggregate (40% for SC/ST students) of Utkal University of Culture, or any other examination conducted by other Universities/Institutions which is recognized as equivalent thereto by Utkal University of Culture fulfilling other eligibility criteria shall be eligible for admission to all the above mentioned courses except for M.Phil Programmes. For M.Phil programmes, the eligibility criteria is MPA/M.Mus or MVA/MFA in the concerned subject. The qualifying degree and other details can be seen from the prospectus available for download from **uuc.ac.in-Prospectus 2022-23**.

**Candiates who are appearing/appeared the final examination of qualifying degree and awaits thier results are also eligible to apply with the downloaded results, subject to production of final degree mark sheet before the selection process.**

**Application Procedure**: Candidates are required to login to **uuc.ac.in (Admissions-2022)** to registered themselves for ON-LINE application on payment of **Rs.300/-** towards application fee payable on online mode.

**Commencement of of On-line Application form for admission into P.G. and M.Phil Programmes 09-11-2022 to 16-11-2022**
**Last date for submission of hard copy of application along with required documents 19-11-2022**
**Other details are available in the E-Prospectus.**

**By order of Vice-Chancellor**
**Sd/-HEAD, P.G.TEACHING DEPARTMENTS**

OIPR-03005/11/0012/2223



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ମଧୁପାଟଣା, କଟକ, ଓଡିଶା-୭୫୩୦୧୦

**ଦଖଲ ନୋଟିସ୍**
[ରୁଲ- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆକାଉଣ୍ଟ ନଂ / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଆକାଉଣ୍ଟ ନଂ.: ୩୯୨୧୦୬୮୦୩୬୩ **ଋଣଗ୍ରହୀତା: ମେସର୍ସ ପାତ୍ର ଫୁଏଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଗୌତମ ପାତ୍ର,** ପିତା: ସ୍ୱ ମୋହନ ସୁନ୍ଦର ପାତ୍ର, ସା: ଝାଟିଆ, ପୋ.: ଗଣ୍ଡିବେଢ଼, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱର - ୭୫୬୦୪୭/ **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଗୌତମ ପାତ୍ର, ୨) ଲିନାଚାନ୍ଦ ପାତ୍ର, ୩) ନନ୍ଦିତା ନାୟକ, ୪) ଗିତାଞ୍ଜଳୀ ପାତ୍ର (ଏମାନେ ସମସ୍ତେ ସ୍ୱ ମୋହନ ସୁନ୍ଦର ପାତ୍ରଙ୍କ ଆଇନ୍‌ଗତ ଉତ୍ତରାଧିକାରୀ),** ସମସ୍ତଙ୍କ ଠିକଣା ସା: ଝାଟିଆ, ପୋ.: ଗଣ୍ଡିବେଢ଼, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱର - ୭୫୬୦୪୭ | ସ୍ୱ ମୋହନ ସୁନ୍ଦର ପାତ୍ରଙ୍କ ନାମରେ ଥିବା (ଜମି ଏବଂ ଗୃହ) ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଝାଟିଆ, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୨୮, ପ୍ଲଟ୍ ନଂ.: ୩୦୧, କ୍ଷେତ୍ର: ଏକର୦.୨୮ ଡିସିମିଲି, ପ୍ଲଟ୍ ନଂ.: ୩୦୨, କ୍ଷେତ୍ର: ଏକର୦.୩୦ ଡିସିମିଲି, କିସମ: ଘରବାରୀ ଏବଂ ଖାତା ନଂ.: ୧୮୬/୭୯, ପ୍ଲଟ୍ ନଂ.: ୩୦୦, କ୍ଷେତ୍ର: ଏକର୦.୦୭ ଡିସିମିଲି, ପ୍ଲଟ୍ ନଂ.: ୩୦୪, କ୍ଷେତ୍ର: ଏକର୦.୦୫ ଡିସିମିଲି, କିସମ: ଘରବାରୀ | ୦୯.୦୩.୨୦୨୨ସୁଦ୍ଧା ଟ.୩୦,୨୨,୨୧୫/- ଏବଂ ସେବାବଦ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଖର୍ଚ୍ଚ | ୨୮.୦୩.୨୦୨୨ / ୦୧.୧୧.୨୦୨୨ |

ସ୍ଥାନ: କଟକ, ତାରିଖ: ୦୨.୧୧.୨୦୨୨ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଗଣତନ୍ତ୍ରର ସୁଫଳ ହେଲା- ଜଣେ ଯଥେଚ୍ଛାଚାରୀ ଅଥବା କେତେଜଣ ସ୍ୱାର୍ଥପରଙ୍କ ଖିଆଲ କବଳରୁ ବ୍ୟକ୍ତିର ଜୀବନ, ସ୍ୱାଧୀନତା ଓ ଧନସମ୍ପତ୍ତି ରକ୍ଷାପାଏ। ଗଣତନ୍ତ୍ରର କୁଫଳ ହେଲା- ମାନବଜାତି ମଧ୍ୟରେ ବ୍ୟକ୍ତିତ୍ୱର ମହତ୍ତ୍ୱ ହ୍ରାସ ପାଏ। -ଶ୍ରୀଅରବିନ୍ଦ





# ବିଗତ ଯୁଗର ବିଶ୍ୱ ଦୃଶ୍ୟପଟ

କ୍ରିସ୍ ବ୍ରାଡ୍‌ଲେ

ଅନେକ ଦଶନ୍ଧି ଥାଏ ଯେଉଁଥିରେ ବର୍ଷଟିଏର ପରିବର୍ତ୍ତନ ଅନୁଭୂତ ହୁଏ ଏବଂ ଏମିତି ଅନେକ ବର୍ଷ ଥାଏ ଯେଉଁଠି ଗୋଟିଏ ବର୍ଷରେ ଦଶନ୍ଧି ଦଶନ୍ଧିର ପରିବର୍ତ୍ତନ ଅନୁଭୂତ ହୋଇଥାଏ। ବିଗତ ତିନି ବର୍ଷ ହେଉଛି କୋଭିଡ୍-୧୯, ରୁଷିଆର ୟୁକ୍ରେନ ଆକ୍ରମଣ ଏବଂ ଏକ ପରିଦୃଶ୍ୟ ସଙ୍କଟମୟ ଜୀବିକାର ବର୍ଷ। ଏସବୁ ଏକ ଭୂରାଜନୈତିକ ଉତ୍ତେଜନା ପରିପ୍ରେକ୍ଷୀରେ ଘଟିଆସୁଛି ଯାହା ପୂର୍ବ ଘଟଣା ଲାଗୁଛି। ୧୯୭୦ ଦଶନ୍ଧି ଆଖପାଖ ବର୍ଷଗୁଡ଼ିକରେ ତୈଳ ଝଟକା (ଦର ବୃଦ୍ଧି ସହ ଅଭାବର ସ୍ଥିତି ) ଭଳି ଏବେ ଠିକ୍ ସେମିତି ଘଟୁଥିବା ଅନୁଭବ କରିହେଉଛି। ସେତେବେଳେ ଏଥିରେ ସ୍ଥିରତା ଆସିବା ପାଇଁ ପ୍ରାୟ ୨୦ ବର୍ଷ ଲାଗିଯାଇଥିଲା। ତେବେ ଆମେ ଏବେ ତ୍ୱରିତ ପ୍ରଗତିଶୀଳର ଏକ ନୂଆ ଇତିହାସ ଲେଖିପାରିବା କି। ଦେଖିବାକୁ ଗଲେ ପୂର୍ବରୁ ଆମେ ବହୁ ଆହ୍ୱାନପୂର୍ଣ୍ଣ ଘଟଣା ମଧ୍ୟ ଦେଇ ଆସିଛୁ। ଦ୍ୱିତୀୟ ବିଶ୍ୱଯୁଦ୍ଧ(୧୯୪୪-୪୬), ୧୯୭୧-୭୩ ତୈଳ ସଙ୍କଟ ଏବଂ ସୋଭିଏଟ ସାମ୍ରାଜ୍ୟର ବିଭାଜନ(୧୯୮୯-୯୨) ଆମ ସମ୍ମୁଖରେ ଉଭା ହୋଇଥିଲା। ଏକ ଭୂମିକମ୍ପ ଭଳି ଏହା ପ୍ରତ୍ୟେକଟି ବୈଶ୍ୱିକ ଦୃଶ୍ୟପଟକୁ ପରିବର୍ତ୍ତନ କରିଦେଇଥିଲା। ଏହି ସବୁ ଘଟଣା ବିଶ୍ୱର ପ୍ରମୁଖ ପ୍ରସଙ୍ଗଗୁଡ଼ିକୁ ସଞ୍ଚାଳନ କରୁଥିବା ନିୟମଗୁଡ଼ିକୁ ପରିବର୍ତ୍ତନ କରି ଏକ ନୂଆ ଯୁଗକୁ ପଥପ୍ରଦର୍ଶନ କରୁଛି। ତେବେ ଏସବୁ ମଧ୍ୟରେ ପ୍ରଗତି ଜାରି ରହିଛି। ଏଣୁ ଆମେ ଏବେ ଏକ ନୂଆ ଯୁଗର ଶୀର୍ଷରେ ରହିଛୁ କି ନାହିଁ ତାହାର ଠିକ୍ ଉତ୍ତର ଖୋଜିବାକୁ ପଡ଼ିବ । ଏଥିପାଇଁ ଏବକାର ବିଶ୍ୱର ୫ଟି ଦିଗ ବା କ୍ଷେତ୍ର ଉପରେ ବିଚାର କରିଥିବା ଏକ ନୂଆ ମ୍ୟାକକିନ୍‌ସେ ଗ୍ଲୋବାଲ ପେପରକୁ ଦେଖିବାକୁ ହେବ। ସେଗୁଡ଼ିକ ହେଉଛି ବୈଶ୍ୱିକ ବ୍ୟବସ୍ଥା, ପ୍ରଯୁକ୍ତି ,ଜନସାଂଖ୍ୟିକ, ସଂସାଧନ ଏବଂ ଶକ୍ତି, ପୁଞ୍ଜିକରଣ।

ଏହିସବୁ କ୍ଷେତ୍ର ଅତୀତର ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ଇତିହାସ ସହ ଜଡ଼ିତ। ଦ୍ୱିତୀୟ ବିଶ୍ୱଯୁଦ୍ଧର ଧ୍ୱଂସଲୀଳା ପରେ ଆର୍ଥିକ କ୍ଷେତ୍ରରେ ଅତ୍ୟଧିକ ବିକାଶ ଘଟି ୧୯୭୧ ପର୍ଯ୍ୟନ୍ତ ଜାରି ରହିଥିଲା। ଜାତିସଂଘ ଏବଂ ବ୍ରିଟନ୍ ଉଡ୍ ଇନ୍‌ଷ୍ଟିଚ୍ୟୁଶନ ଗଠିତ ହୋଇଥିଲା। ଆମେରିକୀୟ ଡଲାର ବାସ୍ତବରେ ବୈଶ୍ୱିକ ରିଜର୍ଭ କରେନ୍ସି ହୋଇପାରିଥିଲା ଏବଂ ଡଲାର ମୁଦ୍ରାମାନକ ସୁନା ସହ ବିନିମୟତା ହାସଲ କରିଥିଲା। ଅର୍ଥ ବ୍ୟବସ୍ଥା ଓ ସମାଜଗୁଡ଼ିକ ଯୁଦ୍ଧ ବଦଳରେ ଶାନ୍ତି ପ୍ରତିଷ୍ଠା କରିବାକୁ ଗତିଶୀଳ ହୋଇଥିଲେ। ୧୯୪୫ର ପୋଷ୍ଟଡାମ ସମ୍ମିଳନୀରେ ଆମେରିକା ଏହାର ପୃଥକତାବାଦୀ ନୀତିକୁ ସରକାରୀ ସ୍ତରରେ ଶେଷକରି ପ୍ରଭୁତ୍ୱବାଦୀ ରୂପ ଗ୍ରହଣ କରିଥିଲା। ଜୋଶେଫ ଷ୍ଟାଲିନ୍ ଆଲୋଚନା ମାଧ୍ୟମରେ ୟୁରୋପ ବିଭାଜନର ବୁଝାମଣା କରିଥିଲେ ଓ ସୋଭିଏଟ ସଂଘର ଆଣବିକ କ୍ଷମତା ବିକାଶକୁ ଜୋର୍‌ଦାର କରିଥିଲେ। ଯୁଦ୍ଧ ପରେ ପ୍ରଥମ ଯୁଗ ପାଇଁ ବିକାଶର ନିଅଁ ପଡ଼ିଥିଲା।



ଏହା ପରେ ଆସିଲା ବିବାଦର ଯୁଗ। ଏହା ୧୯୭୧ରୁ ୧୯୮୯ ଯାଏ ରହିଲା। ଭିଏତ୍‌ନାମରେ ଅତ୍ୟନ୍ତ ବ୍ୟୟବହୁଳ ଓ ଜଟିଳ ଯୁଦ୍ଧ ଆମେରିକାକୁ ବିଭାଜିତ କଲା ଓ ଏହାର ସୀମିତ ଶକ୍ତିକୁ ସାମ୍ନାକୁ ଆଣିଲା। ୧୯୭୩ରେ ପେଟ୍ରୋଲିୟମ ରପ୍ତାନିକାରୀ ଦେଶର ସଂଗଠନ (ଓପିଇସି)ର ସଦସ୍ୟମାନେ ସେମାନଙ୍କ ଜିନିଷର ଲାଭ ଉଠାଇବାକୁ ଚାହିଁବାରୁ ତୈଳ ଦର ବୃଦ୍ଧି ଓ ରପ୍ତାନିରେ ଝଟକା ଲାଗିଲା। ଫଳରେ ଅର୍ଥ ବ୍ୟବସ୍ଥା ପୂରା ମାନ୍ଦା ପଡ଼ିଗଲା ଏବଂ ୧୫ ବର୍ଷ ଧରି ଶକ୍ତି ଦର ଉଚ୍ଚ ରହିଲା। ଉକ୍ତ ଧାରା ପୂର୍ବକୁ ଗତିକଲା ଓ ଜାପାନର ମୁଣ୍ଡପିଛା ଉତ୍ପାଦ ଜର୍ମାନୀକୁ ଟପିଯାଇଥିଲା। ଏହି ସମୟରେ ଦୁଇ ଦେଶ ମଧ୍ୟରେ ୨୫ ବର୍ଷର କୂଟନୈତିକ ନୀରବତା ଭଙ୍ଗ କରି ନିକ୍ସନ ଚାଇନା ଗସ୍ତରେ ଯାଇଥିଲେ।

୧୯୮୦ ଦଶକର ପ୍ରାରମ୍ଭରେ ଆଉ ଏକ ନୂଆ ଯୁଗର ଭିତ୍ତି ପଡ଼ିଲା। ଏହି ସମୟରେ ବର୍ଲିନ ପାଚେରି ଭାଙ୍ଗିଲା, ସୋଭିଏଟ୍ ସଂଘର ପତନ ଘଟିଲା ଏବଂ ୟୁରୋପର ଭୂରାଜନୈତିକ ଆଧାର ବଦଳିଯାଇଥିଲା। ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନ ୟୁରୋପ, ଏସିଆ ଓ ଆଫ୍ରିକାର ସବୁଆଡେ ବ୍ୟାପିବା ଥିଲା ଗୁରୁତ୍ୱପୂର୍ଣ୍ଣ। ୧୯୯୨ରେ ସ୍ୱାକ୍ଷରିତ ମାଷ୍ଟ୍ରିଚ୍ଟ୍ ଚୁକ୍ତି ୟୁରୋପର ଆର୍ଥିକ ଓ ରାଜନୈତିକ ଏକତାକୁ ଆଗକୁ ବଢ଼ାଇଲା। ଡେଙ୍ଗ ଜିଆଓପିନ୍‌ଙ୍କ ବିକଶିତ ଦେଶଗୁଡ଼ିକୁ ଗସ୍ତ ପରେ ମାନ୍ଦା ରହିଥିବା ଚାଇନାର ପ୍ରଗତି ସକ୍ରିୟ ହୋଇ ମାର୍କେଟ ସୁଧାର କ୍ଷେତ୍ରରେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରକାଶ କରିଥିଲା। ଏହି ସମୟରେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଆମେରିକା ମିଲିଟାରି ଶକ୍ତି ପ୍ରଦର୍ଶନ କଲା। ପରେ ୧୯୮୯ରେ ସାରା ବିଶ୍ୱରେ ଜନ୍ମଲାଭ କରିଥିବା ୱେବ୍ ଡିଜିଟାଲ ବିପ୍ଳବର ପ୍ଲାଟ୍‌ଫର୍ମ ସୃଷ୍ଟିକଲା। ଚାଇନା ଏବଂ ଭାରତ ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ଯୋଗଦେଲେ ଓ ଏହା ଦ୍ୱାରା ସେମାନେ ଦାରିଦ୍ର୍ୟ ହ୍ରାସ କରିପାରିଲେ। ଏହି ସମୟକୁ ଆମେ ମାର୍କେଟର ଯୁଗ ବୋଲି କହୁ; ଯାହା ଆମ ଲାଗି ଆଣିଥିଲା ଆଖିଦୃଶିଆ ପ୍ରଗତି। ତିନି ଦଶନ୍ଧି ପୂର୍ବେ ବିଶ୍ୱରେ ପାଖାପାଖି ୩୫% ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିଲେ ଓ ଏବେ ତାହା ହ୍ରାସ ପାଇ ୯ ପ୍ରତିଶତ ଅଛି। ସେହି ଆଶ୍ଚର୍ଯ୍ୟଜନକ ପ୍ରଗତିଶୀଳ ପ୍ରଭାବ ରହିଆସିଛି ଏବଂ ଏହାକୁ ସଞ୍ଚାଳନକରିବାରନିୟମଗୁଡ଼ିକମଧ୍ୟଏଯାବତଅପରିବର୍ତ୍ତିତରହିଛି।

ଆମେ ଜାଣୁନା ନୂତନ ବିବାଦରୁ କ'ଣ ପ୍ରକାଶ ପାଇବ। ଆମେ ଏହାର ଉଦ୍ଦେଶ୍ୟ ବୁଝିପାରୁଥିଲେ ମଧ୍ୟ ୫ଟି କ୍ଷେତ୍ରର ପ୍ରତ୍ୟେକଟିରେ ଥିବା ଜଟିଳ ପ୍ରଶ୍ନଗୁଡ଼ିକ ଅସମାହିତ ରହିଛି। ବୈଶ୍ୱିକ ବ୍ୟବସ୍ଥାକୁ ଦେଖିଲେ, ଏହା ବହୁଧ୍ରୁବୀୟତା ପ୍ରତି ଢଳିଥିବା ମନେହେଉଛି। କିନ୍ତୁ ଏହା କିଭଳି କାର୍ଯ୍ୟ କରିବ ତାହା ଜାଣୁନା। ଅର୍ଥ ବ୍ୟବସ୍ଥାରେ ବୈଶ୍ୱିକ ସ୍ୱଭାବ ଜାରି ରହିବ ନା ଅଣ-ଆର୍ଥିକ ସହଯୋଗ ଲାଗି ଆଉ ଏକ ନୂଆ କାର୍ଯ୍ୟକ୍ଷମ ପ୍ରକ୍ରିୟା ଦେଖିବାକୁ ପାଇବା ? ଅନ୍ତର୍ଜାତୀୟ ରାଜନୀତିରେ ଥିବା ଦୀର୍ଘ ବର୍ଷର ସମଭାବ ଅଧିକ ଧ୍ରୁବୀକରଣ ମୁହାଁ ହେବ କି ? ଟେକ୍‌ନୋଲୋଜିକୁ ଦେଖାଯାଉ। ଡିଜିଟାଇଜେଶନ ଏବଂ ଯୋଗାଯୋଗ ପରିପୂର୍ଣ୍ଣତା ଲାଭ କରିବାକୁ ଯାଉଥିବାବେଳେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ବାୟୋଟେକ ଭଳି ଟେକ୍‌ନୋଲାଜିର ନୂତନ ସ୍ରୋତ ଆଉ ଏକ ନୂତନତ୍ୱ ଆରମ୍ଭ କରିପାରନ୍ତି। ତେବେ ଏହାର କାର୍ଯ୍ୟ ଓ ସାମାଜିକ ବ୍ୟବସ୍ଥା ଏବଂ ଟେକ୍‌ନୋଲୋଜି, ସଂସ୍ଥା ଓ ଭୂରାଜନୀତିକ ସମ୍ପର୍କକୁ କିଭଳି ପ୍ରଭାବିତ କରିବ ? ଜନସଂଖ୍ୟା ପ୍ରସଙ୍ଗରେ ଯୁବବିଶ୍ୱ ଧୀରେ ଧୀରେ ବୟସ୍କ ହେବାରେ ଲାଗିଛି। ଦେଶଗୁଡ଼ିକରେ ଅସମାନତା ସାମାଜିକ ସମ୍ପର୍କ ଓ ଯୋଗାଯୋଗ କ୍ଷେତ୍ରରେ ଆହ୍ୱାନ ବଢାଇବା ସମ୍ଭାବନା ଦେଖାଯାଇଛି।। ଆମେ ବୟସ୍କ ଭାବେ କିମ୍ବା ଆମ ସରକାର ଓ ବ୍ୟବସ୍ଥା ଏହି ଅସମାନତାକୁ ପ୍ରତିହତ କରିବାରେ ବିଫଳ ହେବା କି?

ସଂସାଧନ ଓ ଶକ୍ତି କ୍ଷେତ୍ରରେ କମ୍ କାର୍ବନ ଉତ୍ସ ପ୍ରତି ନିବେଶକୁ ମୁହାଁଇବାକୁ ଦୃଢ ଇଚ୍ଛା ରହିଛି। ହେଲେ ସବୁପ୍ରକାର ଶକ୍ତିରେ ଆବଶ୍ୟକ ଅନୁଯାୟୀ ସମସ୍ତ ନିବେଶକୁ ଗତିଶୀଳ କରିବା ଲାଗି ସଂଗ୍ରାମ କରୁଛୁ। ତେବେ ଜଳବାୟୁ ସ୍ଥିରତା ଲାଗି ବିଶ୍ୱ ଏକ ସୁବିଧାଜନକ, ଲାଭପ୍ରଦ ତଥା ବ୍ୟବହାର୍ଯ୍ୟ ପଥ ପାଇପାରିବା ତ ? ଶେଷରେ ଆର୍ଥିକ ଅଭିବୃଦ୍ଧି ହାର ସାମାନ୍ୟ ରହିବା ଜଣାପଡୁଛି। ଆମେ ବାସ୍ତବରେ ଏକ ନାଟକୀୟ ପରିବର୍ତ୍ତନର ଯନ୍ତ୍ରଣାଦାୟକ ସ୍ଥିତିରେ ରହିବା ଜଣାପଡୁଛି। ଏଣୁ ନେତାମାନେ ଏକ ସମ୍ଭାବ୍ୟ ନୂଆ ଯୁଗ ପାଇଁ ପ୍ରସ୍ତୁତ ହେବା ସହ ଏହାକୁ ରୂପରେଖ ଦେବା ପାଇଁ ସଜାଗ ହେବା ଉଚିତ। ଏବକାର ସ୍ଥିତି ନିରାଶବାଦକୁ ଆମନ୍ତ୍ରଣ କରିପାରେ। ତଥାପି ଅତୀତର ସବୁ ଉତ୍ଥାନ ଓ ପତନ ମଧ୍ୟରେ ପ୍ରଗତି ଆଗକୁ ବଢ଼ିଛି। ଆମ ସମୟ ପଦକ୍ଷେପ ଦାବି କରୁଥିବାବେଳେ ଇତିହାସ ହିଁ ବଡ଼ ଆଶା ଭରିଦେଇଛି।

**ଡାଇରେକ୍ଟର, ମ୍ୟାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ, ସିଡ୍‌ନୀ**

# ଗରିବଙ୍କ କାଳ ଉତ୍ତାପ ବୃଦ୍ଧି



ଅଭିମନ୍ୟୁ ଧଳ

କଥାରେ ଅଛି, ''ଖରା ସହେ ତରୁ, ଖରା ସହେ ମେରୁ, ଖରା ସହେ ଚାଷୀ ଭାଇ, ଖରା ସହେ ଗୋରୁ।'' ଏହି ଚାରି ମଧ୍ୟରୁ ମେରୁ ନିର୍ଜୀବ, ଗୋରୁ ଓ ତରୁ ସଜୀବ ହେଲେ ମଧ୍ୟ ସେମାନେ ଗ୍ରୀଷ୍ମ କଷ୍ଟ ପ୍ରକାଶ କରିବାକୁ ଅକ୍ଷମ। ପରନ୍ତୁ ଚାଷୀଭାଇ ଯେଉଁମାନେ ଶହଶହ ବର୍ଷ ହେବ ଗ୍ରୀଷ୍ମରେ ସନ୍ତୁଳିତ ହୋଇଥାନ୍ତି, ସେହିମାନେ ହିଁ ଗରିବ ଶ୍ରେଣୀଭୁକ୍ତ।

ଆଦିମ କାଳରେ ଗଛର ଫଳ ଓ ପଶୁ ଶିକାର କରି ପେଟ ନ ପୂରିବାରୁ ମଣିଷ କୃଷି ଉପରେ ନିର୍ଭର କଲା। କାଳକ୍ରମେ କୃଷକର ଆୟ ଉପରେ ରାଜା, ରାଜୁଡ଼ା ଆଖି ପକାଇଲେ। ଚତୁର ଲୋକମାନେ ସରକାରୀ ଜମିକୁ ହଡ଼ପ କରିନେଲେ। ସର୍ବଦା ଚିର ସହଚର ଦୈବୀଦୁର୍ବିପାକ ଯୋଗୁ ଗାଁ ମହାଜନଙ୍କ ପାଖରୁ କୃଷକମାନେ ସୁଧରେ ଟଙ୍କା ଆଣି ଜମି ବନ୍ଧକ ଦିଅନ୍ତି। ମୂଳ ଶୁଝି ନ ପାରି ସେହି ସମ୍ପତ୍ତିକୁ ବିକ୍ରି କରି ମହାଜନି ଶୁଝନ୍ତି ଅବା ମହାଜନର କଣ୍ଠ ପୂରିଗଲେ ସମ୍ପତ୍ତି ତାଙ୍କର ହୋଇଯାଏ। ଯେଉଁମାନେ କ୍ଷୁଦ୍ର ଚାଷୀ ସେମାନେ ନାମମାତ୍ର। ନାମମାତ୍ର ଚାଷୀ କୃଷି ଶ୍ରମିକ ହୋଇଗଲେ। କେତେକ କୃଷି ଶ୍ରମିକ ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଓ ଯେଉଁମାନେ ରାଜ୍ୟ ଭିତରେ ରହିଲେ ସେମାନେ ନିର୍ମାଣ ଶ୍ରମିକ ଅଥବା କଳକାରଖାନାଗୁଡ଼ିକର ସାଧାରଣ ଶ୍ରମିକ ଭାବେ କାମ କଲେ। ଏହିମାନେ ଗରିବ ଶ୍ରେଣୀଭୁକ୍ତ ହୋଇଥିବାରୁ ଖରା, ବର୍ଷା, ଶୀତ, କାକର ସହ୍ୟ କରି ମାଲିକ ଅବା କୃଷିକ୍ଷେତ୍ରରେ ଦିନ ତମାମ ଖଟିଆନ୍ତି।

ଉତ୍ତାପ ଆଗକୁ ଆହୁରି ବଢ଼ିବ ବୋଲି ପରିବେଶବିତ୍‌ମାନେ ସତର୍କବାଣୀ ଦେଲେଣି। ପରିବେଶ ସୁରକ୍ଷା ପାଇଁ ବିଶ୍ୱସ୍ତରରେ ନାନା ବୈଠକ ବସି ଏହାର ସୁଧାର ପାଇଁ ବିଭିନ୍ନ ନିୟମ ଲାଗୁ ହେଲେ ମଧ୍ୟ ବିକଶିତ ତଥା ବିକାଶଶୀଳ ଦେଶଗୁଡ଼ିକ ଏହାକୁ ନ ମାନିବାରୁ ପୃଥିବୀର ତାପମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇଚାଲିଛି। ଅନ୍ୟ ପକ୍ଷରେ ଦାରିଦ୍ର୍ୟ ମଧ୍ୟରେ ବାସ କରୁଥିବା ଲୋକମାନେ ଶରୀରକୁ ଥଣ୍ଡା ରଖିବା ପାଇଁ ଆବଶ୍ୟକ ଉପକରଣ କିମ୍ବା ନିରନ୍ତର ବିଜୁଳି ଯୋଗାଣର ସୁବିଧା ପାଉନାହାନ୍ତି। ବିଶ୍ୱର ୭୬ଟି ଦେଶରେ କୁଲିଂ ସୁବିଧା ପାଇବା ପାଇଁ ଅସୁବିଧା ରହିଛି। ବିଶ୍ୱର ୧୨୦ କୋଟି ଲୋକଙ୍କ ପାଖରେ କୁଲିଂ ସୁବିଧା ଉପଲବ୍ଧ ହେଉ ନ ଥିବାରୁ ଗରିବମାନେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ଏହାର ମୁଖ୍ୟ କାରଣ ଦାରିଦ୍ର୍ୟ ତାଙ୍କ ପିଛା ଛାଡୁନାହିଁ। ବର୍ତ୍ତମାନର ଧାରା ଜାରି ରହିଲେ ଚଳିତ ଦଶନ୍ଧି ଶେଷ ବେଳକୁ ଆହୁରି ଅଧିକ ଲୋକ ଅସୁବିଧାରେ ରହିଥିବେ। ବିଜ୍ଞାନୀମାନେ ୧୦ ବର୍ଷରେ ଯେତିକି ଉତ୍ତାପ ବଢ଼ିବ ବୋଲି ଆକଳନ କରୁଛନ୍ତି, ତାହା ୫ ବର୍ଷ ପୂର୍ବରୁ ଘଟିଯାଇଛି। କୋଇଲା ସଙ୍କଟକୁ ବିଜୁଳି କାଟ ଆହୁରି ସମସ୍ୟା ସୃଷ୍ଟି କରିବ। ପରନ୍ତୁ ସମସ୍ତଙ୍କୁ ବିଜୁଳି ସୁବିଧା ଯୋଗାଇ ଦେବା ଓ ଦାରିଦ୍ର୍ୟ ହ୍ରାସ ପାଇଲେ ଜୀବନ ପ୍ରତି ବିପଦ ଥିବା ଲୋକଙ୍କ ସଂଖ୍ୟା ୩୬% ବା ୪୫ କୋଟି ଅଧିକ ହ୍ରାସ ପାଇବ।

ଗ୍ରାମାଞ୍ଚଳରେ ରହିଥିବା କୃଷକ ଭାଇମାନେ ଅଧିକରୁ ଅଧିକ ଗରିବ ହେବାରେ ଲାଗିଛନ୍ତି। ଭାରତର ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକେ ସମୁଦାୟ ଲୋକସଂଖ୍ୟାର ୩୬% ଗରିବ ଶ୍ରେଣୀର। ଯଦିଓ ଏମାନଙ୍କ ନିକଟରେ ୧୦୦ ପ୍ରତିଶତ ବିଜୁଳି ଉପଲବ୍ଧ ଅଛି। ଏମାନେ ତାହା ବିନିଯୋଗ କରିପାରୁ ନାହାନ୍ତି ଏବଂ ଏମାନଙ୍କ ନିକଟରେ ଶୀତଳ ଉତ୍ପାଦନକାରୀ ଉପକରଣ ନାହିଁ। ଭାରତର ୧୪୦ କୋଟି ଲୋକଙ୍କର ମାତ୍ର ୧୬.୨ କୋଟିର ରେଫ୍ରିଜରେଟର ରହିଛି। ସମଗ୍ର ବିଶ୍ୱରେ ୨୦୨୧ ସୁଦ୍ଧା ୯୬ କୋଟି ଏ.ସି. ରହିଥିଲା। ଭାରତରେ କେବଳ ମଧ୍ୟବିତ୍ତ ଓ ଧନୀକ ଶ୍ରେଣୀର ଲୋକେ ଏ.ସି. ବ୍ୟବହାର କରିଥା'ନ୍ତି। ଭାରତରେ ଅତ୍ୟଧିକ ଉତ୍ତାପ ବର୍ଷରେ ଛଅ ସାତ ମାସ ଗରମର ପ୍ରାଦୁର୍ଭାବ ପରିଲକ୍ଷିତ ହେଉଥିବାରୁ ଏହି ଗରିବ, କୃଷକ, ଶ୍ରମିକଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଉଛି। ଯାହା ପ୍ରାକୃତିକ ବିପର୍ଯ୍ୟୟ ଗରିବମାନଙ୍କୁ ବହୁ ପରିମାଣରେ କ୍ଷତିଗ୍ରସ୍ତ କରାଏ। ଏମାନଙ୍କ ଦୁଃଖର ଅନ୍ତ ନାହିଁ। କାରଣ କିଛି ପରିବର୍ତ୍ତନ କରିବାକୁ ହେଲେ ଗରିବଙ୍କର ସାହସ ନାହିଁ, ମଧ୍ୟବିତ୍ତଙ୍କ ସମୟ ନାହିଁ, ବଡ଼ ଲୋକଙ୍କର ଆଗ୍ରହ ନାହିଁ, ତେବେ ପ୍ରାକୃତିକ ବିପର୍ଯ୍ୟୟରୁ ଗରିବମାନେ ବଞ୍ଚିବେ କିପରି ? ଅତ୍ୟଧିକ ଗାଡ଼ି ମୋଟର ଉତ୍ତାପ ବୃଦ୍ଧିର ପ୍ରଧାନ କାରଣ। ଏହି ଗରିବ ଶ୍ରେଣୀ ଯେଉଁମାନଙ୍କ ସଂଖ୍ୟା ସର୍ବାଧିକ, ଯେଉଁମାନେ ଦିନରାତି ଏକକରି ଦେଶର ଉନ୍ନତିରେ ମୁଖ୍ୟ ଭାଗୀଦାର ସାଜିଥାନ୍ତି ସେମାନେ ଅକାଳରେ ଝଡ଼ିପଡୁଛନ୍ତି।

**ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ: ୯୮୬୧୦୪୮୦୫୨**

## ଏଇ ଭାରତରେ

ଶିକ୍ଷା କହିଲେ ଦଶମ ପାସ୍, କିନ୍ତୁ ନୂତନତ୍ୱର ନିଶା ଏକ ନୂଆ ପରିଚୟ ଦେଇଛି ଗୋଆର ବିପିନ କଦମଙ୍କୁ। ବିପିନଙ୍କ ବୟସ ଏବେ ୪୪। ସେ ଗୋଆର ଏକ ମାନୁଫାକଚରିଂ କମ୍ପାନୀରେ କାମ କରନ୍ତି। ସେ ତାଙ୍କ ଦିବ୍ୟାଙ୍ଗ କନ୍ୟାଙ୍କ ପାଇଁ ଏକ ରୋବୋ ନିର୍ମାଣ କରିଛନ୍ତି। ଏହାର ନାମ ରଖିଛନ୍ତି 'ମା' ରୋବୋ'। ଏହାକୁ ନିର୍ମାଣ କରିବା ଲାଗି ତାଙ୍କୁ ୩ ବର୍ଷ ଲାଗିଯାଇଛି। ଏଥିରେ ସେ ମୋଟ୍ ୧୨ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି । ଏହି ରୋବୋକୁ ସଙ୍କେତ ପ୍ରଦାନ କଲେ ତାହା ତାଙ୍କ ଦିବ୍ୟାଙ୍ଗ କନ୍ୟାକୁ ଖୁଆଇ ଦେଉଛି। ସେ ଇଣ୍ଟରନେଟ୍‌ରୁ ଜ୍ଞାନକୌଶଳ ହାସଲ କରି ଉକ୍ତ ରୋବୋ ନିର୍ମାଣ କାର୍ଯ୍ୟ ୨୦୧୯ରେ ଆରମ୍ଭ କରିଥିଲେ ଓ ତାହା ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ତିନି ବର୍ଷ ଲାଗିଯାଇଛି। ସେ କମ୍ପାନୀରେ ୧୨ ଘଣ୍ଟା ଡ୍ୟୁଟି କରିବା ପରେ ଘରେ ଆସି ଏହାକୁ ନିର୍ମାଣ କରନ୍ତି। ତେବେ ଏହି ସଫଳତା ପରେ ବିପିନ ଆଗକୁ ଦିବ୍ୟାଙ୍ଗମାନଙ୍କ ଲାଗି ଏ ପ୍ରକାରର ରୋବୋ ନିର୍ମାଣ କରିବାକୁ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ନଭେମ୍ବର ୧୯୯୭

- ଶ୍ରୀଲଙ୍କାର ପୂର୍ବ ଉପକୂଳରେ ତାମିଲ ଗେରିଲାଙ୍କ ପାଇଁ ଯୁଦ୍ଧାସ୍ତ୍ର ଆଦି ଖଲାସ କରୁଥିବା ବେଳେ ନୌବାହିନୀ ଓ ବିମାନ ବାହିନୀର ସୈନ୍ୟଙ୍କ ସହ ସଂଘର୍ଷ ଘଟି ୪୨ ଗେରିଲା ନିହତ।
- ରାଜସ୍ଥାନର ପୂର୍ବତନ ମନ୍ତ୍ରୀ ତଥା ପ୍ରମୁଖ କଂଗ୍ରେସ ନେତ୍ରୀ ଭଗବତୀ ଦେବୀଙ୍କ ୭୧ ବର୍ଷ ବୟସରେ ପରଲୋକ।
- ଉତ୍ତର ପ୍ରଦେଶର କଲ୍ୟାଣ ସିଂ ସରକାରକୁ ଆସ୍ଥାଭୋଟ ବେଳେ ସମର୍ଥନ ଯୋଗାଇଥିବା ରାଜ୍ୟ କଂଗ୍ରେସର ୨୨ ଜଣ ବିଦ୍ରୋହୀ ବିଧାୟକ କଂଗ୍ରେସ ବହିଷ୍କୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | | | |
| | | | 4 | | 5 | 1 | | |
| | | | | | 1 | 7 | 6 | |
| | | 7 | | | | | | |
| | | | 5 | 1 | 7 | | | |
| | | | 3 | 2 | | 6 | | |
| 1 | | 4 | | 7 | | 8 | | |
| 7 | | | | 9 | | | | 2 |
| | 2 | 9 | | | 8 | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁରେ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 1 | 4 | 7 | 2 | 5 | 8 |
| 4 | 2 | 7 | 8 | 6 | 5 | 1 | 9 | 3 |
| 5 | 1 | 8 | 2 | 9 | 3 | 7 | 4 | 6 |
| 8 | 4 | 5 | 3 | 1 | 6 | 9 | 7 | 2 |
| 9 | 6 | 2 | 7 | 8 | 4 | 5 | 3 | 1 |
| 3 | 7 | 1 | 5 | 2 | 9 | 6 | 8 | 4 |
| 1 | 9 | 3 | 4 | 5 | 2 | 8 | 6 | 7 |
| 7 | 8 | 6 | 9 | 3 | 1 | 4 | 2 | 5 |
| 2 | 5 | 4 | 6 | 7 | 8 | 3 | 1 | 9 |

ଗତକାଲିର ଉତ୍ତର

# ଛାତିରେ ହାତରଖି କହିପାରିବା ତ



ଉପେନ୍ଦ୍ର ବିଶ୍ୱାଳ

''ମୋ ରାଜ୍ୟରେ ଏମିତି କେତେଜଣ ଓଏଏସ୍ ଅଫିସର ଅଛନ୍ତି, ଯେଉଁମାନେ ଛାତିରେ ହାତରଖି କହିପାରିବେ ସଚ୍ଚୋଟ ବୋଲି'' - ବିଜୁ ପଟ୍ଟନାୟକ। ଘଟଣାଟି ଥିଲା ୧୯୯୦-୯୧ରେ। ବାଲେଶ୍ୱରରେ ଅନୁଷ୍ଠିତ ହେଉଥିଲା ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କର ବାର୍ଷିକ ଅଧିବେଶନ। ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏମିତି ଏକ ଆତ୍ମିକ ଆବେଦନ ବାଢ଼ିଥିଲେ ସେଦିନ। ଗଣତନ୍ତ୍ରର ଚାରିସ୍ତମ୍ଭ ଭିତରୁ କାର୍ଯ୍ୟପାଳିକା ହେଉଛି ବଳିଷ୍ଠ ସ୍ତମ୍ଭ। ପୁଣି ସେହି କାର୍ଯ୍ୟପାଳିକାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛନ୍ତି ରାଜ୍ୟ ପ୍ରଶାସନିକ ସେବା ଅଧିକାରୀମାନେ। ଏମାନଙ୍କ ଉପରେ ନ୍ୟସ୍ତ ଗୁରୁଦାୟିତ୍ୱ ଗାଁରୁ ଗୁରୁଗାଁଓ ପର୍ଯ୍ୟନ୍ତ ଅର୍ଥାତ୍ ବ୍ଲକ, ତହସିଲ,ଏନ୍‌ଏସି, ମ୍ୟୁନିସିପାଲିଟି, ଟ୍ରେଜେରି, ରେଜିଷ୍ଟ୍ରି ଅଫିସ ଆଦି କୁହାଯାଏ, 'ଗାଁ ହସିଲେ ଦେଶ ହସିବ'। ଆମ ଗାଆଁଗୁଡିକ ହସିବେ ସେତେବେଳେ, ଯେତେବେଳେ ସ୍ଥାନୀୟ ପ୍ରଶାସନ ଗାଁମୁହାଁ ହେବେ ଓ ଲୋକକଲ୍ୟାଣରେ ବ୍ରତୀ ରହିବେ। ଆହୁରି ବି ଦେଶର ଆତ୍ମା ଗାଁରେ ନିହିତ। ପୁଣି ଗାଁର ଅତି ସାଧାରଣ ମଣିଷଟିଏ ଅଭାବ, ଅସୁବିଧା, ଅଭିଯୋଗ ନେଇ ପହଞ୍ଚିବ ନାହିଁ ଜିଲା ପ୍ରଶାସନ ନିକଟରେ, ଯାହାକି ଅନେକଙ୍କ ପାଇଁ ଅପହଞ୍ଚ। ଏମାନଙ୍କ ପାଇଁ ଆଶାର ଆକାଶ, ଆଶ୍ୱାସନାର ଆଡ଼ପମଣ୍ଡପ ହେଉଛି ବ୍ଲକ, ତହସିଲ, ଥାନା। କିନ୍ତୁ ଏହି ସେବାକେନ୍ଦ୍ରଗୁଡ଼ିକ ଖୁବ୍ ଅପଖ୍ୟାତ ଆଜି ଦୁର୍ନୀତିର ଗନ୍ତାଘର ଭାବେ। ଏହି କେନ୍ଦ୍ରଗୁଡ଼ିକ ଜନତାଙ୍କ ପ୍ରତି ଯେତେ ଯତ୍ନଶୀଳ ହେବେ, ଲୋକଙ୍କ ସେତେ ମଙ୍ଗଳ ହେବ। ଏଣୁ ଦାୟିତ୍ୱରେ ରହୁଥିବା ଅଧିକାରୀମାନଙ୍କ ନିଷ୍ଠା, ଅଙ୍ଗୀକାରବଦ୍ଧତା, କର୍ତ୍ତବ୍ୟବୋଧ, ସାଧୁପଣ ଉପରେ ନିର୍ଭରକରେ ସମ୍ପୃକ୍ତ ଅଞ୍ଚଳର ବିକାଶ। ଏଥିସହିତ ଗାଁ ଓ ବସ୍ତିଲୋକଙ୍କ ଓଠର ହସ ବି ନିର୍ଭର କରେ ଏହି ଅଧିକାରୀମାନଙ୍କ ଉପରେ। ଏଣୁ ଦେଶର ବିକାଶରେ ଏମାନଙ୍କ ଭୂମିକା ବହୁତ ବେଶି। ଏମାନେ ଯଦି ଜଣେ ଜଣେ ଚୌକିଦାର ସାଜି ନିଷ୍ଠାର ସହିତ ଦାୟିତ୍ୱ ନିର୍ବାହ କରିବେ, ଦେଶର ଦ୍ରୁତ ବିକାଶ ସହିତ ଭ୍ରଷ୍ଟାଚାରର ବିଭିନ୍ନ ବାଟ ବି ବନ୍ଦ ହୋଇଯିବ। ଦେଶରୁ ପ୍ରାୟ ୭୦-୭୫ ଭାଗ ଦୁର୍ନୀତି ଆପଣାଛାଏଁ ହଟିଯିବ। ଦୁର୍ନୀତିକୁ ଦୂରେଇ ଦେଇପାରିଲେ ତ ବର୍ଷ କେଇଟାରେ ଭାରତ ବନିଯିବ ବିଶ୍ୱର ଶୀର୍ଷ ସମୃଦ୍ଧ ଦେଶ। ସେଇଥିପାଇଁ ତ ବିଜୁବାବୁ ସେଦିନ 'ଓଏଏସ୍' ଅଫିସରଙ୍କୁ ଆହ୍ୱାନ ଦେଇଥିଲେ ସଚ୍ଚୋଟ ହୋଇ ଜନସେବାରେ ବ୍ରତୀ ହେବାକୁ।

ସଦ୍ୟତମ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି ଅକ୍ଟୋବର ୨୦୨୨ରେ। ଏହାସହିତ ବି ଗଣମାଧ୍ୟମରେ ପ୍ରକାଶ ପାଇଲା କୃତୀ ପରୀକ୍ଷାର୍ଥୀମାନଙ୍କର ସଫଳତାର ରହସ୍ୟ ଏବଂ ରାଜ୍ୟପାଇଁ ଦେଖିଥିବା ସ୍ୱପ୍ନସବୁ। ମନୋନୀତ ହୋଇଥିବା ଆଗାମୀକାଲିର ସମସ୍ତ ବିଡିଓ, ତହସିଲଦାରମାନଙ୍କର ମହତ୍ ପ୍ରତିକ୍ରିୟା ବି ଥିଲା ପ୍ରାୟ ଏକପ୍ରକାର- ''ନିଷ୍ଠା ଓ ସଚ୍ଚୋଟତାର ସହିତ ଲୋକଙ୍କ ସେବା କରିବା।'' ଆସନ୍ତାକାଲି କାର୍ଯ୍ୟରେ ଯେବେ ଯୋଗଦେବେ, ସେତେବେଳେ ପ୍ରଦତ୍ତ ସଂକଳ୍ପପତ୍ରରେ ବି ସେଇକଥା ଦୋହରାଇବେ, ''ରାଜ୍ୟବାସୀଙ୍କ ସେବାପାଇଁ ଅତ୍ୟନ୍ତ ନିଷ୍ଠାର ସହିତ ମୁଁ ମୋର କର୍ତ୍ତବ୍ୟ ସମ୍ପାଦନ କରିବି ଏବଂ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବି। ନିଜେ ସ୍ୱଚ୍ଛ ରହି ମୋ ଚତୁଃପାର୍ଶ୍ୱକୁ ବି ସ୍ୱଚ୍ଛ ରଖିବାକୁ ସାଧ୍ୟମତେ ଚେଷ୍ଟାକରିବି...।'' ଏମିତି ପ୍ରଚଳିତ ସେହି ଧାରାଟିଏ, ଯାହା ଆଜି ବି ବଳବତ୍ତର ଚିରାଚରିତ ଢଙ୍ଗରେ। କିନ୍ତୁ ପରିଣତିରେ ? ପ୍ରତିମାସରେ ଗଣ୍ଡାଗଣ୍ଡା ବିଡିଓ, ତହସିଲଦାର ଓ ସେମାନଙ୍କ ଅଧସ୍ତନ କର୍ମଚାରୀମାନେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଉଥିବା ଦୃଶ୍ୟ ଦେଖିବାକୁ ମିଳେ। ପ୍ରଶ୍ନ ଉଠେ, କୁଆଡ଼େ ଯାଏ ସେଦିନର ସେ ସଂକଳ୍ପ, ଅଙ୍ଗିକାରବଦ୍ଧତା ? କେଇଟା ଅର୍ଥ ଓ ସାମାନ୍ୟ ସ୍ୱାର୍ଥ ପାଇଁ ତହସିଲଦାର ରାମଚନ୍ଦ୍ରମାନେ କ'ଣ ଏତେ ତଳକୁ ଖସିଯାଇପାରନ୍ତି ? ପଇସା-ପଦବୀ ପାଇଲା ପରେ ବ୍ୟକ୍ତି ଭୁଲିଯାଏ ଅତୀତକୁ। ଚାକିରିଟିଏ ପାଇଁ ଦିନେ କି ସଂଘର୍ଷ କରୁନଥିଲା ! ସଂଘର୍ଷ ପରେ ପରେ ସଭିଏଁ ସାଉଁଟନ୍ତି ସଫଳତା ଏବଂ ସାଉଁଟି ବସନ୍ତି ପୁଳାପୁଳା ପ୍ରଶସ୍ତି। ସମାଜ ବି ଅଜାଡ଼ିଦିଏ ସ୍ନେହ-ସଦିଚ୍ଛା-ଶୁଭାଶିଷ। ଆଜି ମନୋନୀତ ହୋଇଥିବା ୩୯୨ ଜଣ ଓଏଏସ୍, ଭବିଷ୍ୟତରେ ତାଙ୍କର ସେଇ 'ପଣ'କୁ ପାଳନ କରିବେ ତ ? ଆଜି ଦେଇଥିବା 'ପ୍ରତିଶ୍ରୁତି' ପୂରଣ କରିବେ ତ ? ଚାକିରିରୁ ଅବସର ନେଲାବେଳେ ଗର୍ବର ସହିତ ଛାତିରେ ହାତରଖି କହିପାରିବେ କି ''ମୁଁ ନୁହେଁ ଲାଞ୍ଚୁଆ। ମୁଁ ସଚ୍ଚୋଟ, ମୁଁ ସତ୍ୟନିଷ୍ଠ'', ଠିକ୍ ଶରତ କୁମାର ମହାପାତ୍ରଙ୍କ ପରି।'' ନୀଳଗିରିରେ ପ୍ରଥମେ ତହସିଲଦାର ଓ ପରେ ଉପଜିଲାପାଳ ଥିଲେ ଅତ୍ୟନ୍ତ ସରଳ, ସଚ୍ଚୋଟ ଓ ନମ୍ର ମଣିଷ ଶରତ ମହାପାତ୍ର। ଏହି ଅଧିକାରୀଙ୍କୁ ଅତିନିକଟରୁ ମୁଁ ଦେଖିଛି। ବ୍ୟକ୍ତିଗତ କାମରେ କଦାପି ସରକାରୀ ଗାଡ଼ି ବ୍ୟବହାର କରନ୍ତି ନାହିଁ। ଖବରକାଗଜରେ ପ୍ରକାଶିତ ବିଜୁବାବୁଙ୍କ ସେହି ବାଞ୍ଛିତ ବାକ୍ୟଟି ଟେବୁଲର କାଚତଳୁ ତାଙ୍କ ସାଧୁତାକୁ ସର୍ବଦା ଉଜାଗର କରି ରଖୁଥିଲା। ଏତେ ନୀତିନିଷ୍ଠ ଓ ନୈତିକପ୍ରାଣ ଥିଲେ ଯେ, ଏକମାତ୍ର ପୁଅକୁ ମଧ୍ୟ କ୍ଷମା କରିନଥିଲେ। ଅନିଚ୍ଛାକୃତ ଏକ ଆକସ୍ମିକ ଅଘଟଣ ପାଇଁ ପୁଅ ବିରୋଧରେ ନିଜେ ଏତଲା ଦେଇ ଗିରଫ କରାଇଥିଲେ ଏବଂ ପୁଅର ଜାମିନ ପାଇଁ କେବେବି ପ୍ରୟାସ କରିନାହାନ୍ତି। ଯାହାଫଳରେ ୧୭ ବର୍ଷରୁ ଊର୍ଦ୍ଧ୍ୱକାଳ ହେଲାଣି ପୁଅଟି ଅଦ୍ୟାବଧି ଜେଲରେ ଥିବାର ଜଣାଯାଏ। ଆଜିର କଳୁଷିତ ବାତାବରଣରେ ଭ୍ରଷ୍ଟ ନେତା ମନ୍ତ୍ରୀ ଓ ଉପରିସ୍ଥ ଅଧିକାରୀଙ୍କ ଗହଣରେ ସଚ୍ଚୋଟ ରହି କାମ କରିବା ଯେ କେତେ ଯନ୍ତ୍ରଣାଦାୟକ, ତାହା କେବଳ ଭୁକ୍ତଭୋଗି ହିଁ ଜାଣେ। ତଥାପି ସତ୍ୟକୁ ସାଥୀ କରି କଣ୍ଟାରେ ଚାଲିବାରେ ମଧ୍ୟ ନିଆରା ଆନନ୍ଦ ଅଛି, ଗୌରବବୋଧ ବି ଅଛି। ରୁଗ୍ଣ ମାନସିକତାର କେତେଜଣ ଲାଞ୍ଚୁଆଙ୍କ ପାଇଁ 'ଓଏଏସ୍' ବର୍ଗ ଆଜି ଅପଖ୍ୟାତ ହୋଇଥିଲେ ବି ଅନ୍ଧାର ରାତିର ଚନ୍ଦ୍ର ସମ ଏମିତି ଅନେକ କାର୍ଯ୍ୟରତ ସତ୍ୟନିଷ୍ଠ ଓଏଏସ୍ ଅଧିକାରୀ ଅଛନ୍ତି, ଯେଉଁମାନେ ଆମ ସମସ୍ତଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ। ସୀମିତ ପରିସରରେ ସଭିଙ୍କ ନାମ ଏଠାରେ ଉଲ୍ଲେଖ କରିବା ସମ୍ଭବ ନୁହେଁ। ଜ୍ୟେଷ୍ଠର ଯନ୍ତ୍ରଣା ବଦଳରେ କଅଁଳ ଖରାର ମୁରୁଜ ପାଲଟିଗଲେ, ପ୍ରଶସ୍ତିରେ ପରିବ୍ୟାପ୍ତ ହେବ 'ଓଏଏସ୍'ବର୍ଗଙ୍କ ପୃଥିବୀ। ଅତଏବ ହେ ସେବକବର୍ଗ, ଆସନ୍ତୁ ଲେଖିବା ସତ୍ୟର ସରଳାର୍ଥ, ପଢ଼ିବା 'ପଣ ଓ ପ୍ରତିଶ୍ରୁତି'ର ପଦ୍ୟାବଳୀ। ଗାଇବା ମଙ୍ଗଳର ମନ୍ତ୍ର ଏବଂ ରଚିବା କୀର୍ତ୍ତିର କୋଣାର୍କ।



**ମୋ: ୯୪୩୭୪୩୬୦୭୩**
unbiswal05@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାମ୍ୟ ଜୀବନର ଦୁଃଖଦ ଚିତ୍ର

ମହାଶୟ,

ସମୟର ଗତିପଥରେ ଆଜିର ଗ୍ରାମ୍ୟ ଜୀବନ ଏକ ନିଃସଙ୍ଗ ଉପତ୍ୟକାରେ ରୂପାନ୍ତରିତ। ଆଧ୍ୟାତ୍ମିକ କ୍ଷେତ୍ରରୁ ଆରମ୍ଭ କରି ସାମାଜିକ, ଅର୍ଥନୈତିକ, ରାଜନୈତିକ ସର୍ବୋପରି ନୈତିକ ସ୍ଖଳନ ସର୍ବତ୍ର ଆପଣାର କାୟାବିସ୍ତାର କରିଛି। ଗ୍ରାମର ଉତ୍ସବମୁଖର ପରିବେଶ ନାହିଁ ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର। ରାଜନୀତି ଆଜି ସ୍ୱାର୍ଥାନ୍ୱେଷୀ ମୁଷ୍ଟିମେୟ ଲୋକଙ୍କ ହାତରେ ବନ୍ଧାପଡ଼ିଛି। ଯୁବଶ୍ରେଣୀକୁ ଏହା ଦିଗଭ୍ରଷ୍ଟ କରିଛି। ଯେନତେନ ପ୍ରକାରେଣ ଉଚ୍ଚଶିକ୍ଷା ଲାଭ କରିଥିବା ଏପରି କିଛି ଯୁବଗୋଷ୍ଠୀଙ୍କ ପକ୍ଷେ ବିଲରେ ଲଙ୍ଗଳ କଣ୍ଢି ଧରିବା ଆଉ ସମ୍ଭବ ହେଉନାହିଁ। ଅନ୍ୟପଟରେ ଅର୍ଥ ରୋଜଗାରର ସମସ୍ତ ରାସ୍ତା ବନ୍ଦ । ଏହାହିଁ ସରଳ ଗ୍ରାମ୍ୟ ଜୀବନର ଦୁଃଖଦ ପରିଣତି। ଆଜି ଗ୍ରାମ୍ୟ ରାଜନୀତିରେ ଯେଉଁ ବିଷମଞ୍ଜି ବୁଣା ହୋଇଛି ; ତାହା ଭାଇକୁ ଭାଇ ସାମ୍ନାରେ ଶତ୍ରୁ କରି ଠିଆକରାଇଛି। ଯୋଜନା ନାଁରେ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟକ୍ତିଗତ ଲକ୍ଷ୍ୟସିଦ୍ଧି ନିମନ୍ତେ ବିନିଯୋଗ ହେଉଛି। ଏପରିକି କଣ୍ଟ୍ରୋଲ ଦୋକାନରେ ମଧ୍ୟ ଜିନିଷ ପାଇବା ସାଧାରଣ ଲୋକଙ୍କ ପାଇଁ ମୁସ୍କିଲ । ପରିଶେଷରେ କେବଳ ଏତିକି କହିବି ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି ; ଯେଉଁ ମୁହୂର୍ତ୍ତକ ପାଇଁ ସେ ସମ୍ପର୍କର ପୃଥିବୀ କଥା ଚିନ୍ତା କରେ ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ। ଆପଣା ମାଟି, ପାଣି, ପବନ, ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ।

**-ଡ. ମନୋରଞ୍ଜନ ବିଷୋୟୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କର ପରକାଶ ଜୀବନେ ତୋର
ସହଜ ଆଶା
ଶଇଶବ କାଳୁଁ ଶିଖିଛୁ ଯେଉଁ
ସହଜ ଭାଷା।

-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପର୍ସ, ଟଙ୍କା ପାଇ ଫେରାଇଲେ ୨ ଯୁବକ

ଆଲି,୨।୧୧(ଡି.ଏନ୍.ଏ.): ଦିନକୁ ଦିନ ମଣିଷ ପଣିଆ ହଜି ଯାଉଥିବା ବେଳେ ୨ ଯୁବକ ରାସ୍ତାରୁ ପାଇଥିବା ପର୍ସ ଓ ଟଙ୍କା ପ୍ରକୃତ ମାଲିକଙ୍କୁ ଫେରାଇ ମାନବିକତାର ପରିଚୟ ଦେଇଛନ୍ତି। ଆଲି ଥାନା ବଡାମ୍ବିଳା ପଞ୍ଚାୟତ ମୃଗନୟନୀ ଗ୍ରାମର ସୁରେଶ ଦାସ(ପହଲି) ଓ ତାଙ୍କ ବନ୍ଧୁ ନେମାଳର ପାଳଦା ଗ୍ରାମର ଅଜିତ ଦାସ ପଟ୍ଟାମୁଣ୍ଡାଇରୁ ଘରକୁ ଫେରୁଥିଲେ। କଟକ ଚାନ୍ଦବାଲି ରାସ୍ତାର ସିଙ୍ଗିରି ବଜାରରେ ଏକ ମନିପର୍ସ ପାଇଥିଲେ। ସେଥିରେ ୪ଟି ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ କାଗଜ ପତ୍ର ସହ ୨୪୦୦ ଟଙ୍କା ଥିଲା। ସେମାନେ ଏ ସମ୍ପର୍କରେ ବିଭିନ୍ନ ଲୋକଙ୍କୁ ଜଣାଇବା ପରେ ସେହି ମନି ପର୍ସଟି ରାଇସାରପୁର ଗ୍ରାମର ଅଭିଷେକ ରାଉତଙ୍କର ବୋଲି ଜଣାପଡିଥିଲା। ଅଭିଷେକ ଖବର ପାଇ ମୃଗନୟନୀସ୍ଥିତ ବାସଭବନ ନିକଟରେ ପହଞ୍ଚିବା ପରେ ସୁରେଶ ତାଙ୍କୁ ତାଙ୍କର ମନିପର୍ସ ସହ ସମସ୍ତ ସାମଗ୍ରୀ ଓ ଟଙ୍କା ଫେରାଇ ଥିଲେ। ଯୁବକଦ୍ୱୟଙ୍କ ଏହି ଗୁଣକୁ ସମସ୍ତେ ପ୍ରଶଂସା କରିଛନ୍ତି।

# ଧାନ ଜମି ଶୁଖିଲା: ସେଣାରେ ପାଣି ମଡ଼ାଇଲେ ଚାଷୀ

ମହାକାଳପଡ଼ା, ୨।୧୧(ଡି.ଏନ.ଏ.)


ଚାଷୀ ଧାନ କ୍ଷେତକୁ ସେଣାରେ ପାଣି ମଡ଼ାଉଛନ୍ତି।

### କ୍ଷେତରେ ଧାନ ଥୋଡ, ପାଣି ଅଭାବରୁ ଅମଳ କମିବା ଆଶଙ୍କା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଧାନ କ୍ଷେତରେ ପାଣି ନାହିଁ। ଫଳରେ ଥୋଡ ଧାନ ବା ଫୁଲ ବାହାରିବା ସମୟରେ ଗଛ ମୂଳରେ ପାଣି ନ ଥିବାରୁ ଭଲ ଅମଳ ହେବନାହିଁ ବୋଲି ଚାଷୀ କହିଛନ୍ତି। ଫଳରେ ଶୁଖିଲା ଧାନ କ୍ଷେତକୁ ବହୁ ସ୍ଥାନରେ ଚାଷୀମାନେ ପାଣି ପମ୍ପ, ସେଣାରେ ନିକଟ ଖାଲ ଓ ଗହୀର ପାଟରେ ଗଚ୍ଛିତ ଥିବା ପାଣି ଜମିକୁ ମଡାଉଥିବା ଦେଖିବାକୁ ମିଳିଛି। ଉପରମୁଣ୍ଡରୁ କେନାଲ ଜଳ ଆସିବା ବିଳମ୍ବ ହେଉଛି। ଏଥିଯୋଗୁ ବ୍ଲକର ମୁଖ୍ୟ ଜମ୍ବୁ-ମାର୍ଶାଘାଇ କେନାଲରେ ପାଣି ଅଭାବ ରହିବା ଓ କଟକି ଦଳ ଭର୍ତ୍ତି ହେବା ଯୋଗୁ ଜଳସେଚନ ବାଧାପ୍ରାପ୍ତ ହେଉଛି ବୋଲି ଚାଷୀମାନେ କହିଛନ୍ତି।

ବ୍ଲକର ୨୮ ହଜାର ହେକ୍ଟରରୁ ଅଧିକ ଚାଷ ଜମି ରହିଛି। ସେଥିମଧ୍ୟରୁ ୭,୫୦୦ ହେକ୍ଟର ଜମିରେ ଜଳ ସେଚନ ସୁବିଧା ରହିଥିଲେ ମଧ୍ୟ କେନାଲ ଜଳ ଆସିବା ପରେ ଜମିର ଶେଷ ପର୍ଯ୍ୟନ୍ତ ପହଞ୍ଚି ପାରୁନି ବୋଲି ଚାଷୀମାନେ କହିଛନ୍ତି। ବ୍ଲକର ଅନେକ ଅଞ୍ଚଳରେ ଅଣ ଜଳସେଚିତ ଜମିରେ କେନାଲ ଜଳ ପ୍ରବେଶ ସୁବିଧା ନାହିଁ। ଫଳରେ ଚାଷୀମାନେ ବାଧ୍ୟ ହୋଇ ଜମିରେ ବିଭିନ୍ନ ଉପାୟ ଅବଲମ୍ବନ କରି ପାଣି ମଡାଉଛନ୍ତି। ବ୍ଲକର ତେରଗାଁ, ରୋମିତ, ଟିକର ପଙ୍ଗା, ଖୁରୁଣିଆ, ପାଟଳୀପଙ୍କ, ତିଖିରି, ଯଦୁପୁର, ରାଜଗଡ, ଅଳାଇଲୋ, ବିଜୟନଗର, ବଡିଡ଼ି, କେବୀଦାଣ୍ଡିଆ, ସୁନିତି, ଗୋଗୁଆ, ନାଞ୍ଜୁରା, ଜମ୍ବୁ, ଦେଉଳପଡ଼ା, ମଙ୍ଗଳପୁର, ବରକନ୍ଧା, ପେଟଛେଲା ଆଦି ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରେ କେନାଲ ଜଳ ସେଚନ ସୁବିଧା ନାହିଁ। ଫଳରେ ଚଳିତବର୍ଷ ଖରିଫ୍ ଧାନ ଫସଲ ଉତ୍ପାଦନ ପ୍ରଭାବିତ ହେବ ବୋଲି ହରି ଗୋଚ୍ଛାୟତ, ଦୀନବନ୍ଧୁ ରାଉତ, ହରି ଦାସଙ୍କ ସମେତ ବହୁ ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବତନ ସରପଞ୍ଚ ନାଥ କୁମାର ଭୋଳ କହିବା କଥା ବହୁ ଚାଷୀ ଅଧିକ ଖର୍ଚ୍ଚାନ୍ତ ହୋଇ ହଳ, ମଜୁରୀ, ସାର, ଔଷଧ ପକାଇ ବହୁ ଅର୍ଥ ବ୍ୟୟ କରି ହାଇବ୍ରିଡ ଧାନ ଫସଲ କରିଛନ୍ତି। ଜମିରେ ଧାନ ବାହାରିବା ବେଳକୁ ପାଣି ନ ଥିବାରୁ ଫସଲ ଅମଳ କମିବ ବୋଲି ସେ କହିଛନ୍ତି। ଉପର ମୁଣ୍ଡରୁ କେନାଲ ଜଳ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ୫ଟି ରୂପାନ୍ତରଣ ବିଦ୍ୟାଳୟ ବୁଲି ଦେଖିଲେ ବିଡିଓ


ବିଡିଓ ରଶ୍ମିରେଖା ମଲ୍ଲିକ ରୂପାନ୍ତରଣ ବିଦ୍ୟାଳୟର କାର୍ଯ୍ୟ ତଦାରଖ କରୁଛନ୍ତି।

ନାଉଗାଁ, ୨।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକର ୮ଟି ୫ଟି ରୂପାନ୍ତରଣ ବିଦ୍ୟାଳୟକୁ ବୁଧବାର ବିଡିଓ ରଶ୍ମିରେଖା ମଲ୍ଲିକ ବୁଲି ଦେଖିଛନ୍ତି। ସେହିସବୁ ବିଦ୍ୟାଳୟଗୁଡିକ ହେଲା ଅଲଣାହାଟ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତିରାଜ ସରକାରୀ ଉଚ୍ଚ ବିଦ୍ୟାଳୟ ଏରେଡା, କଣ୍ଟୁଣିଆ ହାଟ ଉଚ୍ଚ ବିଦ୍ୟାଳୟ ଜାମୁଗାଁ, ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟ ନାଉଗାଁ, ଅଙ୍ଗେଶ୍ୱରପଡା ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ସ୍ମାରକୀ ଉଚ୍ଚ ବିଦ୍ୟାଳୟ ତିରୁଣା, କସ୍ତୁରବା ବାଳିକା ଉଚ୍ଚ ବିଦ୍ୟାଳୟ ଡେରିକି, ରୋହିଆ ଉଚ୍ଚ ବିଦ୍ୟାଳୟ, ରୋହିଆ। ସବୁ ବିଦ୍ୟାଳୟର ଇ-ଲାଇବ୍ରେରୀ,ରସାୟନ ବିଜ୍ଞାନଗାର, ସ୍ମାର୍ଟ କ୍ଲାସ୍ ରୁମ୍ ଆଦି ସେ ବୁଲିଥିଲେ। ଏଥିସହ ବିଦ୍ୟାଳୟର ସମସ୍ୟା ବିଷୟରେ ପ୍ରଧାନ ଶିକ୍ଷକ, ଛାତ୍ରୀଛାତ୍ର, ସହକାରୀ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ ସରିବା ପରେ ପ୍ରତ୍ୟେକ ବିଦ୍ୟାଳୟରେ ଥିବା ସମସ୍ୟାକୁ ଲିଖିତ ରିପୋର୍ଟ ଜିଲାପାଳ ପାରୋଲ ପଟୱାରୀଙ୍କୁ ଜଣାଇବେ ବୋଲି ବିଡିଓ ମଲ୍ଲିକ କହିଛନ୍ତି। ବିଡିଓଙ୍କ ସମେତ ବ୍ଲକ ଶିକ୍ଷାଧିକାରୀ ମନୋରାମା ରାଉତ, ଟିସି ପୁନମ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ଅଙ୍କିତା ଜାଲି ଓ ସମସ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ପୋଷ୍ୟ ସନ୍ତାନ ଗ୍ରହଣ କଲେ ପଶ୍ଚିମବଙ୍ଗ ଦମ୍ପତି

କେନ୍ଦ୍ରାପଡ଼ା ଅଫିସ, ୨।୧୧

କେନ୍ଦ୍ରାପଡ଼ା ଜିଲା ପଲ୍ଲିଶ୍ରୀ ମହିଳା ସମିତିରେ ପାଳିତ ସ୍ମୃତିଙ୍କୁ ପଶ୍ଚିମବଙ୍ଗର ଏକ ଦମ୍ପତି ବୁଧବାର ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ, ମହିଳା ସମିତି ପରିଚାଳକ ଶ୍ରୀକାନ୍ତ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଜିଲା କାର୍ଯ୍ୟାଳୟରେ ଏଡିଏମ୍ ପିତାମ୍ବର ସାମଲ ଦମ୍ପତିଙ୍କୁ ଏହି କନ୍ୟା ସନ୍ତାନକୁ ସମ୍ପୃକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଦମ୍ପତି ହେଉଛନ୍ତି ପଶ୍ଚିମବଙ୍ଗ ରାଜ୍ୟ ଦମଦମର ସୁମନଜିତ୍ ଦେ ଓ ଅଙ୍ଗନା ଚୌଧୁରୀ। ପୋଷ୍ୟ ସନ୍ତାନ ଗ୍ରହଣ କରି ନିଜର ଖୁସି ପ୍ରକଟ କରି ଅଙ୍ଗନା କହିଛନ୍ତି, ଆମେ ଦୁହେଁ ସଫ୍ଟୱେୟାର ଇଞ୍ଜିନିୟର। ୨୦୧୩ ରେ ଆମର ବିବାହ ହୋଇଥିଲା। ସନ୍ତାନ ପାଇଁ ଡାକ୍ତରୀ ସମସ୍ୟା ଥିବାରୁ ଉଭୟ ଏକ ପୋଷ୍ୟ ସନ୍ତାନ ପାଇଁ ସେଣ୍ଟ୍ରାଲ ଆଡପଶନ ରିସୋର୍ସ ଅଥରିଟି (ସିଏଆରଏ)କୁ ଅନ୍‌ଲାଇନରେ ୨୦୧୯ରେ ଆବେଦନ କରିଥିଲେ। ଅନ୍‌ଲାଇନ ମାଧ୍ୟମରେ ଏଠାରେ କନ୍ୟା ସନ୍ତାନ ମିଳିବ ବୋଲି ପୋର୍ଟାଲରୁ ସୂଚନା ମିଳିଥିଲା। ଏ ସମ୍ପର୍କରେ ଏଡିଏମ୍ ସାମଲ କହିଛନ୍ତି, ସରକାରୀ ପ୍ରକ୍ରିୟାକରଣରେ ଏହି ଶିଶୁକୁ ସମ୍ପୃକ୍ତ ଦମ୍ପତିଙ୍କୁ ଦାନ କରାଯାଇଛି। ତେବେ ଏହା ଅସ୍ଥାୟୀ ଅଟେ। ଏହି ଦମ୍ପତି ୬ ମାସ ମଧ୍ୟରେ ଶିଶୁର ଲାଳନପାଳନ ସମ୍ପର୍କରେ କୋର୍ଟରେ ଜଣାଇବା ପରେ ସମ୍ପୂର୍ଣ୍ଣ ଭାବେ ଶିଶୁର ଦାୟିତ୍ୱ ନେଇ ପାରିବେ।


ସୁମନଜିତ୍ ଦେ, ଅଙ୍ଗନ ଚୌଧୁରୀ ପୋଷ୍ୟ ସନ୍ତାନ ସ୍ମୃତିକୁ ଗ୍ରହଣ କରୁଛନ୍ତି।

# ଅରଣା ପଞ୍ଚାୟତ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା



ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ଅନ୍ୟମାନେ।

ବାଲିଆ, ୨।୧୧(ସ୍ୱ.ପ୍ର.)

ବିରିଡି ବ୍ଲକ ଅରଣା ପଞ୍ଚାୟତରେ ବିଜେଡି ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅରଣା ପୂର୍ବତନ ସରପଞ୍ଚ ରବିନାରାୟଣ ସିଂହଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରା ଗୋଠପଦା ମାଳିଅଞ୍ଚ ଅରଣା ପଞ୍ଚାୟତ ପରିକ୍ରମା କରିଥିଲା। ପରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ପଦଯାତ୍ରା ଶୁଭାରମ୍ଭ କରିଥିଲେ। ଏଥିରେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉଳ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଜିଲା ପରିଷଦ ସଭ୍ୟ ଦିପ୍ତୀମୟୀ ରାୟ, ଜିଲା ସଂଖ୍ୟାଲଘୁ ସେଲ ସଭାପତି ମୀର ଆଜମିର ଅଲ୍ଲୀ, ଦେବୀ ପ୍ରସାଦ ତ୍ରିପାଠୀ, ତୃପ୍ତିରଞ୍ଜନ ରାୟ, ପୁଷ୍ପପ୍ରକାଶ ପ୍ରଧାନ, ଅରଣା ସରପଞ୍ଚ ପୁଷ୍ପଲତା ସିଂହ, ସମିତିସଭ୍ୟ ସଂଗ୍ରାମ ନାୟକ, ପଞ୍ଚାୟତ ବିଜେଡି ସଭାପତି ଜିତେନ୍ ବେହେରା, ଜୋନ ସଂଯୋଜକ ନୃସିଂହ କୁମାର ଦାଶ, ପବିତ୍ର ପଶାୟତ, ପୂର୍ବତନ ଜିଲା ପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସଶାନ୍ତ ସାହୁ, ଛାତ୍ର ସଭାପତି ଗୋରେଖ ଆଶ୍ରିତ ବେହେରା ଓ ମହିଳା ବିଜେଡି କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସେମାନେ ବିଜେଡି ସରକାର ଜନହିତକର ଉନ୍ନୟନ ଯୋଜନା, ସହାୟତା ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇ ଥିଲେ।

## ୧୮ କେଜି ଗଞ୍ଜେଇ ସହ ୭ ହଜାର ଟଙ୍କା ଜବତ, ୨ ଗିରଫ

ରଘୁନାଥପୁର, ୨।୧୧(ଡି.ଏନ.ଏ.)



ରଘୁନାଥପୁର ଥାନା ପୋଲିସ କୌଣସି ସୂତ୍ରରୁ ଖବରପାଇ ବୁଧବାର ବର୍ତ୍ତି ଛକ ନିକଟରୁ ନିଶା କାରବାରରେ ସଂଶ୍ଳିଷ୍ଟ ଥିବା ୨ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୮ କେଜି ୬ ଶହ ଗ୍ରାମ ଗଞ୍ଜେଇ ଓ ୭,୩୫୦ ଟଙ୍କା ଜବତ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବର୍ତ୍ତି ଗ୍ରାମର ସୁଦାମ ସେଠି (୩୫) ଓରଫ ପପୁ ଓ କିଶନନଗର ଥାନା ଉତ୍ତରକୁଳ ସାଂଗ୍ରାମପୁର ଅଞ୍ଚଳର ଧନେଶ୍ୱର ସାହୁ(୬୬) ଓରଫ ଧନୁ। ପୋଲିସ ନଂ. ୨୦୫/୨୨ରେ ମାମଲା ରୁଜୁ କରି ଏନ୍‌ଡିପିଏସ୍ ଆକ୍ଟ ଲଗାଇ କୋର୍ଟ ଚାଲାଣ କରିଛି। ଗଞ୍ଜେଇ ଚୋରା କାରବାର ସମ୍ପର୍କରେ ଖବରପାଇ ଏସ୍‌ଆଇ ସୌଦାମିନୀ ପଣ୍ଡା ଉକ୍ତ ସ୍ଥାନରେ ଚଢ଼ାଉ କରି ୨ ବେପାରୀଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଏଥିରେ ଆଉ କେଉଁମାନେ ସାମିଲ ଅଛନ୍ତି ଓ ନିଶାଦ୍ରବ୍ୟ କେଉଁଠୁ ଆସୁଥିଲା ସେ ସମ୍ପର୍କରେ ତଦନ୍ତ ଜାରି ରହିଥିବା ଏସ୍‌ଆଇ ଅନିଲ କୁମାର ସାହୁ କହିଛନ୍ତି।

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswsar - 751001, Visit us at: http://www.bdabbsr.in

No. CAD-2389

**INVITATIONS FOR BIDS (IFB)**

**Bid Identification No. 1322** **Dated: 01.11.2022**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from Electrical Contractors having valid H.T. Licence registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl. No. | Name of Work | Estimated Cost (In Rs.) | EMD | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Providing power supply to the new pathway at Madhusudhan Park, Bhubaneswar | 23,59,153.00 | Bid Security Declaration | 6000.00 + 18% GST | 30 (Thirty Days) |

2. The Bid documents will be available in the website: **https://tendersodisha.gov.in** from **07.11.2022 at 10.30 hours**. Any addendum/Corrigendum/Cancellation of tender can also be seen in the said website.
3. Bids shall be received only "Online" on or before **21.11.2022 upto 17.00 hours.** The bidder must possess compatible Digital Signature Certificate (DSC) of Class-II or Class-III.
4. Other details can be seen in the bidding documents.
5. The authority reserves the right to cancel any or all bids without assigning any reason.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

OIPR-13033/11/0327/2223 Sd./- Executive Engineer, Division-IV, BDA, BBSR

**WATER CORPORATION OF ODISHA**
**OFFICE OF THE CHIEF EXECUTIVE OFFICER**
GROUND FLOOR, UNNATI BHAWAN, HOUSING BOARD COLONY,
SATYANAGAR, BHUBANESWAR, ODISHA - 751007 Telefax: +91-674-2391444
e-mail: mail@watcoodisha.in / ceowatcoodisha@gmail.com

**NOTICE INVITING BID**
**NATIONAL COMPETITIVE BIDDING THROUGH e-PROCUREMENT**
Bid Identification No. WATCO (W)- 31/2022-23 Date .10.2022
WATCO No.4968 / Date:28.09.2022
[File No.WAT-1222/2022-23]
REQUEST FOR PROPOSAL (RFP) FOR
**"Implementation of 24 x 7 Water Supply in Hinjilicut Municipality including Operation & Maintenance for a Period of Five Years" on Engineering, Procurement & Construction (EPC) Contract**

**No.C-1487:** The Chief Executive Officer, WATCO, Bhubaneswar under the administrative control of Housing & Urban Development Department, Government of Odisha (the "Client/Authority") is engaged in the Execution, Operation & Maintenance of Water Supply Projects for different ULBs in the State of Odisha and as part of this endeavour, Govt. of Odisha has decided to undertake "Implementation of 24 x 7 Water Supply in Hinjilicut Municipality including Operation & Maintenance for a Period of Five Years" (the "Project") under EPC Contract (Engineering, Procurement and Construction) basis, and has decided to carry out the bid process for selection of the eligible contractor to whom the Project may be awarded eventually for Construction as well as for Operation & Maintenance.

| Sl. No. | Name of the Water Supply Project | Bid Identification No. | Indicative Total Project Cost including O&M Cost (Rs. in Lakh) | Construction Period | Operation & Maintenance Period |
|---|---|---|---|---|---|
| 1 | "Implementation of 24 x 7 Water Supply in Hinjilicut Municipality including Operation & Maintenance for a Period of Five Years" on Engineering, Procurement & Construction (EPC) Contract | WATCO (W)-31/ 2022-23 | 6220.00 | 24 (Twenty Four) Months | 60 (Sixty) Months |

The complete Bid document can be viewed/downloaded from e-procurement portal of the State Government https://tendersodisha.gov.in from 7.11.2022 (11.00 hrs. IST) to 07.12.2022 (17.00 hrs. IST). Bid must be submitted online only. Bid through any other mode shall not be entertained. However, Bid Security/Declaration, Document Fee, Power of Attorney and Joint Bidding Agreement shall be submitted physically by the Bidder before the schedule date & time indicated in the RFP.
Please note that the Authority reserves the right to accept or reject all or any Bid without assigning any reason whatsoever.
**Availability of RFP Document for Online Bidding : From 7.11.2022 (11.00 hrs. IST) to 07.12.2022 (17.00 hrs. IST)**
**Name & Address of the Officer Inviting RFP : The Chief Executive Officer, WATCO, Ground Floor, Unnati Bhawan, Satyanagar, Bhubaneswar- 751007, Dist Khordha, Odisha, India. Phone # +91-674-2391444, email:ceowatcoodisha@gmail.com**
Interested bidders may download the Request for Proposal Documents (the "RFP" document) from the State Government website www.tendersodisha.gov.in / http://www.watcoodisha.in to see further details for participation in the online bidding.
**All amendments, time extension, clarifications etc. will be uploaded in the website only.**
**Bidders should regularly visit the above website to keep themselves updated.**

OIPR-13194/11/0059/2223 **Sd./- Chief Executive Officer, (WATCO)**

## ଯଶୋବନ୍ତ ପୀଠରେ ଗୀତାଜ୍ଞାନ, ଗୁରୀ ରାହାସ ସଂକୀର୍ତ୍ତନ

ବାଲିଆ, ୨।୧୧(ସ୍ୱ.ପ୍ର.)

ବୁଧବାର ପବିତ୍ର ଅଁଳା ନବମୀ ଓ ରାଧା ପାଦ ଦର୍ଶନ ଉପଲକ୍ଷେ ବିରିଡି ବ୍ଲକ ଅଡଙ୍ଗ ନାଇଲୋ ମହାପ୍ରଭୁ ପଞ୍ଚଶଖା ମଧ୍ୟମଣି ସନ୍ଥ ଯଶୋବନ୍ତ ଦାସଙ୍କ ସମାଧି ପ୍ରାଙ୍ଗଣରେ ଗୀତାଜ୍ଞାନ, ନାମ ସଙ୍କୀର୍ତ୍ତନ, ଗୁରୀ ରାହାସ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶ୍ରୀଜଗନ୍ନାଥ ପରିବାର କର୍ମକର୍ତ୍ତା ଓ ବହୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ମହାପ୍ରଭୁ ଅଚ୍ୟୁତଙ୍କ ନେମାଳ ଗାଦିରୁ ପ୍ରଜ୍ଜ୍ୱଳିତ ଜ୍ୟୋତି, ଆଜ୍ଞାମାଳ ଗ୍ରହଣ କରି ଅଡଙ୍ଗଗଡ ନାଇଲୋସ୍ଥିତ ଯଶୋବନ୍ତଙ୍କ ଗାଦିରେ ପ୍ରତିମୂର୍ତ୍ତି ସ୍ଥାପନା କରି ଜ୍ୟୋତି ପ୍ରଜ୍ୱଳନ, ଗୀତାଜ୍ଞାନ, ମହା ଗୁରୀ ଓ ରାହାସ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଏଥିରେ ସାମିଲ ହୋଇଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗ

ବାଲିଆ, ୨।୧୧(ସ୍ୱ.ପ୍ର.)

ବିରିଡି ବ୍ଲକ ହାଜିପୁର ପଞ୍ଚାୟତ ଚାନ୍ଦପୁର ଗାଁର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ଶତପଥୀ (୮୧) ଙ୍କ ପରଲୋକ ହୋଇଛି। ସ୍ୱର୍ଗତ ଶତପଥୀ ଜଣେ ନୀତିନିଷ୍ଠ, ଆଦର୍ଶବାଦୀ, ଶିକ୍ଷକ ଥିଲେ। ସେ ପ୍ରଥମେ କଟକ ଜିଲା କିଶୋରନଗର ଚିନ୍ତାମଣି ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଶେଷରେ ନିଜ ଗ୍ରାମସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରୁ ପ୍ରଧାନ ଶିକ୍ଷକ ଭାବେ ଅବସର ନେଇଥିଲେ। ତାଙ୍କ ବିୟୋଗରେ ଆଖପାଖ ଅଞ୍ଚଳର ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁତ୍ର ଦେବାଶିଷ ମୁଖାଗ୍ନି ଦେଇଥିଲେ।

**ଓଡ଼ିଶା ସରକାର**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**

**ନବମ ଏବଂ ଦଶମ ଶ୍ରେଣୀ ପାଇଁ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଯୋଜନା**

No. V-66: ନବମ ଏବଂ ଦଶମ ଶ୍ରେଣୀରେ ଅଧ୍ୟୟନରତ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ, ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସରକାରଙ୍କ ସ୍ୱତନ୍ତ୍ର ଛାତ୍ରବୃତ୍ତି ବ୍ୟବସ୍ଥା ରହିଛି।

**ନବମ ଏବଂ ଦଶମ ଶ୍ରେଣୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:**

(୧) ଆବେଦନକାରୀ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ କିମ୍ବା ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ)ରେ ଅନ୍ତର୍ଭୁକ୍ତ ଥିବେ।
(୨) ଆବେଦନକାରୀ ଓଡ଼ିଶାର ସ୍ଥାୟୀ ଅଧିବାସୀ ହୋଇଥିବେ।
(୩) ଆବେଦନକାରୀଙ୍କ ପାରିବାରିକ ବାର୍ଷିକ ଆୟ ସମସ୍ତ ସୂତ୍ରରୁ ଟ୨,୫୦,୦୦୦/-ଙ୍କା (ଦୁଇ ଲକ୍ଷ ପଚାଶ ହଜାର)ରୁ ଅଧିକ ହୋଇନଥିବ।
(୪) ଆବେଦନକାରୀମାନେ ବୈଧ UDISE Code ପ୍ରାପ୍ତ ସରକାରୀ କିମ୍ବା ମାନ୍ୟତା ପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପୂର୍ଣ୍ଣକାଳୀନ ଭିତ୍ତିରେ ଅଧ୍ୟୟନରତ ଥିବେ।
(୫) ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ ଏବଂ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ) ଛାତ୍ରଛାତ୍ରୀମାନେ କେବଳ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ହିଁ ଏହି ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

**ବୃତ୍ତିରାଶି ହାର (ଟଙ୍କାରେ)**

| ବର୍ଗ | ଦିବାଧାୟୀ (ବାର୍ଷିକ) | ଅନ୍ତେବାସୀ (ବାର୍ଷିକ) |
|---|---|---|
| ଅନୁସୂଚିତ ଜନଜାତି | ୩୦୦୦ | ୬୨୫୦ |
| ଅନୁସୂଚିତ ଜାତି | ୩୫୦୦ | ୭୦୦୦ |
| ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ | ୪୦୦୦ | ୪୦୦୦ |
| ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ) | ୪୦୦୦ | ୪୦୦୦ |

**ଆବେଦନ କିପରି କରିବେ**

ଶିକ୍ଷାବର୍ଷ ୨୦୨୨-୨୩ ପାଇଁ ଆବେଦନ ପ୍ରକ୍ରିୟା ୩ ନଭେମ୍ବର ୨୦୨୨ରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମାଧ୍ୟମରେ ଆରମ୍ଭ ହେବ। ତେଣୁ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ ନିଜର ଜାତି ଏବଂ ଆୟ ପ୍ରମାଣ ପତ୍ର, ଆଧାର, ବ୍ୟାଙ୍କ ପାସ୍‌ବୁକର ଅବିକଳ ନକଲ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ଯଥା ଶୀଘ୍ର ଦାଖଲ କରନ୍ତୁ।

**ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ:**

- ଏହି ଛାତ୍ରବୃତ୍ତି ଆବେଦନ ନିମନ୍ତେ ଆବେଦନକାରୀଙ୍କ "ଆଧାର" ନମ୍ବର ପ୍ରଦାନ କରିବା ଅନିବାର୍ଯ୍ୟ ଅଟେ। ତେଣୁ ଯେଉଁ ଛାତ୍ରଛାତ୍ରୀମାନଙ୍କ ଆଧାର ନାହିଁ ସେମାନଙ୍କୁ ଅନୁରୋଧ ଯେ ସେମାନେ ଯଥା ଶୀଘ୍ର ଆଧାର ପଞ୍ଜୀକରଣ କରିବେ।
- ଆଧାରରେ ଥିବା ନିଜର ନାମ (ନାମ ଏବଂ ଉପନାବ ବନାନ), ଲିଙ୍ଗ, ଜନ୍ମ ତାରିଖ (DOB) ସଠିକ୍ ଅଛି କି ନାହିଁ ନିଶ୍ଚିତ କରନ୍ତୁ। ଯଦି ଆଧାରରେ କିଛି ତ୍ରୁଟି ଥାଏ, ତେବେ ଆଧାରରେ ସଂଶୋଧନ କରି ସଂଶୋଧିତ ଆଧାରର ନକଲ ନିଜ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ଦାଖଲ କରନ୍ତୁ।
- ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଛାତ୍ରବୃତ୍ତି କେବଳ ଆଧାର-ଲିଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ। ତେଣୁ ନିଜର ଆଧାର ସହିତ ବ୍ୟାଙ୍କ-ଆକାଉଣ୍ଟକୁ ଲିଙ୍କ୍ କରନ୍ତୁ। ସେଥିପାଇଁ ଆପଣମାନେ ନିଜର ବ୍ୟାଙ୍କ ଶାଖା ପରିଦର୍ଶନ କରନ୍ତୁ ଏବଂ DBT ଗ୍ରହଣ କରିବା ପାଇଁ ଏକ ବ୍ୟାଙ୍କ ସମ୍ମତି ଫର୍ମ ଦାଖଲ କରନ୍ତୁ।
- ଯେଉଁ ଛାତ୍ରଛାତ୍ରୀମାନଙ୍କ ପାଖରେ ଜାତି ଏବଂ ଆୟ ପ୍ରମାଣପତ୍ର ନାହିଁ ସେମାନଙ୍କୁ ଅନୁରୋଧ ଯେ ସେମାନେ ଓଡ଼ିଶାର ଇ-ଜିଲ୍ଲା ପୋର୍ଟାଲ **(https://edistrict.odisha.gov.in/)** ମାଧ୍ୟମରେ ପ୍ରମାଣପତ୍ର ପ୍ରାପ୍ତ କରି ଯଥା ଶୀଘ୍ର ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ଦାଖଲ କରନ୍ତୁ।
- ଯେଉଁ ଛାତ୍ରଛାତ୍ରୀମାନେ ନବମ ଶ୍ରେଣୀ ପାଇଁ ଏହି ଛାତ୍ରବୃତ୍ତି ପାଇଛନ୍ତି ସେମାନଙ୍କୁ ପୁନର୍ବାର ଜାତି କିମ୍ବା ଆୟ ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ନାହିଁ।
- ଏହି ଛାତ୍ରବୃତ୍ତି ସହିତ ଅନ୍ୟ କୌଣସି ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ପାଇପାରିବେ ନାହିଁ।

ସ୍ୱା./- ସ୍ୱତନ୍ତ୍ର ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

OIPR-26001/11/0018/2223

# ଜନସମ୍ପର୍କ ପଦଯାତ୍ରାରେ ଶକ୍ତି ପ୍ରଦର୍ଶନ

## ନବୀନଙ୍କ ପାଇଁ ପଟ୍ଟାମୁଣ୍ଡାଇ-ରାଜନଗରର ନବକଳେବର ହୋଇଛି :ବିଧାୟକ

**ପଟ୍ଟାମୁଣ୍ଡାଇ,୨।୧୧(ସ୍ୱ.ପ୍ର.)**

ବୁଧବାର ଜନସମ୍ପର୍କ ପଦଯାତ୍ରାର ଉଦ୍‌ଯାପନୀ ଦିବସରେ ପଟ୍ଟାମୁଣ୍ଡାଇରେ ବିଶାଳ ଶୋଭାଯାତ୍ରା ଆୟୋଜନ କରି ଶକ୍ତି ପ୍ରଦର୍ଶନ କରିଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ । ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ପ୍ରଚାର କରିଛନ୍ତି । ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିବା ପରେ ବସ୍‌ଷ୍ଟାଣ୍ଡଠାରେ ଏକ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜନଗର ବିଧାୟକ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ଶତାଧିକ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଏହାଦ୍ୱାରା ପଟ୍ଟାମୁଣ୍ଡାଇ-ରାଜନଗରର ନବକଳେବର ହୋଇଛି । ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ରଥକୁ ଆହୁରି ଆଗକୁ ନେବା ସହିତ ନବୀନଙ୍କ ବିକାଶ ଧାରାରେ ସାମିଲ ହେବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷ ଗୀତାଳି ସେଠୀ,ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା,ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ନଗର ବିଜେଡି ସଭାପତି ଖଗେଶ୍ୱର ଲେଙ୍କା,ରାଜ୍ୟ ମହିଳା ବିଜେଡି ସମ୍ପାଦିକା ସାନିଆ ପରମିନ, ଜିଲା ମହିଳା ବିଜେଡି ସଭାନେତ୍ରୀ ରୋସନା ସାହୁ, ରାଜ୍ୟ ପରିଷଦ ସଦସ୍ୟ ମିଟୁ ଦାଶ, ପୂର୍ବତନ ପୌର ଅଧକ୍ଷା ବୈଜୟନ୍ତୀମାଳା ଲେଙ୍କା,ବ୍ଲକ ଉପାଧକ୍ଷା ତଥା ମହିଳା ବିଜେଡି ସଭାପତି ଜୟନ୍ତୀ ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଜିଲା ବିଜେଡି ସାଧାରଣସମ୍ପାଦକ ଶ୍ରୀକାନ୍ତ ରାଉତ ଓ ଗୋପୀବଲ୍ଲଭ ନାୟକ,ଜିଲା ଯୁବବିଜେଡି ଉପସଭାପତି ସୁରେଶ ସାହୁ, ସମ୍ପାଦକ ଅଶୋକ ଧଳ, ନଗର ଯୁବବିଜେଡି ସଭାପତି ମନୋଜ ନାୟକ ,ନଗର ମହିଳା ବିଜେଡି ସଭାନେତ୍ରୀ ଲାସ୍ୟମୟୀ ସାହୁ, ଜିଲ୍ଲା ଦଳିତ ସେଲ ପ୍ରାକ୍ତନ ସଭାପତି ବାରେଣୀ ସେଠୀ ପ୍ରମୁଖ ଭାଷଣ ଦେଇ ପଟ୍ଟାମୁଣ୍ଡାଇ ବିକାଶଧାରାକୁ ଆଗେଇ ନେବା ପାଇଁ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ କରିଥିଲେ। ଏହି ସଭାରେ ବାଛରା ସରପଞ୍ଚ ରଞ୍ଜିତା ସାହୁ ଓ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝାଙ୍କୁ ବିଧାୟକ ସାହୁ ଓ ଜିଲା ବିଜେଡି ସଭାପତି ଉତ୍କଳ ପରିଡା ଫୁଲତୋଡ଼ା ଓ ଦଳୀୟ ଉତ୍ତରୀୟ ପ୍ରଦାନ କରି ବିଜେଡିରେ ସାମିଲ କରିଥିଲେ । ଜନସମ୍ପର୍କ ପଦଯାତ୍ରା ଉଦଯାପନୀ ଉପଲକ୍ଷେ ଆୟୋଜିତ ବିଶାଳ ଶୋଭାଯାତ୍ରାକୁ ଯୁବନେତା ବାବନ ସାହୁ, ସଂଖ୍ୟାଲଘୁ ସଂଗଠକ ଏମ୍‌ଡି ଫିରଦୋଷ, ତାପସ ପ୍ରଧାନ,ସୟ ଦାସ,ବାପି ସାମଲ,ଅଭିରାମ ସ୍ୱାଇଁ, ଲୋକନାଥ ପାତ୍ର, ଅଭିମନ୍ୟୁ ଦାସ, ରଶ୍ମିରନ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ ।


ଆୟୋଜିତ ଜନସମ୍ପର୍କ ସଭାରେ ବିଧାୟକ ଓ ଜନ ପ୍ରତିନିଧି।


ସଭାରେ ଯୋଗ ଦେଇଥିବା ବିଜେଡି କର୍ମୀମାନେ।

## ସଂକ୍ଷେପରେ

### ମା’ ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଘଟଗାଁ ପୀଠରୁ ଆସିଲା ଆଜ୍ଞାମାଳ**



**ଡେରାବିଶ,୨।୧୧(ସ୍ୱ.ପ୍ର.):** ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ଥିବା ବଟମହାପୁରୁଷଙ୍କ ପୀଠରେ ମା’ ତାରିଣୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଛୋଟି ଗ୍ରାମର ମଲ୍ଲସାହିଠାରୁ ଘଟଗାଁ ତାରିଣୀଙ୍କ ମନ୍ଦିରରୁ ଆସିଥିବା ଆଜ୍ଞାମାଳକୁ ଅଜୟ ମଲ୍ଲଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ଅଣାଯାଇଥିଲା । ଏଥିରେ ୨୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟ, ବାଜା ଓ ବାଣ ସହ ବିଭିନ୍ନ ଲୋକ ନୃତ୍ୟ ଦଳ ସାମିଲ ହୋଇଥିଲେ । ମଙ୍ଗଳବାର ପୀଠରେ ଆରମ୍ଭ ହୋଇଛି ଯଜ୍ଞ । ଏହି ଅବସରରେ ବିଗ୍ରହମାନଙ୍କ ଧାନ୍ୟାଧିବାସ, ଜଳାଧିବାସ, ଅନ୍ନାଧିବାସ କରାଯାଇଥିଲା । ବୁଧବାର ସ୍ଥାନୀୟ ଗୋବରୀ ନଦୀରୁ କଳସପୂଜା କରାଯିବାପରେ ଶତାଧିକ ମହିଳା ପୂଜା କଳସକୁ ଶୋଭାଯାତ୍ରାରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ପରେ ସୂର୍ଯ୍ୟପୂଜା, ଗୋପୂଜା, ଶାଳା ପ୍ରବେଶ, ସ୍ତମ୍ଭ ତୋରଣାଦି ପୂଜନ, ମହାସ୍ନାନ, ନ୍ୟାସ, ପ୍ରସାଦ ସ୍ନାନ ପ୍ରତିଷ୍ଠା, ଦେବତାଙ୍କ ଶୋଡ଼ଶ ଉପଚାରରେ ପୂଜା କରାଯାଇଥିଲା । ଏହାପରେ ନଗର ପରିକ୍ରମା ଓ ଅଗ୍ନିସ୍ଥାପନ ପରେ ବିଗ୍ରହମାନଙ୍କୁ ଗୃହ ପ୍ରବେଶ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଛତାବଟ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ଓଷ୍ଟା ତରଫରୁ ତହସିଲଦାରଙ୍କୁ ସମ୍ବର୍ଦ୍ଧନା

**ରାଜକନିକା,୨।୧୧(ଡି.ଏନ.ଏ.):** ରାଜକନିକା ତହସିଲରେ ନୂତନ ଭାବେ ଯୋଗ ଦେଇଥିବା ତହସିଲଦାର ଅଶୋକ କୁମାର ଦେହୁରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଓଷ୍ଟା କର୍ମକର୍ତ୍ତା ସମ୍ବର୍ଦ୍ଧିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଓଷ୍ଟାର ସହ ସମ୍ପାଦକ ଦିଲ୍ଲୀପ ରାଉତ, ରାଜକନିକା ଓଷ୍ଟା ସଭାପତି ସଞ୍ଜୟ ସାମଲ, ପ୍ରାକ୍ତନ ସମ୍ପାଦକ ନବ କିଶୋର ସୁତାର ତହସିଲଦାର ଦେହୁରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ରତିକାନ୍ତ ଦାସ, ସମ୍ପାଦକ ଅରବିନ୍ଦ ନାୟକ, ସହ ସମ୍ପାଦକ ପ୍ରଭାତ ବାରିକ, ଜିଲା କାର୍ଯ୍ୟକାରିଣୀ ବିଦ୍ୟାଧର ଦାସ, ଅମର ବାରିକ, ରାଜ୍ୟ ପରିଷଦ ସଭ୍ୟ ବଟକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସୁଧା ପତ୍ରିକାର ସମ୍ପାଦକ ହରେକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।



# ରାଜକନିକାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ରାଜକନିକା,୨।୧୧(ଡି.ଏନ.ଏ.)**

ରାଜକନିକା ବ୍ଲକରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ ଦେବଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ମା’କନିକେଶ୍ୱରୀ ଦୁର୍ଗା ମନ୍ଦିରରୁ ବାହାରି ଅଶୋକ ବଜାର, ବାଘବୁଦା, କଣ୍ଟାପଡ଼ା ବଜାର ପରିକ୍ରମା କରି ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ । ପଦଯାତ୍ରା ମେଳଣ ପଡ଼ିଆରେ ଶେଷ ହୋଇଥିଲା । ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ,ପଞ୍ଚାୟତ ସମିତି ଉପାଧକ୍ଷ ତନ୍ମୟ ରଞ୍ଜନ ଦାସ, ବିଧାୟକଙ୍କ ପ୍ରତିନିଧି ବିକାଶ ଦାସ, ପଞ୍ଚାୟତ ,ସଂସଦଙ୍କ ପ୍ରତିନିଧି ପବିତ୍ର ରାଉତ,ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା,ଜିଲା ପରିଷଦ ସଭ୍ୟା ଅନିତା ସାହୁ, ପ୍ରବୀଣା ଦାସ, ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ପ୍ରଦୀପ ରାଉତ ଓ ବିଜେଡି ନେତା କପିଳେନ୍ଦ୍ର ମଲ୍ଲିକଙ୍କ ସହ ୨୯ ପଞ୍ଚାୟତରୁ ଆସିଥିବା ବିଜେଡି ନେତା ଓ କର୍ମୀମାନେ ଉକ୍ତ ପଦଯାତ୍ରାରେ ସାମିଲ ହୋଇଥିଲେ।

# ଓଡ଼ିଆଣୀ ବେଶରେ ଦର୍ଶନ ଦେଲେ ରାସେଶ୍ୱରୀ

## ଶ୍ରୀରାଧାଙ୍କ ପାଦ ଦର୍ଶନ କଲେ ଶ୍ରଦ୍ଧାଳୁ

**ଡେରାବିଶ,୨।୧୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡାବଳସ୍ଥିତ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ମଠ ମନ୍ଦିରରେ ମା’ ରାସେଶ୍ୱରୀ ଦେବୀଙ୍କ ଶ୍ରୀପାଦ ଦର୍ଶନ ତଥା ଅଁଳାନବମୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଶ୍ରୀଶ୍ରୀ ରାସେଶ୍ୱରୀ ରସିକରା ନିତ୍ୟସେବା ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବୁଧବାର ପ୍ରତ୍ୟୁଷରୁ ଶ୍ରୀବିଗ୍ରହ ଏବଂ ଅଁଳା ବୃକ୍ଷ ନିକଟରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ଏଥିସହ ମା’ରାସେଶ୍ୱରୀ (ରାଧା) ଦେବୀଙ୍କୁ ଓଡ଼ିଆଣୀ ବେଶ କରାଯାଇ ତାଙ୍କର ଶ୍ରୀପାଦ ଯୁଗଳକୁ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା । ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଓ ଭକ୍ତ ପୂଜାର୍ଚ୍ଚନା କରିବା ସହିତ ଶ୍ରୀରାଧାଙ୍କ ପାଦ ଦର୍ଶନ କରିଥିଲେ । ମୁଖ୍ୟ ପୂଜକ ହେମନ୍ତ କୁମାର କର, ନିତ୍ୟ ସେବା ସମିତିର ସମ୍ପାଦକ ରଘୁନାଥ ଦାସ, ନିତ୍ୟସେବାର ଉପସଭାପତି ଧିରେନ୍ କୁମାର ମହାନ୍ତି, ଜାନକୀ ବଲ୍ଲଭ ଦାସ, ସୁଧିରଞ୍ଜନ ମହାନ୍ତି, ରାଜେନ୍ଦ୍ର ପ୍ରସାଦ ସିଂ, ବିପିନି ବିହାରୀ ଲାଲ୍, ଆଶିଷ କୁମାର ସୋମ, ଗୌତମ ମଳିକ, ବାସନ୍ତୀ ସାମଲଙ୍କ ସମେତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ମଠ ପରାମର୍ଶଦାତା କମିଟିର ସଭ୍ୟ ଇଂ.ଗୁଣନିଧି ତ୍ରିପାଠୀ ଓ ସ୍ମାରକ ମହାନ୍ତି ଯୋଗଦେଇଥିଲେ ।


ଅଁଳା ନବମୀ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା।

# ଭଲ ପାଇବା ନ ଆସିଲେ ଉତ୍ତମ ମଣିଷ ହେବା ସହଜ ନୁହେଁ

**ବିରିଡି, ୨।୧୧(ଡି.ଏନ.ଏ./ସ୍ୱ.ପ୍ର.)**

ଛଳନାରେ କାହାକୁ ଭଲ ପାଅ ନାହିଁ ବାସ୍ତବ ଭଲ ପାଇବା ନ ଆସିଲେ ଉତ୍ତମ ମଣିଷ ହେବା ସହଜ ନୁହେଁ। ଗୁରୁ ପରମ୍ପରା ଭିତରକୁ ଆସିବା ପୂର୍ବରୁ ପ୍ରଥମେ ନିଜ ମା’ବାପାଙ୍କୁ ପୂଜା କର, ସମ୍ମାନ କର, ନିଜେ ଭୁଲ ବାଟରେ ଗଲେ କେହିବି ତୁମକୁ ସଳଖି ପାରିବେ ନାହିଁ ବୋଲି ବୁଧବାର ପବିତ୍ର ଅଁଳା ନବମୀ ତିଥିରେ ରାଧାଙ୍କ ପାଦ ଦର୍ଶନ ଅବସରରେ ଧାନକୁଦ ପୀଠର ପୀଠାଧିସ ପୂଜ୍ୟବାବା ଅରକ୍ଷିତ ଦାସମହାରାଜଙ୍କ ୬୩ତମ ଜନ୍ମ ଉତ୍ସବରେ ଭକ୍ତ ଓ ଶିଷ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ବାବା କହିଛନ୍ତି। ହାଜିପୁର ପଞ୍ଚଶଖା ବିଶ୍ୱ କଲ୍ୟାଣ ସେବା ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବ ଆଧାତ୍ମିକ କାର୍ଯ୍ୟକ୍ରମକୁ କବି ପୀତାମ୍ବର ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ପ୍ରାତଃରୁ ଧାନକୁଦ ମନ୍ଦିରରେ ପୂଜାର୍ଚ୍ଚନା, ଗୁରୁ ପୂଜନ, ଅଧାତ୍ମିକ ପ୍ରବଚନ ପ୍ରଭୃତି କାର୍ଯ୍ୟକ୍ରମ କରାଯାଇଥିଲା। ବାବା ଦିବାକର ଦାସମହାରାଜ, ନୀଳକଣ୍ଠ ବାବା, ହରିଓଁ ବାବା, ପଣ୍ଡିତ ମିଥୁନ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

# ୧୧ ପଞ୍ଚାୟତର ଯାଦବଙ୍କୁ ନେଇ ଆଳି ବ୍ଲକ ଆଞ୍ଚଳିକ ସମାବେଶ ହେବ


ଆଞ୍ଚଳିକ ସମାବେଶ ପାଇଁ ବସିଥିବା ପ୍ରସ୍ତୁତି ବୈଠକ।

**ଆଳି,୨।୧୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଧୀନ ଧୋୟାଅଞ୍ଚଳରେ ଥିବା ୧୧ ପଞ୍ଚାୟତର ଯାଦବମାନଙ୍କୁ ଏକତ୍ରିତ କରି ଆଳି ବ୍ଲକ୍ ଆଞ୍ଚଳିକ ଯାଦବ ମହାସଭା ଗଠନ କରାଯିବ । ଏହି ପରିପ୍ରେକ୍ଷୀରେ ଏକ ଆଞ୍ଚଳିକ ଯାଦବ ସମାବେଶ ପାଇଁ ସ୍ଥିର ହୋଇଛି । ଏଥିପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଆଳି ବ୍ଲକ୍ ଯାଦବ ମହାସଭାର ସଭାପତି ଯାଦବପ୍ରାଣ କେଶବ ଚରଣ ବେହେରାଙ୍କ ଅଧ୍ୟକ୍ଷତା ତଥା ବରିଷ୍ଠ ସଙ୍ଗଠକ ବାଙ୍କବିହାରୀ ଦାସଙ୍କ ଆବାହକତ୍ୱରେ ମଧୁବନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା । ଆଳି ଯାଦବ ମହାସଭାର ସାଧାରଣ ସମ୍ପାଦକ ତଥା ଶିକ୍ଷାବିତ୍ ମଧୁସୂଦନ ଦାସ, କେନ୍ଦ୍ରାପଡ଼ା ଜିଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ପ୍ରଭାକର ପଲ୍ଲାଇ, ଉପସଭାପତି ମନୋଜ ପରିଡ଼ା,ଯାଦବ ସଙ୍ଗଠକ ବାଙ୍କବିହାରୀ ଦାସ, କେନ୍ଦ୍ରାପଡ଼ା ଜିଲା ଯାଦବ ମହାସଭାର ସମ୍ପାଦକ ପ୍ରଭାତ କୁମାର ଦାସ, ଶ୍ରୀନିବାସ ପ୍ରଧାନ , ଆଳି ଯାଦବ ମହାସଭାର ଉପସଭାପତି ଶେଖର ଚନ୍ଦ୍ର ବାରିକ, ବର୍ଷିୟାନ ଯାଦବ କର୍ମୀ ପଞ୍ଚାନନ ଦାସ, କୈଳାସ ଚନ୍ଦ୍ର ବୋଇତି ,ସୁବାସ ଚନ୍ଦ୍ର ଦାସ , ଶିବ ପ୍ରସାଦ ବେହେରା , ମନ୍ମଥ ବୋଇତି , ପ୍ରମୋଦ କୁମାର ଦାସ, ଆଳି ଯୁବ ଯାଦବ ସଭାପତି ମନୋଜ ଦାସ ଏବଂ ଗୋପବନ୍ଧୁ ପୂଜ୍ୟପୂଜା କମିଟି ସଭାପତି ବିଜୟ କୁମାର ମହାକୁଳ ପ୍ରମୁଖ ଯୋଗଦେଇ ଯାଦବ ମହାସଭା ସଙ୍ଗଠନ ବିଷୟରେ ଆଲୋଚନା କରିଥିଲେ । ଆସନ୍ତା ୬ ତାରିଖରେ ଗୋବିନ୍ଦପୁରଠାରେ ହେବାକୁ ଥିବା ଆଞ୍ଚଳିକ ଯାଦବ ସମାବେଶ ପାଇଁ ବରିଷ୍ଠ ଯାଦବ କର୍ମୀ ସୁବାସ ଚନ୍ଦ୍ର ଦାସ ଏବଂ ବର୍ଷିୟାନ ଯାଦବ ସଙ୍ଗଠନ ବାଙ୍କବିହାରୀ ଦାସଙ୍କୁ ଆବାହକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା । ମନୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ

## ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ତାଲିକାରେ ଅନିୟମିତତା

**ରାଜନଗର,୨।୧୧(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ତାଲିକାରେ ଅନିୟମିତତା ଅଭିଯୋଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିଲମ୍ବିତ କରିଛନ୍ତି। ଗତମାସ ୩୧ ତାରିଖ, ଚିଠି ନଂ. ୨୩୩୩ ଅନୁଯାୟୀ, ହାତିନା ପଞ୍ଚାୟତର ନିର୍ବାହୀ ଅଧିକାରୀ ସୁକୁମାର ମଣ୍ଡଳଙ୍କୁ ନିଲମ୍ବନ କରାଯାଇଛି । ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ନିଲମ୍ବିତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ କାମ କରିବେ ବୋଲି ଦର୍ଶାଯାଇଛି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ହାତିନା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ତାଲିକାରେ ଚାଳଘର ଥିବା ହିତାଧିକାରୀଙ୍କ ନାମ ନ ଥିବା ଓ ପୂର୍ବରୁ ଟଙ୍କା ପାଇ ଫେରାଇଥିବା ହିତାଧିକାରୀଙ୍କ ନାମ ତାଲିକାରେ ଥିବା ଭଳି ଅନିୟମିତତା ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲ। ସେହି ଅଭିଯୋଗକୁ ଭିତ୍ତିକରି କେନ୍ଦ୍ରାପଡ଼ା ଜିଲାପାଳ ନିଜେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଗତ ମାସ ୩୧ ତାରିଖ ଅପରାହ୍ଣରେ ଜିଲାପାଳ ଅମ୍ରିତ ଋତୁରାଜ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ସହ ପ୍ରସନ୍ନପୁର ଗାଁରେ ପହଞ୍ଚି ଥିଲେ। ଗାଁର ରଞ୍ଜନ ପରିଡା, ରବୀନ୍ଦ୍ର ପରିଡା ଓ ଅରୁଣ ବେହେରାଙ୍କ ଘର ନିକଟରେ ପହଞ୍ଚି ଜିଲାପାଳ ତଦନ୍ତ କରିଥିଲେ। ରଞ୍ଜନ ଓ ରବୀନ୍ଦ୍ର ପୂର୍ବରୁ ୨୨ହଜାର ଟଙ୍କାର କୋଠାଘର ପାଇଥିବା ବେଳେ ଅରୁଣ କେବେ ବି ସରକାରୀ କୋଠାଘର ପାଇନାହାନ୍ତି । ସେ ଚାଳଘରେ ରହୁଥିବା ଜିଲାପାଳ ଦେଖିଥିଲେ। ଆବାସ ପ୍ଲସ ତାଲିକାରେ ଅରୁଣଙ୍କ ନାମ ନ ଥିବା ଦେଖି ଥିଲେ। ଏହାପରେ ପରିପଙ୍ଗରା ଗାଁର ମହେଶ୍ୱର ଜେନା, ଭରତ ସେଠୀ, ହେମନ୍ତ ସେଠୀଙ୍କ ଘର ନିକଟରେ ପହଞ୍ଚି ତଦନ୍ତ କରିଥିଲେ। ସମସ୍ତେ ପୂର୍ବରୁ ୩୫ହଜାର ଟଙ୍କାର ଇନ୍ଦିରା ଆବାସ କାର୍ଯ୍ୟାଦେଶ ପାଇବା ସହ ୫ହଜାର ଟଙ୍କା ଲେଖାଏ ପାଇଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ସମସ୍ତେ ୫ହଜାର ଟଙ୍କା ଲେଖାଏ ଫେରାଇ ରସିଦ ରଖିଛନ୍ତି। ମାତ୍ର ତାଲିକାରେ ସମସ୍ତେ ଆଭେଲ ବୋଲି ଦର୍ଶାଯାଇଥିବା ଦେଖିଥିଲେ। ଏହାପରେ ଖଣ୍ଡାମରା ଗାଁର ଭରତ ସ୍ୱାଇଁ, ପ୍ରଭାକର ସ୍ୱାଇଁଙ୍କ ଘର ନିକଟରେ ପହଞ୍ଚି ଥିଲେ। ସରକାରୀ ଟଙ୍କାକୁ ଅପେକ୍ଷା କରି ଭରତ ଚଳିତବର୍ଷ ଘର କରି ଛାତ ପକାଇଥିବା ଦେଖିଥିଲେ। ମାତ୍ର ଘର ପୂର୍ଣ୍ଣାଙ୍ଗ ହୋଇ ନ ଥିବାରୁ ଭରତ ଚାଳଘରେ ରହୁଛନ୍ତି। ଏଥିସହ ପ୍ରଭାକର ବି ଚାଳଘରେ ରହୁଥିବା ଦେଖିଥିଲେ। ମାତ୍ର ସେମାନଙ୍କ ନାମ ତାଲିକାରେ ନ ଥିଲା। ଏହି ଘଟଣା ପରେ ଜିଲାପାଳ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

**ରଘୁନାଥପୁର,୨।୧୧(ଡି.ଏନ.ଏ.)**

ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ରଘୁନାଥପୁର ବ୍ଲକରେ ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ପରିଚାଳନାରେ ଆୟୋଜିତ ପଦଯାତ୍ରାରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ଗ୍ରାମକୁ ପଦଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ପ୍ରାରମ୍ଭରେ ଯୁବନେତା ଚନ୍ଦ୍ରକାନ୍ତ ପଣ୍ଡା ଓ ରହିମ ଖାଁ ଉଭୟ ପାର୍ଶ୍ୱରୁ ବାଇକ୍ ରାଲିରେ ପହଞ୍ଚିଥିଲେ। ପରେ ଗୋପାଳପୁର ଛକରୁ ପଦଯାତ୍ରା ବାହାରି ଧରାଧାରପୁର, ଭାସିଲପୁର, ପାଟଣା ଦେଇ ବ୍ଲକ ଛକରେ ପହଞ୍ଚିଥିଲା। ଏଥିରେ ପ୍ରାୟ ୨ ହଜାର ଲୋକ ସାମିଲ ହୋଇଥିଲେ। ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସଂଖ୍ୟା ଅଧିକ ରହିଥିବା ଦେଖାଯାଇଥିଲା। ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଜିଲାପରିଷଦ ଜୋନ ନଂ. ୧ ସଭ୍ୟା ରିନାରାଣୀ ମଲ୍ଲିକ, ଜୋନ ନଂ. ୨ ସଭ୍ୟା ଇତିଶ୍ରୀ ମଲ୍ଲିକ, ବ୍ଲକ ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ରଘୁନାଥପୁର ସରପଞ୍ଚ ସୁଚିତ୍ରା ପଣ୍ଡା, ବିଦ୍ୟାଧରପୁର ସରପଞ୍ଚ ସାହେଦା ତବସୁମ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁଷମା ମଲ୍ଲିକ, ବିଷ୍ଣୁ ଚରଣ ସେଠୀ, ନଳିନୀପ୍ରଭା ମୁଦୁଲି, ମନଜିନି ସାହୁ, କିଶୋର ଚନ୍ଦ୍ର ବେହେରା, ବଟକୃଷ୍ଣ ନାୟକ, ଜଗନ୍ନାଥ ମଲ୍ଲିକ, ଜୟନ୍ତୀ ଦାସ ଓ ଅନ୍ୟ ସରପଞ୍ଚମାନେ ନିଜର ସମର୍ଥକଙ୍କ ସହ ପଦଯାତ୍ରାରେ ସାମିଲ ହୋଇଥିଲେ।


ଅନୁଷ୍ଠିତ ସଭାରେ ବିଧାୟକ ବିଜୟଶଙ୍କର ଦାସ ଓ ଅନ୍ୟମାନେ।

# ପ୍ରଧାନ ଶିକ୍ଷକ ସ୍ମୃତିସଭା, ଚାରାରୋପଣ

**ନାଉଗାଁ,୨।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଲଣାହାଟ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ପୂର୍ବତନ ଶିକ୍ଷକ ସ୍ୱର୍ଗତ ଡ. ଧୂଳେଶ୍ୱର ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତିସଭା ଓ ବୃକ୍ଷରୋପଣ କରାଯାଇଥିଲା। ଡାକ୍ତର ରାଖାଲ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ୧ ନଂ. ଜୋନର ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ବଂଶୀଧର ଆଚାର୍ଯ୍ୟ, ଲଲାଟେନ୍ଦୁ ରାୟ, ମନୋଜ ନାୟକ, ପୁତ୍ରବଧୂ ମିନତି ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ଗଠନରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ସ୍ୱାଇଁଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ, ଅମୂଲ୍ୟ ମିଶ୍ର, ସୁବୋଧ କୁମାର ରାୟ ପରିଚାଳନା କରିଥିଲେ।

# ସ୍ଥାପନର ମାସେ ପରେ ସୌରଚାଳିତ ପାଣି ପମ୍ପ ଅଚଳ

## ନିମ୍ନମାନର କାମ ଅଭିଯୋଗ

■ ପାଣି ପାଇଁ ବ୍ୟବସାୟୀ, ଖାଉଟି ହଇରାଣ

**କୁଜଙ୍ଗ,୨।୧୧(ଡି.ଏନ.ଏ.)**

କୁଜଙ୍ଗ ପରିବା ହାଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଲାଗିଥିବା ସୌର ଚାଳିତ ପାଣି ପମ୍ପ ସ୍ଥାପନ ହେବାର ମାସେ ପରେ ଅଚଳ ହୋଇଯାଇଛି। ଫଳରେ ବ୍ୟବସାୟୀ ଓ ସାଧାରଣ ଜନତା ପାଣି ପାଇଁ ହଇରାଣ ହେଉଛନ୍ତି। ୨୦୨୧ ଅଗଷ୍ଟରେ କୁଜଙ୍ଗ ପଞ୍ଚାୟତ ପକ୍ଷରୁ ପରିବା ହାଟରେ ଏହି ପାଣି ପମ୍ପ ବସିଥିଲା। ମାତ୍ର ୨୦ଦିନ ପାଖାପାଖି ଚାଲିବା ପରେ ତାହା ଅଚଳ ହୋଇଯାଇଛି। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏହି ହାଟ ଉପରେ ୨୦୦ରୁ ଊର୍ଦ୍ଧ୍ୱ ପରିବା ବ୍ୟବସାୟୀ ଓ ସାଧାରଣ ଖାଉଟି ନିର୍ଭରଶୀଳ। ତୁରନ୍ତ ପାଣି ପମ୍ପକୁ କାର୍ଯ୍ୟକ୍ଷମ କରିବାକୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏହାକୁ ମରାମତି କରିବାକୁ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇନାହିଁ। ତୁରନ୍ତ ପାଣି ପମ୍ପ କାର୍ଯ୍ୟକ୍ଷମ କରି ନିମ୍ନମାନର କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମାଟି ସୁରକ୍ଷା ମଞ୍ଚର ସଂଯୋଜକ ହୃଷୀକେଶ ନାଥ, ବାବାଜୀ ଚରଣ ସେଠୀ, ନିତ୍ୟାନନ୍ଦ ସ୍ୱାଇଁ, ଫକୀର ଦାସ ପ୍ରମୁଖ ବ୍ୟବସାୟୀ ଦାବି କରିଛନ୍ତି।

ଏ ସମ୍ପର୍କରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରେ ଉକ୍ତ ପାଣି ପମ୍ପ ସମ୍ପର୍କରେ ସେ କିଛି ଜାଣିନାହାନ୍ତି କି ଏଥିରେ ପଞ୍ଚାୟତ ସମିତିର କୌଣସି ସମ୍ପୃକ୍ତି ନାହିଁ। ତାହା ପଞ୍ଚାୟତ କାର୍ଯ୍ୟ। ଏହି ଘଟଣାର ଅନୁଧ୍ୟାନ କରାଯିବ ବୋଲି ବିଡିଓ ପାଣିଗ୍ରାହୀ କହିଛନ୍ତି। ଏ ନେଇ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସଙ୍କୁ ପଚାରିବାରେ ସେ ଦାୟିତ୍ୱ ନେବାର ପୂର୍ବରୁ ଏହି କାମ ହୋଇଥିଲା। ଜାଣିଲା ପରେ ତନଖି କରିବାରୁ ଜଣାପଡିଲା ଯେ, ପମ୍ପଟି ଅଚଳ ହୋଇଯାଇଛି। ଚଳିତ ସପ୍ତାହ ସୁଦ୍ଧା ପାଣି ପମ୍ପ ପୁଣି କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।



## ସେଲ୍ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମାନତି



@ ତପନ



@ ପଦ୍ମଲୋଚନ



@ ସୁରେଶ୍ୱର



@ ସତ୍ୟବାନ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଲଟିଲା ବସ୍, ୪୦ ଆହତ

**ପାଣିକୋଇଲି,୨।୧୧(ଡି.ଏନ.ଏ.)**

ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ମସୁଦପୁର(ସାହାପୁର) ନିକଟରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଭାରସାମ୍ୟ ହରାଇ ଏକ ଘରୋଇ ଯାତ୍ରୀବାହୀ ବସ୍ ରାସ୍ତା କଡ଼କୁ ଓଲଟି ପଡ଼ିଛି। ଫଳରେ ବସରେ ଥିବା ୪୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଶାନ୍ତିଲତା ନାମକ ଏହି ବସ ନଂ.(ଓଡି-୦୪-ଜେ-୧୧୨୫) ମୟୂରଭଞ୍ଜ ବେଳିସାଗରରୁ ୪୦ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଯାଉଥିଲା। ମସୁଦପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟିହୋଇ ପ୍ରାୟ ୨୦ ଫୁଟ ତଳକୁ ଓଲଟି ପଡିଥିଲା। ଫଳରେ ବସରେ ଥିବା ୪୦ ଜଣ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣ ପୁରୁଷ ଓ ଜଣେ ମହିଳା ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଖବର ପାଇ ପୋଲିସ, ପାଟ୍ରୋଲିଂ ପୋଲିସ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଆହତଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇବା ସହ ଗୁରୁତର ୬ଜଣଙ୍କୁ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅନ୍ୟମାନଙ୍କୁ ବସ



ଯୋଗେ ସେମାନଙ୍କ ଗନ୍ତବ୍ୟସ୍ଥଳ ଭୁବନେଶ୍ୱରକୁ ପଠାଯାଇଥିଲା। ଉଦ୍ଧାର କାର୍ଯ୍ୟରେ ଏସ୍‌ପିଓ ପ୍ରମୋଦ କୁମାର ବିନ୍ଧାଣୀ, ଅଶୋକ କୁମାର ବଳ, ଏଏସ୍ଆଇ ସତ୍ୟବାନ ଦାଶ, ଧୀରେଶ ସାହୁଙ୍କ ସମେତ ହେଲପିଂ ଗ୍ରୁପର ସଭାପତି ଅଶୋକ କୁମାର ଦାସ, ସାମାଜିକ କର୍ମୀ ତାରିଣୀ ପଟ୍ଟନାୟକ, ପ୍ରଦୀପ ମାଝୀ ଓ ଟିଙ୍କୁନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଅଜଣା ଗାଡ଼ି ଧକ୍କାରେ ମୋପେଡ ଆରୋହୀ ଗୁରୁତର

**ଧର୍ମଶାଳା,୨।୧୧(ଡି.ଏନ.ଏ.)**

ଧର୍ମଶାଳା ଥନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଗାନ୍ଧୀ ଛକଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୋପେଡ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ନୟାଗଡ଼ ଅଞ୍ଚଳର ଫେରି ବ୍ୟବସାୟୀ ଚିତ୍ତରଞ୍ଜନ ମଲିକ(୫୧)। ଚିତ୍ତରଞ୍ଜନ ଚଣ୍ଡିଖୋଲ ଅଞ୍ଚଳରେ ରହି ଫେରି ବ୍ୟବସାୟ କରନ୍ତି। ବୁଧବାର ସେ ନିଜର ମୋପେଡ ନଂ.ଏମ୍‌ପି-୩୪-ଏମଏମ-୦୨୬୫ ଗାଡ଼ିରେ ଫେରି ଜିନିଷ ବୋଝେଇ କରି ବିକ୍ରି କରିବାକୁ ଯାଇଥିବା ବେଳେ ଗାନ୍ଧୀ ଛକ ଠାରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ଗୋଡ଼ ଭାଙ୍ଗିଯାଇଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।



ଭିତରକନିକା ଜାତୀୟ ଉଦ୍ୟାନର ଶୋଭା ଉପଭୋଗ କରୁଛନ୍ତି ଜର୍ମାନୀ ବିଧାନସଭାର ୧୮ ଜଣିଆ ପ୍ରତିନିଧି ଦଳ।

# ଭିତରକନିକାରେ ଜର୍ମାନୀ ବିଧାନସଭାର ୧୮ ଜଣିଆ ପ୍ରତିନିଧି

**ରାଜନଗର,୨।୧୧(ଡି.ଏନ.ଏ.)**

ଜର୍ମାନୀ ବିଧାନସଭାର ୧୮ ଜଣିଆ ପ୍ରତିନିଧି ଦଳ ବୁଧବାର ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନର ଶୋଭା ଉପଭୋଗ କରିଛନ୍ତି । ଏହି ପ୍ରତିନିଧି ଦଳ ଦିନ ୧୧ଟାରେ ଭିତରକନିକାର ଡାଙ୍ଗମାଳରେ ପହଞ୍ଚି ଥିଲେ । ସେଠାରେ ବଉଳା କୁମ୍ଭୀର ପ୍ରଜନନ କେନ୍ଦ୍ର, ବୋଟ୍ ଲାଇବ୍ରେରୀ, ମ୍ୟୁଜିୟମ , ପ୍ରଥମ ବଉଳା ଧଳା କୁମ୍ଭୀର ଗୋରୀ ଓ ଧଳା କୁମ୍ଭୀର ମଲ୍ଲୀକୁ ଦେଖିଥିଲେ । ଏହାପରେ ଚଳିତ ବର୍ଷ ନିର୍ମାଣ ହୋଇଥିବା ଦେଶର ପ୍ରଥମ ମ୍ୟାନଗ୍ରୁଭ ମେଟା ନର୍ସରୀ ବୁଲି ଦେଖିଥିଲେ । କଞ୍ଜରଭେଟର ଅଫ୍ ଫରେଷ୍ଟ ବିକାଶ ରଞ୍ଜନ ଦାଶ ଓ ଆଠଗଡ଼ ଡିଏଫ୍ଓ ଡ଼.ଯଜ୍ଞଦତ୍ତ ପତି ଭିତରକନିକାର ବଉଳା କୁମ୍ଭୀର, ଅଲିଭରିଡ଼ଲେ କଇଁଛ, ୭ ପ୍ରଜାତିର ଡ଼ଲଫିନ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବୁଝାଇଥିଲେ । ମଧ୍ୟାହ୍ନ ଭୋଜନ ସାରିବା ପରେ ବୋଟ୍ ଯୋଗେ ଡାଙ୍ଗମାଳରୁ ଖୋଳା ଯାଏ ଭିତରକନିକା ନଦୀରେ ଯାଇଥିଲେ । ନଦୀରେ ଯାତ୍ରା ସମୟରେ କୁମ୍ଭୀରଙ୍କ ଜଳ କ୍ରୀଡା ଓ ଖରା ପୋଇଁବାର ଦୃଶ୍ୟ ଦେଖି ବିମୋହିତ ହୋଇଥିଲେ । ଜଳ ପଥରେ ଲକ୍ଷ୍ମୀପ୍ରସାଦ ଡିଆରେ ପହଞ୍ଚି ଦେଶୀୟ ପକ୍ଷୀଙ୍କ ସମାଗମ ଦେଖିଥିଲେ। ଭିତରକନିକାର ଉନ୍ନତି ମୂଳକ କାର୍ଯ୍ୟ ଓ ଆତିଥ୍ୟରେ ଏହି ପ୍ରତିନିଧି ଦଳ ଖୁସି ହୋଇଥିଲେ । କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ବୈଜ୍ଞାନିକ ପ୍ରସନ୍ନ କୁମାର ନାୟକ ଓ ବନ କର୍ମଚାରୀମାନେ ଉପସ୍ଥିତ ରହି ଭିତରକନିକା ସମ୍ପର୍କରେ ସୂଚନା ଦେଇଥିଲେ ।



ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ବୁଧବାର ପାରାଦୀପ ସହରରେ କୋଷ୍ଟଗାର୍ଡ ଓ ଏନ୍‌ସିସି ପକ୍ଷରୁ ସଚେତନତା ଶୋଭାଯାତ୍ରା ହୋଇଛି।


**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.9998/PSC, Dt.1.11.22**

**Corrigendum to Advertisement No.06 of 22/23 for recruitment to the posts of Odisha Municipal Administrative Services, 2021 under Housing & Urban Development Department.**

**No.D-208:** It is for information of all concerned that, under sub-para-3(ii) of the Advertisement No. 06 of 2022-23 for recruitment to the post of Odisha Municipal Administrative Services, 2021, the clause " & Ex-Servicemen" is inserted after "Women" in the last line for extending upper age relaxation of 05 years to the Ex-Servicemen candidates.
The online applications for Ex- Servicemen candidates only for applying for the said post shall be available from 03.11.2022 to 10.11.2022.
Besides this, all other terms and conditions of the advertisement shall remain unchanged.

**Sd./- Secretary**
OIPR-12002/11/0192/2223

**GOVERNMENT COLLEGE OF ENGINEERING, KEONJHAR**
At: Jamunalia, P.O.: Old Town,
Dist.: Keonjhar, PIN - 758002 (Odisha)
Web: www.gcekjr.ac.in / Mail id: principal@gcekjr.ac.in
No. 1402 Date: 01.11.2022

**NOTICE FOR REPORTING OF CANDIDATES FOR ADMISSION INTO 1ST YEAR B.TECH FOR THE ACADEMIC SESSION 2022-23**

No. KK-220: The candidates allotted by OJEE-2022 for admission in this college for 1st year B.Tech in the academic session 2022-23 are required to report to the college on the dates as given below. The details of documents to be submitted, fee to be deposited, fee structure, etc. are available on the college website: **www.gcekjr.ac.in**.

| Reporting Date | Time | Branch | Commencement of Classes |
|---|---|---|---|
| 05.11.2022 (Saturday) | 10.00 A.M. to 4.00 P.M. | Mining Engineering, Computer Sc. & Engineering | Will be Notified Later |
| 07.11.2022 (Monday) | 10.00 A.M. to 4.00 P.M. | Electrical Engineering, Mechanical Engineering, Mineral Engineering, Metallurgical & Materials Engg., Civil Engineering | |

**Sd./- Principal**
**Government College of Engineering, Keonjhar**
OIPR-14088/11/0010/2223

No. A-673
**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN**
At/P.O.- Laxmiposi, Dist.- Mayurbhanj, PIN - 757107
Mail Id: cebmsbb2019@gmail.com

**Government of Odisha "e" PROCUREMENT NOTICE**
**Bid Identification No. 14/22-23 of CEBM, SBB, Laxmiposi**

| | | |
|---|---|---|
| i | Name of Work | a) "Construction of Black Topping Service Road from RD 15.00 Km. to RD 22.50 Km. of Baisinga Branch Canal". b) "Excavation of Nuadihi Sub Minor including Cement Concrete Lining, Service Road and its Structures". |
| ii | Estimated Cost (Lakh) | a) Rs.687.90 Lakh b) Rs.582.33 Lakh |
| iii | Period of Completion | 12 (Twelve) Calendar Months |
| iv | Date & time of availability of bid document in the portal | 07.11.2022 at 10.00 A.M. |
| v | Last date/time for receipt of bid in the portal | 23.11.2022 upto 5.00 P.M. |
| vi | Name & address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement portal **"https://tendersodisha.gov.in"**.

**Sd./- Chief Engineer & Basin Manager**
**Subarnarekha & Budhabalanga Basin, Laxmiposi**
OIPR-32429/11/0017/2223

**ODISHA PUBLIC SERVICE COMMISSION**
**ADVERTISEMENT NO.10 OF 2022-23**

**SPECIAL DRIVE RECRUITMENT FOR SC & ST CANDIDATES TO THE POSTS OF PUBLIC PROSECUTOR (GROUP-A) IN THE ODISHA STATE PROSECUTION SERVICE UNDER HOME DEPARTMENT.**
**WEBSITE-http://opsc.gov.in**

**No.D-207:** Online applications are invited from the prospective candidates through the proforma application to be made available on the Website (http://opsc.gov.in). The link for Registration and submission of online application shall be available from 07.11.2022 to 06.12.2022 for recruitment to 06 (Six) nos. of posts of Public Prosecutor (Group-A) in the Odisha State Prosecution Service (OSPS) under Home Department in the Scale of Pay of Rs.67,700-2,08,700/- of Level-13, of the Pay Matrix under ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time. The posts are temporary and likely to be made permanent.
2. VACANCY POSITION: As per requisition filed by the Home Department, Government of Odisha, the vacancy position along with reservation thereof is given below:

| Sl.No. | Category | No. of Vacancies |
|---|---|---|
| 1. | Scheduled Caste (S.C) | 02 (01-w) |
| 2. | Scheduled Tribe (S.T.) | 04 (01-w) |
| | Total | 06 (02-w) |

3. **AGE:** A candidate must have attained the age of 21 (twenty-one) years and must not have completed the age of 45 (Forty five) years on the 1st day of January, 2022 i.e. he/she must have been born not earlier than 2nd January, 1977 and not later than 1st January, 2001 (Inclusive of Age relaxation).

**4. EDUCATIONAL QUALIFICATION:**
(a) A candidate must possess a Bachelor's Degree in Law from a recognized University.
(b) He/She should have at least 10 (ten) years of experience as practicing Advocate. (Required certificate from the District & Sessions Judge in the prescribed format at Annexure-B and Certificate of Enrolment under Bar'Council to be uploaded).

5. **EXAMINATION FEE:**
The examination fee for all the categories of candidates has been exempted as per GA & PG Department Notification No.9897/Gen., dt.11.04.2022.
The link for registration shall be available from 07.11.2022 to 06.12.2022 for submission of Registered Online Application.
The candidates are advised to visit the Website of the Commission at http://opsc.gov.in for detailed information for applying to the above post.

CUTTACK
DATE- 01.11.2022

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**
OIPR-12002/11/0193/2223

**GOVERNMENT OF ODISHA** No. A-674
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, KHURDA IRRIGATION DIVISION, KHURDA**
Dist.: Khurda, Odisha - 752056, Tel/Fax: 06755-296075, Mail Id: eekhurdairrigationdivision@gmail.com
**'e' - Procurement Notice No. KHD-04 of 2022-23**

1. Name of the Work : 24 (Twenty Four) Nos. of Civil Works related to flood control works in River Embankment & Road works, Canal works
2. Tender Cost : Work varies from Rs.8.63 lakhs to 41.87 lakhs
3. Bid Document Cost : Rs.4000.00 & Rs.6000.00
4. Bid Security : Bid Security Declaration to be furnished as per Annexure - I of Section - 2 of Bid document.
5. Class of Contractor : D, C & B Class (As applicable)
6. Period of Completion : 4 and 6 (Four & Six) Calendar Months
7. Other details are as follows:

| Procurement Officer | Bid Identification No. | Availability of Tender Onliner for Bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 04 - 01 of 2022-23 to KHD 04-24 of 2022-23 (24 Nos. of Works) | 05.11.2022 at 11.00 A.M. | 14.11.2022 upto 5.30 P.M. | 15.11.2022 at 11.00 A.M. |

8. e-mail Id : **eekhurdairrigationdivision@gmail.com**
9. If required lottery may be held on 29.11.2022 at 11.00 A.M.
Further detail conditions can be seen from the Govt. Website: **www.tendersodisha.gov.in**.

OIPR-32078/11/0008/2223 **Sd./- Superintending Engineer, Khurda Irrigation Division, Khurda**

**GOVERNMENT OF ODISHA, DEPARTMENT OF P.R & D.W**
**INVITATION FOR BIDS (IFB)**
**IDENTIFICATION No: - ATHB - 01 / 2022-23**
**E-mail address: - ori-athmallik@nic.in**

**No.i-117:** 1.The Block Development Officer, Athmallik on behalf of the Governor of Orissa invites Percentage rate bid in single cover system for the works as detailed in the table, from the class of eligible contractors as mentioned in Col.4 (four), registered with the State Government and contractors of equivalent grade/ Class registered with Central Government/ MES / Railway, to be eventually drawn up in PWD P-I form, for execution of Building. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works. The detail Tender Call Notice can be viewed & downloaded from the District website i.e. www.angul.nic.in and in the office of the undersigned during office hour.

| Sl. No. | Name of works | Approx. Value of work excluding 12%GST (Rs. in Lakhs) | Class of Contractor | Bid Security (Rs.) | Cost of document (Non-refundable) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Addl. Class Room 2 nos. Renovation of Old room and Hand Washing Platform at Kankei Uchha Bidyapitha, Pedipathar | 26,61,000 | 'C' & 'B' | 26700.00 | 6000.00 | Three Calendar Months |

1.Sale of Tender Paper- dt.04.11.2022 to dt.17.11.2022 Up to 1 PM except on Sunday & Holiday during office hour.
2.Last date of receipt of Tender Paper:- Up to 5.30 PM of dt.17.11.2022 (through speed post or registered post only). 3. Date of Opening of Tender Paper:- 11.30A.M on 18.11.2022 (in the office of the undersigned).

**Sd./- Block Development Officer, Athmallik**
OIPR-19091/11/0001/2223


# ନିଖୋଜ ଯୁବକଙ୍କ ପୋଷାକ ମିଳିଲା

**ବରୀ,୨।୧୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଧୀନ ଧୁମାତ ଗ୍ରାମର ମନୋଜ ଗୋଛାୟତ ୧୫ ଦିନ ଧରି ନିଖୋଜ ଥିଲେ। ପରିବାର ତରଫରୁ ତାଙ୍କ ବାପା ତପନ ଗୋଛାୟତ ନିକିରାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତେବେ ସେ ଚଳାଉଥିବା ମୋଟରସାଇକେଲଟି ଗମୁଁ-ମହାକାଳପଡା ନଦୀ ବନ୍ଧ କଡରେ ପଡିଥିଲା। ମାତ୍ର ବୁଧବାର ମହାକାଳପଡ଼ା ନଦୀ ପଠାରେ ନିଖୋଜ ମନୋଜଙ୍କ ପୋଷାକ ମିଳିବା ପରେ ଘଟଣାଟି ଅଧିକ ରହସ୍ୟାବୃତ ହୋଇପଡ଼ିଛି। ପୋଷାକ ନିକଟରେ କିଛି ମଣିଷ ହାଡ ଏକ ଗୋଟେ ଖପୁରି ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଛି। ଏହି ଘଟଣାଟି ଚର୍ଚ୍ଚା ହେବା ପରେ ବରୀ ରାମଚନ୍ଦ୍ରପୁର ପୋଲିସ ମହାକାଳପଡ଼ା ଗ୍ରାମର ଜଣେ ମହିଳାଙ୍କୁ ଥାନାକୁ ଡାକି ଆଣି ଅଟକ ରଖିଥିବା ଜଣାପଡ଼ିଛି। ଉକ୍ତ ମହିଳାଙ୍କ ଘରକୁ ନିଖୋଜ ମନୋଜ ଯାତାୟାତ କରୁଥିଲେ। ବିଭିନ୍ନ ସମୟରେ ତାଙ୍କୁ ନେଇ ବୁଲା ବୁଲି କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ଗୁରୁବାର ନଦୀପଠାରେ ଥିବା ଗର୍ତ୍ତ ଖୋଳାଯିବ। ଏହାପରେ ଘଟଣା ଉପରୁ ପରଦା ହଟିବ ବୋଲି ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି।

**ଆଇଡିବିଆଇର ଅମୃତ ମହୋତ୍ସବ ଜମା ଅଫର**

**ନୂଆଦିଲ୍ଲୀ:** ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଅମୃତ ମହୋତ୍ସବ ଜମାର ଆଉ ଏକ ଭାରିଆଣ୍ଟକୁ ନିକଟରେ ଉନ୍ମୋଚନ କରାଯାଇଛି। ଏକ ସୀମିତ ସମୟ ପାଇଁ ଉକ୍ତ ଜମା ଉପରେ ଆକର୍ଷଣୀୟ ଅଫର ଗ୍ରାହକଙ୍କୁ ଦିଆଯାଉଛି। ଏପରିକି ମାତ୍ର ୭୦୦ଦିନରେ ୭.୫୦% ସୁଧ ହାରରେ ସର୍ବାଧିକ ସୁବିଧା ପ୍ରଦାନ କରାଯାଉଛି। ଏହା ସହ ୫୫୫ ଦିନିଆ ଅମୃତ ମହୋତ୍ସବ ଜମାରେ ମଧ ସୁଧ ହାରକୁ ୬.୫୦%ରୁ ବଢ଼ାଇ ସର୍ବାଧିକ ୭% କୁ ବୃଦ୍ଧି କରାଯାଇଛି।

# ୫% ବୃଦ୍ଧି ପାଇଛି ଓଡ଼ିଶାରେ ଜିଏସ୍‌ଟି ସଂଗ୍ରହ

କଟକ,୨।୧୧



ଚଳିତ ବର୍ଷ ଅକ୍ଟୋବରରେ ରେକର୍ଡ ପରିମାଣର ଟିକସ ଆଦାୟ ହୋଇଥିବା ଜଣାପଡ଼ିଛି। ଏପରିକି ୨୦୨୨ ଅକ୍ଟୋବରରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ପ୍ରାୟ ୧.୫୨ ଲକ୍ଷ କୋଟି ଟଙ୍କା ହୋଇଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ଅକ୍ଟୋବରରେ ମୋଟ ୧,୫୧,୭୧୮କୋଟି ଟଙ୍କାର ଟିକସ (ଜିଏସ୍‌ଟି) ସଂଗ୍ରହ ହୋଇଥିବା ବେଳେ ଓଡ଼ିଶାରୁ ମଧ ଅକ୍ଟୋବରରେ ୩,୭୬୯ କୋଟିଟଙ୍କାର ଅଧିକ ଜିଏସ୍‌ଟି ଆକାରରେ ସଂଗୃହୀତ ହୋଇଛି। ସେହିଭଳି ଗତବର୍ଷ ସମାନ ମାସ ତୁଳନାରେ ରାଜ୍ୟରେ ଜିଏସ୍‌ଟି ସଂଗ୍ରହ ୫% ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି। କାରଣ ୨୦୨୧ ଅକ୍ଟୋବରରେ ଓଡ଼ିଶାରୁ ୩,୫୯୩ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ଅପରପକ୍ଷରେ ଅକ୍ଟୋବରରେ ଜିଏସ୍‌ଟି ବାବଦକୁ ଓଡ଼ିଶା ମୋଟ ୩୭୬୯.୪୪ କୋଟି ଟଙ୍କା ସଂଗ୍ରହ କରିବାରେ ସଫଳ ହୋଇଛି। ଗତ ବର୍ଷ ସମାନ ସମୟ ମଧ୍ୟରେ ୩୫୯୩.୩୪ କୋଟି ଟଙ୍କା ସଂଗ୍ରହ ହୋଇଥିଲା। ସେହିପରି ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ସାମଗ୍ରିକ ମୋଟ ଜିଏସ୍‌ଟି ସଂଗ୍ରହ ୨୭,୯୦୧.୩୮ କୋଟି ଟଙ୍କା ରହିଥିବା ବେଳେ ଗତ ଆର୍ଥିକ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ଏହାର ପରିମାଣ ୨୩,୮୯୭.୨୦ କୋଟି ଟଙ୍କା ରହିଥିଲା। ଫଳରେ ଏ କ୍ଷେତ୍ରରେ ମଧ ୧୬.୭୬% ଅଭିବୃଦ୍ଧି ଘଟିଛି। ତେବେ ସାମଗ୍ରିକ ରାଜ୍ୟ ଜିଏସ୍‌ଟି ସଂଗ୍ରହ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ୮,୨୬୪.୫୯ କୋଟି ଟଙ୍କା ସଂଗୃହୀତ ହୋଇଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ୬,୮୧୯.୯୧ କୋଟି ଟଙ୍କା ସଂଗ୍ରହ ହୋଇଥିଲା। ଏ କ୍ଷେତ୍ରରେ ୨୧.୧୮% ଅଭିବୃଦ୍ଧି ଘଟିଛି। ଗତ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି), ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ଏବଂ ଅତିରିକ୍ତ ଟିକସ କ୍ଷେତ୍ରରେ ସାମଗ୍ରିକ ବୃଦ୍ଧି ହାର ଯଥାକ୍ରମେ ୧୮.୯୧%, ୮.୧୩% ଏବଂ ୨୧.୧୦% ରହିଛି। ତେବେ ୨୦୨୨ ଅକ୍ଟୋବରରେ ଓଡ଼ିଶା ପାଖରେ ଥିବା ଜିଏସ୍‌ଟି ରାଜସ୍ୱ ସଂଗ୍ରହ ୧,୯୩୪.୭୦ କୋଟି ଟଙ୍କା ହୋଇଥିବା ବେଳେ ଗତ ବର୍ଷ ଅକ୍ଟୋବରରେ ଉକ୍ତ ପରିମାଣ ୧,୩୭୧.୦୯ କୋଟି ଟଙ୍କା ଥିଲା। ଏ କ୍ଷେତ୍ରରେ ମଧ ୪୧.୧୦% ଅଭିବୃଦ୍ଧି ଘଟିଛି। ସେହିପରି ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟ ପାଖରେ ଥିବା ସାମଗ୍ରିକ ଜିଏସ୍‌ଟି ରାଜସ୍ୱ ସଂଗ୍ରହ ପରିମାଣ ୧୦,୪୪୪.୫୮ କୋଟି ଟଙ୍କା ହୋଇଥିବା ବେଳେ ୨୦୨୧ ଅକ୍ଟୋବର ପର୍ଯ୍ୟନ୍ତ ଏହି ପରିମାଣ ୯,୦୫୨.୬୧ କୋଟି ଟଙ୍କା ହୋଇଥିଲା। ଏ କ୍ଷେତ୍ରରେ ମଧ ୧୫.୩୮% ଅଭିବୃଦ୍ଧି ଘଟିଛି। ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ପର୍ଯ୍ୟନ୍ତ ମୋଟ ୨୮.୨୩୪ ଜଣ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇଥିବାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୨୭.୯୨୦ ଜଣ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇଥିଲା ବୋଲି ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନରଙ୍କ କଟକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଖିମ୍‌ଜୀ ରାଉରକେଲା ଷ୍ଟୋରର ୯ମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨।୧୧

**ବାର୍ଷିକ ଉତ୍ସବରେ ଆକର୍ଷଣୀୟ ରିହାତି ଅଫର**

ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର ରାଉରକେଲା ଷ୍ଟୋରର ୯ମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଷ୍ଟୋର ପକ୍ଷରୁ ଆକର୍ଷଣୀୟ ରିହାତି ସମ୍ପର୍କରେ ମଧ ଘୋଷଣା କରାଯାଇଛି। ଖିମ୍‌ଜୀ ଜୁଏଲର୍ସର ମୂଲ୍ୟବାନ୍ ଗ୍ରାହକଙ୍କ ପାଇଁ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ରିହାତି ଦିଆଯାଉଛି। ସେହିଭଳି ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦%ର ମନଲୋଭା ଅଫର ମଧ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏହି ଅଫର ଚଳିତ ବର୍ଷ ନଭେମ୍ବର ୬ ପର୍ଯ୍ୟନ୍ତ କେବଳ ରାଉରକେଲା ଷ୍ଟୋର ପାଇଁ ବୈଧ ରହିଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଇସ୍ପାତ ନଗରରେ ସଫଳତାର ୯ମ ବର୍ଷ ପାଳନ କରି ଆମେ ବେଶ୍ ଆନନ୍ଦିତ । ଏହି ବର୍ଷଗୁଡିକରେ କ୍ରମାଗତ ଭାବେ ଆମକୁ ବିଶ୍ୱାସକରି ଏବଂ ଏହାକୁ ସମଗ୍ର ରାଉରକେଲାରେ ସବୁଠାରୁ ଅଧିକ ଆଦୃତ ଅଳଙ୍କାର ବ୍ରାଣ୍ଡ ଭାବେ ପରିଣତ କରିଥିବାରୁ ଆମର ମୂଲ୍ୟବାନ୍ ଗ୍ରାହକଙ୍କ ନିକଟରେ ଆମେ କୃତଜ୍ଞ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ଏହି ଅଫର ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଭଲ ପାଇବାର ଏକ ପ୍ରତୀକ ଏବଂ ମୁଁ ଆଶା କରୁଛି ଆମ ଗ୍ରାହକମାନେ ନିଶ୍ଚୟ ଏହାର ଲାଭ ଉଠାଇବେ। ଆଗାମୀ ଦିନରେ ଖିମ୍‌ଜୀ ଜୁଏଲର୍ସ ଅଧିକରୁ ଅଧିକ ଗ୍ରାହକମାନଙ୍କୁ ସେବା ଯୋଗାଇ ସେମାନଙ୍କ ସହ ନିଜର ଅଭିବୃଦ୍ଧି ଯାତ୍ରା ଜାରି ରଖିବ। ଉଲ୍ଲେଖଯୋଗ୍ୟ, ୬,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ପ୍ରତିଷ୍ଠିତ ଏହି ଷ୍ଟୋରରେ ଗ୍ରାହକଙ୍କ ପାଇଁ ସୁନା, ହୀରା, ରୁପା ଓ ପ୍ଲାଟିନମ୍ ଅଳଙ୍କାର ସହ ଫ୍ୟାଶନ ସାମଗ୍ରୀର ଏକ ବୃହତ୍ ସମ୍ଭାର ଉପଲବ୍ଧ। ଏହା ସହ ଷ୍ଟୋରରେ ସାର୍ଟିଫାଏଡ ହୀରା ଏବଂ ୧୦୦% ବିଆଇଏସ୍ ହଲ୍‌ମାର୍କ ସୁନା ଅଳଙ୍କାର ସହ ରତ୍ନ, ଉଚ୍ଚମାନର ଘଣ୍ଟା, ଆସେସୋରିଜ୍ ଏବଂ ଅନ୍ୟାନ୍ୟ ସାମଗ୍ରୀର ସଂଗ୍ରହ ମଧ ରହିଛି।

# ୟୁକୋ ବ୍ୟାଙ୍କ ପକ୍ଷରୁ ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୨।୧୧

ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ 'ସତର୍କତା ସଚେତନତା ସପ୍ତାହ' ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ମଧ ଶପଥ ଗ୍ରହଣ କରିଥିଲେ। ଏପରିକି ବ୍ୟାଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଛି। ସେହିଭଳି ସତର୍କତା ସପ୍ତାହ ଉପଲକ୍ଷେ ସ୍ଥାନୀୟ ପୋଖରୀପୁଟସ୍ଥିତ ଡିଏଭି ସ୍କୁଲର ପିଲାମାନଙ୍କ ମଧ୍ୟରେ 'ପ୍ରିଭେଣ୍ଟିଭ ଭିଜିଲାନ୍ସ' ବିଷୟବସ୍ତୁ ଉପରେ ଏକ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ମଧ ଆୟୋଜିତ ହୋଇଯାଇଛି। ବିଶେଷ କରି ଆଞ୍ଚଳିକ କାର୍ଯ୍ୟାଳୟରେ ମଧ ଏକ କୁଇଜ୍ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ସହ ଏକ ୱାକାଥନର ମଧ ଆୟୋଜନ କରାଯାଇଥିଲା। ଉକ୍ତ ୱାକାଥନ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟରୁ ସ୍ଥାନୀୟ ରାଜମହଲ ସ୍କୋୟାର ଦେଇ ମାଷ୍ଟର କ୍ୟାଣ୍ଟିନ ରେଲ୍‌ୱେ ଷ୍ଟେଶନ ପର୍ଯ୍ୟନ୍ତ ଯାଇ ପୁନର୍ବାର ଆଞ୍ଚଳିକ କାର୍ଯ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଅବସରରେ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଗୌତମ ପାତ୍ର, ଉପ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ସାହୁ, ଉପ ମହାପ୍ରବନ୍ଧକ ସୁଭାଷ ଚନ୍ଦ୍ର ମହାପାତ୍ର, ସହାୟକ ମହାପ୍ରବନ୍ଧକ ଲିଙ୍ଗରାଜ ନାୟକ, ସହାୟକ ମହାପ୍ରବନ୍ଧକ ଦୀପ୍ତି ସେନାପତିଙ୍କ ସମେତ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ବିଲ୍ଡିଂର ସମସ୍ତ କର୍ମଚାରୀ ତଥା ଭୁବନେଶ୍ୱରର ପ୍ରମୁଖ ଶାଖାର ସବୁ ବର୍ଗର କର୍ମଚାରୀ ମଧ ଉକ୍ତ ୱାକାଥନ୍‌ରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକ ତଥା ଅନ୍ୟ ଟୁରିଷ୍ଟମାନଙ୍କ ସହ ମଧ ଭାବବିନିମୟର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସ୍ଥିରୀକୃତ ହୋଇଛି। ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୨୦୨୨ ଅକ୍ଟୋବର ୩୧ ରୁ ୬ ନଭେମ୍ବର ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯିବ।

# ଓଡ଼ିଶାରେ ଟିଭିଏସ୍ ଆଇକ୍ୟୁବ୍ ଇଲେକ୍ଟ୍ରିକ୍ ସ୍କୁଟର ଉନ୍ମୋଚିତ

**ଭୁବନେଶ୍ୱର,୨।୧୧:** ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟିଭିଏସ୍ ମୋଟରର ନୂଆ ଟିଭିଏସ୍ ଆଇକ୍ୟୁବ୍ ଇଲେକ୍ଟ୍ରିକ୍ ସ୍କୁଟର ସିରିଜକୁ ଓଡ଼ିଶା ବଜାରରେ ଉନ୍ମୋଚନ କରାଯାଇଛି। ବୁଧବାର ସ୍ଥାନୀୟ ଡୁମ୍‌ଡୁମାଠାରେ ଅବସ୍ଥିତ ଏକ ହୋଟେଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀ ୩ଟି ଭାରିଆଣ୍ଟ 'ଟିଭିଏସ୍ ଆଇକ୍ୟୁବ୍, ଟିଭିଏସ୍ ଆଇକ୍ୟୁବ୍ ଏସ୍‌ଟି ଏବଂ ଟିଭିଏସ୍ ଆଇକ୍ୟୁବ୍ ଏସ୍'ର ଅନାବରଣ ମଧ କରାଯାଇଛି। ଓଡ଼ିଶା ବଜାରରେ ଉକ୍ତ ଇ-ସ୍କୁଟରକୁ ବ୍ୟାପକ ଗ୍ରାହକ ସମର୍ଥନ ମିଳିବା ପରେ କମ୍ପାନୀ ତା'ର ବଜାର ପ୍ରବେଶ କରାଇଛି। ସେହିଭଳି ଉପରୋକ୍ତ ସ୍କୁଟରଗୁଡ଼ିକରେ ବ୍ୟାପକ ଇଣ୍ଟେଲିଜେଣ୍ଟ କନେକ୍ଟେଡ୍ ସୁବିଧା ସୁଯୋଗ ମଧ ରହିଛି। ଏଥିରେ ୭ ଇଞ୍ଚ୍ ଟିଏଫ୍‌ଟି ଟଚ୍‌ସ୍କ୍ରିନ୍ ଏବଂ କ୍ଲିନ୍ ୟୁଆଇ ସହ ଇନ୍‌ଫିନିଟି ଥିମ୍ ପର୍ସନାଲାଇଜେଶନ, ଭଏସ୍ ଆସିଷ୍ଟ ଏବଂ ଟିଭିଏସ୍ ଆଇକ୍ୟୁବ୍ ଆଲେକ୍ସା ସ୍କିଲ୍ ସେଟ୍, ମ୍ୟୁଜିକ୍ ପ୍ଲେୟାର କଣ୍ଟ୍ରୋଲ, ଓଟିଏ ଅପ୍‌ଡେଟ୍, ପ୍ଲଗ୍ ଆଣ୍ଡ




ପ୍ଲେ କ୍ୟାରି ସହିତ ଚାର୍ଜିଂ, ଯାନ ସ୍ୱାସ୍ଥ୍ୟ ଓ ସୁରକ୍ଷା ନୋଟିଫିକେଶନ, ବିବିଧ ବ୍ଲୁଟୁଥ୍, କ୍ଲାଉଡ୍ କନେକ୍ଟିଭିଟି ବିକଳ୍ପ, ୩୨ ଲିଟର ଷ୍ଟୋରେଜ୍ ସ୍ଥାନ ଏବଂ ଆହୁରି ବହୁ କିଛି ବୈଶିଷ୍ଟ୍ୟ ସାମିଲ ରହିଛି। ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନୀର ବରିଷ୍ଠ ଉପ ସଭାପତି (ଫ୍ୟୁଚର ମୋବିଲିଟି) ମନୁ ସାକ୍‌ସେନା କହିଛନ୍ତି, ସମ୍ପୂର୍ଣ୍ଣ ଆକର୍ଷଣୀୟ ନୂଆ ଟିଭିଏସ୍ ଆଇକ୍ୟୁବ୍ ସିରିଜ ଏକ ବଡ଼ ଗ୍ରାହକବର୍ଗଙ୍କୁ ଅଧିକ ବିକଳ୍ପ ପ୍ରଦାନ କରୁଛି। ନୂଆ ଟିଭିଏସ୍ ଆଇକ୍ୟୁବ୍‌ରେ ଉଚ୍ଚ ରେଞ୍ଜ ସହ ବିବିଧ ଚାର୍ଜିଂ ବିକଳ୍ପ ସୁବିଧା ରହିଛି ଏବଂ ଏହା ଶ୍ରେଣୀର ମଧ ଅଗ୍ରଣୀ ଡିସ୍‌ପ୍ଲେ ଓ ୟୁଆଇ ବିକଳ୍ପ ସହ ଆସିଛି। ସେହିପରି ଟିଭିଏସ୍ ଆଇକ୍ୟୁବ୍ ସିରିଜରେ ୩ଟି ଭାରିଆଣ୍ଟ ଥିବାବେଳେ ୧୧ଟି ରଙ୍ଗ ଏବଂ ୩ଟି ଚାର୍ଜିଂ ବିକଳ୍ପରେ ମଧ ଉପଲବ୍ଧ ହେଉଛି।

# ଓଜିବି ପକ୍ଷରୁ ସତର୍କତା ଜାଗରଣ ସପ୍ତାହ

ଭୁବନେଶ୍ୱର,୨।୧୧

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ପକ୍ଷରୁ 'ସତର୍କତା ଜାଗରଣ ସପ୍ତାହ' ନିକଟରେ ପାଳିତ ହୋଇଯାଇଛି। ଏପରିକି ଓଜିବିର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ(କର୍ମଶାଳା)ରେ ଯୋଗଦେଇ ବ୍ୟାଙ୍କର ଅଧ୍ୟକ୍ଷ ମୋହନ.ଏମ୍ ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କୁ ସଚ୍ଚୋଟତାର ସଂକଳ୍ପ ପାଠ କରାଇଥିଲେ। ବିଶେଷକରି 'ଭ୍ରଷ୍ଟାଚାର ମୁକ୍ତ ଭାରତ-ବିକଶିତ ଭାରତ'ର ବାର୍ତ୍ତା ନେଇ ଆୟୋଜିତ ଉକ୍ତ କର୍ମଶାଳାରେ ମୋହନ ଉପସ୍ଥିତ ସମସ୍ତ ଅଧିକାରୀ ତଥା କର୍ମଚାରୀଙ୍କୁ ଭ୍ରଷ୍ଟାଚାର ବିରୋଧରେ ଅଙ୍କୁଶ ଲଗାଇବା ସହ ବ୍ୟାଙ୍କ, ରାଷ୍ଟ୍ର ତଥା ସମାଜର ବିକାଶରେ ଭାଗୀଦାର ହେବାକୁ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସେହିଭଳି ଓଜିବିର ମହାପ୍ରବନ୍ଧକ ବ୍ରଜମୋହନ ଦାଶ ଉକ୍ତ ସଭାରେ ସଭାପତିତ୍ୱକରି ଭ୍ରଷ୍ଟାଚାର ନିବାରଣ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସତର୍କତା ବିଭାଗର ବରିଷ୍ଠ ପ୍ରବନ୍ଧକ ଅଲେଖ ପ୍ରସାଦ ବେହେରା ସଭା ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ, ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ କେନ୍ଦ୍ରୀୟ ସତର୍କତା ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ସତର୍କତା ସପ୍ତାହ ପାଳନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମ ୩୧ ଅକ୍ଟୋବରରୁ ୬ ନଭେମ୍ବର ପର୍ଯ୍ୟନ୍ତ ପାଳନ ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ଫୁରସତ୍



# ଜନ୍ମଦିନରେ 'ପଠାନ୍' ଟିଜର ଦେଖାଇଲେ କିଙ୍ଗ୍ ଖାନ୍

ମୁମ୍ବାଇ

ବୁଧବାର ବଲିଉଡ୍ ଅଭିନେତା ଶାହାରୁଖ ଖାନ୍‌ଙ୍କ ଜନ୍ମଦିନ ଅବସରରେ ରିଲିଜ ହୋଇଛି ତାଙ୍କ ଆଗାମୀ ଫିଲ୍ମ 'ପଠାନ'ର ଟିଜର। ୪ ବର୍ଷ ପରେ ଶାହରୁଖ ଇଣ୍ଡଷ୍ଟ୍ରିକୁ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି। ୫୭ତମ ଜନ୍ମଦିନ ଅବସରରେ ଶାହରୁଖଙ୍କ ଅପ୍ କମିଙ୍ଗ ଫିଲ୍ମ ପଠାନର ଟିଜର ରିଲିଜ୍ ହୋଇଛି । ୨୦୨୩ ରେ ପଠାନ୍ ମୁକ୍ତିଲାଭ କରିବ। ତେବେ 'ପଠାନ'ର ଟିଜର୍ ଫ୍ୟାନ୍ସଙ୍କୁ ପସନ୍ଦ ଆସିଥିବା କୁହାଯାଉଛି। ଯଶରାଜ ବ୍ୟାନ୍‌ରରେ ଏହି ଫିଲ୍ମରେ ଭରପୁର ଆକ୍ସନ, ସସ୍‌ପେନ୍ସ ଓ ଶାହାରୁଖଙ୍କ ଦମଦାର ଆକ୍ଟିଂ ଦେଖିବାକୁ ମିଳିବ । ଫିଲ୍ମରେ ଶାହରୁଖଙ୍କ ବ୍ୟତିତ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ଅଭିନେତା ଜନ ଆବ୍ରାହମ ମଧ ଦେଖାଯିବେ। ଫିଲ୍ମର ଟିଜରକୁ ଶାହାରୁଖ ନିଜ ଟ୍ୱିଟର ପେଜ୍‌ରେ ଶେୟାର କରି ଲେଖିଛନ୍ତି, ଆପଣମାନେ ନିଜ ନିଜର ସିଟ ବେଲ୍ଟ ବାନ୍ଧି ନିଅନ୍ତୁ। ପଠାନ୍ ଟିଜର୍ ଏବେ ଆପଣଙ୍କ ସାମ୍ନାରେ! ଆପଣମାନେ ୨୫ ଜାନୁଆରୀରେ ନିଜର ନିକଟତର ଫିଲ୍ମ ହଲ୍‌ରେ ଫିଲ୍ମକୁ ଦେଖିପାରିବେ'। ଫିଲ୍ମଟି ହିନ୍ଦୀ ଭାଷା ଛଡ଼ା ତାମିଲ ଓ ତେଲୁଗୁ ଭାଷାରେ ମଧ ରିଲିଜ ହେବ। ଟିଜର୍ ରିଲିଜ ହେବା ପରେ ଫ୍ୟାନ୍ସଙ୍କ ମନରେ ବେଶ ଉତ୍ସାହ। ଫିଲ୍ମଟି ସୁପରହିଟ ହେବ ବୋଲି ଆଶା କରାଯାଉଛି । ପୂର୍ବରୁ ମଧ ବହୁବାର ଶାହାରୁଖ ଦୀପିକା ଏକାଠି ସ୍କ୍ରିନ ସେୟାର କରିସାରିଛନ୍ତି ଏବଂ ଦର୍ଶକ ମଧ ଏହି ଯୋଡ଼ିକୁ ବେଶ ଭଲ ପାଇବା ଦେଇଛନ୍ତି। ସୁପରଷ୍ଟାର ସଲମାନ ଖାନ୍‌ଙ୍କୁ ମଧ ଫିଲ୍ମରେ ଦେଖିବାକୁ ମିଳିବ। ତେବେ ଜନ୍ମ ଦିବ ଅବସରରେ ମଙ୍ଗଳବାର ମଧ ରାତ୍ରୀରୁ କିଙ୍ଗ୍ ଖାନ୍‌ଙ୍କ ଫ୍ୟାନ୍ସମାନେ ତାଙ୍କୁ ବଧେଇ ଦେବା ଆରମ୍ଭ କରିଥିଲେ।

# ବିବାହ କଲେ ମାରିଏନା, ଫୋବିଓଲା




ୱାଶିଂଟନ୍

**ସୁନ୍ଦରୀ ଜଗତରେ ଚର୍ଚ୍ଚା**

ସମଲିଙ୍ଗୀ ସମ୍ପର୍କକୁ ଅନେକ ଦେଶ ସ୍ୱୀକୃତି ଦେବା ପରେ ଅନେକେ ଏବେ ନିଜ ରିଲେଶନ୍‌ଶିପ୍ ଷ୍ଟାଟସ୍‌କୁ ସର୍ବସମ୍ମୁଖରେ ପ୍ରକାଶ କରିବା ଆରମ୍ଭ କରିଛନ୍ତି। ତେବେ ସୁନ୍ଦରୀଙ୍କ ଜଗତରେ ଏବେ ଏହି ସମ୍ପର୍କକୁ ନେଇ ଜୋର୍ ଚର୍ଚ୍ଚା ଆରମ୍ଭ ହୋଇଛି । ବର୍ଷ ୨୦୨୦ର ମିସ୍ ଗ୍ରାଣ୍ଡ ଆର୍ଜେଣ୍ଟିନା ମାରିଆନା ଭରେଲା ଏବଂ ମିସ୍ ଗ୍ରାଣ୍ଡ ପୁଏରତୋ ରିକୋ ଫାବିଓଲା ଖୁବ୍ ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ବାହାଘରକୁ ନେଇ ଏହି ଦୁଇ ସୁନ୍ଦରୀ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ଦୁହେଁ ପରସ୍ପରକୁ ମୁଦି ପିନ୍ଧାଉଥିବା ଜାରି ଭିଡିଓରେ ଦେଖିବାକୁ ମିଳିଛି। ଦୁହେଁ ପୁରତୋ ରିକୋର ଏକ ମ୍ୟାରେଜ୍ ଭେନ୍ୟୁ ସମ୍ମୁଖରେ ଛିଡ଼ା ହୋଇଥିବାବେଳେ ହ୍ୱାଇଟ୍ ଡ୍ରେସ୍ ପିନ୍ଧିଥିବା ଫଟୋରେ ନଜରକୁ ଆସିଛନ୍ତି। ଏକାଧିକ ବର୍ଷ ନିଜ ସମ୍ପର୍କକୁ ଗୋପନ ରଖିବା ପରେ ଆମେ ଏହାକୁ ସର୍ବସମ୍ମୁଖକୁ ଆଣିଛୁ। ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଦୁହେଁ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ଦିନ ବିତିବା ସାଙ୍ଗକୁ ଦୁହେଁ ପରସ୍ପରର ନିକଟତର ହୋଇଥିଲେ, ଯାହାପରେ ମୋରିଓନା ଓ ଫୋବିଓଲା ପରସ୍ପର ପ୍ରେମରେ ପଡ଼ିଥିବା କୁହାଯାଉଛି। ଉକ୍ତ ଫଟୋରେ ବହୁ ସେଲିବ୍ରିଟି କମେଣ୍ଟ ଜରିଆରେ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୨୦୧୯ର ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ ମଧ ଦୁଇ ସୁନ୍ଦରୀଙ୍କୁ ସେମାନଙ୍କ ବାହାଘର ପାଇଁ ଶୁଭକାମନା ଜଣାଇଛନ୍ତି।

# ୮୮ତମ ବାହାଘର ପାଇଁ ପ୍ରସ୍ତୁତ 'ପ୍ଲେବଏ କିଙ୍ଗ୍'

ଜାକର୍ତ୍ତା

**୮୭ ସ୍ତ୍ରୀ ହାତ ଛାଡ଼ିସାରିଲେଣି**

ଇଣ୍ଡୋନେସିଆ ମାଜାଲେଙ୍ଗାକାର ୬୧ବର୍ଷୀୟ ପ୍ଲେବଏ କିଙ୍ଗ୍ ଭାବେ ଜଣାଯାଉଥିବା କାନ୍ ୮୮ଥର ପାଇଁ ବାହାହେବାକୁ ଯାଉଛନ୍ତି। ସେ ତାଙ୍କ ୮୬ତମ ସ୍ତ୍ରୀଙ୍କୁ ଆଉଥରେ ବାହାହେବେ। ଏକାଧିକ ଥର ବାହା ହୋଇସାରିଥିବା କାନ୍ ପେସାରେ ଜଣେ କୃଷକ। ତାଙ୍କୁ ଯେତେବେଳେ ୪୧ ବର୍ଷ ବୟସ ହୋଇଥିଲା, ସେ ପ୍ରଥମ ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀ କାନ୍‌ଙ୍କଠାରୁ ସେ ୨ ବର୍ଷ ବଡ଼ ହୋଇଥିବା ସେ କହିଛନ୍ତି। କାନ୍ ଗରିବ ହେବା କାରଣରୁ ସ୍ତ୍ରୀମାନେ ତାଙ୍କ ସହ ଅଧିକ ଦିନ ରହିବାକୁ



ପସନ୍ଦ କରୁ ନ ଥିବା ସେ କହିଛନ୍ତି। ତାଙ୍କ ବୈବାହିକ ଜୀବନ ମାସେରୁ ଅଧିକ ଦିନ ଯାଉ ନ ଥିବା ସେ ପ୍ରକାଶ କରିଛନ୍ତି। ସ୍ତ୍ରୀମାନେ ଛାଡ଼ି ଚାଲିଯାଉଥିବା କାରଣରୁ ସେ ଗୁଣି ଗାରେଡି ସହାୟତାରେ ମହିଳାଙ୍କୁ ନିଜ କାବୁକୁ ଆଣବା ପାଇଁ ବହୁବାର ଭାବିଥିଲେ ହେଁ, ଏହାଦ୍ୱାରା ସେ କୌଣସି ମହିଳାଙ୍କ ଭାବନା ସହ ଖେଳିବାକୁ ଚାହୁଁ ନଥିବା କହିଛନ୍ତି। ବର୍ତ୍ତମାନ କାନ୍‌ଙ୍କର କେତେଜଣ ପିଲା ସେ ବିଷୟରେ କୌଣସି ସୂଚନା ନାହିଁ। ନିଜ ୮୮ତମ ବାହାଘର ପାଇଁ ସେ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ୮୬ତମ ସ୍ତ୍ରୀଙ୍କଠାରୁ ବିବାହ ବିଚ୍ଛେଦ ପରେ ଦୁହେଁ ଅଧିକ ନିକଟତର ହୋଇଥିଲେ ଓ ପୁଣିଥରେ ଦୁହେଁ ପ୍ରେମରେ ପଡ଼ିବା ପରେ ଏବେ ବିବାହ ଲାଗି ନିଷ୍ପତ୍ତି ନେଇଥିବା ଖବର ପ୍ରକାଶ ପାଇଛି ।

# ୬ ମାସ ବିଳମ୍ବରେ ଆସିବ 'ଆଦିପୁରୁଷ'

**ମୁମ୍ବାଇ:**ପ୍ରଭାସ ଏବଂ କୃତି ସାନନ୍‌ଙ୍କ ଅଭିନୀତ ଚଳଚ୍ଚିତ୍ର 'ଆଦିପୁରୁଷ'ର ଟିଜର ରିଲିଜ ହେବା ପରେ ଏହା ବିବାଦ ଘେରକୁ ଆସିଥିଲା। ଶ୍ରୀରାମଙ୍କ କାହାଣୀ ଉପରେ ଆଧାରିତ ଏହି ଫିଲ୍ମରେ ରାବଣ ଓ ହନୁମାନଙ୍କ ଲୁକ ଲୋକଙ୍କୁ ପସନ୍ଦ ଆସି ନ ଥିବା କୁହାଯାଉଛି। ତେବେ ଲୋକଙ୍କ ନକାରାତ୍ମକ ପ୍ରତିକ୍ରିୟା ଯୋଗୁଁ ନିର୍ମାତା ଫିଲ୍ମର ରିଲିଜ ତାରିଖ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆଦିପୁରୁଷ ଜାନୁଆରୀ ୧୨ ରେ ରିଲିଜ ହେବାର ଥିଲା। କିନ୍ତୁ ଫିଲ୍ମ ନିର୍ମାତା ରିଲିଜ୍ ତାରିଖ ଆହୁରି ୬ ଘୁଞ୍ଚାଇ ଦେଇଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି।

# ମାସକୁ ୭୩ ହଜାର ରୋଗୀ ସୁବିଧା ପାଉଛନ୍ତି

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସମୀକ୍ଷା**

- ସରକାର ଖର୍ଚ୍ଚ କରୁଛନ୍ତି ୧୬୫ କୋଟି
- ୫୦୦ ଘରୋଇ ହସ୍ପିଟାଲ ବିଏସ୍‌କେୱାଇ ଅନୁବନ୍ଧିତ

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

ବିଜୁସ୍ୱାସ୍ଥ୍ୟକଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ମାସକୁ ପ୍ରାୟ ୭୩ ହଜାର ରୋଗୀ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ ଚିକିତ୍ସା ପାଉଥିବା ବେଳେ ଏଥିପାଇଁ ରାଜ୍ୟ ସରକାର ମାସକୁ ୧୬୫ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସମୀକ୍ଷା କରିଛନ୍ତି। ସମୀକ୍ଷାରୁ ଜଣାଯାଇଛି, ରାଜ୍ୟର ୯୬.୫ ଲକ୍ଷ ପରିବାରକୁ ଏହି ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ରାଜ୍ୟର ୩.୩୦ କୋଟି ଲୋକ ଉପକୃତ ହେଉଛନ୍ତି। ହିତାଧିକାରୀମାନଙ୍କ ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକୁ ତାଲିକାଭୁକ୍ତ କରାଯାଇଛି। ଏଥିରେ ପ୍ରତି ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯାଉଛି। ମହିଳା ହିତାଧିକାରୀଙ୍କ କ୍ଷେତ୍ରରେ ଏହି ସୁବିଧା ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଳିପାରୁଛି।

ବର୍ତ୍ତମାନ ସୁଦ୍ଧା ୫୦୦ ଘରୋଇ ହସ୍‌ପିଟାଲକୁ ତାଲିକାଭୁକ୍ତ କରାଯାଇଛି। ସେଥିମଧ୍ୟରୁ ୯୮ଟି ବାହାର ରାଜ୍ୟର। ରାଜ୍ୟ ବାହାରେ ଥିବା ହସ୍ପିଟାଲଗୁଡ଼ିକ ମଧ୍ୟରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଟାଟା ମେମୋରିଆଲ ହସ୍ପିଟାଲ, ସିଏମ୍‌ସି ଭେଲୋର, ଶଙ୍କର କ୍ୟାନ୍‌ସର ହସ୍ପିଟାଲ ବାଙ୍ଗାଲୋର, ନାରାୟଣ ହୃଦୟାଳୟ ହସ୍ପିଟାଲ, ଫର୍ଟିସ ହସ୍ପିଟାଲ, ଆପୋଲ ହସ୍ପିଟାଲ ଇତ୍ୟାଦି ରହିଛନ୍ତି। ୧୭ଟି ରାଜ୍ୟରେ ଏହି ହସ୍ପିଟାଲଗୁଡ଼ିକ ବିଏସ୍‌କେୱାଇ ଯୋଜନାରେ ସେବା ଯୋଗାଇ ଦେଉଛନ୍ତି। ବିଭିନ୍ନ ତାଲିକାଭୁକ୍ତ ଡାକ୍ତରଖାନାରେ ଚିକିତ୍ସାଧୀନ ହିତାଧିକାରୀମାନଙ୍କ ସହିତ ବିଏସ୍‌କେୱାଇ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଯୋଗାଯୋଗରେ ଅଛନ୍ତି। ରୋଗୀଙ୍କ ସନ୍ତୋଷ ହାର ୯୭ ପ୍ରତିଶତ ରହିଛି ବୋଲି ସମୀକ୍ଷାରୁ ଜଣାଯାଇଛି। ଏଥିସହିତ ରୋଗୀମାନଙ୍କ ଆଡ୍‌ମିଶନ ତଥା ଅନ୍ୟାନ୍ୟ ସହାୟତା ପାଇଁ ଏହି ଘରୋଇ ହସ୍ପିଟାଲଗୁଡ଼ିକରେ ସ୍ୱାସ୍ଥ୍ୟମିତ୍ରମାନଙ୍କୁ ରଖାଯାଇଛି।

## ବିଏମ୍‌ଡି ଇଣ୍ଟରସେପ୍ଟର ପର୍ଯ୍ୟାୟ-୨ର ପରୀକ୍ଷଣ



**ବାଲେଶ୍ୱର ଅଫିସ, ୨।୧୧:** ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆରଡିଓ) ପକ୍ଷରୁ ପର୍ଯ୍ୟାୟ-୨ ବାଲିଷ୍ଟିକ ମିଶାଇଲ ଡିଫେନ୍ସ (ବିଏମ୍‌ଡି) ଇଣ୍ଟରସେପ୍ଟର ଏଡି-୧ର ପରୀକ୍ଷଣ ହୋଇଛି। ଭଦ୍ରକ ଜିଲା ଏପିଜେ ଅବଦୁଲ କଲାମ ଦ୍ୱୀପରୁ ବୁଧବାର ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା। ଏଥିରେ ବିଭିନ୍ନ ସ୍ଥାନରେ ଥିବା ସମସ୍ତ ବିଏମ୍‌ଡି ଅସ୍ତ୍ର ପ୍ରଣାଳୀ ଉପକରଣକୁ ସାମିଲ କରାଯାଇଥିବା ବେଳେ ଏହା ସଫଳ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଡି-୧ ହେଉଛି ଏକ ଦୀର୍ଘ ଦୂରଗାମୀ ଇଣ୍ଟରସେପ୍ଟର ବା ପ୍ରତିରୋଧୀ କ୍ଷେପଣାସ୍ତ୍ର। ପରୀକ୍ଷଣ ସମୟରେ ମୁତୟନ ରାଡାର, ଟେଲିମେଟ୍ରି ଓ ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ଷ୍ଟେସନ ସମେତ ସଂଖ୍ୟାଧିକ ରେଞ୍ଜ ସେନ୍ସର ଦ୍ୱାରା ସଂଗୃହୀତ ତଥ୍ୟ, କ୍ଷେପଣାସ୍ତ୍ର ପ୍ରଣାଳୀର ପ୍ରଦର୍ଶନକୁ ପ୍ରମାଣିତ କରିଥିଲା। ଏଡି-୧ର ସଫଳ ପରୀକ୍ଷଣ ସହ ଜଡ଼ିତ ସମସ୍ତ ସହଯୋଗୀଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଭିନନ୍ଦନ ଜଣାଇଛନ୍ତି। ସେ ଏହାକୁ ଏକ ଅଭିନବ ଇଣ୍ଟରସେପ୍ଟର ଭାବେ ଅଭିହିତ କରିବା ସହ ବିଶ୍ୱର ମାତ୍ର କେତୋଟି ରାଷ୍ଟ୍ର ନିକଟରେ ଏହି କ୍ଷେପଣାସ୍ତ୍ର ଉପଲବ୍ଧ ଥିବା କହିଛନ୍ତି। ଏହା ଦେଶର ବାଲିଷ୍ଟିକ କ୍ଷେପଣାସ୍ତ୍ର ପ୍ରତିରକ୍ଷା କ୍ଷମତାକୁ ଆହୁରି ସୁଦୃଢ଼ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଅପରପକ୍ଷେ ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି. କାମାତ୍ ନିଜର ସହଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ, ବିଭିନ୍ନ ପ୍ରକାର ଟାର୍ଗେଟକୁ ଧ୍ୱଂସ କରିବାର କ୍ଷମତା ଏହି କ୍ଷେପଣାସ୍ତ୍ର ପ୍ରଣାଳୀ ନିକଟରେ ରହିଛି।

## କୂଅରେ ପଡ଼ି ଗର୍ଭିଣୀ ହାତୀ ମୃତ



ମୃତ ହାତୀ।

**ବିଶୋଇ,୨।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ଅଧୀନ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ସୀମାବର୍ତ୍ତୀ ଦଳେଇଡିହି ଗ୍ରାମ୍ୟ ଜଙ୍ଗଲ ନିକଟରେ ଥିବା ପରିତ୍ୟକ୍ତ କୂଅରେ ପଡ଼ି ଏକ ଗର୍ଭିଣୀ ହାତୀର ମୃତ୍ୟୁ ହୋଇଛି। ବନ କର୍ମଚାରୀଙ୍କ ଦ୍ୱାରା ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ କରାଯାଇଛି। ମୃତ ହାତୀର ବୟସ ୮ରୁ ୯ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ମଙ୍ଗଳବାର ରାତିରେ ୬ଟି ହାତୀ ଧାନ ଖାଇବା ଲାଗି ପାହାଡ଼ରୁ ଓହ୍ଲାଇବା ସମୟରେ ସେଥିମଧ୍ୟରୁ ଉକ୍ତ ଗର୍ଭିଣୀ ହାତୀଟି କୂଅରେ ପଡ଼ି ଯାଇଥିବା ବନବିଭାଗ କହିଛି।

ସୂଚନା ଅନୁଯାୟୀ, ବୁଧବାର ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ ଉକ୍ତ ପରିତ୍ୟକ୍ତ କୂଅ ମଧ୍ୟରେ ହାତୀ ପଡ଼ିଥିବା ଦେଖି ସରଗଡ଼ା ବନାଞ୍ଚଳ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ବନପାଳ ଜୀବନବଲ୍ଲଭ ପାତ୍ର, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ସମେତ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀ, ଏସିଏଫ୍ ନବୀନ ଚନ୍ଦ୍ର ନାଏକ, ବୈଦ୍ୟନାଥ ମାଝୀ, ରାଇରଙ୍ଗପୁର ରେଞ୍ଜ ଅଧିକାରୀ ସତ୍ୟବ୍ରତ ପଟ୍ଟନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କୂଅ ମଧ୍ୟରୁ ହାତୀକୁ ଉଦ୍ଧାର କରିଥିଲେ। ପରେ ବିଜାତଳା ବ୍ଲକ ପ୍ରାଣୀ ଚିକିତ୍ସାଳୟ ଅଧିକାରିଣୀ ହାତୀକୁ ମୃତ ଘୋଷଣା କରିଥିଲେ।

# ଦାଦନ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

- ମୃତଦେହ ନେଇ ଆସିଥିବା ଆମ୍ବୁଲାନ୍ସ, କର୍ମଚାରୀ ଅଟକ
- ନ୍ୟାୟ ଭିକ୍ଷା କଲେ ପରିବାର ଲୋକେ

**ଚାନ୍ଦବାଲି,୨।୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଭାଟପଡ଼ା ପଞ୍ଚାୟତ ଅନ୍ତର୍ଗତ ରାଉତପଡ଼ା ଗ୍ରାମର ଜଣେ ଯୁବକ ରାଜସ୍ଥାନକୁ ଦାଦନ ଖଟିବାକୁ ଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ମୃତଦେହ ରଖି ନ୍ୟାୟ ଭିକ୍ଷା କରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ମାଧବାନନ୍ଦ ଦାସଙ୍କ ପୁଅ ଅକ୍ଷୟ (୩୫) ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ରାଜସ୍ଥାନ ଯାଇଥିଲେ। ରାଜସ୍ଥାନର ଉଦୟପୁରଠାରେ ଠିକାଦାରି କରୁଥିବା ଘଣ୍ଟେଶ୍ୱର ଗୋପୀନାଥପୁର ଗ୍ରାମର ବୁଲୁ ସାହୁଙ୍କ ପାଖରେ କାର୍ଯ୍ୟ କରୁଥିଲେ। ୧୦ ଦିନ ଧରି ସେଠାରେ ଅକ୍ଷୟ ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ତାଙ୍କର ଠିକ୍ ଭାବେ ଚିକିତ୍ସା ହୋଇ ପାରି ନ ଥିଲା। ଚିକିତ୍ସା ଅଭାବରୁ ରବିବାର ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଠିକାଦାର ବୁଲୁ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ଗାଁକୁ ପଠାଇଥିବା ବେଳେ ମଙ୍ଗଳବାର ରାତି ପ୍ରାୟ ୨ଟା ବେଳେ ମୃତଦେହ ଗାଁରେ ପହଞ୍ଚିଥିଲା। ଅକ୍ଷୟଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ଠିକାଦାର ବୁଲୁ ସାହୁଙ୍କୁ ଦାୟୀ କରିଥିବା ବେଳେ ଉକ୍ତ ପରିବାରକୁ ନ୍ୟାୟ ଦାବିରେ ମୃତଦେହ ନେଇ ଆସିଥିବା ଆମ୍ବୁଲାନ୍ସ ସହ ୪ଜଣ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିବା ସୂଚନା ମିଳିଛି।



ଆମ୍ବୁଲାନ୍ସକୁ ଅଟକ ରଖିଥିବା ଗ୍ରାମବାସୀ।

## ପ୍ରଧାନ ଶିକ୍ଷକ, ଶିକ୍ଷକ ନିଲମ୍ବିତ

**ମଧ୍ୟାହ୍ନଭୋଜନ ଚାଉଳ ଦୋକାନରେ ବିକ୍ରି**

**ତେନ୍ତୁଲିଖୁଣ୍ଟି,୨।୧୧(ଡି.ଏନ୍.ଏ.)**

ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ଆସିଥିବା ଚାଉଳ ବାହାରେ ବିକ୍ରି କରି ଦିଆଯାଉଛି। ଏଭଳି ଅଭିଯୋଗ ହେବାପରେ ତଦନ୍ତକରି ବିଇଓ ଜଣେ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରୁ ଏଭଳି ଖବର ଆସିଛି।

ଟଭାପଦର ୟୁପି ସ୍କୁଲ ପରିଚାଳନା କମିଟି ସଭାପତି ହରେଶ ବାଘ ମଧ୍ୟାହ୍ନଭୋଜନ ପାଇଁ ଆସିଥିବା ୬ ପ୍ୟାକେଟ ଚାଉଳ ତେନ୍ତୁଲିଖୁଣ୍ଟିର ଏକ ଦୋକାନକୁ ବିକ୍ରି କରିବାକୁ ନେଇଥିଲେ। ଗାଁର ତ୍ରିନାଥ ବାଘ ଏହା ଦେଖି 'ଜୟ ତେନ୍ତୁଲିଖୁଣ୍ଟି ମାନବ ସେବା' ଗ୍ରୁପ୍‌ର ସହଯୋଗରେ ହରେଶଙ୍କୁ ଧରିଥିଲେ। ପରେ ତ୍ରିନାଥ ଏ ନେଇ ତେନ୍ତୁଲିଖୁଣ୍ଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଚାଉଳକୁ ଜବତ କରାଯାଇଥିଲା। ଘଟଣାର ତଦନ୍ତ ପରେ ତେନ୍ତୁଲିଖୁଣ୍ଟି ବିଇଓ ସମରେନ୍ଦ୍ର ଭୌମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ବନ୍ଧୁ ଜାନି ଏବଂ ଶିକ୍ଷକ ଜଗନ୍ନାଥ ନାୟକଙ୍କୁ ନିଲମ୍ବନ କରିଛନ୍ତି। ଅନ୍ୟପକ୍ଷରେ ସ୍କୁଲ ପରିଚାଳନା କମିଟିର ସଭାପତିଙ୍କ ବିରୋଧରେ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିବା ବେଳେ ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ସେହିପରି ଏହି ସ୍କୁଲରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ଘଟଣା ପ୍ରଥମ। ପୂର୍ବରୁ ମଧ୍ୟ ଏଭଳି ଚାଲିଥିଲା। ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## କଣ୍ଟା ଓଜନଠାରୁ ଅଧିକ ଲୁହାପଥର ପରିବହନ, ୧୨ ଟ୍ରକ୍ ଅଟକ

**ଯୋଡ଼ା,୨।୧୧(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଚୋରା ଖଣିଜ କାରବାରକୁ ରୋକି ହେଉନି। ବିଭିନ୍ନ ଉପାୟରେ ଲୁହାପଥର ଚୋରି ହେଉଛି। ମଙ୍ଗଳବାର ଏବଂ ବୁଧବାର ୨ଦିନରେ ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଭଦ୍ରାସାହିସ୍ଥିତ ଓଡ଼ିଶା ମିନେରାଲ ଡେଭଲପ୍‌ମେଣ୍ଟ କମ୍ପାନୀ ଲିମିଟେଡ୍ (ଓଏମ୍‌ଡିସି) ଲୁହାପଥର ଖଣିରୁ ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ଲୁହାପଥର ପରିବହନ ଅଭିଯୋଗରେ ଖଣି ବିଭାଗ ୧୨ ଟ୍ରକ୍‌କୁ ଅଟକ ରଖିଛି। ସମସ୍ତ ଟ୍ରକ୍‌ର କାଗଜପତ୍ର ଯାଞ୍ଚ କରାଯାଉଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ ସୂଚନା ଦେଇଛନ୍ତି।

ଓଏମ୍‌ଡିସି ଖଣିରୁ ସମ୍ବଲପୁରସ୍ଥିତ ଶ୍ୟାମ ମେଟାଲ ନାମକ କାରଖାନାକୁ ମଙ୍ଗଳବାର ଲୁହାପଥର ପରିବହନ ହେଉଥିଲା। ୯ଟି ଟ୍ରକ୍ ଲୁହାପଥର ବୋଝେଇ କରି ଗନ୍ତବ୍ୟସ୍ଥଳ ଅଭିମୁଖେ ଯାଉଥିବାବେଳେ ସନ୍ଦେହ ଉପୁଜିବାରୁ ଗନ୍ଧଲପଦା ସରକାରୀ ଓଜନ କଣ୍ଟାରେ ଲୁହାପଥରକୁ ପୁନର୍ବାର ଓଜନ କରାଯାଇଥିଲା। ଯାଞ୍ଚ ପରେ ୯ଟି ଟ୍ରକ୍‌ରେ ଅଧିକ ଲୁହାପଥର ବୋଝେଇ ହୋଇଥିବା ଖଣି ବିଭାଗ ଜାଣିବାକୁ ପାଇଥିଲା। ସେହିପରି ବୁଧବାର ମଧ୍ୟ ୩ଟି ଟ୍ରକ୍‌ରେ ଅନୁରୂପ ଲୁହାପଥର ଅଧିକ ବୋଝେଇ ହୋଇଥିବା ବିଭାଗ ଜାଣିବା ପରେ ଟ୍ରକକୁ ଅଟକ ରଖିଛି। ଏହି ସବୁ ଟ୍ରକ୍‌ରେ ଉନ୍ନତମାନର ଲୁହାପଥର ବୋଝେଇ ହୋଇଥିଲା। ପ୍ରତି ଟ୍ରକ୍‌ରେ ଖଣିର ନିଜସ୍ୱ ଓଜନ କଣ୍ଟାରେ ଓଜନ ହୋଇଥିବା ପରିମାଣରୁ ପ୍ରାୟ ୨ଟନ୍ ଅଧିକ ଲୁହାପଥର ବୋଝେଇ ହୋଇଥିବା ଜଣାପଡ଼ିଛି। ଯାଞ୍ଚ ପ୍ରକ୍ରିୟା ଚାଲିଛି। ଏହା ପରେ ଉକ୍ତ ଖଣିରୁ ପରିବହନ କରୁଥିବା ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଉକ୍ତ ଟ୍ରକ୍‌ରୁ ଅଧିକ ବୋଝେଇ ଲୁହାପଥରକୁ ଖଲାସ କରାଯାଇ ଜରିମାନା କରାଯିବ ବୋଲି ଅଗ୍ରୱାଲ ପ୍ରକାଶ କରିଛନ୍ତି। ଖଣି ବିଷାରଦଙ୍କ ମତରେ ନିୟମ ଅନୁସାରେ ଖଣିର ନିଜସ୍ୱ କଣ୍ଟାରେ ଓଜନ କରାଯିବା ପରେ ସେହି ଅନୁସାରେ ଖଣିର ଅଧିକାରୀ ପରିବହନ ନିମନ୍ତେ ଟ୍ରାନ୍‌ଜିଟ ପାସ୍ ପ୍ରଦାନ କରିଥାନ୍ତି। ଏହାକୁ ବ୍ୟବସ୍ଥିତ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ମାଇନିଂ ମିନେରାଲ୍ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇ ଥ୍ରି-ଏମ୍‌ଏସ୍) ପ୍ରଯୁକ୍ତି ବିଦ୍ୟା ରହିଛି। ଏହସତ୍ତ୍ୱେ ମଧ୍ୟ ଏଖଣିରୁ ଚୋରିକୁ ରୋକି ହେଉନି, ଯାହକି ଗତ ୨ଦିନ ମଧ୍ୟରେ ୧୨ ଟ୍ରକ୍ ଅଟକ ଘଟଣାରୁ ସ୍ପଷ୍ଟ ହେଉଛି। ଲୁହାପଥର ଚୋରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ଖଣି ବିଶେଷଜ୍ଞ ମତ ଦେଉଛନ୍ତି।

## ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ କରାଯିବ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ରାଜ୍ୟର ପ୍ରମୁଖ ସହରଗୁଡ଼ିକର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗମନାଗମନ ସହ ମୌଳିକ ସେବା ଭିତ୍ତିଭୂମି ବିକାଶ ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନ ସଭାଗୃହରେ ରାଜଧାନୀ ସମେତ ବଡ଼ ବଡ଼ ମହାନଗର ନିଗମ ଅଞ୍ଚଳର ବିକାଶ ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍ ସହରାଞ୍ଚଳ ବିକାଶ ପାଇଁ ଆନ୍ତଃ ବିଭାଗୀୟ ସମନ୍ୱୟ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଛନ୍ତି। ରାଜ୍ୟର ଦୃତ୍ ବର୍ଦ୍ଧିଷ୍ଣୁ ପ୍ରମୁଖ ସହର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡିକରେ ସୁଗମ ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ବଡ଼ ବଡ଼ ସହରରେ ବିଭିନ୍ନ ପ୍ରକାର ନିଯୁକ୍ତି ଓ ଜୀବିକା ସୁଯୋଗ ସୃଷ୍ଟି ହୋଇଥାଏ। ବିଭିନ୍ନ ଆର୍ଥିକ ବର୍ଗର ଲୋକ ଏହାର ସୁଯୋଗ ନେଇଥାଆନ୍ତି। ଏହାଛଡ଼ା ନିଜର ବୃତ୍ତି, ଶିକ୍ଷା, ଚିକିତ୍ସା ଜମିଜମା ଖର୍ଦ୍ଦି-ବିକ୍ରି, ନ୍ୟାୟାଳୟ କାର୍ଯ୍ୟ, ଉତ୍ପାଦ ଦ୍ରବ୍ୟ ବିକ୍ରିବଟା ଓ ବାଣିଜ୍ୟ ଆଦିପାଇଁ ଅନେକ ଲୋକ ଦୈନିକ ସହରକୁ ଯିବା ଆସିବା କରିଥାଆନ୍ତି।

ତେଣୁ ପ୍ରମୁଖ ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡିକରେ ରାସ୍ତା ପ୍ରଶସ୍ତୀକରଣ ସହ ବିଭିନ୍ନ ମୌଳିକ ସେବାର ଉନ୍ନତି ପାଇଁ ଏକ ୫ ବର୍ଷିଆ କାର୍ଯ୍ୟ ଯୋଜନା ଚିଠା ପ୍ରସ୍ତୁତ କରିବା ନିମନ୍ତେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ଏବଂ ଜଳ ସମ୍ପଦ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସହରକୁ ବିଭିନ୍ନ ଦିଗରୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକର ଚିହ୍ନଟକରି ସେସବୁର ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଚିହ୍ନିତ ରାସ୍ତାଗୁଡ଼ିକ ମଧ୍ୟରେ ଆନ୍ତଃ ସଂଯୋଗୀକରଣ ମାଧ୍ୟମରେ ଏକ ରୋଡ୍ ନେଟ୍ ୱର୍କ ସୃଷ୍ଟି କରାଯିବ। ମାସକ ମଧ୍ୟରେ ଏହି କାର୍ଯ୍ୟ ଯୋଜନା ତିଆରି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପାନୀୟ ଜଳ ଓ ନର୍ଦ୍ଦମା ପାଇପ, ବିଭିନ୍ନ ପ୍ରକାର କେବୁଲ ଆଦି ନିମନ୍ତେ ସହର ମଧ୍ୟସ୍ଥ ରାସ୍ତାକୁ କାଟିବା, ପ୍ରଶସ୍ତୀକରଣ ନିମନ୍ତେ ଚିହ୍ନିତ ରାସ୍ତା, ଛକ ସ୍ଥାନରୁ ବିଦ୍ୟୁତ୍ ଓ ଟେଲିଫୋନ୍ ଆଦି ଖୁଣ୍ଟ ସ୍ଥାନାନ୍ତର କରିବା ଆଦି ବିଷୟରେ ବୈଠକରେ ସବିଶେଷ ଆଲୋଚନା ହୋଇଛି। ଭୁବନେଶ୍ୱରର ରସୁଲଗଡ଼ ଜଙ୍କସନ୍, କଳ୍ପନା ଛକ, ରବି ଟକିଜ୍ ଛକ ଓ ବେହେରାସାହି ଛକ ଆଦିର ପ୍ରଶସ୍ତୀକରଣ ନିମନ୍ତେ କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ ପନ୍ଥା ନିର୍ଣ୍ଣୟ କରାଯାଇଛି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି, ତଳେ ପାଇପ ଓ କେବୁଲ ନେବା ପାଇଁ ରାସ୍ତା କାଟିବା ଅନୁମତି ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ କରୁଥିବା ବିଭାଗ ଦେବେ। ରାସ୍ତାର ଏକ ନିର୍ଦ୍ଦିଷ୍ଟ ଅଂଶରେ ପାଇପ ବିଛା କାମ ସାରି ତୁରନ୍ତ ରାସ୍ତାକୁ ପୂର୍ବାବସ୍ଥାକୁ ଆଣିବା ପାଇଁ କାମ କରୁଥିବା ସଂସ୍ଥା ବା ବିଭାଗ ଦାୟୀ ରହିବେ ବୋଲି ସେ କହିଛନ୍ତି।

## ଓଏସ୍‌ଏସ୍‌ସି ଦ୍ୱାରା ପୂରଣ ହେବ ୨,୧୬୯ ପଦବୀ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ(ଓଏସ୍‌ଏସ୍‌ସି) ଦ୍ୱାରା ରାଜ୍ୟ ସରକାରଙ୍କ ଅଧୀନରେ ଖାଲିଥିବା ୨,୧୬୯ଟି ପଦବୀ ପୂରଣ କରାଯିବ। ଏନେଇ ଆୟୋଗ ପକ୍ଷରୁ ମିଳିତ ସ୍ନାତକ ସ୍ତରୀୟ ନିଯୁକ୍ତି ପରୀକ୍ଷା ଏବଂ ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ଅଣବୈଷୟିକ ନିଯୁକ୍ତି ପରୀକ୍ଷା ଜରିଆରେ ୬୯୯ଟି ଗ୍ରୁପ୍ 'ବି' ପଦବୀ ଓ ୨୪୪ଟି ଗ୍ରୁପ୍ 'ସି' ପଦବୀ ପୂରଣ କରାଯିବ। ସେହିପରି ବୈଷୟିକ ସେବା ପରୀକ୍ଷା ମାଧ୍ୟମରେ ଗ୍ରୁପ୍ 'ବି'ର ୧,୨୨୬ଟି ପଦବୀ ପୂରଣ କରାଯିବ। ପୂରଣ ହେବାକୁ ଥିବା ମୋଟ ୨,୧୬୯ଟି ପଦବୀ ମଧ୍ୟରେ ୧,୯୨୫ଟି ଗ୍ରୁପ୍ 'ବି' ପଦବୀ ରହିଛି। ଏଥିନିମନ୍ତେ ଆୟୋଗ ପକ୍ଷରୁ ଆସନ୍ତା ୧୧ ତାରିଖରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଦରଖାସ୍ତ ଗ୍ରହଣ କରାଯିବ। ଏହାର ସବିଶେଷ ତଥ୍ୟ ଓଏସ୍‌ଏସ୍‌ସିର ୱେବ୍‌ସାଇଟ୍ www.ossc.gov.inରେ ଉପଲବ୍ଧ ହେବ ବୋଲି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

**ନିରାକାରପୁର,୨।୧୧(ଡି.ଏନ୍.ଏ.):** ନିଜ ଚାଷକ୍ଷେତକୁ ପାଣି ମଡ଼ାଇବା ଲାଗି ମୋଟର ତିଆରି କରୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଙ୍କିଆ ନୂଆଗାଁ ଗ୍ରାମର ଲୋକନାଥ ବେହେରା (୫୫)। ଲୋକନାଥ ନିଜବାରି ପଛପଟ ଥିବା ଜମିରେ ଫସଲ ଚାଷ କରିଛନ୍ତି। ସବୁଦିନ ପରି ବୁଧବାର ସେ ଜମିରେ ପାଣି ମଡାଇବାକୁ ଯାଇଥିଲେ। ହେଲେ ପାଣି ମଡ଼ାଇବାବେଳେ ମୋଟର ଖରାପ ହୋଇଯାଇଥିଲା। ସେ ମୋଟର ତିଆରି କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ବିଦ୍ୟୁତ୍ ଆଘାତରେ ଲୋକନାଥଙ୍କ ଛାତି, ପେଟ ସହ ଦେହର ବିଭିନ୍ନ ଅଂଶ ପୋଡ଼ି ଗୁରୁତର ହୋଇଥିଲେ। ପରିବାର ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ସରକାରୀ ମେଡିକାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଅଳିଆ ଗଦାରେ ସରକାରୀ ଔଷଧ

**ରୋଗୀ ନ ପାଇ ହେଉଛନ୍ତି ହନ୍ତସନ୍ତ**

**ଲାଞ୍ଜିଗଡ଼,୨।୧୧(ଡି.ଏନ.ଏ.)**

ରୋଗୀଙ୍କୁ ସରକାରୀ ଔଷଧ ଦେବା ପରିବର୍ତ୍ତେ ଅଳିଆ ଗଦାରେ ପକାଇଦେଇ ପୋଡ଼ିଦିଆଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ। ସରକାର ଗରିବ ରୋଗୀଙ୍କ ପାଇଁ ନିରାମୟ ଯୋଜନା ଦ୍ୱାରା ବିଭିନ୍ନ ରୋଗର ନିରାକରଣ ଲାଗି ସରକାରୀ ଡାକ୍ତରଖାନାଙ୍କୁ ଔଷଧ ଯୋଗାଇ ଦେଉଛନ୍ତି। ହେଲେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଏହି ଯୋଜନା ବାଟବଣା ହୋଇଛି। ସରକାରକା ମାଲ ଦରିଆମେ ଡାଲ ନୀତିରେ ନଷ୍ଟ କରିବାକୁ ପଛାଉନାହାନ୍ତି ଡାକ୍ତରଖାନା କର୍ମଚାରୀ।

ସୂଚନା ଅନୁସାରେ ଲାଞ୍ଜିଗଡ଼ ବ୍ଲକର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ରୋଗ ହେଲେ ଡାକ୍ତରଖାନାକୁ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ଔଷଧ ଦୋକାନରୁ କମିଶନ ପାଇବା ଆଶାରେ ଦାମୀ ଔଷଧ ଲେଖି ଔଷଧ ଦୋକାନରୁ ନେବାକୁ ଲେଖି ଦିଅନ୍ତି। ନିରାମୟ ଯୋଜନାରେ ଆସିଥିବା ଔଷଧ ପଡ଼ିରହି ଏକ୍ସପାୟାରି ହୋଇଥାଏ। ସେହି ଔଷଧ ସବୁକୁ ଡାକ୍ତରଖାନା କର୍ମଚାରୀ ମେଡିକାଲ କାଟର ପଛପଟେ ଥିବା ଖତଗଦାରେ ଫିଙ୍ଗି ଦେଇ ପୋଡ଼ି ଦେଇଛନ୍ତି। ଏହି ଘଟଣା ଚର୍ଚ୍ଚା ହେବା ପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀ ଓ ରୋଗୀ କଲ୍ୟାଣ ସମିତି ସଦସ୍ୟ ରଘୁବୀର ନାଗ ଓ ବ୍ଲକ କଂଗ୍ରେସ ସଭାପତି ହରିହର କୁମାର ପ୍ରମୁଖ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ନୀହାର ରଞ୍ଜନ ସାହୁଙ୍କୁ ଔଷଧ ଫିଙ୍ଗା ଯାଇଥିବା ସ୍ଥାନ ନେଇ ଦେଖାଇଥିଲେ। ଏହି ଘଟଣା ଲାଞ୍ଜିଗଡ଼ ବ୍ଲକରେ ପ୍ରଥମ ଥର ନୁହେଁ ପୂର୍ବରୁ ମଧ୍ୟ ଅନେକ ଥର ଔଷଧଗୁଡ଼ିକ ଜଙ୍ଗଲରେ ଫିଙ୍ଗି ଦେଇଥିବା ନଜିର ରହିଛି। ଏ ସମ୍ପର୍କରେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ନୀହାର ରଞ୍ଜନ ସାହୁଙ୍କୁ ପଚାରିବାରୁ ଏଭଳି ହୀନ କାର୍ଯ୍ୟ ଯେଉଁ କର୍ମଚାରୀମାନେ କରିଛନ୍ତି, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।




ଖତଗଦାରେ ପକାଇଦେଇ ଔଷଧ ସବୁ ପୋଡି ଦିଆଯାଇଛି।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଯୋଜନା
ଅଧୀନରେ ଘରେ ବସି
50000ରୁ 5000000
ପର୍ଯ୍ୟନ୍ତ ଋଣ ପାଆନ୍ତୁ
ସୁଧ 2% ଛାଡ଼ 40%
ସମ୍ପର୍କ କରନ୍ତୁ
ଠିକଣା: ମ.ନଂ. 675, ଗ୍ରାମ ଲୋହାରି ଜାଟୁ
ତହସିଲ- ବୱାନି ଖେଡ଼ା, ଜିଲ୍ଲା- ଭିୱାନି
8950329763

NATIONAL FINANCE
ଭାରତର ନଂ-୧ କମ୍ପାନୀ
ନ୍ୟାସନାଲ ଫାଇନାନ୍ସ
(Govt. Registered)
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9499474088

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ଗୋପୀନାଥ ପଣ୍ଡା
ଟେଲି କମ୍ୟୁନିକେଶନ ଇଞ୍ଜିନିୟର
N6-505, ଜୟଦେବ ବିହାର, ଭୁବନେଶ୍ୱର
ତିରୋଧାନ- କାର୍ତ୍ତିକ ବଡ଼ ଦଶମୀ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ପଣ୍ଡା ପରିବାର
ଧ-୧୯୧୧

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି



୰ମହେଶ୍ୱର ମିଶ୍ର
୧୨୧, ଶହୀଦନଗର, ଭୁବନେଶ୍ୱର
ଆବିର୍ଭାବ- ୦୩।୦୧।୧୯୩୩
ତିରୋଧାନ- ୨୪।୧୧।୨୦୨୦
କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ-
ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ
ଧ-୧୮୯୫

# କ୍ୟାମେରା ସହାୟିକାରୁ ନାୟିକା


ସାନା ଫତିମା ଶେଖ

ସୁପରହିଟ୍ ଫିଲ୍ମ 'ଦଙ୍ଗଲ'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ସାନା ଫତିମା ଶେଖ। ଭୂମିକାଟି ଥିଲା ବବିତା କୁମାରୀ। ହେଲେ ଫିଲ୍ମଟି ସତେଯେମିତି ତାଙ୍କୁ ମାଇଲେଜ ଦେବାକୁ ଅପେକ୍ଷା କରିଥିଲା। ପ୍ରଥମ ଫିଲ୍ମର ସଫଳତା ପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଇତିମଧ୍ୟରେ ସେ ବେଶ୍ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି। ହେଲେ ବଡ଼ ପରଦାରେ ମୁହଁ ଦେଖାଇବାକୁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡ଼ି ନ ଥିଲା। ପାଠପଢ଼ା ଶେଷ ହେବା ପରେ ସେ ବିଜ୍ଞାପନ ଶୁଟିଂ ସମୟରେ କ୍ୟାମେରା ସହାୟିକା ଭାବରେ କାମ କରିଥିଲେ। ଏହି ସମୟରେ ତାଙ୍କର କାଷ୍ଟିଂ ଡାଇରେକ୍ଟର ମୁକେଶ ଛାବ୍ରାଙ୍କ ସହ ଭେଟ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ପାଦ ଥାପିଥିଲେ ଅଭିନୟ ଜଗତରେ। ଏ ପର୍ଯ୍ୟନ୍ତ ସେ ଅଭିନୟ କରିଥିବା ସିନେମାଗୁଡ଼ିକ ହେଉଛି– 'ଦଙ୍ଗଲ', 'ସିକ୍ରେଟ ସୁପରଷ୍ଟାର', 'ପଟାକା', 'ବଧାଇ ହୋ', 'ଫଟୋଗ୍ରାଫ', 'ଶକୁନ୍ତଳା ଦେବୀ', 'ଲୁଡୁ', 'ପାଗଲିୟତ', 'ମୀନାକ୍ଷୀ ସୁନ୍ଦରେଶ୍ୱର', 'ଲଭ ହଷ୍ଟେଲ', 'ହିଟ୍ ଦ ଫାଷ୍ଟ କେସ୍' ଏବଂ ନିର୍ମାଣାଧୀନ 'ଜଓ୍ୱାନ୍'।

ନୂଆ ସିନେମା

# ମାନସୀ


(ବାମରୁ) କେପି, ଗୁଞ୍ଜି, ଦୁଷ୍ମନ୍ତ

ମାନସୀ ନାମ୍ନୀ ଝିଅର ଆଖିରେ ଆଖିଏ ସ୍ୱପ୍ନ। ହେଲେ ଜୀବନର ଚଲାପଥରେ ସେ ସାମନା କରିଛି ଅନେକ ସମସ୍ୟା। ଆଉ ସେଗୁଡ଼ିକୁ ସେ କିପରି ସମାଧାନ କରି ଆଗକୁ ଆଗଉଛି ତାହାକୁ ଆଧାର କରି ଗତି କରିଛି କାହାଣୀ। ଆଉ ଏଭଳି ଏକ ନାରୀକୈନ୍ଦ୍ରିକ ସିନେମାର ମହୁରତ ନିକଟରେ ଶେଷ ହେବା ସହ ଶୁଟିଂ ଆରମ୍ଭ ହୋଇଯାଇଛି। ଏହାର ଟାଇଟଲ ରହିଛି 'ମାନସୀ'। ଉକ୍ତ ଚଳଚ୍ଚିତ୍ରର ଶୀର୍ଷକ ଭୂମିକାରେ ଅଭିନୟ କରୁଛନ୍ତି ଆଗଧାଡ଼ିର ଉପସ୍ଥାପିକା ଗୁଞ୍ଜି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ପୂର୍ବରୁ ବେଶ୍ କେତୋଟି ଧାରାବାହିକ ଏବଂ ସିନେମାର ନିର୍ଦ୍ଦେଶନା ଦେଇସାରିଥିବା ଅଶୋକ ମଲ୍ଲିକ। ଶାରଳା ସିନେ ପ୍ରଡକ୍ସନ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଚର୍ଚ୍ଚିତ ଥିଏଟର ନାଟକ 'ନୀଳଶୈଳୀର ନାଟ୍ୟକାର ଶଙ୍କର ତ୍ରିପାଠୀ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପଣ୍ଡିତ ନାରାୟଣ ରଥ। ଫିଲ୍ମର ବିଭିନ୍ନ ଭୂମିକାରେ ଗୁଞ୍ଜିଙ୍କ ବ୍ୟତୀତ ଉପସ୍ଥାପକ ତଥା ଅଭିନେତା କେପି, ଦୁଷ୍ମନ୍ତ ପଣ୍ଡା, ଅଶୋକ ମଲ୍ଲିକ ଏବଂ କୈଳାସ ପାଣିଗ୍ରାହୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ତର୍ଜମା କରୁଛନ୍ତି ଅକ୍ଷୟ

ଗତ କିଛିବର୍ଷ ଧରି ବଲିଉଡ୍‌ରେ ଅକ୍ଷୟ କୁମାର ରାଜ୍ କରୁଥିଲେ। ହେଲେ ଚଳିତ ବର୍ଷ ତାଙ୍କ ଅଭିନୀତ କେତୋଟି ସିନେମା ଫ୍ଲପ୍ ହେବା ପରେ ଏବେ ସେ ନିଜ କ୍ୟାରିୟରକୁ ନେଇ ସିରିୟସ ଅଛନ୍ତି। ଏପରି ନିକଟରେ ରିଲିଜ ହୋଇଥିବା 'ରାମସେତୁ' ମଧ୍ୟ ଆଶାନୁରୂପ ବିଜ୍‌ନେସ କରିପାରିନାହିଁ। ଏହାପୂର୍ବରୁ 'ରକ୍ଷାବନ୍ଧନ' ମଧ୍ୟ ତାଙ୍କୁ ନିରାଶ କରିଥିଲା। ହେଲେ ନିକଟରେ ସେ ପୁଣି ଚର୍ଚ୍ଚାର ଶିରୋନାମା ପାଲଟିଛନ୍ତି। ଶୁଣିବାକୁ ମିଳୁଛି ଯେ 'ହେରାଫେରି–୩' ପାଇଁ ସେ କୁଆଡ଼େ ୧୨୫ କୋଟି ପାରିଶ୍ରମିକ ଡିମାଣ୍ଡ କରିଛନ୍ତି। ଏପରି କି ଏଥିରେ ଆଦୌ କମ୍ପ୍ରୋମାଇଜ କରାଯିବ ନାହିଁ ବୋଲି ମଧ୍ୟ ଶୁଣାଇଦେଇଛନ୍ତି।


ଅକ୍ଷୟ କୁମାର

# ଚ୍ୟାଲେଞ୍ଜିଂ ଭୂମିକାରେ ଚନ୍ଦନ


ଚନ୍ଦନ

ଅଭିନେତା ଚନ୍ଦନ ଏକ ଚ୍ୟାଲେଞ୍ଜିଂ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସୁଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'କଳାପାହାଡ଼'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସେ । ପୁଣି ଏହି ଭୂମିକା ପାଇଁ ତାଙ୍କୁ ଲଣ୍ଡା ହେବାକୁ ପଡିଛି ଏବଂ ତା'ସହ ଦାଢ଼ି ମଧ୍ୟ ବଢ଼ାଇଛନ୍ତି। ଇତିହାସ ପୃଷ୍ଠା ଲେଉଟାଇଲେ କଳାପାହାଡ଼ର ଛାତିଥରା କାର୍ଯ୍ୟ ଆଖି ସାମନାକୁ ଆସିଥାଏ। କ୍ରୁର ପ୍ରକୃତିର ବଶବର୍ତ୍ତୀ ହୋଇ ସେ କେତେ ମନ୍ଦିରକୁ ଛାରଖାର କରିଦେଇଛି ତା'ର ହିସାବ ନାହିଁ। ଏଭଳି ବ୍ୟକ୍ତିଙ୍କର ଜୀବନୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେଉଛି। ଏସ୍‌ଡିଡି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ଚିତ୍ରୋତ୍ତଳନ ସହ ପ୍ରଯୋଜନା କରିଛନ୍ତି ପ୍ରଦୀପ ସାହୁ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବି. ଶ୍ରୀବତ୍ସ। ଫିଲ୍ମର କ୍ରିଏଟିଭ ନିର୍ଦ୍ଦେଶକ ଅଛନ୍ତି ଦେବାଶିଷ ଜେନା। ଗୀତ ସହ ସଂଳାପ ରଚନା କରିଛନ୍ତି ଡା. ନିର୍ମଳ ନାୟକ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଚନ୍ଦନଙ୍କ ବ୍ୟତୀତ ସ୍ନିଗ୍ଧା ମହାନ୍ତି, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ (ଛତିଶଗଡ଼), ଅଭିନବ ସିଂ, ଶ୍ରୀକୁମାର ଜେନା ଏବଂ ପବିତ୍ର ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

## ଅତୀତରୁ

➤ଅଜିତ୍ ଦାସ ଏବଂ ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା ଚଳଚ୍ଚିତ୍ର 'ବାଟ ଅବାଟ'। ବୃନ୍ଦାବନ ଜେନା ଏହାର ନିର୍ଦ୍ଦେଶନା ଦେଇଥିଲେ।

➤ଓଡ଼ିଆ ସିନେମା 'ଅକ୍ଷୟ ତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର। ଚିତ୍ରଟିର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ ।

➤ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଦେଖାଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି। ଏଥିରେ କାଶୀ ରଥ, ଜୟାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।

➤ଓଡ଼ିଆ ସିନେମା 'କାଚଘର'ର ପ୍ରଯୋଜନା କରିଥିଲେ କାମିନୀ ତ୍ରିପାଠୀ। ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କାହ୍ନୁ ଦାସ। ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ପ୍ରମୁଖ କଳାକାର।

➤ ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ମୁଖ୍ୟ ଭୂମିକାରେ ଶ୍ରୀରାମ ପଣ୍ଡା ଏବଂ ବନଜା ମହାନ୍ତିଙ୍କୁ ଦେଖିବାକୁ ମିଳିଥିଲା।

# କାଜଲଙ୍କ ରୋଲ୍ ମଡେଲ୍

ଦକ୍ଷିଣ ଭାରତୀୟ ସିନେମାରେ କାଜଲ ଅଗ୍ରଓ୍ୱାଲ ଏକ ପରିଚିତ ନାମ। ମାତ୍ର ବର୍ଷ କେଇଟା ଭିତରେ ସେ ନିଜର ଅଭିନୟ ଦକ୍ଷତା ଦେଖାଇବା ସହ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଛନ୍ତି। ହେଲେ କାହା ଅଭିନୟରେ ଅନୁପ୍ରାଣିତ ହୋଇ ସେ ଆକ୍ଟିଂକୁ କ୍ୟାରିୟର କରିଛନ୍ତି ଜାଣନ୍ତି ? ଏ ନେଇ କାଜଲ କହନ୍ତି, 'ଐଶ୍ୱର୍ଯ୍ୟା ରାୟଙ୍କ ଅଭିନୟ ମୋତେ ବେଶି ପ୍ରଭାବିତ କରିଛି। ତାଙ୍କ ଅଭିନୀତ ସମସ୍ତ ଫିଲ୍ମ ମୁଁ ଦେଖିଛି। ବିଶେଷଭାବରେ ତାଙ୍କର ନୀଳ ନୀଳ ଆଖି ମୋତେ କେତେ ଭଲ ଲାଗେ ତାହା ମୁଁ ଭାଷାରେ ବର୍ଣ୍ଣନା କରିପାରିବି ନାହିଁ।' ପାଠ ପଢ଼ିବା ସମୟରୁ କାଜଲ ମଡେଲିଂ ସହ ଜଡ଼ିତ ଥିଲେ। ମାସ୍ ମିଡିଆରେ ଡିଗ୍ରୀ ହାସଲ କରିଛନ୍ତି ଏହି ଅଭିନେତ୍ରୀ। କାଜଲଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୪ରୁ ଆଉ ଫିଲ୍ମର ଟାଇଟଲ ଥିଲା 'କ୍ୟୁଁ ହୋଗୟା ନା'। ସେ ଜିନ୍‌ସ, ଟି ଶାର୍ଟ ଏବଂ ଶାଢ଼ି ପିନ୍ଧିବାକୁ ପସନ୍ଦ କରିଥାଆନ୍ତି। ତାଙ୍କର ମନ ପସନ୍ଦର ଖାଦ୍ୟ ହେଲା ହାଇଦ୍ରାବାଦୀ ବିରିୟାନୀ।


କାଜଲ ଅଗ୍ରଓ୍ୱାଲ

ପରଦାରେ

# ଡବଲ୍ ଏକ୍ସଏଲ୍

ମିରଟର ରାଜଶ୍ରୀ ଏବଂ ନୂଆଦିଲ୍ଲୀର ସାଇରା ଖାନ୍ନା। ଦୁଇ ସାଙ୍ଗଙ୍କ ବନ୍ଧୁତାକୁ ନେଇ ପ୍ରସ୍ତୁତ ହୋଇଛି ହିନ୍ଦୀ ସିନେମା 'ଡବଲ୍ ଏକ୍ସଏଲ୍'। ଉକ୍ତ ଚଳଚ୍ଚିତ୍ରଟି ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ମୁକ୍ତିଲାଭ କରିବାକୁ ଯାଉଛି। ଏଥିରେ ଦୁଇ ବାନ୍ଧବୀ ଭୂମିକାରେ ସୋନାକ୍ଷୀ ସିହ୍ନା ଏବଂ ହୁମା କୁ୍ୟରେସିଙ୍କୁ ଦେଖିବାକୁ ମିଳିବ। ଏହାର ପ୍ରଯୋଜନା କରିଛନ୍ତି ମୁଦାସର ଅଜିଜ ଏବଂ ଅଶ୍ୱିନୀ ଭର୍ଦେ। ଶାଶା ସିଂଙ୍କ ସହ ମିଶି ସେ ଏହାର କାହାଣୀ ମଧ୍ୟ ରଚନା କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସତରାମ ରମାନୀ। ସୋନାକ୍ଷୀ–ହୁମାଙ୍କ ବ୍ୟତୀତ ଏଥିରେ ଜାହିର ଇକ୍‌ବାଲ୍ ଏବଂ ମହତ ରାଘବେନ୍ଦ୍ର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି । ଏହି ଚିତ୍ର ସମ୍ପର୍କରେ ହୁମା କହନ୍ତି, 'ଏଥିରେ ଦୁଇ ଜଣଙ୍କ ବନ୍ଧୁତା କେତେ ନିବିଡ଼ ହୋଇପାରେ ତାହା ଦେଖିବାକୁ ମିଳିବ। ବନ୍ଧୁତାକୁ ନେଇ ଅନେକ ନୂଆ କଥା ଦର୍ଶକ ଏଥିରୁ ଜାଣିବାକୁ ପାଇବେ।' ଅନ୍ୟପକ୍ଷରେ ସୋନାକ୍ଷୀ ମଧ୍ୟ ଏହି ଫିଲ୍ମର ସଫଳତାକୁ ନେଇ ଆଶାବାଦୀ ଅଛନ୍ତି। ତେବେ ୨.୮ ଘଣ୍ଟା ଅବଧିବିଶିଷ୍ଟ ଏହି ଫିଲ୍ମଟି ବକ୍ସ ଅଫିସରେ କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।


ହୁମା

# ମା କଣ୍ଟିତ ଦୁଃଖ ଭାଗଭବେତ

କୁମ୍ଭୀର ଏକ ଜଳଚର ପ୍ରାଣୀ। ହେଲେ ତା'ଠାରେ ଅନେକ ରୋଚକ କଥା ଲୁଚି ରହିଛି। ସେପରି ଏକ କୁମ୍ଭୀରକୁ ନେଇ ପ୍ରସ୍ତୁତ ହୋଇଛି ଏକ ସିନେମା 'ମା କଣ୍ଟିତ ଦୁଃଖଭାଗଭବେତ'। ଉକ୍ତ ଚିତ୍ରଟି ସଂସ୍କୃତ ଭାଷାରେ ନିର୍ମାଣ କରାଯାଇଛି। ସିନେମାଟିର ନିର୍ଦ୍ଦେଶନା ଦେଇଛନ୍ତି ଡ.ମାନସ ରଞ୍ଜନ ସାହୁ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଶାରଦା ସାଗର ମହାନ୍ତି, ଅଜିତ ରଣା ଏବଂ ତପନ କୁମାର ପ୍ରଧାନ। ସୁବର୍ଣ୍ଣପୁର ଜିଲାର କୁହିବାହାଲ ଓ ଦିଗଶିରା ଗ୍ରାମରେ ଏହି ଚଳଚ୍ଚିତ୍ରଟିର ଶୁଟିଂ କରାଯାଇଛି। ଏ ସମ୍ପର୍କରେ ନିର୍ଦ୍ଦେଶକ ମାନସ କହନ୍ତି, 'କୁମ୍ଭୀରର ଜୀବନୀକୁ ନେଇ ଏକଘଣ୍ଟା ଅବଧି ବିଶିଷ୍ଟ ଏପରି ଏକ ସିନେମାଟିଏ ନିର୍ମାଣ କରିଛି, ପୁଣି ସଂସ୍କୃତ ଭାଷାରେ। ଅବଶ୍ୟ ଏହାପୂର୍ବରୁ ମୁଁ 'ଅସ୍ପୃଶ୍ୟମ୍', 'ବିଦ୍ୟା' ଏବଂ 'ପରିବର୍ତ୍ତନମ୍' ଶୀର୍ଷକ ସଂସ୍କୃତ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇସାରିଛି। ଏହି ଫିଲ୍ମର ଶୁଟିଂ ସମୟରେ କୁହିବାହାଲ ଏବଂ କୁମ୍ଭାରପଡ଼ା ଗ୍ରାମର ଗ୍ରାମବାସୀଙ୍କ ସହଯୋଗ ମୋତେ ଆହୁରି ଉତ୍ସାହିତ କରିଥିଲା। ଆଶା ରଖିଛି ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ, ଯାହାଦ୍ୱାରା ମୋର ଶ୍ରମ ସାର୍ଥକ ହେବ।' ସୂଚନା ଯୋଗ୍ୟ ଡ. ସାହୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚନ୍ଦ୍ରପୁର, ଦେଓଗାଁ ବ୍ଲକ, ବଲାଙ୍ଗୀର ଜିଲାରେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ସହ ସଂସ୍କୃତଭାରତୀ ଓଡ଼ିଶାର ରାଜ୍ୟ ଶିକ୍ଷଣ ପ୍ରମୁଖ ଦାୟିତ୍ୱ ନିର୍ବାହ କରି ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଦିଗରେ ନିଜକୁ ନିୟୋଜିତ ରଖିଛନ୍ତି। ଚିତ୍ରଟିର ଏଡିଟିଂ କାମ ଏବେ ଚାଲୁ ରହିଛି।


'ମା କଣ୍ଟିତ ଦୁଃଖଭାଗଭବେତ' ଚଳଚ୍ଚିତ୍ରରେ ମାନସ (ବାମ)

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୩/୨୦୨୨ Bhubaneswar, Thursday, November 3/ 2022

# ଭାରତର ରୋମାଞ୍ଚକ ବିଜୟ

## ଟି୨୦ ବିଶ୍ୱକପ୍

- ରାହୁଲ, ବିରାଟଙ୍କ ପରେ ବର୍ଷାର ଖେଳ
- ବାଂଲାଦେଶକୁ ହରାଇ ସେମିଫାଇନାଲର ନିକଟତର

ଆଡିଲେଡ, ୨।୧୧(ପି.ଟି.)

ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ବୁଧବାର ଲୋକେଶ ରାହୁଲ ଓ ବିରାଟ କୋହଲିଙ୍କ ପରେ ଦେଖିବାକୁ ମିଳିଲା ବର୍ଷାର ଖେଳ। ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୪ ରନ କରିଥିଲା। ୧୮୫ ରନ ବିଜୟ ଲକ୍ଷ୍ୟନେଇ ବାଂଲାଦେଶ ୭ ଓଭରରେ କୌଣସି ଉଇକେଟ ନ ହରାଇ ୬୬ ରନ କରିଥିବାବେଳେ ଆସିଲା ବର୍ଷା। ଖେଳ ବାଧାପ୍ରାପ୍ତ ହେବାରୁ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ମ୍ୟାଚକୁ ୧୬ ଓଭର ବିଶିଷ୍ଟ କରାଯାଇଥିଲା ଏବଂ ବାଂଲାଦେଶ ଆଗରେ ଟାର୍ଗେଟ ରହିଥିଲା ୧୫୧ ରନ। ଫଳରେ ଅବଶିଷ୍ଟ ୫୪ ବଲ୍‌ରୁ ବାଂଲାଦେଶକୁ ୮୫ ରନ କରିବାର ଥିଲା। ମାତ୍ର ବାଂଲାଦେଶ ଆକ୍ରମଣର ମଙ୍ଗ ଧରିଥିବା ଲିଟନ ଦାସଙ୍କ ରନ୍‌ଆଉଟ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲା। ଶେଷ ଓଭରରୁ ବିଜୟ ପାଇଁ ଏହି ଦଳ ୨୦ ରନ ଆବଶ୍ୟକ କରୁଥିବାବେଳେ ଭାରତୀୟ ଯୁବ ପେସ୍ ବୋଲର ଅର୍ଶଦୀପ ସିଂ ଚାପ ସ୍ଥିତିକୁ ଭଲଭାବେ ହାତେଇ ମାତ୍ର ୧୪ ରନ ଦେଲେ। ଫଳରେ ଭାରତ ୫ ରନରେ ରୋମାଞ୍ଚକ ବିଜୟ ହାସଲ କଲା। କୋହଲି ପାଇଲେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର। ଏହି ବିଜୟ ଫଳରେ ଭାରତ ସେମିଫାଇନାଲର ନିକଟତର ହୋଇଛି। ୪ ମ୍ୟାଚରୁ ୬ ପଏଣ୍ଟ ସହିତ ଟିମ୍‌ଇଣ୍ଡିଆ ଗ୍ରୁପ୍-୨ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନକୁ ଉନ୍ନୀତ ହୋଇଛି। ୬ ତାରିଖରେ ଜିମ୍ବାୱେ ବିପକ୍ଷରେ ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚ ଖେଳିବ।

ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ଧିମା ଆରମ୍ଭ କରିଥିବାବେଳେ ମାତ୍ର ୧୧ ରନରେ ଅଧିନାୟକ ରୋହିତ ଶର୍ମା (୨)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ଲୋକେଶ ରାହୁଲଙ୍କ ସହ ଫର୍ମରେ ଥିବା ବିରାଟ କୋହଲି କ୍ରିଜ୍‌ରେ ଯୋଗଦେବା ପରେ ସ୍ଥିତି ବଦଳିଥିଲା। ଦୁହେଁ ଦ୍ୱିତୀୟ ଉଇକେଟରେ ୩୭ ବଲ୍‌ରୁ ୬୭ ରନ ଯୋଗକରି ମୋମେଣ୍ଟମ ବଦଳାଇ ଦେଇଥିଲେ। ଅର୍ଦ୍ଧଶତକ ହାସଲ କରିଥିବା ରାହୁଲ ୩୨ ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ୫୦ ରନ କରିଥିବାବେଳେ ବାଂଲାଦେଶ ଅଧିନାୟକ ଶକିବ ଅଲ୍ ହାସନଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। କ୍ରିଜ୍‌କୁ ଆସି ସୂର୍ଯ୍ୟକୁମାର ଯାଦବ ୧୬ ବଲ୍‌ରୁ ଷ୍ଟ୍ରୋକପୂର୍ଣ୍ଣ ୩୦ ରନ କରି ରନ ହାର ବଢ଼ାଇ ଦେଇଥିଲେ। ପରେ ହାର୍ଦ୍ଦିକ ପାଣ୍ଡ୍ୟା ୫ ଓ ଦୀନେଶ କାର୍ତ୍ତିକ ୭ ରନକରି ଆଉଟ ହୋଇଥିଲେ ହେଁ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ ବିରାଟ। ସେ ୪୪ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ଓ ୧ ଛକା ସହାୟତାରେ ୬୪ ରନରେ ଅପରାଜିତ ରହି ଦଳର ରନ୍ ସଂଖ୍ୟାକୁ ୧୮୪ରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ରବିଚନ୍ଦ୍ରନ ଅଶ୍ୱିନ ୬ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ମୂଲ୍ୟବାନ ୧୩ ରନ କରିଥିଲେ। ବାଂଲାଦେଶ ପକ୍ଷରୁ ହସନ ମହମୁଦ ୩ଟି ଓ ଶକିବ ୨ଟି ଉଇକେଟ ନେଇଥିଲେ।

ବଡ଼ ଟାର୍ଗେଟ ଥିଲେ ହେଁ ବାଂଲାଦେଶ ଚମତ୍କାର ଆରମ୍ଭ କରିଥିଲା। ଓପନର ଲିଟନ ଦାସ ଆକ୍ରମଣର ନେତୃତ୍ୱ ନେଇଥିଲେ। ଫଳରେ ଏହି ଦଳ ୭ ଓଭରରେ କୌଣସି ଉଇକେଟ ନ ହରାଇ ୬୬ ରନ ସଂଗ୍ରହ କରି ନେଇଥିଲା। ଯଦି ଆଉ ଖେଳ ସମ୍ଭବ ହୋଇ ନ ଥାନ୍ତା ତେବେ ବାଂଲାଦେଶ ଡିଏଲ୍ଏସ୍ ପଦ୍ଧତିରେ ୧୭ ରନରେ ବିଜୟୀ ହୋଇଥାନ୍ତା। ମାତ୍ର ଦଳକୁ ଭାଗ୍ୟ ସାଥ୍ ଦେଇ ନ ଥିଲା। ବର୍ଷା ଛାଡ଼ିବା ପରେ ଖେଳ ଆରମ୍ଭ ହୋଇଥିଲା ଏବଂ ନୂଆ ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ବର୍ଷାଜନିତ ବ୍ରେକ୍ ଯୋଗୁ ବାଂଲାଦେଶର ମୋମେଣ୍ଟମ ପ୍ରଭାବିତ ହୋଇଥିଲା। ବିଶେଷ କରି ଡିପ୍ ମିଡ୍ ଉଇକେଟରେ ଫିଲ୍ଡିଂ କରୁଥିବା ରାହୁଲ ଡାଇରେକ୍ଟ ଥ୍ରୋ କରି ଲିଟନଙ୍କୁ ରନ୍‌ଆଉଟ କରିବା ମ୍ୟାଚର ଟର୍ନିଂପଏଣ୍ଟ ଥିଲା। ୨୭ଟି ବଲ୍ ଖେଳିଥିବା ଲିଟନ ୭ ଚୌକା ଓ ୩ ଛକା ସହାୟତାରେ ୬୦ ରନ କରି ଆଉଟ ହେବା ପରେ ବାଂଲାଦେଶ ଇନିଂସ ଦିଗହରା ହୋଇଥିଲା। ନଜମୁଲ ହୋସେନ ୨୧, ଅଧିନାୟକ ଶକିବ ୧୩, ଅଫିଫ ହୋସେନ ୩ ଓ ୟାସିର ଅଲୀ ମାତ୍ର ୧ ରନକରି ପ୍ୟାଭିଲିୟନ ଫେରିଥିଲେ। ନୁରୁଲ ହାସନ ୧୪ ବଲ୍‌ରୁ ୨୫ ଓ ତସକିନ ଅହମଦ ୭ ବଲ୍‌ରୁ ୧୨ ରନରେ ଅପରାଜିତ ରହିଥିଲେ ହେଁ ଦଳ ପରାଜୟର ସାକ୍ଷୀ ପାଲଟିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଏବଂ ମହମ୍ମଦ ଶାମି ଗୋଟିଏ ଉଇକେଟ ନେଇଥିଲେ।




ଶଟ୍ ଖେଳିବା ଅବସରରେ ଲୋକେଶ ରାହୁଲ ଓ ବିରାଟ କୋହଲି।

## ସ୍କୋର ବୋର୍ଡ

**ଭାରତ ଇନିଂସ**

ରାହୁଲ-କ-ମୁସ୍ତାଫିଜୁର-ବୋ-ଶକିବ-୫୦
ରୋହିତ-କ-ୟାସିର-ବୋ-ହସନ-୨
କୋହଲି-ନଟ୍‌ଆଉଟ-୬୪
ସୂର୍ଯ୍ୟକୁମାର-ବୋ-ଶକିବ-୩୦
ହାର୍ଦ୍ଦିକ-କ-ୟାସିର-ବୋ-ହସନ-୫
କାର୍ତ୍ତିକ-ରନଆଉଟ-୭
ଅକ୍ଷର-କ-ଶକିବ-ବୋ-ହସନ-୭
ଅଶ୍ୱିନ-ନଟଆଉଟ-୧୩
ଅତିରିକ୍ତ-୬
ମୋଟ(୬ ଉଇକେଟ, ୨୦ ଓଭର) ୧୮୪
ଉଇକେଟ ପତନ:୧/୧୧, ୨/୭୮, ୩/୧୧୬, ୪/୧୩୦, ୫/୧୫୦, ୬/୧୫୭।

**ବୋଲିଂ(ବାଂଲାଦେଶ)**

ତସକିନ ଅହମଦ ୪-୦-୧୫-୦
ଶୋରିଫୁଲ ଇସଲାମ ୪-୦-୫୭-୦
ହସନ ମହମୁଦ ୪-୦-୪୭-୩
ମୁସ୍ତାଫିଜୁର ରହମନ ୪-୦-୩୧-୦
ଶକିବ ଅଲ୍ ହାସନ ୪-୦-୩୩-୨

**ବାଂଲାଦେଶ ଇନିଂସ**

ନଜମୁଲ-କ-ସୂର୍ଯ୍ୟକୁମାର-ବୋ-ଶାମି-୨୧
ଲିଟନ-ରନଆଉଟ-୬୦
ଶକିବ-କ-ହୁଦା(ବ)-ବୋ-ଅର୍ଶଦୀପ-୧୩
ଅଫିଫ-କାସୂର୍ଯ୍ୟକୁମାର-ବୋ-ଅର୍ଶଦୀପ-୩
ୟାସିର-କ-ଅର୍ଶଦୀପ-ବୋ-ହାର୍ଦ୍ଦିକ-୧
ନୁରୁଲ-ନଟଆଉଟ-୨୫
ମୋସାଦେକ-ବୋ-ହାର୍ଦ୍ଦିକ-୬
ତସକିନ-ନଟଆଉଟ-୧୨
ଅତିରିକ୍ତ-୪
ମୋଟ(୬ ଉଇକେଟ, ୧୬ ଓଭର) ୧୪୫
ଉଇକେଟ ପତନ:୧/୬୮, ୨/୮୪, ୩/୯୯, ୪/୧୦୦, ୫/୧୦୨, ୬/୧୦୮।

**ବୋଲିଂ(ଭାରତ)**

ଭୁବନେଶ୍ୱର କୁମାର ୩-୦-୨୭-୦
ଅର୍ଶଦୀପ ସିଂ ୪-୦-୩୮-୨
ମହମ୍ମଦ ଶାମି ୩-୦-୨୫-୧
ଅକ୍ଷର ପଟେଲ ୧-୦-୬-୦
ରବିଚନ୍ଦ୍ରନ ଅଶ୍ୱିନ ୨-୦-୧୯-୦
ହାର୍ଦ୍ଦିକ ପାଣ୍ଡ୍ୟା ୩-୦-୨୮-୨।

**ପ୍ଲେୟର ଅଫ୍ ଦି ମ୍ୟାଚ: ବିରାଟ କୋହଲି**

## ଏକାଧିକ ରେକର୍ଡ ଭାଙ୍ଗିଲେ କୋହଲି

ଆଡିଲେଡ୍, ୨।୧୧(ପି.ଟି.)

ଆଡିଲେଡ ଓଭାଲ କ୍ରିକେଟ ଷ୍ଟାଡିୟମରେ କୋହଲିଙ୍କ ଆଧିପତ୍ୟ ଜାରି। ଏହି ଗ୍ରାଉଣ୍ଡରେ କୋହଲି ପ୍ରଥମ ଥର ପାଇଁ ଟେଷ୍ଟ ଅଧିନାୟକ ଦାୟିତ୍ୱ ଗ୍ରହଣ କରି ଉଭୟ ଇନିଂସରେ ଶତକ ହାସଲ କରିଥିବା ବେଳେ ବୁଧବାର ବାଂଲାଦେଶ ବିପକ୍ଷ ସୁପର-୧୨ ଲିଗ୍ ମ୍ୟାଚରେ ଅପରାଜିତ ୬୪ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସ ଅବସରରେ କୋହଲି ଏକାଧିକ ରେକର୍ଡ ଭାଙ୍ଗିଛନ୍ତି। ମାହେଲା ଜୟବର୍ଦ୍ଧନେଙ୍କୁ ଅତିକ୍ରମ କରି ଟି୨୦ କ୍ରିକେଟ ବିଶ୍ୱକପର ହାଇଏଷ୍ଟ ରନ୍ ସ୍କୋରର ପାଲଟିଛନ୍ତି କୋହଲି। ବାଂଲାଦେଶ ବିପକ୍ଷ ମ୍ୟାଚରେ ୧୬ରନ୍ କରିଥିବା ବେଳେ ପୂର୍ବତନ ଶ୍ରୀଲଙ୍କା ଅଧିନାୟକ ଜୟବର୍ଦ୍ଧନେଙ୍କୁ ପଛରେ ପକାଇଥିଲେ କୋହଲି। ନିଜର ପଞ୍ଚମ ବିଶ୍ୱକପ ଖେଳୁଥିବା କୋହଲି ମାତ୍ର ୨୩ ଇନିଂସରେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ଜୟବର୍ଦ୍ଧନେ ୩୧ ମ୍ୟାଚରୁ ୧୦୧୬ ରନ୍ କରିଥିବା ବେଳେ କୋହଲ ୨୩ ମ୍ୟାଚରେ ୧୦୬୫ ରନ୍ କରିଛନ୍ତି। ଜୟବର୍ଦ୍ଧନେ ୬ ଅର୍ଦ୍ଧଶତକ ହାସଲ କରିଥିବା ବେଳେ କୋହଲି ୧୩ ଅର୍ଦ୍ଧଶତକ ହାସଲ କରିଛନ୍ତି। କୋହଲିଙ୍କ ଆଭରେଜ ୮୮.୭୫ ଓ ଷ୍ଟ୍ରାଇକରେଟ୍ ୧୩୨.୪୬ ରହିଛି। ଏହି ଇନିଂସ ସହିତ ବୁଧବାର କୋହଲି ଟି୨୦ରେ ସର୍ବାଧିକ ରନ ସଂଗ୍ରହକାରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ରୋହିତ ଶର୍ମା(୩୮୧୧) ଓ ମାର୍ଟିନ୍ ଗୁପ୍ଟିଲ୍(୩୫୩୧) ଏହି ତାଲିକାର କୋହଲିଙ୍କ ପଛକୁ ରହିଛନ୍ତି। ଅନ୍ୟ ପକ୍ଷରେ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଆଉ ଏକ ଚମତ୍କାର ପ୍ରଦର୍ଶନ ଦେଇଛନ୍ତି କୋହଲି। ଏହି ଗ୍ରାଉଣ୍ଡରେ ନିଜର ୧୦ମ ଅନ୍ତର୍ଜାତୀୟ ମ୍ୟାଚ ଖେଳୁଥିବା କୋହଲି ସଂଗ୍ରହ କରିଛନ୍ତି ୯୦୭ ରନ୍। ଏହି ଗ୍ରାଉଣ୍ଡରେ କୋହଲି ୪ଟି ଲେଖାଏ ଟେଷ୍ଟ ଓ ଦିନିକିଆ ଖେଳିଛନ୍ତି। ୪ ଟେଷ୍ଟରୁ ୩ ଶତକ ଓ ୧ ଅର୍ଦ୍ଧଶତକ ସହିତ ୬୩.୬୨ ହାରାହାରି ସହିତ ୫୦୯ ରନ୍ କରିଛନ୍ତି। ସେହିପରି ଦିନିକିଆରେ ପାକିସ୍ତାନ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ସହିତ ୬୧ ହାରରେ ୨୪୪ ରନ୍ କରିଛନ୍ତି କୋହଲି। ୨ଟି ଟି୨୦ରେ ୧୫୪ ରନ୍ କରିଥିବା ବେଳେ ସେ ଥରେ ବି ଆଉଟ ହୋଇ ନାହାନ୍ତି।

## ଟି୨୦ କ୍ରିକେଟ ବିଶ୍ୱକପ୍ ପଏଣ୍ଟ ତାଲିକା (ସୁପର-୧୨)

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ | ରନହାର |
|---|---|---|---|---|---|---|
| ଗ୍ରୁପ୍ 'ଏ' | | | | | | |
| ନ୍ୟୁଜିଲାଣ୍ଡ | ୪ | ୨ | ୧ | ୧ | ୫ | +୨.୨୩୩ |
| ଇଂଲଣ୍ଡ | ୪ | ୨ | ୧ | ୧ | ୫ | +୦.୫୪୭ |
| ଅଷ୍ଟ୍ରେଲିଆ | ୪ | ୨ | ୧ | ୧ | ୫ | -୦.୩୦୪ |
| ଶ୍ରୀଲଙ୍କା | ୪ | ୨ | ୨ | ୦ | ୪ | -୦.୪୫୭ |
| ଆୟର୍ଲାଣ୍ଡ | ୪ | ୧ | ୨ | ୧ | ୩ | -୧.୫୪୪ |
| ଆଫଗାନିସ୍ତାନ | ୪ | ୦ | ୨ | ୨ | ୨ | -୦.୭୧୮ |
| ଗ୍ରୁପ୍ 'ବି' | | | | | | |
| ଭାରତ | ୪ | ୩ | ୧ | ୦ | ୬ | +୦.୭୩୦ |
| ଦ. ଆଫ୍ରିକା | ୩ | ୨ | ୦ | ୧ | ୫ | +୨.୭୭୨ |
| ବାଂଲାଦେଶ | ୪ | ୨ | ୨ | ୦ | ୪ | -୧.୨୭୬ |
| ଜିମ୍ବାୱେ | ୪ | ୧ | ୨ | ୧ | ୩ | -୦.୩୧୩ |
| ପାକିସ୍ତାନ | ୩ | ୧ | ୨ | ୦ | ୨ | +୦.୭୬୫ |
| ନେଦରଲାଣ୍ଡ୍ସ | ୪ | ୧ | ୩ | ୦ | ୨ | -୧.୨୩୩ |

## ଆଡିଲେଡ୍ ମ୍ୟାଚରେ ଟାଗୋର୍ ସଂଯୋଗ

ଆଡିଲେଡ୍, ୨।୧୧(ପି.ଟି.)

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପର ସୁପର ଲିଗ୍ ପର୍ଯ୍ୟାୟରେ ଦୁଇ ପଡୋଶୀ ରାଷ୍ଟ୍ର ଭାରତ ଓ ବାଂଲାଦେଶ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରାପ୍ତ ରବୀନ୍ଦ୍ରନାଥ ଟାଗୋରଙ୍କ ସଂଯୋଗ ରହିବା କଥା ଜାତୀୟ ସଙ୍ଗୀତ ଗାନ ସମୟରେ ସାମ୍ନାକୁ ଆସିଥିଲା। ବୁଧବାରର ମ୍ୟାଚ ପୂର୍ବରୁ ଦୁଇ ଦଳର ଜାତୀୟ ସଙ୍ଗୀତ ବାଜିଥିଲା। ଆଉ ଜାତୀୟ ସଙ୍ଗୀତରେ ମନେ ପଡିଥିଲେ ଉଭୟ ଦେଶର ଜାତୀୟ ସଙ୍ଗୀତର ରଚୟିତା ରବୀନ୍ଦ୍ର ନାଥ ଟାଗୋର। ଭାରତର ଜାତୀୟ ସଙ୍ଗୀତ 'ଜନଗଣ ମନ ଅଧିନାୟକ...' ଓ ବାଂଲାଦେଶର ଜାତୀୟ ସଙ୍ଗୀତ 'ଆମାର ସୋନାର ବାଙ୍ଗଲା...' ଉଭୟ ଟାଗୋରଙ୍କ ଲେଖନୀରୁ ନିସୃତ। ଉଭୟ କବିତାକୁ ଟାଗୋର ୧୯୦୫ ମସିହାରେ ଲେଖିଥିଲେ। ଭାରତର ଜାତୀୟ ସଙ୍ଗୀତକୁ ୨୪ ଜାନୁଆରୀ ୧୯୫୦ରେ ଗ୍ରହଣ କରାଯାଇଥିବା ବେଳେ ୧୯୭୧ରେ 'ଆମାର ସୋନାର ବାଙ୍ଗଲା...'କୁ ଜାତୀୟ ସଙ୍ଗୀତର ମାନ୍ୟତା ମିଳିଥିଲା।

## କ୍ୱାର୍ଟରରେ ପ୍ରମୋଦ

**ଭୁବନେଶ୍ୱର, ୨।୧୧ (କ୍ରୀଡ଼ା ପ୍ରତିନିଧି):** ଜାପାନର ଟୋକିଓରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡମିଣ୍ଟନ୍ ବିଶ୍ୱ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ବୁଧବାର ଅନୁଷ୍ଠିତ ମ୍ୟାଚରେ ସେ ଇଂଲଣ୍ଡର ୱିଲିୟମ ସ୍ମିଥ୍‌ଙ୍କୁ ୨୧-୫, ୨୧-୩ରେ ହରାଇ ଦେଇଛନ୍ତି। ପ୍ରମୋଦ ପ୍ରି- କ୍ୱାର୍ଟରରେ ବାଇପାଇ ସିଧାସଳଖ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଡବଲ୍ସରେ ପ୍ରମୋଦ ଓ ମନୋଜ ସରକାର ଯୋଡ଼ି ପ୍ରଥମ ମ୍ୟାଚ୍‌ରେ ଭିଏତନାମର ଭାନ ଥୁଓଙ୍ଗ ଏନ୍‌ଗୁଏନ ଓ ଡୁକ୍ ଟୁଙ୍ଗ ଫାମ୍‌ଙ୍କୁ ୨୧-୯, ୨୧-୬ରେ ପରାସ୍ତ କରିଛନ୍ତି। ତେବେ ଅନ୍ୟତମ ଓଡ଼ିଆ ଖେଳାଳି ଦୀପ ରଞ୍ଜନ ବିଷୋୟୀ ବିଦାୟ ନେଇଛନ୍ତି।



**ଭାରତ-ବାଂଲାଦେଶ ମ୍ୟାଚର ଟର୍ନିଂ ପଏଣ୍ଟ:** ଲିଟନ ଦାସଙ୍କ ରନ୍‌ଆଉଟରେ ଉଲ୍ଲସିତ ରୋହିତ ଶର୍ମା ଓ ରବିଚନ୍ଦ୍ରନ ଅଶ୍ୱିନ।

## ଜାତୀୟ ରାଇଫଲ ଶୁଟରଙ୍କ ପାଇଁ ତାଲିମ ଶିବିର

### ପ୍ରଶିକ୍ଷଣ ଦେବେ ଅର୍ଜୁନ ପୁରସ୍କାରପ୍ରାପ୍ତ ଦୀପାଳି

ଭୁବନେଶ୍ୱର, ୨।୧୧ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ଏକ ୮ ଦିନିଆ ଶୁଟିଂ ପ୍ରଶିକ୍ଷଣ ଶିବିର ଏଠାରେ ଆୟୋଜନ କରାଯିବ। ଜାତୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା ପାଇଁ ମନୋନୀତ ରାଇଫଲ ଶୁଟରମାନେ ଏହି ଶିବିରରେ ପ୍ରଶିକ୍ଷଣ ନେବେ। ଅନ୍ତର୍ଜାତୀୟ ପଦକ ପ୍ରାପ୍ତ ଅଲମ୍ପିକ ଶୁଟର ତଥା ଅର୍ଜୁନ ପୁରସ୍କାର ପାଇଥିବା ମହାରାଷ୍ଟ୍ରର ଜାତୀୟ ଶୁଟିଂ କୋଚ୍ ଦୀପାଲି ଦେଶପାଣ୍ଡେ ଏହି ଶିବିରରେ ପ୍ରଶିକ୍ଷଣ ଦେବେ ବୋଲି ଓଡ଼ିଶା ରାଇଫଲ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। କୋଚ୍ ଦେଶପାଣ୍ଡେଙ୍କ ପ୍ରଶିକ୍ଷଣରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗୀ ସୃଷ୍ଟି ହୋଇଛନ୍ତି। ଓଡିଶାର ପ୍ରତିଷ୍ଠିତ ଶୁଟର ତଥା ଜାତୀୟ ଚାମ୍ପିୟନ ଶ୍ରୀୟଙ୍କା ଷଡଙ୍ଗୀଙ୍କୁ ମଧ୍ୟ କୋଚିଂ ଦେଉଛନ୍ତି ଦୀପାଲି। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ରାଇଫଲ ଶୁଟରମାନେ ଆସନ୍ତା ଜାତୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି ରାଜ୍ୟ ରାଇଫଲ ସଂଘର ପୃଷ୍ଠପୋଷକ ତଥା ଏନ୍‌ଆର୍‌ଏଆଇ (ଜାତୀୟ ରାଇଫଲ ସଂଘ)ର ବରିଷ୍ଠ ଉପସଭାପତି କଳିକେଶ ନାରାୟଣ ସିଂହଦେଓ ଆଶାବ୍ୟକ୍ତ କରିଛନ୍ତି। ଭବିଷ୍ୟତରେ ଏଭଳି ପଦକ୍ଷେପମାନ ଗ୍ରହଣ କରାଯାଇ ଓଡ଼ିଶା ଶୁଟରଙ୍କ ଦକ୍ଷତା ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି।



## ନେଦରଲାଣ୍ଡ୍ସର ସହଜ ବିଜୟ

### ଟି୨୦ ବିଶ୍ୱକପ୍

ଆଡିଲେଡ୍, ୨।୧୧

ଟି ୨୦ ବିଶ୍ୱକପରେ ନେଦରଲାଣ୍ଡ୍ସ ଜିମ୍ବାୱେ ବିପକ୍ଷରେ ସହଜ ବିଜୟ ହାସଲ କରିଛି। ପ୍ରଥମେ ବୋଲିଂ କରି ଜିମ୍ବାୱେକୁ ମାତ୍ର ୧୧୭ ରନରେ ସୀମିତ ରଖିବା ପରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା ନେଦରଲାଣ୍ଡ୍ସ। ଟସ୍ ଜିତି ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରିଥିବା ବେଳେ ଆରମ୍ଭରୁ ବିପର୍ଯ୍ୟୟର ସାମ୍ନା କରିଥିଲା। ମାତ୍ର ୨୦ ରନରେ ଟପ୍ ୩ ବ୍ୟାଟରଙ୍କୁ ହରାଇଥିଲା ଜିମ୍ବାୱେ। ତେବେ ସନ୍ ୱିଲିୟମ୍ସ(୨୮) ଓ ସିକନ୍ଦର ରାଜା(୪୦) ଇନିଂସ ସଜାଡିବାକୁ ପ୍ରୟାସ କରିଥିଲେ। ରାଜା ୨୪ ବଲ୍ ଖେଳି ୩ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ଦଳୀୟ ସ୍କୋର ୯୨ରେ ରାଜା ପ୍ୟାଭିଲିୟନ୍ ଫେରିବା ସହିତ ୧୯.୨ ଓଭରର ଜିମ୍ବାୱେ ୧୧୭ ରନରେ ଅଲଆଉଟ ହୋଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଭାନ୍ ମିକେରାନ୍ ୩ ଉଇକେଟ ନେଇଥିବା ବେଳେ ବ୍ରାଣ୍ଡନ୍ ଗ୍ଲୋଭର, ଭାନ୍ ବିକ୍ ଓ ବାସ୍ ଡେ ଲିଡ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୧୧୮ ରନ୍ ଜବାବରେ ଓପନର ମ୍ୟାକ୍ସ ଓଡଡ୍‌ଙ୍କ ୫୨ ରନ୍ ବଳରେ ୧୮ ଓଭରରେ ୫ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା। ଓଡୋଡ୍ ୪୭ ବଲ୍ ଖେଳି ୮ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟମ୍ କୁପର ୩୨ ରନ୍ କରିଥିଲେ। ୧୭ ରନରେ ପ୍ରଥମ ଉଇକେଟ ପଡିବା ପରେ ଉଭୟ ୭୩ ରନର ଭାଗୀଦାରି କରି ଦଳକୁ ବିଜୟର ନିକଟବର୍ତ୍ତୀ କରିଥିଲେ। ବାସ୍ ଡେ ଲିଡ୍ ୧୨ ରନରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ଜିମ୍ବାୱେ ପକ୍ଷରୁ ରିଚାର୍ଡ ଏନ୍‌ଗାରଭା ଓ ବ୍ଲେସିଙ୍ଗ ମୁଜାରବାନି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ମ୍ୟାକ୍ସ ଓଡୋଡଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ ୧୯.୨ ଓଭରରେ ୧୧୭/୧୦ (ସିକନ୍ଦର ରାଜା-୪୦, ସନ୍ ୱିଲିୟମ୍ସ-୨୮, ରିଚାର୍ଡ ଏନ୍‌ଗାରଭା-୯, ଭାନ୍ ମିକେରାନ୍-୩/୨୯, ଭାନ୍ ବିକ୍-୨/୧୭, ବାସ୍ ଡେ ଲିଡ୍-୨/୧୪)।

ନେଦରଲାଣ୍ଡ୍ସ ୧୮ ଓଭରରେ ୧୨୦/୫ ( ମ୍ୟାକ୍ସ ଓଡୋଡ୍-୫୨, ଟମ୍ କୁପର-୩୨, ବାସ୍ ଡେ ଲିଡ୍-୧୨*, ରିଚାର୍ଡ ଏନ୍‌ଗାରଭା-୨/୧୮, ବ୍ଲେସିଙ୍ଗ ମୁଜାରବାନି-୨/୨୩, ଲୁକ୍ ଜଙ୍ଗୱେ-୧/୨୫)।

## ରାଜ୍ୟ ଫୁଟ୍‌ବଲ ଆସୋସିଏଶନକୁ ମିଳିବ ୨୪ ଲକ୍ଷ

ନୂଆଦିଲ୍ଲୀ, ୨।୧୧ (ପି.ଟି.)

ଦେଶରେ ରହିଥିବା ସମସ୍ତ ରାଜ୍ୟ ଫୁଟବଲ ଆସୋସିଏସନ ଗୁଡିକୁ ବାର୍ଷିକ ୨୪ ଲକ୍ଷ ଟଙ୍କା ପ୍ରଦାନ କରିବ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍)। ବୁଧବାର ସ୍ଥାନୀୟ ଫୁଟବଲ ହାଉସରେ ଅଭିଜିତ୍ ପାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକ ପରେ ଏଆଇଏଫଏଫ୍‌ର ଉନ୍ନୟନ କମିଟି ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି। ଏହି ଗ୍ରାଣ୍ଟକୁ ପୁରୁଷ ଓ ମହିଳା ଲିଗ୍, ୟୁଥ୍ ଲିଗ୍, ଅଫିସ୍, ଆସବାବ ପତ୍ର ଏବଂ ତୃଣମୂଳ ସ୍ତରରେ ବିକାଶ ପାଇଁ ବିନିଯୋଗ କରାଯିବ ବୋଲି ଏଆଇଏଫଏଫ୍ ପକ୍ଷରୁ ଜାରି ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ଏଆଇଏଫଏଫ ପକ୍ଷରୁ ସମସ୍ତ ରାଜ୍ୟ ଆସୋସିଏଶନ୍ ଗୁଡିକୁ ଏ ସମ୍ପର୍କିତ ପରଚାଳନା ବୋର୍ଡ ଗଠନ ଏବଂ ଟେକ୍ନିକାଲ କୋ-ଅର୍ଡିନେଟର ନିଯୁକ୍ତି ନେଇ ମଧ୍ୟ ସହଯୋଗ କରାଯିବ। ଯଦି ପୂର୍ବରୁ ଏହି ପଦ ପାଇଁ ନିଯୁକ୍ତି ହୋଇଥାଏ ତେବେ ରାଜ୍ୟ ଆସୋସିଏଶନ୍ ଏହ ଗ୍ରାଣ୍ଟରୁ ଉକ୍ତ ଦୁଇ ନିଯୁକ୍ତି ପାଇଁ ମଧ୍ୟ ଅର୍ଥ ବ୍ୟୟ କରିପାରିବ।

ଏହି ଗ୍ରାଣ୍ଟ ପ୍ରଦାନ କରାଯିବା ପାଇଁ କଣ ମାପଦଣ୍ଡ ରହିବ ତାହା ନିର୍ଦ୍ଧାରଣ କରିବା ପାଇଁ ଏକ ୩ ଜଣିଆ କମିଟି ଗଠନ କରାଯାଇଛି। ମୁଲରାଜ ସିଂ ଚୁଡାସମା, ବିଜୟ ବାଲି ଓ ରତନ କୁମାର ସିଂ ମୋଇରେଙ୍ଗଥାମଙ୍କୁ ନେଇ ଗଠିତ କମିଟି ଗ୍ରାଣ୍ଟ ଆବଣ୍ଟନକୁ ନେଇ ଏହାର ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବ। ଭବିଷ୍ୟତ ଯୋଜନା ନିର୍ଦ୍ଧାରଣ ହେବା ପରେ ବିଭିନ୍ନ ରାଜ୍ୟ ଆସୋସିଏଶନ୍ ଗୁଡିକଙ୍କ ପାଇଁ ରୋଡମ୍ୟାପ ପ୍ରସ୍ତୁତ ସହଜ ରହିବ। ଏହା ସହିତ 'ବ୍ରଦର ଷ୍ଟେଟ୍ ପ୍ରୋଗ୍ରାମ' ନାମକ ଏକ କାର୍ଯ୍ୟକ୍ରମ ଲଞ୍ଚ କରାଯାଉଛି, ଯେଉଁଥିରେ ଫୁଟବଲରେ ଭଲ ପ୍ରଦର୍ଶନ କରୁଥିବା ରାଜ୍ୟ ଗୁଡିକ ଏକ ବା ଏକାଧିକ ରାଜ୍ୟକୁ ଫୁଟବଲ ପରିଚାଳନା, ବିକାଶ, ଲିଗ୍ ଆୟୋଜନ ଓ ତୃଣମୂଳ ସ୍ତରରେ ବିକାଶ ପରି ବିଷୟରେ ସହଯୋଗ କରିପାରିବେ।



ଏଆଇଏଫ୍ଏଫ୍ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ସଂକ୍ଷେପରେ**

## ଆଇନ ସଚେତନତା ଶିବିର

ପୁରୁଷୋତ୍ତମପୁର,୨।୧୧(ଡି.ଏନ.ଏ.)- ପୁରୁଷୋତ୍ତମପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ଆଇନ ସେବା କମିଟି ପକ୍ଷରୁ ବୁଧବାର ଆଇନ ସଚେତନତା ଶିବିର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିର ଆଇନ ସେବା କମିଟିର ଅଧକ୍ଷା ତଥା ବିଚାରପତି ପୂଜାପ୍ରିୟଦର୍ଶନୀ ପତି ଯୋଗଦେଇ ମହିଳା ଓ ଶିଶୁ ସୁରକ୍ଷା, ଟ୍ରାଫିକ୍, ଭରଣ ପୋଷଣ, ଶ୍ରମିକ ଆଇନ ସହ କିଭଳି ମାଗଣାରେ ଆଇନସେବା ଯୋଗାଇ ଦିଆଯାଉଛି ଓ ଏଥିରେ କେଉଁ ବର୍ଗର ବ୍ୟକ୍ତିମାନେ ସେବା ପାଇପାରିବେ ସେଥିନେଇ ବୁଝାଇ ଜନସାଧାରଣଙ୍କୁ ସଚେତନତା କରିଥିଲେ। ଏଥିରେ ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସତ୍ୟବ୍ରତ ମହାନ୍ତି, ଓକିଲ ସଂଘ ଉପସଭାପତି ଅକ୍ଷୟ କୁମାର ବେହେରା, ସୀମାଞ୍ଚଳ ମିଶ୍ର, ପ୍ରଭାତ କୁମାର ପଟ୍ଟନାୟକ, ରବୀନ୍ଦ୍ର ବେହେରା ଯୋଗଦେଇଥିଲେ। ଏହାକୁ କୋର୍ଟ କର୍ମଚାରୀ ପ୍ରସନ୍ନ ବେହେରା, ଜଗନକୁମାର ଦୋରା, ମମତା ମଞ୍ଜରୀ ମହାପାତ୍ର ଓ ବି ଲଳିତା ରେଡ୍ଡୀ ପରିଚାଳନା କରିଥିଲେ।

## ବୁଗୁଡ଼ାରେ ଅଁଳା ନବମୀ

ବୁଗୁଡ଼ା,୨।୧୧(ଡି.ଏନ.ଏ.)-ବୁଗୁଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିରରେ ଅଁଳା ନବମୀ ଉତ୍ସବ ଯଥା ରୀତିନୀତି ପ୍ରକାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିରଞ୍ଚି ନାରାୟଣ ମନ୍ଦିର ପରିସରସ୍ଥ ରଘୁନାଥ ମନ୍ଦିରରେ ପୁରୋହିତ ଉମାକାନ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବ ପାଳନ ଅବସରରେ ଦେବଦେବୀଙ୍କ ପହଡ, ଅବକାଶ, ମଙ୍ଗଳ ଆଳତି, ଅଁଳା ମାଳାର୍ପଣ, ବାଳଭୋଗ, ରାଧା ପାଦ ଦର୍ଶନ ଆଦି କାର୍ଯ୍ୟକ୍ରମ ଯଥାବିଧି ପ୍ରକାରେ ଅନୁଷ୍ଠିତ ହୋଇଥିଲା ବେଳେ ଗୋପୀନାଥ ମନ୍ଦିର ଓ ବଳଦେବ ମନ୍ଦିରରେ ମଧ ଅନୁରୂପ ଭାବେ ପାଳନ କରାଯାଇଥିଲା। ସେହିପରି ବାଲିପଦର ଗ୍ରାମସ୍ଥିତ ରଘୁନାଥ ସ୍ୱାମୀ ମନ୍ଦିର, ବାଦୁଆର ରାଧାକୃଷ୍ଣ ମନ୍ଦିର ଓ କଦମ୍ବ ମଠର ରାଧା ଗୋପୀନାଥ ମନ୍ଦିରରେ ପାରମ୍ପରିକ ରୀତିରେ ଅଁଳା ନବମୀ ଉତ୍ସବ ପାଳିତ ହୋଇଥିଲା।

# ନାକ୍ ଗ୍ରେଡ୍ ନ ଥିବାରୁ ୟୁଜିସି ଅନୁଦାନ ମିଳୁନି

ଭଞ୍ଜନଗର,୨।୧୧(ଡି.ଏନ୍.ଏ.)




ସାବିତ୍ରୀ ମହିଳା କଲେଜ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ରାଜ୍ୟ ସରକାରଙ୍କ ଅନୁଦାନରେ ମହାବିଦ୍ୟାଳୟଗୁଡିକରେ ଭିତ୍ତିଭୂମି ସୁଦୃଢ ହେଉଛି। ତଥାପି କେତେକ କ୍ଷେତ୍ରରେ ଅଧିକ ଅନୁଦାନ ଆବଶ୍ୟକ ପଡୁଛି। ଏଭଳି ସ୍ଥିତିରେ କେନ୍ଦ୍ରୀୟ ଅନୁଦାନ ପାଇବାକୁ ହେଲେ ନାକ୍ ଗ୍ରେଡ ଦରକାର ପଡୁଛି। କିନ୍ତୁ ଗଞ୍ଜାମ ଜିଲାର ଅଧିକାଂଶ କଲେଜର ନାକ୍ ଗ୍ରେଡ ନାହିଁ। ଯେଉଁ ମହାବିଦ୍ୟାଳୟକୁ ଗ୍ରେଡ ମିଳୁଛି, ତାହାର ବୈଧତା ୫ ବର୍ଷ ରହୁଛି। ଏହାପରେ ଗ୍ରେଡ ପାଇଁ ପୁଣି ଆବେଦନ କରାଯିବା ବ୍ୟବସ୍ଥା ଅଛି। ଯେଉଁ କଲେଜକୁ ନିୟମିତ ଗ୍ରେଡ ମିଳୁଛି ସମ୍ପୃକ୍ତ କଲେଜ ଅଧିକ ୟୁଜିସି ଅନୁଦାନ ପାଉଛି। ୟୁଜିସି ପ୍ରଥମ ପର୍ଯ୍ୟାୟରେ ଗ୍ରେଡ ପ୍ରଦାନ ପୂର୍ବରୁ ଅନେକ ପରାମର୍ଶ ଦେଇଥାଏ। ଦ୍ୱିତୀୟ ପର୍ଯ୍ୟାୟରେ ନାକ୍ ଟିମ୍ କୁ ଡାକିବା ସମୟରେ ପୂର୍ବ ପରାମର୍ଶ ପାଳନ କରିଥିଲେ ଗ୍ରେଡରେ ଉନ୍ନତି ହୋଇଥାଏ। ୟୁଜିସି ଅନୁଦାନରେ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ସୁଦୃଢ ସହ ଗୁଣାତ୍ମକ ଶିକ୍ଷାର ବିକାଶ କରାଯାଇଥାଏ। କିନ୍ତୁ ମହାମାରୀ କରୋନା ଓ ଅନ୍ୟାନ୍ୟ କେତେକ କାରଣ ଯୋଗୁ ଜିଲାର ଅନେକ କଲେଜର ନାକ୍ ଗ୍ରେଡ ନାହିଁ। ତେଣୁ ମହାବିଦ୍ୟାଳୟଗୁଡିକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ଅନୁଦାନ ମିଳୁନାହିଁ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସାବିତ୍ରୀ ମହିଳା ମହାବିଦ୍ୟାଳୟ ଭଳି ପ୍ରମୁଖ କଲେଜ ନାକ୍ ଅନୁଦାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଉକ୍ତ ଦୁଇ କଲେଜ ପକ୍ଷରୁ ନାକ୍ ଟିମ୍‌କୁ ଡାକିବା ପାଇଁ ବୁଧବାର ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ନାକ୍ ଟିମ୍ ପାଇଁ ଆବେଦନ କରିବା ପୂର୍ବରୁ କଲେଜରେ କ'ଣ ସବୁ କାର୍ଯ୍ୟ କରିବାକୁ ପଡିବ ସେ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଭିକ୍ଟୋର ସଂସ୍ଥାର ଏମ୍‌ଡି ପ୍ରୀତିରଞ୍ଜନ ସାହୁ ତାଲିମଦାତା ଭାବେ ଯୋଗଦେଇ କିଭଳି ଅନଲାଇନରେ ନାକ୍ କାର୍ଯ୍ୟ କରାଯିବ ତାହା ଉପରେ ସଚେତନ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ଅଧିକ କିଛି ପଦକ୍ଷେପ ନେବା ଆବଶ୍ୟକ ବୋଲି କହିଥିଲେ। ବୈଠକରେ ଅଧକ୍ଷ ଜୟରାମ ସେନାପତି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ କେ. ଭବାନୀ, ପ୍ରାଧ୍ୟାପିକା ସୁବାସିନୀ ଦେବୀ, ଉର୍ମିଳା ପାଢୀଯୋଶୀ, ସୁପ୍ରଭା ବେହେରା, ନାକ୍ ସଂଯୋଜକ ଡଃ ସୁଶାନ୍ତ ମଲ୍ଲିକ, ଅରବିନ୍ଦ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଧ ପରୀକ୍ଷା ପରିଚାଳନା, ନାକ୍ ଟିମ୍ , ମହାବିଦ୍ୟାଳୟର ଉନ୍ନତି ଉପରେ ଆଲୋଚନା ହୋଇଥିଲା। ଏଥିରେ ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସାତ୍ୟକି ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରୀକ୍ଷା କମିଟି ସଂଯୋଜିକା ପ୍ରାଧ୍ୟାପିକା ଆରତୀବାଳା ପ୍ରଧାନ ପରୀକ୍ଷା ପରିଚାଳନା ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଇନାନ୍ସ ଅଧିକାରୀ ଅଧ୍ୟାପକ ସୁନୀଲ ଦାସ, ପ୍ରାଧ୍ୟାପକ ହରପ୍ରସାଦ ତ୍ରିପାଠୀ, ଡଃ ରବିନ୍ଦ୍ର ମିଶ୍ର, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ସୁନିତା ଖଣ୍ଡୁଆଳ, ତୃପ୍ତିମୟୀ ଦାସ, ସସ୍ମିତା ଦାସ, ସ୍ମରଣିକା ପାଢି, ପୂଜା ଦାସ, ରାଜଶ୍ରୀ ନାୟକ, ମନ୍ଦାକିନୀ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ ରଜନୀ କାନ୍ତ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଟିକାବାଲିରେ ଶିଶୁ ମହୋତ୍ସବ ସୁରଭି

ଫୁଲବାଣୀ ଅଫିସ/ଟିକାବାଲି, ୨।୧୧

ଟିକାବାଲି ଅଭ୍ୟାସ ମଧ ଇଂରାଜୀ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨ ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, ବକ୍ତୃତା, ଗୀତ, ତର୍କ, ରଚନା, କୁଇଜ, ସୃଜନଶୀଳନ ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରଦନ ମଲ୍ଲିକ ଯୋଗଦେଇ ଥିବା ବେଳେ ମୁଖ୍ୟବ୍ୟକ୍ତା ଭାବେ ଟିକାବାଲି ବିଡିଓ ମନୋଜ କୁମାର ପାଢ଼ୀ, ବ୍ଲକ ଅଧକ୍ଷ ଦିଲୀପ କୁମାର କହଁର, ସ୍ଥାନୀୟ ସରପଞ୍ଚ କୁନ୍ଦୁରୁ ମଲ୍ଲିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଗୌର ଚରଣ ବିଶ୍ୱାଳ, ପବିତ୍ର ସାହୁ, ଜଗନ୍ନାଥ ସାହୁ, ପ୍ରଦୀପ ମହାପାତ୍ର, ଅରବିନ୍ଦ ମହାପାତ୍ର, ବିଷ୍ଣୁ ଚରଣ ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିମ୍ନ ଅଦାଲତର ୨୨ ବିଚାରପତିଙ୍କ ବଦଳି

କଟକ ଅଫିସ,୨।୧୧

ଓଡ଼ିଶା ହାଇକୋର୍ଟଙ୍କ ବୁଧବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ନିମ୍ନ ଅଦାଲତରୁ ୨୨ ଜଣ ବିଚାରପତିଙ୍କୁ ବଦଳି କରାଯାଇ ନୂତନ ସ୍ଥାନରେ ନିଯୁକ୍ତ କରାଯାଇଛି। ତଦନୁସାରେ ବାରିପଦା ପରିବାର ଅଦାଲତରେ ବିଚାରପତି ବିରଞ୍ଚି ନାରାୟଣ ମହାନ୍ତି, ବାଲେଶ୍ୱର ଡେଜିଗନେଟେଡ୍ କୋର୍ଟରେ ବିଶ୍ୱଜିତ୍ ଦାସ, ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ କୋର୍ଟ–୧ରେ ସନ୍ତୋଷ କୁମାର ଜେନା, ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ପ୍ରଦୀପ କୁମାର ମହାନ୍ତ, ଝାରସୁଗୁଡ଼ା ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ନୀଳଗିରି ଜେନା, ବାଲେଶ୍ୱର ପରିବାର ଅଦାଲତରେ ପ୍ରଶାନ୍ତ କୁମାର ନାୟକ, ଫୁଲବାଣୀ ଏଡିଜେ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ)ରେ ସମର ବିଳାସ ବେହେରା, ଜୟପୁର ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟରେ ଇନୁମୁଲୁ ବିଘ୍ନେଶ୍ୱର ରାଓ, ଉମରକୋଟ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟରେ ଗିରିଜା ପ୍ରସାଦ ମହାପାତ୍ର, ବାରିପଦା ପ୍ରଥମ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟରେ ସୁରେଶ ଚନ୍ଦ୍ର ପ୍ରଧାନ, ଭୁବନେଶ୍ୱର ପରିବାର ଅଦାଲତରେ ମଦନଲାଲ ଖେଡ଼ିଆ, ଖୋର୍ଦ୍ଧା ପରିବାର ଅଦାଲତରେ ରାଜେଶ କୁମାର ନାୟାର ଭି.ଜି., କଟକ ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ଅଶୋକ କୁମାର ପହି, ଖୋର୍ଦ୍ଧା ପ୍ରଥମ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟରେ ଅଜୟ କୁମାର ପ୍ରଧାନ, କଟକ ପ୍ରଥମ ଜିଲା ଓ ସେସନ୍ସ ଜଜ୍ କୋର୍ଟରେ ଜ୍ଞାନେନ୍ଦ୍ର କୁମାର ବାରିକ, ଆସ୍କା ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟରେ ଚୌଧୁରୀ ପ୍ରବୀର କୁମାର, ନୟାଗଡ଼ ପରିବାର ଅଦାଲତରେ ସୁବ୍ରତ କୁମାର ପଟ୍ଟନାୟକ, ଯାଜପୁର ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟରେ ସୁନୀଲ କୁମାର ଦାସ, ବାଲେଶ୍ୱର ଏସ୍‌ସି ଆଣ୍ଡ୍ ଏସ୍‌ଟି ସ୍ୱତନ୍ତ୍ର ଅଦାଲତରେ ଲିଲିପ୍ସା ପଶାୟତ, ବ୍ରହ୍ମପୁର ତୃତୀୟ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟରେ ଡ. ଇନ୍ଦୁ ଶର୍ମା, ଭବାନୀପାଟଣା ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଶୁଭଞ୍ଜନ ମହାନ୍ତି ଓ ବଲାଙ୍ଗୀର ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଗୋପବନ୍ଧୁ ଗଡ଼ନାୟକଙ୍କୁ ବିଚାରପତି ଭାବେ ନିଯୁକ୍ତ ମିଳିଛି।

## ଦୁର୍ଘଟଣାରେ ମା'ପୁଅ ଗୁରୁତର

ଭଞ୍ଜନଗର,୨।୧୧(ଡି.ଏନ୍.ଏ.)

ଭଞ୍ଜନଗର ସାହାଣପଲ୍ଲୀ ନିକଟରେ ବୁଧବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସତ୍ୟବାନ ଭୋଲ ଓ ତାଙ୍କ ମା' ନର୍ମଦା ଭୋଲ(୪୩) । ଉଭୟଙ୍କୁ ଭଞ୍ଜନଗର ଦମକଳ କମୟଚାୀ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

### ଗେଷ୍ଟହାଉସ୍‌ରେ ଦେହ ବେପାର ମାମଲା

## ଉଦ୍ଧାର ୩ ମହିଳାଙ୍କ କୋର୍ଟରେ ବୟାନ ରେକର୍ଡ

ବ୍ରହ୍ମପୁର ଅଫିସ,୨।୧୧

ବ୍ରହ୍ମପୁର ଟାଟାବେଞ୍ଜ ଛକ ସ୍ଥିତ ତୁଳସୀ ଗେଷ୍ଟ ହାଉସରେ ଦେହ ବେପାର ହେଉଥିବା ଖବର ପାଇ ଗତ ୩୧ ତାରିଖ ବିଳମ୍ବିତ ରାତିରେ ବ୍ରହ୍ମପୁର ପୋଲିସ ଚଢ଼ାଉ କରିଥିଲା। ସେଠାରୁ କୋଲକାତାରୁ ଆସିଥିବା ୩ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୧୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ଉଦ୍ଧାର ଯୁବତୀଙ୍କୁ ସଖୀ କେନ୍ଦ୍ରରେ ରଖାଯାଇଥିଲା। ବୁଧବାର ସମ୍ପୃକ୍ତ ୩ମହିଳାଙ୍କୁ ତଦନ୍ତକାରୀ ଅଧିକାରୀ ତଥା ପୋଲିସ ମୁଖ୍ୟାଳୟରେ ଥିବା ଡିଏସ୍‌ପି ସନ୍ତୋଷିନୀ ଓରାମଙ୍କ ଉପସ୍ଥିତିରେ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱୟଂସୀତା ପତିଙ୍କ କୋର୍ଟରେ ହାଜର କରାଯାଇଥିଲା। ଧାରା ୧୬୪ ଅନୁସାରେ କୋର୍ଟରେ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଉଦ୍ଧାର ହୋଇଥିବା ମହିଳାମାନେ ପୋଲିସ ପାଖରେ ପୂର୍ବରୁ ମଧ ଧାରା ୧୬୧ରେ ବୟାନ ଦେଇଥିଲେ। ପରିବାର ଲୋକ ବ୍ରହ୍ମପୁର ଆସି ସେମାନଙ୍କୁ ନେବା ଯାଏ ସେମାନେ (ୱାନ୍ ଷ୍ଟପ୍ ସେଣ୍ଟର୍) ସଖୀ କେନ୍ଦ୍ରରେ ରହିବେ ବୋଲି ପୋଲିସ କହିଛି। ଗତ ଏକ ବର୍ଷ ହେଲା ଉକ୍ତ ତୁଳସୀ ଗେଷ୍ଟହାଉସ୍‌ରେ ଦେହ ବ୍ୟବସାୟ ହେଉଥିବା ନେଇ ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ୍. ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ସେ ସେଠାରେ କିଛି ପୋଲିସ କର୍ମଚାରୀ ସାଦା ପୋଷାକରେ ମୁତୟନ କରିଥିଲେ। ସେମାନେ ସେଠାରେ ପ୍ରଥମେ ସ୍ଥିତି ଅନୁଧ୍ୟାନ କରିଥିଲେ। ଖବର ସତ୍ୟତା ଥିବା ଜାଣିବା ପରେ ଏସ୍‌ପିଙ୍କ ନେତୃତ୍ୱରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା।


**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswsar - 751001, Visit us at: http://www.bdabbsr.in

No. CAD-2389

**INVITATIONS FOR BIDS (IFB)**

Bid Identification No. 1322 Dated: 01.11.2022

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from Electrical Contractors having valid H.T. Licence registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl. No. | Name of Work | Estimated Cost (In Rs.) | EMD | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Providing power supply to the new pathway at Madhusudhan Park, Bhubaneswar | 23,59,153.00 | Bid Security Declaration | 6000.00 + 18% GST | 30 (Thirty Days) |

2. The Bid documents will be available in the website: **https://tendersodisha.gov.in** from **07.11.2022 at 10.30 hours**. Any addendum/Corrigendum/Cancellation of tender can also be seen in the said website.
3. Bids shall be received only "Online" on or before **21.11.2022 upto 17.00 hours.** The bidder must possess compatible Digital Signature Certificate (DSC) of Class-II or Class-III.
4. Other details can be seen in the bidding documents.
5. The authority reserves the right to cancel any or all bids without assigning any reason.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

OIPR-13033/11/0327/2223 Sd./- Executive Engineer, Division-IV, BDA, BBSR



WATCO

**WATER CORPORATION OF ODISHA**
**OFFICE OF THE CHIEF EXECUTIVE OFFICER**
GROUND FLOOR, UNNATI BHAWAN, HOUSING BOARD COLONY,
SATYANAGAR, BHUBANESWAR, ODISHA - 751007 Telefax: +91-674-2391444
e-mail: mail@watcoodisha.in / ceowatcoodisha@gmail.com

**NOTICE INVITING BID**
**NATIONAL COMPETITIVE BIDDING THROUGH e-PROCUREMENT**
Bid Identification No. WATCO (W)- 31/2022-23 Date .10.2022
WATCO No.4968 / Date:28.09.2022
[File No.WAT-1222/2022-23]
REQUEST FOR PROPOSAL (RFP) FOR
**"Implementation of 24 x 7 Water Supply in Hinjilicut Municipality including Operation & Maintenance for a Period of Five Years" on Engineering, Procurement & Construction (EPC) Contract**

**No.C-1487:** The Chief Executive Officer, WATCO, Bhubaneswar under the administrative control of Housing & Urban Development Department, Government of Odisha (the "Client/Authority") is engaged in the Execution, Operation & Maintenance of Water Supply Projects for different ULBs in the State of Odisha and as part of this endeavour, Govt. of Odisha has decided to undertake "Implementation of 24 x 7 Water Supply in Hinjilicut Municipality including Operation & Maintenance for a Period of Five Years" (the "Project") under EPC Contract (Engineering, Procurement and Construction) basis, and has decided to carry out the bid process for selection of the eligible contractor to whom the Project may be awarded eventually for Construction as well as for Operation & Maintenance.

| Sl. No. | Name of the Water Supply Project | Bid Identification No. | Indicative Total Project Cost including O&M Cost (Rs. in Lakh) | Construction Period | Operation & Maintenance Period |
|---|---|---|---|---|---|
| 1 | "Implementation of 24 x 7 Water Supply in Hinjilicut Municipality including Operation & Maintenance for a Period of Five Years" on Engineering, Procurement & Construction (EPC) Contract | WATCO (W)-31/ 2022-23 | 6220.00 | 24 (Twenty Four) Months | 60 (Sixty) Months |

The complete Bid document can be viewed/downloaded from e-procurement portal of the State Government https://tendersodisha.gov.in from 7.11.2022 (11.00 hrs. IST) to 07.12.2022 (17.00 hrs. IST). Bid must be submitted online only. Bid through any other mode shall not be entertained. However, Bid Security/Declaration, Document Fee, Power of Attorney and Joint Bidding Agreement shall be submitted physically by the Bidder before the schedule date & time indicated in the RFP.
Please note that the Authority reserves the right to accept or reject all or any Bid without assigning any reason whatsoever.
**Availability of RFP Document for Online Bidding : From 7.11.2022 (11.00 hrs. IST) to 07.12.2022 (17.00 hrs. IST)**
**Name & Address of the Officer Inviting RFP : The Chief Executive Officer, WATCO, Ground Floor, Unnati Bhawan, Satyanagar, Bhubaneswar- 751007, Dist Khordha, Odisha, India. Phone # +91-674-2391444, email:ceowatcoodisha@gmail.com**
Interested bidders may download the Request for Proposal Documents (the "RFP" document) from the State Government website www.tendersodisha.gov.in / http://www.watcoodisha.in to see further details for participation in the online bidding.
**All amendments, time extension, clarifications etc. will be uploaded in the website only.**
**Bidders should regularly visit the above website to keep themselves updated.**

OIPR-13194/11/0059/2223 Sd./- Chief Executive Officer, (WATCO)


## ଭାଗବତ ସପ୍ତାଙ୍ଗ, କାର୍ତ୍ତିକେଶ୍ୱର ପୂଜା

ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର.)

ପଥରଚକଡାସ୍ଥିତ ମା' ନାରାୟଣୀଙ୍କ ପୀଠରେ ବାର୍ଷିକ ଭାଗବତ ସପ୍ତାଙ୍ଗ ତଥା ଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇଛି । ଶ୍ରଦ୍ଧାଳୁମାନେ ସପ୍ତାଙ୍ଗ ଯଜ୍ଞ ଦର୍ଶନ ପାଇଁ ମା' ନାରାୟଣୀଙ୍କ ପୀଠରେ ସମାଗମ ହୋଇଥିଲେ । ଜୀବ ଜଗତର ସର୍ବ କଲ୍ୟାଣ ନିର୍ମିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ୭ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ସପ୍ତାଙ୍ଗ କାର୍ଯ୍ୟର ମୁଖ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ଶତପଥୀ ସୂଚନା ଦେଇଛନ୍ତି । ଏହି ଅବସରରେ ମହାନଦୀ ଘାଟରୁ ଏକ କଳସ ଶୋଭାଯାତ୍ରା ମା'ନାରାୟଣୀ ପୀଠକୁ ଆସିଥିଲା ।

## ଟିକାବାଲିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଫୁଲବାଣୀ ଅଫିସ/ ଟିକାବାଲି, ୨।୧୧

ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ବୁଧବାର ଟିକାବାଲିରେ ଆୟୋଜିତ ହୋଇଛି । ସ୍ଥାନୀୟ ମେଡିକାଲ ଛକଠାରୁ ଦଳୀୟ କର୍ମୀମାନେ ପଦଯାତ୍ରାରେ ବାହାରି ବଜାର ପରିକ୍ରମା କରି ହାଟପଦା ପ୍ରାଙ୍ଗଣରେ ପହଞ୍ଚିଥିଲେ । ସେଠାରେ ସାଧାରଣ ସଭା ଆୟୋଜନ କରାଯାଇଥିଲା। ପାଡାଙ୍ଗୀ ସରପଞ୍ଚ ଶୁଭଲକ୍ଷ୍ମୀ ପ୍ରଧାନ ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିଲେ। ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ ତାଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଏସଡିସି ଅଧକ୍ଷ ରଦନ ମଲିକ, ଟିକାବାଲି ବ୍ଲକ ଅଧକ୍ଷ ଦିଲୀପ କହଁର, ଜିଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।


**ଓଡ଼ିଶା ସରକାର**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**

**ନବମ ଏବଂ ଦଶମ ଶ୍ରେଣୀ ପାଇଁ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଯୋଜନା**

No. V-66: ନବମ ଏବଂ ଦଶମ ଶ୍ରେଣୀରେ ଅଧ୍ୟୟନରତ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ, ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସରକାରଙ୍କ ସ୍ୱତନ୍ତ୍ର ଛାତ୍ରବୃତ୍ତି ବ୍ୟବସ୍ଥା ରହିଛି।

**ନବମ ଏବଂ ଦଶମ ଶ୍ରେଣୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:**

(୧) ଆବେଦନକାରୀ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ କିମ୍ବା ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ)ରେ ଅନ୍ତର୍ଭୁକ୍ତ ଥିବେ।
(୨) ଆବେଦନକାରୀ ଓଡ଼ିଶାର ସ୍ଥାୟୀ ଅଧିବାସୀ ହୋଇଥିବେ।
(୩) ଆବେଦନକାରୀଙ୍କ ପାରିବାରିକ ବାର୍ଷିକ ଆୟ ସମସ୍ତ ସୂତ୍ରରୁ ଟ୨,୫୦,୦୦୦/-ଙ୍କା (ଦୁଇ ଲକ୍ଷ ପଚାଶ ହଜାର)ରୁ ଅଧିକ ହୋଇନଥିବ।
(୪) ଆବେଦନକାରୀମାନେ ବୈଧ UDISE Code ପ୍ରାପ୍ତ ସରକାରୀ କିମ୍ବା ମାନ୍ୟତା ପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପୂର୍ଣ୍ଣ କାଳୀନ ଭିତ୍ତିରେ ଅଧ୍ୟୟନରତ ଥିବେ।
(୫) ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ ଏବଂ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ) ଛାତ୍ରଛାତ୍ରୀମାନେ କେବଳ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ହିଁ ଏହି ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

**ବୃତ୍ତିରାଶି ହାର (ଟଙ୍କାରେ)**

| ବର୍ଗ | ଦିବାଧାୟୀ (ବାର୍ଷିକ) | ଅନ୍ତେବାସୀ (ବାର୍ଷିକ) |
|---|---|---|
| ଅନୁସୂଚିତ ଜନଜାତି | ୩୦୦୦ | ୬୨୫୦ |
| ଅନୁସୂଚିତ ଜାତି | ୩୫୦୦ | ୭୦୦୦ |
| ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ | ୪୦୦୦ | ୪୦୦୦ |
| ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ) | ୪୦୦୦ | ୪୦୦୦ |

**ଆବେଦନ କିପରି କରିବେ**

ଶିକ୍ଷାବର୍ଷ ୨୦୨୨-୨୩ ପାଇଁ ଆବେଦନ ପ୍ରକ୍ରିୟା ୩ ନଭେମ୍ବର ୨୦୨୨ରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମାଧ୍ୟମରେ ଆରମ୍ଭ ହେବ। ତେଣୁ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ ନିଜର ଜାତି ଏବଂ ଆୟ ପ୍ରମାଣ ପତ୍ର, ଆଧାର, ବ୍ୟାଙ୍କ ପାସ୍‌ବୁକର ଅବିକଳ ନକଲ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ଯଥା ଶୀଘ୍ର ଦାଖଲ କରନ୍ତୁ।

**ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ:**

- ଏହି ଛାତ୍ରବୃତ୍ତି ଆବେଦନ ନିମନ୍ତେ ଆବେଦନକାରୀଙ୍କ ''ଆଧାର'' ନମ୍ବର ପ୍ରଦାନ କରିବା ଅନିବାର୍ଯ୍ୟ ଅଟେ। ତେଣୁ ଯେଉଁ ଛାତ୍ରଛାତ୍ରୀମାନଙ୍କ ଆଧାର ନାହିଁ ସେମାନଙ୍କୁ ଅନୁରୋଧ ଯେ ସେମାନେ ଯଥା ଶୀଘ୍ର ଆଧାର ପଞ୍ଜୀକରଣ କରିବେ।
- ଆଧାରରେ ଥିବା ନିଜର ନାମ (ନାମ ଏବଂ ଉପନାବ ବନାନ), ଲିଙ୍ଗ, ଜନ୍ମ ତାରିଖ (DOB) ସଠିକ୍ ଅଛି କି ନାହିଁ ନିଶ୍ଚିତ କରନ୍ତୁ। ଯଦି ଆଧାରରେ କିଛି ତ୍ରୁଟି ଥାଏ, ତେବେ ଆଧାରରେ ସଂଶୋଧନ କରି ସଂଶୋଧିତ ଆଧାରର ନକଲ ନିଜ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ଦାଖଲ କରନ୍ତୁ।
- ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଛାତ୍ରବୃତ୍ତି କେବଳ ଆଧାର-ଲିଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ। ତେଣୁ ନିଜର ଆଧାର ସହିତ ବ୍ୟାଙ୍କ-ଆକାଉଣ୍ଟକୁ ଲିଙ୍କ୍ କରନ୍ତୁ। ସେଥିପାଇଁ ଆପଣମାନେ ନିଜର ବ୍ୟାଙ୍କ ଶାଖା ପରିଦର୍ଶନ କରନ୍ତୁ ଏବଂ DBT ଗ୍ରହଣ କରିବା ପାଇଁ ଏକ ବ୍ୟାଙ୍କ ସମ୍ମତି ଫର୍ମ ଦାଖଲ କରନ୍ତୁ।
- ଯେଉଁ ଛାତ୍ରଛାତ୍ରୀମାନଙ୍କ ପାଖରେ ଜାତି ଏବଂ ଆୟ ପ୍ରମାଣପତ୍ର ନାହିଁ ସେମାନଙ୍କୁ ଅନୁରୋଧ ଯେ ସେମାନେ ଓଡ଼ିଶାର ଇ-ଜିଲ୍ଲା ପୋର୍ଟାଲ **(https://edistrict.odisha.gov.in/)** ମାଧ୍ୟମରେ ପ୍ରମାଣପତ୍ର ପ୍ରାପ୍ତ କରି ଯଥା ଶୀଘ୍ର ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିକଟରେ ଦାଖଲ କରନ୍ତୁ।
- ଯେଉଁ ଛାତ୍ରଛାତ୍ରୀମାନେ ନବମ ଶ୍ରେଣୀ ପାଇଁ ଏହି ଛାତ୍ରବୃତ୍ତି ପାଇଛନ୍ତି ସେମାନଙ୍କୁ ପୁନର୍ବାର ଜାତି କିମ୍ବା ଆୟ ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ନାହିଁ।
- ଏହି ଛାତ୍ରବୃତ୍ତି ସହିତ ଅନ୍ୟ କୌଣସି ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ପାଇପାରିବେ ନାହିଁ।

ସ୍ୱା./- ସ୍ୱତନ୍ତ୍ର ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

OIPR-26001/11/0018/2223

**ପାରିବାରିକ କଳହ, ଥାନାରେ ମାମଲା**

**ରସୁଲପୁର,(ଡି.ଏନ.ଏ.):** କୁଆଖିଆ ଥାନା ଅନ୍ତର୍ଗତ ବଡ଼କଇଞ୍ଛ ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ଥାନାରେ ମାମଲା ହୋଇଛି। ସ୍ତ୍ରୀ ହେମଲତା ବେହେରାଙ୍କ ସହ ତାଙ୍କ ସ୍ୱାମୀ ସୁବାସ ପରିଡାଙ୍କ ସହ ବାରମ୍ବାର କଳିଝଗଡା ହେଉଥିଲା। ଏହାକୁ ନେଇ ପଞ୍ଚାୟତର ମୁରବୀମାନଙ୍କ ଜରିଆରେ ସମାଧାନ କରାଯାଇଥିଲା। ମାତ୍ର ପଞ୍ଚାୟତ ଫେସଲାକୁ ଦମ୍ପତି ଗ୍ରହଣ ନ କରି ପୂର୍ବଭଳି କଳିଝଗଡା ଲାଗୁଥିଲେ। ଏହାକୁ କେନ୍ଦ୍ରକରି ହେମଲତା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ମୁତାବକ ଥାନାରେ ଏକ ନିର୍ଯାତନା ମାମଲା ନଂ.୩୩୫/୨୨ ରୁଜୁ କରାଯାଇଛି। ଏଏସଆଇ ଦେବପଦ ମହାନ୍ତି ଘଟଣାର ତଦନ୍ତ କରୁଛନ୍ତି।

## ସଂକ୍ଷେପରେ

### ଦାନଗଦିରେ ବିଜେଡିର ପଦଯାତ୍ରା

**କଳିଙ୍ଗନଗର,୨।୧୧(ଡି.ଏନ.ଏ.):** ବିଜୁ ଜନତା ଦଳ ଆୟୋଜନରେ ପ୍ରତ୍ୟେକ ବ୍ଲକରେ ଅୟୋଜିତ ହେଉଥିବା ପଦଯାତ୍ରା ଦାନଗଦି ବ୍ଲକରେ ଶେଷ ହୋଇଛି। ସୁକିନ୍ଦା ନିର୍ବାଚନମଣ୍ଡଳୀ ବିଜୁ ଯୁବ ଜନତା ଦଳ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ନଛିପୁରାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟବାସୀଙ୍କ ପାଇଁ ସ୍ୱତନ୍ତ୍ର ଓ ନୂଆ ଯୋଜନା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ମାର୍ଗ ଦର୍ଶନ କରାଉଥିବା ସେ କହିଥିଲେ। ଓଡ଼ିଶା ପାଇଁ ବିଜେଡି ସରକାର ଏମିତି ଅନେକ ଯୋଜନା ହାତକୁ ନେଇଛନ୍ତି, ଯାହାକି ଯୁଗାନ୍ତକାରୀ ପଦକ୍ଷେପ ଓ ଅନ୍ୟମାନଙ୍କ ପାଇଁ ପ୍ରେରଣା ଭାବେ ଉଭା ହୋଇଛି। ରାଜ୍ୟରେ ନବୀନ ଅପ୍ରତିଦ୍ୱନ୍ଦ୍ୱୀ ଓ ବିଜେଡିର କୌଣସି ବିକଳ୍ପ ନ ଥିବା ଘଡେଇ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ପ୍ରତାପ ମହାନ୍ତି ଯୋଗଦେଇ ସାଧାରଣ ଲୋକଙ୍କ ଭଲ ପାଇବା ହିଁ ବିଜେଡିର ବଳ ବୋଲି କହିଥିଲେ। ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଦାନଗଦି ପଞ୍ଚାୟତ ସମିତି ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧକ୍ଷ ଅଜୟ କୁମାର ବିନ୍ଧାଣି, ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ଟିନା ହାଇବୁରୁ, ସ୍ମୃତିରାଣୀ ରାଉତ, ବ୍ଲକ ସଭାପତି ଦିଲୀପ ନାୟକ, କାର୍ଯ୍ୟକାରୀ ସଭାପତି ସୁରେଶ ଦାସ, ମହିଳା ସଭାପତି ଅବନ୍ତୀ ସାମଲ ଏବଂ ଯୁବ ବିଜେଡି ସଭାପତି ଚନ୍ଦନ କର ପ୍ରମୁଖ ଉପସ୍ଥିତ ଥିଲେ।

### ଜେଏମ୍‌ଏଫସି କୋର୍ଟ ସ୍ଥାପନ ପାଇଁ ସ୍ଥାନ ନିରୂପଣ ଆରମ୍ଭ

**ରସୁଲପୁର,୨।୧୧(ଡି.ଏନ.ଏ.):** ଜେଏମ୍‌ଏଫସି କୋର୍ଟ ସ୍ଥାପନ ପାଇଁ ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲିକଙ୍କ ନେତୃତ୍ୱରେ ଏକ ଦଳ ରସୁଲପୁର ବ୍ଲକର ୩ଟି ସ୍ଥାନ ପରିଦର୍ଶନ କରିଛନ୍ତି। ୨୦ରୁ କମ୍ ପଢୁଥିବା ବିଦ୍ୟାଳୟଗୁଡିକ ବନ୍ଦ ହୋଇଯିବାରୁ ସ୍କୁଲ କୋଠା ଖାଲି ପଡିଛି। ଉକ୍ତ କୋଠାରେ ଅସ୍ଥାୟୀ ଭାବରେ କୋର୍ଟ ସ୍ଥାପନ ଦିଗରେ ବ୍ୟବହାର କରାଯିବାକୁ ପ୍ରଶାସନ ପକ୍ଷରୁ ଚିନ୍ତା କରାଯାଉଛି। ଏଥି ସକାଶେ ଯାଜପୁର ଜିଲା କୋର୍ଟ ରେଜିଷ୍ଟ୍ରାର ନରୋତ୍ତମ ସେଠୀ, ରସୁଲପୁର ବିଡିଓ ଅବନିକାନ୍ତ ସାହୁ, ଅତିରିକ୍ତ ବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ଯନ୍ତ୍ରୀ ସୋନାଲି ଧଳ, ସରପଞ୍ଚ ଆୟୁଷ୍ମମତି ଦାସ, ନିର୍ବାହୀ ଅଧିକାରୀ ନିକୁଞ୍ଜ ବିହାରୀ ରାଉତ ଓ ସୁଧୀର କୁମାର ମହାନ୍ତି ପ୍ରମୁଖ ବ୍ଲକର ବିଦ୍ୟାଳୟ ସ୍ଥଳ ପରିଦର୍ଶନ କରିଥିଲେ। ଗମନାଗମନ ସୁବିଧାକୁ ଦୃଷ୍ଟିକୁ ଦେଇ ପ୍ରଶାସନ ପକ୍ଷରୁ ଜାତୀୟ ରାଜପଥ ୧୬ ଓ ୨୦ନଂ ପାର୍ଶ୍ୱସ୍ଥ ବିଦ୍ୟାଳୟ ଗୁଡିକୁ ଚିହ୍ନଟ କରାଯାଇଥିଲା। ୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ନରସିଂହପୁର ପଞ୍ଚାୟତର ବଡ଼ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟ, ବାହାଦଲାପୁର ପଞ୍ଚାୟତର ଗରିପୁର ପ୍ରାଥମିକ ବିଦ୍ୟାଳୟ, ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବାରବାଟୀ ପଞ୍ଚାୟତର ବରଜପୁର ବିଦ୍ୟାଳୟ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। ଏ ଦିଗରେ ସେମାନେ ନିଷ୍ପତ୍ତି ନେଇ ଜଣାଇବା ପରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ସାହୁ ସୂଚନା ଦେଇଛନ୍ତି।

# ଟେଣ୍ଡର ପରେ ବି ରାସ୍ତା ମରାମତି ନାମରେ ଲୁଟ୍

**ଚଣ୍ଡିଖୋଲ, ୨।୧୧ (ଡି.ଏନ୍.ଏ.)**



ରାସ୍ତା ମରାମତି କରାଯାଉଛି।

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଯାଇଛି। ତେବେ ଏହି ଟେଣ୍ଡର କାମ ଆରମ୍ଭ ପୂର୍ବରୁ ପୂର୍ତ୍ତ ବିଭାଗ ତରଫରୁ ରାସ୍ତା ମରାମତି ନାମରେ ଲୁଟ୍ ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନାଥାଉକି, ବୈରୀଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ହାଇଲେଭଲ କେନାଲ ବନ୍ଧ ରାସ୍ତାଟି ଜଳସମ୍ପଦ ବିଭାଗ ଅଧୀନରେ ଥିଲା। ଏହାକୁ ୨୦୧୯ ନଭେମ୍ବରରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଗଲା। ପରେ ପୂର୍ତ୍ତବିଭାଗ ତରଫରୁ ଏହାର ମରାମତି କାର୍ଯ୍ୟ କରାଯାଇଥିଲା। ଏହା ମଧ୍ୟରେ ଏହି ରାସ୍ତାଟିକୁ ଦୁଇଭାଗ କରି ଟେଣ୍ଡର କରାଯାଇଛି। ଆଶ୍ଚର୍ଯ୍ୟର କଥା ବୈରୀଠାରୁ ଚଣ୍ଡିଖୋଲ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୧୧ କିଲୋମିଟର ୮ଶହ ମିଟର ରାସ୍ତା ହୋଇଥିଲାବେଳେ ପୂର୍ତ୍ତ ବିଭାଗ ତରଫରୁ ଏହି ରାସ୍ତାକୁ ୧୪ କିଲୋମିଟର ଲମ୍ବ ଥିବା ଦର୍ଶାଯାଇଛି। ସେଥିମଧ୍ୟରୁ ବୈରୀଠାରୁ ୬ କିଲୋମିଟର ୬ଶହ ମିଟର ଖଇରା ପର୍ଯ୍ୟନ୍ତ ଦୀର୍ଘ ୨ମାସ ତଳୁ ଟେଣ୍ଡର ଶେଷ ହୋଇଛି। ଏହାପରେ ଖଇରାଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ୧୪କିଲୋମିଟର ରାସ୍ତା ଦର୍ଶାଯାଇ ଏଥିପାଇଁ ୮କୋଟି ୧୨ ଲକ୍ଷ ୬୩ହଜାର ୧୨୦ଟଙ୍କା ଆକଳନ କରାଯାଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଏଠାରେ ପ୍ରଶ୍ନ ଉଠୁଛି ଜଳସମ୍ପଦ ବିଭାଗ ଅଧୀନରେ ଥିବାବେଳେ ରାସ୍ତାଟି ୧୧ କିଲୋମିଟର ୮ଶହ ମିଟର ଥିଲା। ତେବେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବା ପରେ ଏହା କିପରି ଭାବେ ୨ କିଲୋମିଟର ୨ଶହ ମିଟର ବଢିଗଲା ଯାହାକି ଆଲୋଚନାର ବିଷୟବସ୍ତୁ ପାଲଟିଛି। ଚୌଦ୍ୱାର ଚାରିବାଟିଆସ୍ଥିତ ପୂର୍ତ୍ତ ବିଭାଗ ଡିଭିଜନ୍ ଓ ବଡ଼ଚଣା ସବଡିଭିଜନ୍ ଅଧୀନରେ ଏହି ରାସ୍ତା କାର୍ଯ୍ୟବୈରୀଠାରୁ ଆରମ୍ଭ ହୋଇଛି। ରାସ୍ତାଟି ୯ ମାସ ମଧ୍ୟରେ ଶେଷ କରାଯିବ ବୋଲି ବିଭାଗ ତରଫରୁ ସ୍ଥିରୀକୃତ ହୋଇଛି। ତେବେ ଟେଣ୍ଡର ସରି ରାସ୍ତାକାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ବେଳେ ବିଭାଗ ତରଫରୁ ମରାମତି ନାମରେ ୩ଟି ଗୁପ୍ତ ଟେଣ୍ଡର କରାଯାଇଛି, ଯାହାକି ବିଭାଗୀୟ କାର୍ଯ୍ୟ ଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମୁଦାୟ ରାସ୍ତା ପାଇଁ ୧୬କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ପୁନର୍ବାର ମରାମତି ନାମରେ ୩ଟି ଗୁପ୍ତ ଟେଣ୍ଡର କରାଯାଇ ୯ଲକ୍ଷ ଟଙ୍କା ହଡ଼ପ କରିବାକୁ ଯୋଜନା କରାଯାଇଛି। ଏହି ରାସ୍ତା ଉପରେ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ଅଛି ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବିଭାଗୀୟ ନିର୍ଦ୍ଦେଶନାମା ଅନୁଯାୟୀ ଯେ, କୌଣସି ରାସ୍ତାର ଟେଣ୍ଡର ପ୍ରକ୍ରିୟା ଶେଷ ହେଲା ପରେ ଅନ୍ୟ କୌଣସି ଟେଣ୍ଡର କରାଯାଇ ମରାମତି ହୋଇ ନ ଥାଏ। ରାସ୍ତା ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ନିମନ୍ତେ ୧୬କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ କିପରି ଭାବରେ ଗୁପ୍ତ ଟେଣ୍ଡର ମାଧ୍ୟମରେ ରାସ୍ତା ମରାମତି କରାଯାଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଜେନାଙ୍କୁ ପଚାରିବାରେ ସେ କୁହନ୍ତି, ରାସ୍ତାର ମାପ ଅନୁସାରେ ଟେଣ୍ଡର ପ୍ରକ୍ରିୟା କରାଯାଇଛି। ଟେଣ୍ଡର କାମ ହେବାକୁ ଡେରି ହୋଇପାରେ। ସେଥିପାଇଁ ଖାଲଖମା ଥିବା ରାସ୍ତାକୁ ମରାମତି କରାଯାଉଛି।

**ବୈରୀ-ଚଣ୍ଡିଖୋଲ ହାଇଲେଭଲ କେନାଲ ବନ୍ଧ ରାସ୍ତା**

## ଜାତିଆଣ ଆକ୍ଷେପ, ଥାନାରେ ଅଭିଯୋଗ

**ରସୁଲପୁର,୨।୧୧(ଡି.ଏନ.ଏ.)**

କୁଆଖିଆ ଥାନା ଜାବରା ପଞ୍ଚାୟତ ମାନପୁର ଗ୍ରାମରେ ଶାଗ କିଆରିରେ ଗାଈ ପଶି ଯିବାରୁ ବିବାଦ ଦେଖାଦେଇଛି। ଏହି ବିବାଦକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଦଳିତ ପରିବାରକୁ ଜାତିଆଣ ଆକ୍ଷେପକରି ଗାଳିଗୁଲଜ କରିଥିବାରୁ ଏନେଇ ଥାନାରେ ୩ ଏସସି/ଏସଟି ଆଇନ ବଳରେ ମାମଲା ନଂ.୩୩୬/୨୨ ରୁଜୁ କରାଯାଇଛି। ଡିଏସପି ପ୍ରଦୀପ କୁମାର ମଲ୍ଲିକ ମାମଲାର ତଦନ୍ତ କରୁଛନ୍ତି। ପ୍ରକାଶଯେ, ଲକ୍ଷ୍ମୀଧର ମଲିକଙ୍କ ଗାଈ ପବିତ୍ର ପାତ୍ରଙ୍କ ଶାଗ କିଆରିରେ ପସି ଯାଇଥିଲା। ଗାଈକୁ ଗୋଡାଇବାକୁ ଲକ୍ଷ୍ମୀଧରଙ୍କ ଝିଅ ଝୁନୁ ମଲିକ(୧୯) ଆସିଥିଲେ। ମାତ୍ର ତାଙ୍କୁ ପବିତ୍ର ଓ ତାଙ୍କ ପୁଅ ଗୌରୀ ପାତ୍ର ଗାଳିଗୁଲଜ କରିଥିଲେ। ଉଭୟ ବାପପୁଅ ଝିଅ ଓ ତାଙ୍କ ପରିବାର ଲୋକଙ୍କୁ ଜାତିଆଣା ଆକ୍ଷେପକରି ଗାଳି କରିଥିଲେ। ଏନେଇ ଝୁନୁ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଡିଏସପି ମଲ୍ଲିକ ମାମଲାର ତଦନ୍ତ କରୁଛନ୍ତି।

# ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଯାଜପୁର ଟାଉନ,୨।୧୧(ଡି.ଏନ.ଏ.)**

ଜିଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ଯାଜପୁର ପକ୍ଷରୁ ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଯୋଗଦେଇ ଦୁର୍ନୀତିକୁ ଏକ ସାମାଜିକ ବ୍ୟାଧି ବୋଲି କହିବା ସହ ଏହାର ନିରାକରଣ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଉପଆରକ୍ଷୀ ଅଧୀକ୍ଷକ ଗଦାଧର ରାଉତ ଯୋଗଦେଇ ପୁରାଣ ଯୁଗରୁ ଦୁର୍ନୀତି ଚାଲିଆସିଛି। ମାତ୍ର ସେ ସମୟରେ ତାହା ସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଥିବାବେଳେ ବର୍ତ୍ତମାନର ଦୁର୍ନୀତି ସମାଜକୁ ଏକ କଳୁଷିତ ପଥରେ ଆଗେଇ ନେଉଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ଦୁର୍ନୀତି ନିବାରଣ କ୍ଷେତ୍ରରେ ଓଡ଼ିଶା ସରକାର ବିଭିନ୍ନ ନିତି ନିୟମ ପ୍ରଣୟନ କରି ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛନ୍ତି। ବର୍ତ୍ତମାନ ମୋ ସରକାର, ୫-ଟି କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ଦୁର୍ନୀତିକୁ ରୋକାଯାଇ ପାରିଛି ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମସ୍ତେ ଆଗଭର ହୋଇ କାର୍ଯ୍ୟ କଲେ ଆମ ଦେଶ ଭବିଷ୍ୟତରେ ଗୋଟିଏ ଭ୍ରଷ୍ଟାଚାରମୁକ୍ତ ଦେଶ ଭାବେ ପରିଗଣିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏକ ସଚେତନାତ୍ମକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ପରେ ସଭାପତିଙ୍କ ନିର୍ଦ୍ଦେଶରେ ଦୁର୍ନୀତି ନିବାରଣ ବିଭାଗର ଉପଆରକ୍ଷୀ ଅଧୀକ୍ଷକ ସୁଶୀଲ ଏକ୍କା ସଭାରେ ଉପସ୍ଥିତ ସମସ୍ତ ପଦାଧିକାରୀ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସଚେତନତାର ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ଅତିଥିଙ୍କୁ ସ୍ୱାଗତ କରିବା ସହ ଆଜିର ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଆୟୋଜିତ ଜିଲାସ୍ତରୀୟ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଓଡ଼ିଆ, ଇଂଲିଶ ବକ୍ତୃତା ଓ ବ୍ୟଙ୍ଗ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଯୋଗ ଦେଇଥିବା ଅତିଥି ଏବଂ ଅନ୍ୟମାନେ।

## ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**ପାଣିକୋଇଲି,୨।୧୧(ଡି.ଏନ.ଏ.)**

ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ବୁଧବାର ନାବାର୍ଡ ପକ୍ଷରୁ କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ଏକ ଦୁର୍ନୀତି ନିବାରଣ ସଚେତନତା ଓ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ଜିଲା ବିକାଶ ପ୍ରବନ୍ଧକ ସୁବ୍ରତ କୁମାର ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ନେତାଜୀ ଯୁବକ ସଂଘ ସଭାପତି ହରେକୃଷ୍ଣ ନାୟକ, କରଦା ସରପଞ୍ଚ ଅନିମା ମଲିକ, ନାଏବ ସରପଞ୍ଚ ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଦୁର୍ନୀତିର ନିରାକରଣ ପାଇଁ ଉପସ୍ଥିତ ପଞ୍ଚାୟତିରାଜ ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, କୃଷକ ଉତ୍ପାଦନ କମ୍ପାନୀର ସଦସ୍ୟା/ସଦସ୍ୟ, ବେସରକାରୀ ସଂସ୍ଥାର କର୍ମୀ ଏଥି ନିମନ୍ତେ ପୂର୍ଣ୍ଣ ସହଯୋଗ କରିବା ପାଇଁ ଶପଥ ପାଠ କରିଥିଲେ। ନେତାଜୀ ଯୁବକ ସଙ୍ଘର ସହ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାନ୍ତି ଓ କର୍ମୀ ଅଦ୍ୱୈତ ମଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଘରୁ ଚୋରି ଅଭିଯୋଗ

**ପାଣିକୋଇଲି,୨।୧୧(ଡି.ଏନ.ଏ.)**

ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ନଂ.୨୫୫/୨୨ ରୁଜୁ ହୋଇ ତଦନ୍ତ ଜାରି ରହିଛି। ଜହ୍ନା ଗ୍ରାମର ରଘୁନାଥ ସାହୁଙ୍କ ପୁଅ ପଦ୍ମନାଭଙ୍କ ଅଭିଯୋଗ ମୁତାବକ, ମଙ୍ଗଳବାର ରାତିରେ ତାଙ୍କ ପରିବାର ଯାତ୍ରା ଦେଖି ଯାଇଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ସୁନା ଓ ରୁପା ଅଳଙ୍କାର ସମେତ ନଗଦ ୧୧ହଜାର ଟଙ୍କା ଲୁଟି ନେଇଛନ୍ତି।

## ଇନରହୁଇଲ କ୍ଲବ ମୁଖପତ୍ର 'ଅସ୍ମିତା' ଉନ୍ମୋଚିତ


ଇନରହ୍ୱିଲ କ୍ଲବ୍‌ର ମୁଖପତ୍ର ଅସ୍ମିତାକୁ ଉନ୍ମୋଚନ କରାଯାଉଛି।

**ଧର୍ମଶାଳା,୨।୧୧(ଡି.ଏନ.ଏ.)**

ସେବା ଓ ସଚେତନତା ଦିଗରେ ଇନରହ୍ୱିଲ କ୍ଲବ ଜାରକା ସଦସ୍ୟାଙ୍କ ଭୂମିକାରେ ସନ୍ତୋଷ ପ୍ରକାଶ କରିଛନ୍ତି ଡିଷ୍ଟ୍ରିକ ଚେୟାରମ୍ୟାନ ଟି. ଚିରଞ୍ଜୀବ। ସେ ଅଫିସିଆଲ ଭିଜିଟରେ ଆସି ଏହି ମତପ୍ରକାଶ କରିଛନ୍ତି। ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଜାରକା ଇନରହୁଇଲ କ୍ଲବ ପକ୍ଷରୁ ଆୟୋଜିତ ଉତ୍ସବକୁ ସେ ଉଦ୍‌ଘାଟନ କରିଥିଲେ। ଇନରହୁଇଲର ସଦସ୍ୟା ଅରୁଣାରଶ୍ମି ସାମଲଙ୍କ ସମ୍ପାଦନାରେ କ୍ଲବର ମୁଖପତ୍ର 'ଅସ୍ମିତା' ପତ୍ରିକାକୁ ଡିଷ୍ଟ୍ରିକ ଚେୟାରମ୍ୟାନ ଉନ୍ମୋଚନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ଶୁଭଲକ୍ଷ୍ମୀ କର ସ୍ୱାଗତ ଭାଷଣ ଦେବା ସହ ଅଧ୍ୟକ୍ଷତା କରିଥିଲେ। ସମ୍ପାଦିକା ବିଶ୍ୱମିତ୍ରା ସାହୁ କ୍ଲବର କାର୍ଯ୍ୟାବଳୀ ବିବରଣୀ ପାଠ କରିଥିଲେ। ଆଇପିପି ରଶ୍ମିତା ନାୟକ ସୂଚନାଦେଇଥିବା ବେଳେ ପୂର୍ବତନ ସମ୍ପାଦିକା ଅର୍ଚ୍ଚନା ସ୍ୱାଇଁ, ଡ. ଇନ୍ଦୁପ୍ରଭା ସାମଲ, ଉପାସନା ଶତପଥୀ ମଞ୍ଚାସୀନ ଥିଲେ। ଚାର୍ଟର ସଭାପତି ମିନତି ସାହୁ ଇନରହୁଇଲ ପ୍ରାର୍ଥନା ଗାନ କରିଥିଲେ। ପି.ପି. ମାଧୁରୀ ଶତପଥୀ, ସକୁନ୍ତଳା ମହାନ୍ତି, କଳ୍ପନା ପରିଡ଼ା, ପ୍ରତିଭା ସାହୁ, ଲୋପାମୁଦ୍ରା ଷଣ୍ଢ, କଳ୍ପନା ନାୟକ, ପ୍ରଭାତ ନଳିନି ସାହୁ, ସରୋଜିନୀ ପଣ୍ଡା, ନିରୁପମା ସ୍ୱାଇଁ, କାଦମ୍ବିନୀ ମିଶ୍ର ଓ ଅଜନ୍ତା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଡିଷ୍ଟ୍ରିକ ଚେୟାରମ୍ୟାନ ଓ ପିଡିସି ନଳିନିପ୍ରଭା ମହାପାତ୍ରଙ୍କୁ କ୍ଲବ ପକ୍ଷରୁ ବୁଦ୍ଧ ମୂର୍ତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରି ସଭାପତି ପ୍ରମୋଦ କୁମାର ସାମଲ, ସମ୍ପାଦକ ଶୁକାନ୍ତ ସ୍ୱାଇଁ, ପି.ପି. ପ୍ରଦୀପ କୁମାର ବରାଳ, ଡା. ବିଜୟ କୁମାର ଶତପଥୀ, ଅଜାମ୍ବର ସାହୁ, ନିରଞ୍ଜନ ପାଣିଗ୍ରାହୀ, ରୋଟାରି କ୍ଲବର ଆଗାମୀ ସଭାପତି ଇଂ. ବିପିନ ଷଡଙ୍ଗୀ, ଇନ୍ଦ୍ରମଣି ନାୟକ, ବିନୋଦ ପରିଡା ଓ କଳାକର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଉପସଭାନେତ୍ରୀ ଉପାସନା ଶତପତୀ ଧନ୍ୟବାଦ ଦେଇଥିଲେ।

# ଭାରତ ଯୋଡ଼ୋ ଯାତ୍ରା ପାଇଁ କଂଗ୍ରେସର ପ୍ରସ୍ତୁତି

**ପାଣିକୋଇଲି,୨।୧୧(ଡି.ଏନ.ଏ.)**

ଜାତୀୟ କଂଗ୍ରେସ ପକ୍ଷରୁ ସାରା ଭାରତ ବର୍ଷରେ ଭାରତ ଯୋଡ଼ୋ ଯାତ୍ରା ଚାଲୁ ରହିଛି। ଓଡ଼ିଶାରେ ପ୍ରଦେଶ କଂଗ୍ରେସ ପକ୍ଷରୁ ମଧ ଭାରତ ଯୋଡ଼ୋ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ର ଆସନ୍ତା ୪ ତାରିଖ ଯାଜପୁର ଜିଲାରେ ପହଞ୍ଚିବ। ଛତିଆଠାରୁ ବିଭିନ୍ନ ସ୍ଥାନରେ ଏହି ପଦଯାତ୍ରାରେ ବହୁଳ ଭାବେ ଯୋଗଦାନ ସହିତ ସେମାନଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା କରାଯିବ। ୬ ତାରିଖ ପାଣିକୋଇଲି ଖେଳ ପଡିଆରେ ରାତ୍ରି ଯାପନ କରାଯିବା ସହ ସକାଳୁ ଭଦ୍ରକ ଅଭିମୁଖେ ଯାତ୍ରା ବାହାରିବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ କେନ୍ଦ୍ର, ରାଜ୍ୟ ଓ ଜିଲାର ସମସ୍ତ ଛାମୁଆଁ କଂଗ୍ରେସ ସଙ୍ଗଠକ ଯାତ୍ରାରେ ଅଂଶ ଗ୍ରହଣ କରିବେ। କୋରେଇ ନିର୍ବାଚନମଣ୍ଡଳୀର ସମସ୍ତ କଂଗ୍ରେସ ସଙ୍ଗଠକ, ପଦାଧିକାରୀ, ନିର୍ବାଚିତ ପ୍ରତିନିଧି, ପୂର୍ବତନ ପ୍ରତିନିଧି ପଦଯାତ୍ରାରେ ଯୋଗଦେବେ। ଆସନ୍ତା ୭ ତାରିଖ ବୈତରଣୀ ନଦୀରେ ପଦଯାତ୍ରୀ ଦଳଙ୍କୁ ବିଦାୟ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏହିକ୍ରମରେ ପାଣିକୋଇଲିଠାରେ ଆସନ୍ତା ୬ ତାରିଖ ପଦଯାତ୍ରାରେ ସାମିଲ ଓ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ କୋରେଇ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ, ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ପୂର୍ବତନ ବ୍ୟାସନଗର ଉପାଧକ୍ଷ ପ୍ରମୋଦ ପରିଡା, ପୂର୍ବତନ ଉପାଧକ୍ଷ କୋରାଇ ବ୍ଲକ ଘନଶ୍ୟାମ ପଣ୍ଡା, ପୂର୍ବତନ ବ୍ଲକ ସଭାପତି ମଧୁସୂଦନ ସାହୁଙ୍କ ସମତେ ସମସ୍ତ ପଞ୍ଚାୟତ କଂଗ୍ରେସ ସଭାପତି, ବ୍ଲକ କଂଗ୍ରେସ କମିଟି ନେତୃମଣ୍ଡଳୀ ଓ ସମସ୍ତ ଛାମୁଆ ସଙ୍ଗଠନର ସଙ୍ଗଠକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ କରିଥିଲେ। ଶେଷରେ ଯୁବନେତା ରାକେଶ ସାହୁ ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗ ଦେଇଥିବା କଂଗ୍ରେସ ନେତା ଓ କର୍ମୀ।

# ଜୈବିକ, ଛତୁଚାଷ ସମ୍ପର୍କରେ ଦକ୍ଷତା ବୃଦ୍ଧି ଲକ୍ଷ୍ୟ

**ରସୁଲପୁର,୨।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତର ଅଗ୍ରଣୀ ଚାଷୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି କୃଷକ ଦଳକୁ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ସବୁଜ ପତାକା ଦେଖାଇ ସ୍ୱାଗତ କରିଥିଲେ। କୃଷକମାନେ ଜିଲାର ଅନ୍ୟ ବ୍ଲକ ଅଞ୍ଚଳକୁ ଯାଇ ପାଣିପାଗ ଓ ବାୟୁମଣ୍ଡଳ ଉପଯୋଗୀ ଚାଷ ସମ୍ପର୍କରେ ଅବଗତ ହୋଇ କୃଷି ଅଗ୍ରଗତି ସମ୍ପର୍କରେ ଜ୍ଞାନ ଆହରଣ କରିବାର ସୁଯୋଗ ପାଇବେ ବୋଲି ଲକ୍ଷ୍ୟ ରଖାଯାଇଛି।

ବ୍ଲକ କୃଷକ ପରାମର୍ଶଦାତା କମିଟି ନିଷ୍ପତ୍ତିକ୍ରମେ ଚାଷୀଙ୍କୁ ଦିନିକିଆ ପରିଭ୍ରମଣରେ ନିଆଯାଇଥିଲା। ବ୍ଲକ ଅଞ୍ଚଳର ଚାଷୀ ବଡ଼ଚଣା ବ୍ଲକର କୁନ୍ଦଳସ୍ଥିତ ଛତୁଚାଷ ଓ ମହିଷାଗୋଠରେ ଜୈବିକ ଚାଷକୁ ବୁଲି ଦେଖିଥିଲେ। ଛତୁ ଚାଷ ଏକ ଲାଭଜନକ ଚାଷ ଭାବରେ ପରିଗଣିତ କରାଯାଉଛି। ଏହି ଚାଷକୁ ରସୁଲପୁର ବ୍ଲକ ଅଞ୍ଚଳରେ ପ୍ରଚାର ପ୍ରସାର କରାଇବା ଓ ଛତୁ ପ୍ରକ୍ରିୟାକରଣ କରି ସେଥିରୁ ଛତୁ ମଞ୍ଜି ପ୍ରସ୍ତୁତ କରାଇବା ପାଇଁ ଯୋଜନା କରାଯାଇଛି। ଏ ଦିଗରେ ଅନୁଭୂତି ଆହରଣ କରିବା କ୍ଷେତ୍ରରେ ଯଥା ସମ୍ଭବ କମ ପରିମାଣର ସାର ଓ କୀଟନାଶକ ବ୍ୟବହାର କରିବା, ଏହି ଉପାୟର ବିକଳ୍ପ ଭାବରେ ଜୈବିକ ଚାଷ କିଭଳି କରାଯାଇ କୃଷକମାନେ ଲାଭବାନ ହୋଇପାରିବେ, ମୃତ୍ତିକା ଓ ବାୟୁମଣ୍ଡଳକୁ ସୁରକ୍ଷିତ ରଖାଯାଇ ପାରିବ ସେ ଦିଗରେ ଜ୍ଞାନ ଆହରଣ କରିବା ପାଇଁ କ୍ଷେତ୍ର ପରିଦର୍ଶନ ପରେ ଏ ଦିଗରେ ବୈଜ୍ଞାନିକମାନଙ୍କ ସହ ଚାଷୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରର ବୈଜ୍ଞାନିକମାନେ ଛତୁଚାଷ ଓ ଜୈବିକ କୃଷିର ବିଭିନ୍ନ ଦିଗ ସମ୍ପର୍କରେ ଚାଷୀଙ୍କୁ ବୁଝାଇ କହିଥିଲେ।

ଅନ୍ୟପକ୍ଷରେ ଚାଷୀ ପରିଭ୍ରମଣ କାର୍ଯ୍ୟକ୍ରମକୁ ବ୍ଲକ କୃଷି ବିଭାଗ ପକ୍ଷରୁ ଗୋପନୀୟ ଭାବେ କରାଯାଇଥିବା ନେଇ ବିଭିନ୍ନ ପଞ୍ଚାୟତରୁ ଅଭିଯୋଗ ହେଉଛି। କୃଷି ବିଭାଗ କେତେକ ଅଣଚାଷୀଙ୍କୁ କ୍ଷେତ୍ର ପରିଦର୍ଶନରେ ସାମିଲ କରିଥିବା କୁହାଯାଉଛି। ଏ ଦିଗରେ ବିଭାଗ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସରପଞ୍ଚମାନଙ୍କୁ ଅବଗତ କରାଯାଇ ନାହିଁ। ବ୍ଲକ ଅଞ୍ଚଳରୁ ୧୨୦ଜଣ ଚାଷୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ଚିହ୍ନଟ କରାଯାଇଥିଲା। ପରିଦର୍ଶନ ପାଇଁ ମାତ୍ର ୫୦ରୁ ୬୦ଜଣ ଚାଷୀ ଯାଇଥିବା କୁହାଯାଉଛି। ବିଭାଗ ପକ୍ଷରୁ ୨ଟି ବସ୍‌ର ବୁକିଂ କରାଯାଇଥିଲା। ପରିଦର୍ଶନରେ ଯିବା ପାଇଁ ଆଶା କରାଯାଉଥିବା ଚାଷୀମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପାରି ନ ଥିଲେ। ବସ୍‌ରେ ସିଟ୍ ଖାଲି ପଡ଼ିଥିଲା। ଏହିଭଳି ଭାବରେ ବିଭାଗ ପକ୍ଷରୁ ଚଞ୍ଚକତାକରି ଚାଷୀମାନଙ୍କ ନାମରେ ବିଲ୍ କରାଇ ନେବାକୁ ମସୁଧା କରାଯାଉଛି ବୋଲି ଅଭିଯୋଗ ହୋଇଛି। ଏ ନେଇ ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ପରିଭ୍ରମଣ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିଙ୍କୁ ଅବଗତ କରାଯାଇ ପାରିନାହିଁ। ଆସନ୍ତା ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅବଗତ କରାଯିବ। ତେବେ ପରିଦର୍ଶନରେରେ ୧୨୦ଜଣ ଚାଷୀ ସାମିଲ ହୋଇଥିବା ସେ ସୂଚନା ଦେଇଛନ୍ତି।



ଚାଷୀମାନେ କ୍ଷେତ୍ର ପରିଦର୍ଶନରେ ଯାଉଛନ୍ତି।

**କ୍ଷେତ୍ର ପରିଦର୍ଶନରେ ଚାଷୀ**

## ସଂକ୍ଷେପରେ

### ନୂଆ ଉପଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ନୟାଗଡ଼ ଅଫିସ,୨।୧୧:** ନୟାଗଡ଼ରେ ବୁଧବାର ଶକ୍ତିକାନ୍ତ ରାୟ ଉପଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଠାରେ ଥିବା ଉପଜିଲାପାଳ ଲମ୍ବଜିତ ରାଉତ୍‌ଙ୍କ ଓଟିଡିସି ମ୍ୟାନେଜର ଭାବେ ବଦଳି ହୋଇଥିଲା । ଓଟିଡିସି ମ୍ୟାନେଜର ଶକ୍ତିକାନ୍ତ ରାୟଙ୍କୁ ନୟାଗଡ ଉପଜିଲାପାଳ ଭାବେ ବଦଳି କରାଯାଇଥିଲା ।

### ଅବକାରୀ ଏଏସ୍‌ଆଇ ନିଲମ୍ବିତ

**୮୦ ଲିଟରକୁ ଦର୍ଶାଇଥିଲେ ୫ ଲିଟର ମଦ**

**ନୟାଗଡ଼ ଅଫିସ,୨।୧୧:** ନୟାଗଡ଼ ଜିଲା ଅବକାରୀ ଏଏସ୍‌ଆଇ ସୁଦୀପ୍ତ ଦାଶ ନିଲମ୍ବିତ ହୋଇଛନ୍ତି । ଦାଶଙ୍କୁ ଅବକାରୀ କମିଶନର ନିଲମ୍ବନ କରିଛନ୍ତି । ସେପ୍ଟେମ୍ବର ୭ରେ ଇଟାମାଟି ଥାନା ପଣ୍ଡୁସରରେ ଚଢ଼ାଉ କରାଯାଇଥିଲା । ୮୦ ଲିଟର ବିଦେଶୀ ମଦ ସହ ଏକ ସ୍କୁଟି ଜବତ କରାଯାଇଥିଲା । ତେବେ ଅବକାରୀ ଏଏସ୍‌ଆଇ ୮୦ ଲିଟର ମଦ ସ୍ଥାନରେ ୫ଲିଟର ମଦ ଦେଖାଇ ସ୍କୁଟିକୁ ଜବତ ନ କରି ଅଭିଯୁକ୍ତଙ୍କୁ ଛାଡି ଦେଇଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲା । ତଦନ୍ତ ପରେ ଅଭିଯୋଗ ସତ ପ୍ରମାଣିତ ହେବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

### ବନ ବିଭାଗର ଚଢ଼ାଉ,ଲକ୍ଷାଧିକ ଟଙ୍କାର କାଠ ଜବତ



**ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ଓ ନୟାଗଡ଼ ବନ ବିଭାଗ ମୋବାଇଲ ଟିମ୍ ବୁଧବାର ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତ କୋଟପୋଖରୀ ଗ୍ରାମରେ ଚଢାଉ କରି ବିପୁଳ ପରିମାଣର ଶାଗୁଆନ, ଶିଶୁପଟା ଜବତ କରିଛି । କାଠ ଲଗ୍ ଓ ଫର୍ଣ୍ଣିଚର ପ୍ରସ୍ତୁତ ପାଇଁ ସେଠାରେ ମହଜୁଦ ଥିବା ଉପକରଣଗୁଡିକୁ ଜବତ କରାଯାଇଛି। ଉକ୍ତ ଗ୍ରାମରେ ଦୀର୍ଘ ବର୍ଷ ଧରି ଏକ କାଠ କାରଖାନା ଚାଲିଥିବା ବିଶେଷ ସୂତ୍ରରୁ ନୟାଗଡ଼ ବନଖଣ୍ଡ ଅଧିକାରୀ ସୂଚନା ପାଇଥିଲେ । ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ତଥା ଏସିଏଫ୍ ଶ୍ୱେତାଲୀନା ସାହୁଙ୍କ ନେତୃତ୍ୱରେ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ, ବନପାଳ ଶ୍ରୀନିବାସ ଦାଶ ସଦଳବଳେ କୋଟପୋଖରୀ ଗ୍ରାମରେ ଚଢ଼ାଉ କରିଥିଲେ । କୋଟପୋଖରୀ ଗ୍ରାମର ସୁବାସ ଚନ୍ଦ୍ର ସ୍ୱାଇଁ ଉକ୍ତ ଉକ୍ତ କାରଖାନା ଚଳାଇଥିଲେ । ଜବତ ସମସ୍ତ ସାମଗ୍ରୀର ମୂଲ୍ୟ ୫ଲକ୍ଷ ଟଙ୍କା ହେବ । କମ୍ପାନୀ ମାଲିକ ଫେରାର ଅଛନ୍ତି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି ।

# ଏସ୍‌ସିଓଙ୍କ ଚଞ୍ଚକତା ଯୋଗୁ ଫେରିଯିବ ୭୦ ଲକ୍ଷ

**ନୟାଗଡ଼ ଅଫିସ,୨।୧୧**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତର ଗୁରୁହା ଗାଁରେ ବାବା ପଞ୍ଚାନନ ଅଣୁ ଜଳ ବିଭାଜିକା କମିଟି ଗଠନ ହୋଇ କର୍ମକର୍ତ୍ତା ସରକାରୀ ଭାବେ ତାଲିମ ନେଇ ସାରିଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳର ସଏଲ କଞ୍ଜରଭେଶନ ଓଭରସିୟର(ଏସ୍‌ସିଓ) ନିଜର ସମର୍ଥକ ବାହାର ଗାଁ ଲୋକଙ୍କୁ ସମ୍ପାଦକ କରିବାକୁ ଚାପ ସୃଷ୍ଟି କରି ବିଫଳ ହେବାରୁ କମିଟିକୁ ପଞ୍ଜୀକରଣ କରାଇ ଦେଲେ ନାହିଁ। ଏଣୁ ଗୁରୁହା, ଜାନୀପଦର, ବାଣୀବିରି ଓ ଗୁଡୁରିବାରୀ ପରି ୪ଟି ଆଦିବାସୀ ଓ ଦଳିତ ଲୋକ ବାସ କରୁଥିବା ଗାଁକୁ ଆସିଥିବା ୭୦ ଲକ୍ଷ ଅନୁଦାନ ଫେରିଯିବାକୁ ବସିଛି। କମିଟି ଗଠନରେ ଏସ୍‌ସିଓଙ୍କ ଚଞ୍ଚକତା କରିଥିବାର ଅଭିଯୋଗ ହେଉଛି। ସରକାରୀ ସ୍ତରରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଣୁ ବାହାର ଗାଁର ସଭ୍ୟଙ୍କୁ କମିଟିରୁ ବହିଷ୍କାର, କମିଟିକୁ ପଞ୍ଜୀକରଣ ବ୍ୟବସ୍ଥା ସହ ସରକାରୀ ଅନୁଦାନ କିପରି ନ ଫେରିବ ସେଥିପ୍ରତି ବ୍ୟବସ୍ଥା କରିବାକୁ ଜିଲାପାଳ ଓ ଜଳବିଭାଜିକା ପିଡିଙ୍କୁ ଫେରାଦ୍ ୪ ଗାଁର ବାସିନ୍ଦା ଫେରାଦ ହୋଇଛନ୍ତି। ନ୍ୟାୟ ନ ପାଇଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

ଅଭିଯୋଗ ଅନୁସାରେ, ଗୁରୁହାରେ ଜଳ ବିଭାଜିକା କମିଟି ଗଠନ ପାଇଁ ଅଗଷ୍ଟ ୧୭ରେ ଦଶପଲ୍ଲା ଜଳ ବିଭାଜିକା କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ହୋଇଥିଲା। ଏଣୁ ଗୁରୁହା, ଜାନିପଦର, ବାଣିବୀରୀ ଓ ଗୁଡୁରୀବାରୀ ଗାଁର ବାସିନ୍ଦା ଗ୍ରାମସଭାରେ ମିଳିତ ହୋଇ କମିଟି ଗଠନ କରିଥିଲେ। କମିଟିର ସଭ୍ୟ ସଂଖ୍ୟା ୧୧ ଥିବାବେଳେ ଗାଁ ଲୋକଙ୍କୁ ୧୦ଜଣ ଏସସିଓ କହିଥିଲେ। ଗ୍ରାମସଭାରେ ୧୦ ଜଣ ସଭ୍ୟ ନିର୍ବାଚନ ପରେ ଏସସିଓ ନିଜର ଜଣେ ସମର୍ଥକଙ୍କୁ ସଭ୍ୟ କରାଇଥିଲେ। ୪ ଗାଁର ଲୋକ ଏହାକୁ ବିରୋଧ କରିବାରୁ ଏସ୍‌ସିଓଙ୍କ ସମର୍ଥିତ ବ୍ୟକ୍ତି ସଭ୍ୟ ହୋଇ ପାରି ନ ଥିଲେ। ତେବେ ଏସ୍‌ସିଓ ଚଞ୍ଚକତା କରି ନିଜ ସମର୍ଥକଙ୍କ ନାଁ ଯୋଡି ଦେଇଥିଲେ। ତେବେ ୪ ଗାଁ ଲୋକଙ୍କ ବିରୋଧ କାରଣରୁ ନିଜ ସମର୍ଥିତ ବ୍ୟକ୍ତିଙ୍କୁ ସମ୍ପାଦକ କରାଇପାରିଲେ ନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ କମିଟିରେ ଅନିୟମିତତା ହୋଇଛି କହି ପୁଣି ଗ୍ରାମସଭା ସେପ୍ଟେମ୍ବର ୨୬ରେ ହେବ ବୋଲି ନୋଟସ୍ ହୋଇଥିଲା। ପୁଣି ଗ୍ରାମସଭା ବସି ପୂର୍ବ କମିଟିକୁ ଚୟନ କରାଗଲା। ସଭାପତି ଭାବେ ସୁଶାନ୍ତ କୁମାର ସାହୁ ଓ ସମ୍ପାଦକ ଭାବେ ଶାନ୍ତନୁ କୁମାର ନାୟକ ଚୟନ ହୋଇଥିଲେ। ଅନ୍ୟପକ୍ଷେ ୧୧ ଜଣିଆ ସଭ୍ୟ ତାଲିକାରୁ ବାହାର ଗାଁର ଲୋକଙ୍କୁ କାଟିବାକୁ ଗ୍ରାମସଭାରେ ବିରୋଧ ସତ୍ତ୍ୱେ ଏସ୍‌ସିଓ ଶୁଣି ନ ଥିଲେ। କମିଟି ଗଠନ କରାଗଲା ଘୋଷଣା କରାଗଲା। ଏପରିକି ସେପ୍ଟେମ୍ବର ୨୯ରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ନୂଆ କମିଟିର କର୍ମକର୍ତ୍ତା ତାଲିମ ନେଇଥିଲେ। ହେଲେ କମିଟିକୁ ପଞ୍ଜୀକୃତ କରାଇବାରେ ଏସ୍‌ସିଓ ସମୟ ଗଡାଇ ଚାଲିଥିଲେ। ଏ ନେଇ ଗୁରୁହା ଗାଁର ଶାନ୍ତନୁ କୁମାର ନାୟକ, ଜାନିପଦରର ଗାଁର ସୁବାସ ମଳିକ, ଗୁଣ୍ଡୁରିବାରୀ ସୁଶାନ୍ତ କୁମାର ସାହୁ, ବାଣିବାରୀ ଗାଁର ଅଶୋକ କୁମାର ଦେହୁରୀ କୁହନ୍ତି, ଏସ୍‌ସିଓ ଓ ପ୍ରୋଜେକ୍ଟ ଇମ୍ପଲିମେଣ୍ଟ ଏଜେନ୍ସି(ପିଆଇଏ)ଙ୍କ ଉପସ୍ଥିତିରେ ନୁହେଁ ୨ଥର ଗ୍ରାମସଭା ବସି କମିଟି ଗଠନ କରାଗଲା। ତେବେ ଏସ୍‌ସିଓ ନିଜର ସମର୍ଥକଙ୍କୁ ସମ୍ପାଦକ ନ କରିବାରୁ ବିରୋଧ କରି ପଞ୍ଜୀକରଣ କଲେ ନାହିଁ। ତେବେ ଚଞ୍ଚକତା କରି କମିଟିର ୧୧ ଜଣିଆ ସଭ୍ୟ କରାଇ ଦେଇଛନ୍ତି। ଆମ ଅଞ୍ଚଳରେ ଆଦିବାସୀ ଓ ଦଳିତ ଲୋକ ଅଧିକ ଥିବାରୁ ଠକେଇ କରି ସରକାରୀ ଅନୁଦାନକୁ ହଡପ କରିବାକୁ ନିଜର ସମର୍ଥକଙ୍କୁ ସମ୍ପାଦକ କରିବାକୁ ଚାପ ପକାଇ ଆସୁଛନ୍ତି। ବାହାର ଗାଁର ଲୋକ କମିଟିରେ ରହିପାରିବନି ବୋଲି ସରକାରୀ ନିର୍ଦ୍ଦେଶନାମା ସତ୍ତ୍ୱେ ଆଇନକୁ ଶୀତଳଭଣ୍ଡାରକୁ ଫୋପାଡି ଦିଆଯାଇଛି। ସଏଲ କଞ୍ଜରଭେଶନ ଓଭରସିୟର(ଏସ୍‌ସିଓ) ପ୍ରଦୀପ୍ତ କୁମାର ସାହୁଙ୍କୁ ପଚାରିବାରୁ କିଛି ନ କହି ଏଡାଇ ଯାଇଥିଲେ। ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥୀ କୁହନ୍ତି ଗୁରୁହାରେ ଜଳବିଭାଜିକା କମିଟି ଗଠନ ହୋଇ ତାଲିମ ନେଇ ସାରିଛନ୍ତି। ତେବେ କମିଟିରେ ବିଶୃଙ୍ଖଳା ଓ ଅନିୟମିତତା ହୋଇଥିବା ଦର୍ଶାଯାଇଥିବାରୁ ପଞ୍ଜୀକରଣ ହୋଇପାରୁନି। ଗୁରୁହା ସମେତ ୪ ଗାଁର ଲୋକଙ୍କ ଅଭିଯୋଗ ପାଇଛି। ଏହାର ତଦନ୍ତ ଚାଲିଛି। କମିଟି କାର୍ଯ୍ୟକ୍ଷମ ନ ହେଲେ ସରକାରୀ ଅନୁଦାନ ଫେରିଯିବ ବୋଲି ସେ କହିଥିଲେ।




ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଆସିଥିବା ଆଦିବାସୀ ଓ ଦଳିତ ନେତୃବୃନ୍ଦ।

- ଆଦିବାସୀ ଓ ଦଳିତ ବର୍ଗର ଲୋକେ ପାଇବେନି ସୁଫଳ
- ୨ଥର ଗ୍ରାମସଭା କରି ଗଠନ ହୋଇଥିଲା ଜଳବିଭାଜିକା କମିଟି
- କର୍ମକର୍ତ୍ତା ତାଲିମ ନେବା ପରେବି କରାଗଲାନି ପଞ୍ଜୀକରଣ
- ଗାଁ ବାହାର ଲୋକଙ୍କୁ ସଭ୍ୟ କରି ସମ୍ପାଦକ କରିବାକୁ ପକାଇଥିଲେ ଚାପ
- ଜିଲାପାଳଙ୍କୁ ଫେରାଦ୍ ହେଲେ ଗୁରୁହା ଗାଁ ସମେତ ୪ ଗ୍ରାମବାସୀ

## ଅସ୍ଥାୟୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ଦାବି ତେଜିଲା

**ରାଜ୍ୟସ୍ତରୀୟ ଆନ୍ଦୋଳନ ପାଇଁ ପ୍ରସ୍ତୁତି**

**ନୟାଗଡ଼ ଅଫିସ, ୨।୧୧**

ନୟାଗଡ଼ ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ମାନ୍ୟତା ଦାବି ଜୋର୍ ଧରିଛି। ବିଭିନ୍ନ ଜିଲାରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ରାଜ୍ୟସ୍ତରୀୟ ଆନ୍ଦୋଳନ ଲାଗି ନୟାଗଡ଼ରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଅସ୍ଥାୟୀ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନକ୍ରମେ ରାଜ୍ୟ ସରକାରଙ୍କ ଅଧୀନ ବିଭିନ୍ନ ବିଭାଗ ଓ ସଂସ୍ଥାରେ ୧୯୯୩ ଏପ୍ରିଲ ୧୨ ପରେ ନିଯୁକ୍ତି ପାଇଥିବା ଓ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସଂସ୍ଥାଗୁଡିକରୁ ସିଧାସଳଖ ଦରମା, ପାରିଶ୍ରମିକ ପାଉଥିବା କର୍ମଚାରୀମାନଙ୍କର ଦାବି ହାସଲ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ନୟାଗଡ଼ରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ସର୍ବସମ୍ମତିକ୍ରମେ ୧୯୯୩ ଏପ୍ରିଲ ୧୨ ପରେ ନିଯୁକ୍ତିପ୍ରାପ୍ତ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ଘୋଷଣା କରିବାକୁ ସରକାରଙ୍କ ପାଖେ ଏକକ ଦାବି ଉପସ୍ଥାପନ କରାଯିବାକୁ ପ୍ରସ୍ତାବ ନିଆଯାଇଛି। ପୂର୍ତ୍ତ, ପିଏଚ୍‌ଡି, ଆର୍‌ଡି ବିଭାଗ ପରି ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଯୋଗଦାନ କରି ଦାବି ହାସଲ ପାଇଁ ଆନ୍ଦୋଳନ କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି।

## ୫ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଭାପୁର,୨।୧୧(ଡି.ଏନ.ଏ.)**

ଭାପୁର ବ୍ଲକ୍ ଅଧୀନ ପଦ୍ମାବତୀ, ବାଉଁଶବାଟି, କେନ୍ଦୁପଲ୍ଲୀ, ପଥରଚକଡା ଓ ଧାନଚେଙ୍ଗଡ଼ା ପଞ୍ଚାୟତରେ ବୁଧବାର ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଦଯାତ୍ରାରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ୫ ପଞ୍ଚାୟତର ବିଭିନ୍ନ ଗାଁ ବୁଲିବା ସହିତ ବିଜେଡି ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାପୁର ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ,ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଖଣ୍ଡପଡ଼ା ବିଜେଡି ସଭାପତି ସୁଶାନ୍ତ ମିଶ୍ର,୧୮ନଂ. ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଭାପୁର ଆତ୍ମା କମିଟି ଅଧ୍ୟକ୍ଷ ଭରତ କୁମାର ବେହେରା, ବିଧାୟକଙ୍କ ଭାପୁର ବ୍ଲକ ପ୍ରତିନିଧି ଜିତେନ୍ଦ୍ର କୁମାର ରଣସିଂହ,ବରିଷ୍ଠ ବିଜେଡି ନେତା ସନାତନ ଗୋଛି, ଅଜୟ କୁମାର ସାହୁ, ଲିଙ୍ଗରାଜ ଦାଶ, ବୈଷ୍ଣବ ନାୟକ, ହରିହର ଛୁଆଳ ସିଂ, ବାଳଗୋପାଳ ଷଡ଼ଙ୍ଗୀ, କବିନ୍ଦ୍ର ଜେନା, ସୁଦର୍ଶନ ବେହେରା, ପ୍ରଫୁଲ୍ଲ ମହାନ୍ତି, ରାଜକିଶୋର ପଣ୍ଡା , ପୂର୍ବତନ ଭାପୁର ବ୍ଲକ ଅଧକ୍ଷା ଶାନ୍ତିଲତା ବେହେରା, ଯୁବ ସାଧାରଣ ସମ୍ପାଦକ ଶଶୀଭୁଷଣ ରାଉତରାୟଙ୍କ ସମେତ ନିର୍ବାଚନମଣ୍ଡଳୀର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ଯଥାକ୍ରମେ ପଦ୍ମାବତୀ ସରପଞ୍ଚ ଅଜୟ କୁମାର ମଲ୍ଲିକ , ବିଜେଡି ସଭାପତି ଧୋବା ଦଳେଇ ,ବାଉଁଶବାଟି ସମିତିସଭ୍ୟା ପୁଷ୍ପାଞ୍ଜଳି ସେଠ, ସରପଞ୍ଚ ସୌମ୍ୟ ରଞ୍ଜନ ସାହୁ , ଶାସନ ସରପଞ୍ଚ ପ୍ରଫୁଲ୍ଲ ଗୋଛି ,ସମିତି ସଭ୍ୟ କାହ୍ନୁ ଚରଣ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଓ ନେତା ଉପସ୍ଥିତ ଥିଲେ ।



ଜନସମ୍ପର୍କ ଯାତ୍ରାରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

## ଜନବସତିରେ ବେଆଇନ ଲେୟାର ଫାର୍ମ

**ହଟାଇବାକୁ ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ**

**ନୟାଗଡ଼ ଅଫିସ, ୨।୧୧:** ଜନବସତିରେ ବେଆଇନ ଲେୟାର ଫାର୍ମ ଯୋଗୁ ଚାଷୀଙ୍କ ବ୍ୟାପକ ଫସଲ କ୍ଷୟକ୍ଷତି, ସ୍ଥାନୀୟ ଲୋକଙ୍କୁ ନାନାପ୍ରକାର ରୋଗ ହେଉଥିବା ଅଭିଯୋଗ ଆଣି ଜିଲାପାଳ ଓ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି ମହୀତମା ଗାଁ ବାସିନ୍ଦା। ନୂଆଗାଁ ବ୍ଲକ ମହୀତମାଠାରେ ୮ ବର୍ଷ ତଳେ ଏକ ଲେୟାର ଫାର୍ମ ହୋଇଥିଲା। ଲେୟାର ଫାର୍ମଟି ଜନବସତି ନିକଟରେ ହୋଇଥିବା ଅଭିଯୋଗ ସତ୍ତ୍ୱେ ଅଣଦେଖା କରାଯାଇଥିଲା। ଅନ୍ୟପକ୍ଷେ ଗତ ୨ ବର୍ଷ ଧରି ଏହି ଫାର୍ମରୁ ନିର୍ଗତ କୁକୁଡ଼ା ମଳ ଓ ବିଭିନ୍ନ ରାସାୟନିକ ପାଣି ଚାଷୀଙ୍କ ବିଲରେ ମାଡୁଛି। ଏଣୁ ୨ ବର୍ଷରେ ଚାଷୀମାନଙ୍କ ପ୍ରାୟ ୩୦ ଏକର ଫସଲ ନଷ୍ଟ ହୋଇଛି। ଜନବସତିରୁ କୁକୁଡ଼ା ଫାର୍ମ ହଟାଇବାକୁ ନିବେଦନ କରାଯାଇଛି। ସାମାଜିକ କର୍ମୀ ଶିବରାମ ମହାପାତ୍ରଙ୍କ ନେତୃତ୍ୱରେ ଜିଲାପାଳ ଏବଂ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଶ୍ରୀରାଧାଙ୍କ ପାଦ ଦର୍ଶନ କଲେ ଶ୍ରଦ୍ଧାଳୁ

**ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର.)**

ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ କଣ୍ଟିଲୋ ନୀଳମାଧବ ପୀଠ ରାଧାମୋହନ ଜୀଉ ମଠରେ ବୁଧବାର ଅଁଳା ନବମୀ ଉତ୍ସବ ପାଳିତ ହୋଇ ଯାଇଛି । ଆଜିର ଦିନରେ ଶ୍ରଦ୍ଧାଳୁମାନେ ଶ୍ରୀରାଧା ଓ ମାତା ସୀତାଙ୍କ ପାଦ ଦର୍ଶନ କରିଥାନ୍ତି। ଏଥି ଲାଗି ମଠ ଓ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା । ଶ୍ରୀଜୀଉମାନଙ୍କ ଦର୍ଶନ ପରେ ଭକ୍ତମାନେ ନିକଟସ୍ଥ ମା'ନାରାୟଣୀଙ୍କୁ ଦର୍ଶନ କରିଥିଲେ । ସେହିପରି ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଅଁଳା ନବମୀ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇ ଯାଇଛି । ଶ୍ରୀରାଧାଙ୍କ ପାଦ ଦର୍ଶନ ପାଇଁ ସିଧାମୂଳା ଗ୍ରାମ ମଣିକର୍ଣ୍ଣିକା ପାହାଡ଼ ଉପରେ ବିରାଜିତ ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ବହୁ ଭକ୍ତ ଓ ହବିଷିଆଳିଙ୍କ ଭିଡ଼ ଲାଗି ରହିଥିଲା । ନୟାଗଡ଼ ଜିଲା ଓ ମହାନଦୀର ଅପରପାର୍ଶ୍ୱ କଟକ ଜିଲାରୁ ବହୁ ଶ୍ରଦ୍ଧାଳୁ ଭୋରୁ ସ୍ନାନ କରି ଅଁଳା ବୃକ୍ଷ ମୂଳେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ସେମାନେ ସକାଳ ୭ଟାରେ ରାଧାଙ୍କ ପାଦ ଦର୍ଶନ କରିଥିଲେ । ଏହି ଅବସରରେ ମହିଳାମଣ୍ଡଳ ପକ୍ଷରୁ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ସିଧାମୂଳାସ୍ଥ ଶିବ ମନ୍ଦିରରେ ଆଜିଠାରୁ ୭ ଦିନ ଧରି ଦୀପ ଯଜ୍ଞ ଅନୁଷ୍ଠିତ ହୋଇଛି । ଅଁଳା ନବମୀ ଉପଲକ୍ଷେ ଖଣ୍ଡପଡା, ମର୍ଦ୍ଦରାଜପୁର, ବେଣାଗାଡିଆ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।



## ୨ ମଧୁମେହ ରିପୋର୍ଟକୁ ନେଇ ଚିନ୍ତା






**ନୟାଗଡ଼ ଅଫିସ,୨।୧୧**

ନୟାଗଡ଼ ଜିଲା ସଦର ମହକୁମାର ଦୁଇଟି ପ୍ରମୁଖ ପାଥୋଲୋଜିର ଫାଷ୍ଟିଂ ରିପୋର୍ଟକୁ ଅନୁଧ୍ୟାନ କଲେ ରୋଗୀଙ୍କ ଜୀବନ ସହ ଖେଳ ଖେଳା ଯାଉଥିବା ପ୍ରମାଣିତ ହେଉଛି । ଏହି ଦୁଇଟି ରିପୋର୍ଟ ଘରୋଇ ପାଥୋଲୋଜିର ରୋଗ ନିରୁପଣ ଉପରେ ପ୍ରଶ୍ନ ଚିହ୍ନ ଉଠାଇଛି । କାହା ପରୀକ୍ଷଣ ଠିକ୍ ସନ୍ଦେହ ଘେରକୁ ଆସିଛି । ଅଭିଯୋଗ ଅନୁଯାୟୀ, ଅଲେଖ ଚରଣ ନାୟକ(୬୦) ନାମକ ଜଣେ ବ୍ୟକ୍ତି ଅସୁସ୍ଥତା ଅନୁଭବ କରିବା ପରେ ନୟାଗଡ଼ର ମାତୃଶକ୍ତି ପାଥୋଲୋଜିରେ ଗତ ୧ତାରିଖରେ ରକ୍ତ ପରୀକ୍ଷା କରିଥିଲେ। ମାତୃଶକ୍ତିର ଫାଷ୍ଟିଂ ରିପୋର୍ଟରେ ତାଙ୍କର ଡାଇବେଟସ୍ ୩୨୪.୦ ଅଛି ବୋଲି ଜଣାପଡିଥିଲା। ରିପୋର୍ଟକୁ ଦେଖିବା ପରେ ଏଥିରେ ତ୍ରୁଟି ଥିବା ଅନୁଭବ କରି ପୁନଃ ପରୀକ୍ଷଣ ପାଇଁ ସେ ଅନୁରୋଧ କରିଥିଲେ। ହେଲେ ପାଥୋଲୋଜି କର୍ତ୍ତୃପକ୍ଷ ତାଙ୍କ ଅଭିଯୋଗକୁ ଶୁଣି ନ ଥିଲେ। ରୋଗର ସତ୍ୟତା ଜାଣିବା ପାଇଁ ସେ ସତ୍‌କାର ପାଥୋଲୋଜିରେ ସେଦିନ ରକ୍ତ ପରୀକ୍ଷା କରିଥିଲେ। ସେଠାରେ ତାଙ୍କର ଡାଇବେଟିସ୍ ୧୦୭.୭ ଥିବା ରିପୋର୍ଟ ଆସିଥିଲା। ଦୁଇ ପାଥୋଲୋଜିରୁ ୨ ପ୍ରକାରର ରିପୋର୍ଟ ପାଇବା ପରେ ଅଲେଖ ଚିନ୍ତାରେ ପଡିଛନ୍ତି। ଜିଲାରେ ବହୁ ଘରୋଇ ପାଥୋଲୋଜି ରହିଛି। ପାଥୋଲୋଜି ସଂସ୍ଥା ଯଦି ଏପରି ତ୍ରୁଟିପୂର୍ଣ୍ଣ ରିପୋର୍ଟ ଦେବେ ପ୍ରକୃତ ରୋଗ ଜାଣିବା ସୁସ୍କିଲ ହେବ ବୋଲି ମତ ପ୍ରକାଶ ପାଇଛି । ଏହି ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

- ଘରୋଇ ପାଥୋଲୋଜି ପରୀକ୍ଷାକୁ ନେଇ ପ୍ରଶ୍ନ
- ରୋଗୀଙ୍କ ଜୀବନ ସହ ଖେଳ

## ଶ୍ରମିକଙ୍କ କଲ୍ୟାଣ ଦାବି ମାନିନେଲେ ଶ୍ରମ ଅଧିକାରୀ

**ନୟାଗଡ଼ ଅଫିସ,୨।୧୧**

ନୟାଗଡ଼ ଜିଲା ଶ୍ରମିକ ମହାସଂଘ ଓ କଳିଙ୍ଗ ନିର୍ମାଣ ଶ୍ରମିକ ମଞ୍ଚ ପକ୍ଷରୁ ନିର୍ମାଣ ଶ୍ରମିକମାନେ ମଙ୍ଗଳବାର ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖ ଖଣ୍ଡପଡ଼ା ନୟାଗଡ଼ ରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ରାସ୍ତାରୋକୋ ପ୍ରତ୍ୟାହୃତ କରିଥିଲେ। ତେବେ ଶ୍ରମିକମାନେ ରାସ୍ତାରୋକୋରୁ ଓହରି ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରିଥିଲେ। ନିର୍ମାଣ ଶ୍ରମିକଙ୍କ ଆନ୍ଦୋଳନ ଆଗରେ ଶ୍ରମ ବିଭାଗ ମୁଣ୍ଡ ନୁଆଁଇ ଶ୍ରମିକ କଲ୍ୟାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ଓ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶ୍ରମିକମାନଙ୍କୁ ଆନ୍ଦୋଳନ ନୁହେଁ ଆଲୋଚନା, ଅଭିଯୋଗ କରି ଦାବି ହାସଲ କରିବାକୁ ଅନୁରୋଧ କରାଯାଇଛି।

ଅଭିଯୋଗ ଅନୁସାରେ, ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରିଛନ୍ତି। ହେଲେ ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକ ପଞ୍ଜୀକୃତ ହୋଇ ପାରୁନାହାନ୍ତି। ଏଣୁ ସରକାରୀ ସହାୟତା ସେମାନଙ୍କ ପାଇଁ ସ୍ୱପ୍ନ ହୋଇଯାଉଛି। ସେହିପରି ପଞ୍ଜୀକୃତ ଶ୍ରମିକମାନେ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ପଞ୍ଜୀକୃତ ହେବା ଓ ସହାୟତା ପାଇବାକୁ ଆନ୍ଦୋଳନ ୫ ବର୍ଷ ହେଲା ଚାଲୁ ରହିଛି। ଲଣ୍ଠନ ଶୋଭାଯାତ୍ରା, ପଦଯାତ୍ରାଠାରୁ ଆରମ୍ଭ କରି ବାରମ୍ବାର ଆନ୍ଦୋଳନ କରାଯାଇଛି। ହେଲେ ସବୁବେଳେ ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଇଛି। ଏଭଳିସ୍ଥଳେ ଅନେକ ଶ୍ରମିକଙ୍କ ମୃତ୍ୟୁ ହୋଇଗଲାଣି। କେତେଜଣ ଧନ୍ଦା ପରିବର୍ତ୍ତନ କରି ସାରିଲେଣି। ଆଉ କେତେଜଣ ଦୟନୀୟ ଭାବେ ଜୀବନଯାପନ କରୁଛନ୍ତି। ଏ ପରିପ୍ରେକ୍ଷୀରେ ଶ୍ରମ ଆୟୁକ୍ତ ଭୁବନେଶ୍ୱର, ନୟାଗଡ଼ ଜିଲାର ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲା ଶ୍ରମ କାର୍ଯ୍ୟାଳୟର ଅଫିସର ଓ କର୍ମଚାରୀଙ୍କ ଅସହଯୋଗ କାରଣରୁ ନିର୍ମାଣ ଶ୍ରମିକ ଏବଂ ଅଣସଙ୍ଗଠିତ ଶ୍ରମିକ ଉପେକ୍ଷିତ ହୋଇରହୁଛନ୍ତି। ନିର୍ମାଣ ଶ୍ରମିକ, ଅଣସଙ୍ଗଠିତ ଶ୍ରମିକଙ୍କ ପଞ୍ଜୀକରଣ, ସହାୟତା ରାଶି ଓ ପରିଚୟ ପତ୍ର ବଣ୍ଟନରେ ନୟାଗଡ଼ ଜିଲା ଶ୍ରମ ବିଭାଗ ସବୁଠାରୁ ପଛରେ ରହି ରାଜ୍ୟରେ ରେକର୍ଡ କରିଛି। ଅନ୍‌ଲାଇନରେ ପଞ୍ଜୀକରଣ ଚାଲିଥିଲେ ମଧ ବିଭିନ୍ନ ପ୍ରକାରର ଆଳ ଦେଖାଇ ଶ୍ରମିକମାନଙ୍କ ପଞ୍ଜୀକରଣ କରା ନ ଯିବାରୁ ଜିଲାରେ ଶ୍ରମିକ କଲ୍ୟାଣ ଆଣ୍ଠେଇ ଯାଇଛି ବୋଲି ବକ୍ତାମାନେ ସଭାରେ ଟିପ୍ପଣି ରଖିଥିଲେ। ଏ ନେଇ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି ଓ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ ଆନ୍ଦୋଳନସ୍ଥଳକୁ ଆସି ସ୍ମାରକପତ୍ର ଗ୍ରହଣ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ମହାନ୍ତି ଓ ଜିଲା ଶ୍ରମ ଅଧିକାରୀ ସାହୁ କୁହନ୍ତି, ଗତ ୨୭ ତାରିଖରେ ଶ୍ରମିକ ଆନ୍ଦୋଳନ ପରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ଚାଲିଛି। ସମାନ ଦାବି ରହିଥିବାରୁ ଆନ୍ଦୋଳନକାରୀଙ୍କୁ ବୁଝାଯାଇଛି। ବିବାହ, ମୃତ୍ୟୁ, ଶିକ୍ଷା ଓ ପ୍ରସୂତୀକାଳୀନ ସହାୟତା ପାଇଁ ପଡି ରହିଥିବା ଆବେଦନକୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ କରାଯାଇ ସମାଧାନ କରାଯିବାକୁ ଚେଷ୍ଟା ଚାଲିଛି। ତେବେ ରାଜ୍ୟସ୍ତରର ସମସ୍ୟା ରାଜ୍ୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମାଧାନ କରାଯିବ। ଅପରପକ୍ଷେ ଅଣସଙ୍ଗଠିତ ଶ୍ରମିକଙ୍କ ପଞ୍ଜୀକରଣ ମାଗଣାରେ ହେଉଛି ବୋଲି ସଚେତନା କରାଯାଇଥିଲା। ପୁଣି ନିର୍ମାଣ ଶ୍ରମିକମାନେ ୨୦ଟଙ୍କା ଦେଇ ପଞ୍ଜୀକୃତ କରିବେ। ବାର୍ଷିକ ଦେୟ କିନ୍ତୁ ୫୦ ଟଙ୍କା ଦେବାକୁ ପଡିବ ବୋଲି ସରକାରଙ୍କ ନିୟମ ସମ୍ପର୍କରେ କହିଥିଲେ। ନୟାଗଡ଼ ଜିଲା ଶ୍ରମିକ ମହାସଂଘ ଓ କଳିଙ୍ଗ ନିର୍ମାଣ ଶ୍ରମିକ ମଞ୍ଚ ସଭାପତି ଶୂନ୍ୟଜୟୀ ମିଶ୍ର କୁହନ୍ତି, ୨୧,୮୪୪ ନିର୍ମାଣ ଶ୍ରମିକଙ୍କ ପଡି ରହିଥିବା ଆବେଦନ ପତ୍ରକୁ ଯାଞ୍ଚ କରି ପଞ୍ଜୀକୃତ କରାଇବେ। ବିବାହ, ମୃତ୍ୟୁ କାଳୀନ, ଶିକ୍ଷା, ପ୍ରସୂତୀକାଳୀନ ସହାୟତାକୁ ଯୁଦ୍ଧକାଳୀନ ଭିତ୍ତିରେ ବଣ୍ଟନ କରିବେ। ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କର ଆକାଉଣ୍ଟକୁ ଯାଇ ନ ଥିବା ସହାୟତା ରାଶି ସେମାନଙ୍କ ଅଭିଯୋଗକୁ ଭିତ୍ତି କରି ତରନ୍ତ ଫଇସଲା କରିବାକୁ ନିଷ୍ପତ୍ତି ହୋଇଛି।




ନିର୍ମାଣ ଶ୍ରମିକମାନେ ରାସ୍ତା ଅବରୋଧ କରିଛନ୍ତି।

- ଦାବି ପୂରଣ ପାଇଁ ନିର୍ମାଣ ଶ୍ରମିକଙ୍କ ରାସ୍ତାରୋକୋ
- ଆନ୍ଦୋଳନ ନୁହେଁ ଆଲୋଚନା ମାଧ୍ୟମରେ ଦାବି ରଖିବାକୁ ପ୍ରସ୍ତାବ

# ୭ ମାସ ହେଲା ଜଳ ଯୋଗାଣ ବନ୍ଦ

**ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର.)**



ନଳକୂପ ପାଖରେ ମହିଳାମାନେ ପାଣି ନେବାକୁ ଅପେକ୍ଷା କରିଛନ୍ତି।

## ଦୂଷିତ ପାଣି ବ୍ୟବହାର କରୁଛନ୍ତି ବେଣାଗାଡ଼ିଆବାସୀ

ବିଦ୍ୟୁତ୍ ବକେୟା ବିଲ ୧୦ଲକ୍ଷରୁ ଊର୍ଦ୍ଧ୍ୱ। ତା'ସାଙ୍ଗକୁ ବିଦ୍ୟୁତ ଟ୍ରାନ୍ସଫର୍ମରଟି ପୋଡ଼ି ଯିବାର ୬ ମାସରୁ ଅଧିକ ହେଲାଣି । ଗ୍ରାମବାସୀ ୭ ମାସ ହେଲା ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଅଞ୍ଚଳବାସୀ ବିଭିନ୍ନ ଜଳ ଉତ୍ସର ପାଣି ବ୍ୟବହାର କରି ନାନା ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି । ଏହି ସମସ୍ୟା ଖଣ୍ଡପଡ଼ା ବ୍ଲକ୍ ଅଧୀନ ବେଣାଗାଡ଼ିଆ ପଞ୍ଚାୟତ ବେଣାଗାଡ଼ିଆ ଗ୍ରାମର ୪ ୱାର୍ଡ ବାସିନ୍ଦାଙ୍କୁ ଚିନ୍ତାରେ ପକାଇଛି । ଲୋକେ ନିକଟସ୍ଥ ନଦୀ, କୂଅ ଓ ପୋଖରୀର ଦୂଷିତ ପାଣି ବ୍ୟବହାର କରୁଛନ୍ତି । ଗ୍ରାମରେ ଥିବା ନଳକୂପର ପାଣି ଫ୍ଲୋରାଇଡ ଯୁକ୍ତ ହୋଇଥିବାରୁ ସେହି ପାଣିକୁ ବ୍ୟବହାର କରି ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି ।

ସୂଚନା ଅନୁଯାୟୀ, ୨୪ଟି ୱାର୍ଡ ତଥା ୭ ମୌଜାକୁ ନେଇ ଗଠିତ ବେଣାଗାଡ଼ିଆ ପଞ୍ଚାୟତ। କେବଳ ବେଣାଗାଡ଼ିଆ ଗ୍ରାମର ୧,୨,୩ ଓ ୪ନଂ. ୱାର୍ଡର ପ୍ରାୟ ୨ ହଜାର ଲୋକମାନଙ୍କ ପାଇଁ ନିର୍ମାଣ କରାଯାଇଥିଲା ପାନୀୟ ଜଳ ଯୋଗାଣ ପ୍ରକଳ୍ପ। ହେଲେ ଗତ ୬ ମାସ ହେବ ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ପୋଡ଼ି ଯିବାରୁ ସେହି ପ୍ରକଳ୍ପ ଅଚଳ ହୋଇପଡିଛି। ଅପରପକ୍ଷେ ବେଣାଗାଡ଼ିଆ ପଞ୍ଚାୟତ ଅଧୀନରେ ଥିବା ୫ ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ବକେୟା ବିଲ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଅଧିକ ରହିଛି । ଏ ସଂକ୍ରାନ୍ତରେ ବେଣାଗାଡିଆ ସରପଞ୍ଚ ବଳରାମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରେ ୧ଲକ୍ଷ ୨୦ ହଜାର ଟଙ୍କା ଡିପୋଜିଟ ହୋଇଥିବା ସୂଚନା ଦେଇଥିଲେ। ତେବେ ସମ୍ପୂର୍ଣ୍ଣ ବିଲ ପଞ୍ଚାୟତ ପକ୍ଷରୁ ପଇଠ ହୋଇ ନ ଥିବାରୁ ଏହି ସମସ୍ୟା ଲାଗି ରହିଛି। ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପମ୍ପ ହାଉସକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଅନ୍ୟ କୌଣସି କାରଣ ଯୋଗୁ ପାନୀୟ ଜଳପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନାହିଁ ବୋଲି ଖଣ୍ଡପଡ଼ା ବିଦ୍ୟୁତ ଉପଖଣ୍ଡ ସହକାରୀ ଯନ୍ତ୍ରୀ ଇଂ. ଅନୀଲ କୁମାର ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷେ ଖୁବ୍‌ଶୀଘ୍ର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇ ସମସ୍ୟାର ସମାଧାନ ହେବ ବୋଲି ସରପଞ୍ଚ ବଳରାମ ମଲ୍ଲିକ ପ୍ରକାଶ କରିଛନ୍ତି । ତୁରନ୍ତ ଜଳ ଯୋଗାଣର ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି ।

# ଜବରଦଖଲ ଉଚ୍ଛେଦ ଦାବିରେ ଧାରଣା

## ଶ୍ରୀ ରଘୁନାଥଙ୍କ ୪ ଡେସିମିଲ ଜମି ଜବରଦଖଲ

**ନୟାଗଡ଼ ଅଫିସ,୨।୧୧**

ଓଡ଼ଗାଁ ରଘୁନାଥ ଜୀଉଙ୍କ ରେକର୍ଡ ଭୁକ୍ତ ଦେବୋତ୍ତର ଜମିରୁ ଜବରଦଖଲ ଉଚ୍ଛେଦ ଦାବିରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ନୟାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ରଘୁନାଥଙ୍କର ଖାତା ନଂ. ୮୫, ପ୍ଲଟ ନଂ. ୧୪୧୬ରେ ୪ଡେସିମିଲ ଦେବୋତ୍ତର ଜମି ରେକର୍ଡ ଭୁକ୍ତ ରହିଥିବାବେଳେ ଏହାକୁ ଜବରଦଖଲ କରି ରଖାଯାଇଛି। ସେହି ଜମିରେ ଛାତ ଘର ନିର୍ମାଣ କରାଯାଇ ଭଡ଼ା ଦିଆଯାଇଛି। ଏନେଇ ବାରମ୍ବାର ଅଭିଯୋଗ ପରେ ଦେବୋତ୍ତର ବିଭାଗ ପକ୍ଷରୁ ଜବରଦଖଲ ମୁକ୍ତ କରିବାକୁ ଜବରଦଖଲକାରୀଙ୍କୁ ନୋଟିସ୍ ହୋଇଛି। ତେବେ ପ୍ରଶାସନ ଜବରଦଖଲ ଉଚ୍ଛେଦ କରୁନାହିଁ ବୋଲି ଅଭିଯୋଗ ରହିଛି । ଖବର ପାଇ ଉପଜିଲାପାଳ ଶକ୍ତିକାନ୍ତ ରାୟ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବୁଧବାର ଧାରଣା ପ୍ରତ୍ୟାହୃତ ହୋଇଛି ।

# ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

**ଦଶପଲ୍ଲା,୨।୧୧(ଡି.ଏନ.ଏ.)**

ଦଶପଲ୍ଲାର ନୂତନ ତହସିଲଦାର ରୁପେ ଶ୍ରୀକୁମାର ରଥ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରୁପେ କାମ କରୁଥିଲେ ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ମାନତି



@ ତପନ



@ ପଦ୍ମଲୋଚନ



@ ସୁରେଶ୍ୱର



@ ସତ୍ୟବାନ୍


ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଅନୁଧ୍ୟାନ ଶେଷ କରି ଫେରିଲା ନାକ୍ ପିୟର ଟିମ୍

**ନୟାଗଡ଼ ଅଫିସ,୧।୧୧**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଜାତୀୟ ମୂଲ୍ୟାୟନ ଓ ମାନ୍ୟତା କାଉନସିଲ (ୟୁଜିସିର ନାକ୍ ପିୟର ଟିମ୍ ) ନାକ୍ ମାନ୍ୟତାର ନବୀକରଣ ପାଇଁ ମଙ୍ଗଳବାର ଓ ବୁଧବାର ଶୈକ୍ଷିକ ପରିବେଶ ପରଖିବା ସହ ମହାବିଦ୍ୟାଳୟରକୁ ପରିଦର୍ଶନ କରିଛନ୍ତି। ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ସହ ଏହି ଟିମ୍ ଆଲୋଚନା କରିଥିଲେ। ଆୟୋଜିତ ବୈଠକରେ ମହାବିଦ୍ୟାଳୟ ସମ୍ପର୍କରେ ସମୀକ୍ଷା ଓ ଆଲୋଚନା କରିଥିଲେ । ଟିମ୍‌ର ଚେୟାରମ୍ୟାନ ସଞ୍ଜୀବ କୁମାର ଶର୍ମାଙ୍କ ନେତୃତ୍ୱରେ ମେମ୍ବର ସେକ୍ରେଟାରୀ ଉତ୍ତରାଖଣ୍ଡରୁ ପ୍ରଫେସର ସୁବାସ ଚନ୍ଦ୍ର ଭଟ, ଓ ମେମ୍ବର ତାମିଲନାଡୁର ନାଲାପାନ ରମଣ ପ୍ରମୁଖ ୩ ଜଣିଆ ଟିମ୍ ମହାବିଦ୍ୟାଳର ସ୍ଥିତି ପରଖି ରିପୋର୍ଟ ପ୍ରସ୍ତୁତ କରି ଫେରିଛନ୍ତି ।


**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.9998/PSC, Dt.1.11.22**

**Corrigendum to Advertisement No.06 of 22/23 for recruitment to the posts of Odisha Municipal Administrative Services, 2021 under Housing & Urban Development Department.**

**No.D-208:** It is for information of all concerned that, under sub-para-3(ii) of the Advertisement No. 06 of 2022-23 for recruitment to the post of Odisha Municipal Administrative Services, 2021, the clause " & Ex-Servicemen" is inserted after "Women" in the last line for extending upper age relaxation of 05 years to the Ex-Servicemen candidates.
The online applications for Ex- Servicemen candidates only for applying for the said post shall be available from 03.11.2022 to 10.11.2022.
Besides this, all other terms and conditions of the advertisement shall remain unchanged.

**Sd./- Secretary**
OIPR-12002/11/0192/2223



**ODISHA PUBLIC SERVICE COMMISSION**
**ADVERTISEMENT NO.10 OF 2022-23**

**SPECIAL DRIVE RECRUITMENT FOR SC & ST CANDIDATES TO THE POSTS OF PUBLIC PROSECUTOR (GROUP-A) IN THE ODISHA STATE PROSECUTION SERVICE UNDER HOME DEPARTMENT.**
**WEBSITE-http://opsc.gov.in**

**No.D-207:** Online applications are invited from the prospective candidates through the proforma application to be made available on the Website (http://opsc.gov.in). The link for Registration and submission of online application shall be available from 07.11.2022 to 06.12.2022 for recruitment to 06 (Six) nos. of posts of Public Prosecutor (Group-A) in the Odisha State Prosecution Service (OSPS) under Home Department in the Scale of Pay of Rs.67,700-2,08,700/- of Level-13, of the Pay Matrix under ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time. The posts are temporary and likely to be made permanent.
2. VACANCY POSITION: As per requisition filed by the Home Department, Government of Odisha, the vacancy position along with reservation thereof is given below:

| Sl.No. | Category | No. of Vacancies |
|---|---|---|
| 1. | Scheduled Caste (S.C) | 02 (01-w) |
| 2. | Scheduled Tribe (S.T.) | 04 (01-w) |
| | Total | 06 (02-w) |

3. **AGE:** A candidate must have attained the age of 21 (twenty-one) years and must not have completed the age of 45 (Forty five) years on the 1st day of January, 2022 i.e. he/she must have been born not earlier than 2nd January, 1977 and not later than 1st January, 2001 (Inclusive of Age relaxation).

**4. EDUCATIONAL QUALIFICATION:**
(a) A candidate must possess a Bachelor's Degree in Law from a recognized University.
(b) He/She should have at least 10 (ten) years of experience as practicing Advocate. (Required certificate from the District & Sessions Judge in the prescribed format at Annexure-B and Certificate of Enrolment under Bar'Council to be uploaded).

5. **EXAMINATION FEE:**
The examination fee for all the categories of candidates has been exempted as per GA & PG Department Notification No.9897/Gen., dt.11.04.2022.
The link for registration shall be available from 07.11.2022 to 06.12.2022 for submission of Registered Online Application.
The candidates are advised to visit the Website of the Commission at http://opsc.gov.in for detailed information for applying to the above post.

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**

**CUTTACK**
**DATE- 01.11.2022**
**OIPR-12002/11/0193/2223**



**GOVERNMENT COLLEGE OF ENGINEERING, KEONJHAR**
At: Jamunalia, P.O.: Old Town,
Dist.: Keonjhar, PIN - 758002 (Odisha)
Web: www.gcekjr.ac.in / Mail id: principal@gcekjr.ac.in
No. 1402 Date: 01.11.2022

**NOTICE FOR REPORTING OF CANDIDATES FOR ADMISSION INTO 1ST YEAR B.TECH FOR THE ACADEMIC SESSION 2022-23**

No. KK-220: The candidates allotted by OJEE-2022 for admission in this college for 1st year B.Tech in the academic session 2022-23 are required to report to the college on the dates as given below. The details of documents to be submitted, fee to be deposited, fee structure, etc. are available on the college website: **www.gcekjr.ac.in**.

| Reporting Date | Time | Branch | Commencement of Classes |
|---|---|---|---|
| 05.11.2022 (Saturday) | 10.00 A.M. to 4.00 P.M. | Mining Engineering, Computer Sc. & Engineering | Will be Notified Later |
| 07.11.2022 (Monday) | 10.00 A.M. to 4.00 P.M. | Electrical Engineering, Mechanical Engineering, Mineral Engineering, Metallurgical & Materials Engg., Civil Engineering | |

**Sd./- Principal**
**Government College of Engineering, Keonjhar**
OIPR-14088/11/0010/2223



No. A-673
**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN**
At/P.O.- Laxmiposi, Dist.- Mayurbhanj, PIN - 757107
Mail Id: cebmsbb2019@gmail.com

**Government of Odisha "e" PROCUREMENT NOTICE**
**Bid Identification No. 14/22-23 of CEBM, SBB, Laxmiposi**

| | | |
|---|---|---|
| i | Name of Work | a) "Construction of Black Topping Service Road from RD 15.00 Km. to RD 22.50 Km. of Baisinga Branch Canal". b) "Excavation of Nuadihi Sub Minor including Cement Concrete Lining, Service Road and its Structures". |
| ii | Estimated Cost (Lakh) | a) Rs.687.90 Lakh b) Rs.582.33 Lakh |
| iii | Period of Completion | 12 (Twelve) Calendar Months |
| iv | Date & time of availability of bid document in the portal | 07.11.2022 at 10.00 A.M. |
| v | Last date/time for receipt of bid in the portal | 23.11.2022 upto 5.00 P.M. |
| vi | Name & address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement portal **"https://tendersodisha.gov.in"**.

**Sd./- Chief Engineer & Basin Manager**
**Subarnarekha & Budhabalanga Basin, Laxmiposi**
OIPR-32429/11/0017/2223



**GOVERNMENT OF ODISHA** No. A-674
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, KHURDA IRRIGATION DIVISION, KHURDA**
Dist.: Khurda, Odisha - 752056, Tel/Fax: 06755-296075, Mail Id: eekhurdairrigationdivision@gmail.com
**'e' - Procurement Notice No. KHD-04 of 2022-23**

1. Name of the Work : 24 (Twenty Four) Nos. of Civil Works related to flood control works in River Embankment & Road works, Canal works
2. Tender Cost : Work varies from Rs.8.63 lakhs to 41.87 lakhs
3. Bid Document Cost : Rs.4000.00 & Rs.6000.00
4. Bid Security : Bid Security Declaration to be furnished as per Annexure - I of Section - 2 of Bid document.
5. Class of Contractor : D, C & B Class (As applicable)
6. Period of Completion : 4 and 6 (Four & Six) Calendar Months
7. Other details are as follows:

| Procurement Officer | Bid Identification No. | Availability of Tender Onliner for Bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 04 - 01 of 2022-23 to KHD 04-24 of 2022-23 (24 Nos. of Works) | 05.11.2022 at 11.00 A.M. | 14.11.2022 upto 5.30 P.M. | 15.11.2022 at 11.00 A.M. |

8. e-mail Id : **eekhurdairrigationdivision@gmail.com**
9. If required lottery may be held on 29.11.2022 at 11.00 A.M.

Further detail conditions can be seen from the Govt. Website: **www.tendersodisha.gov.in**.
**OIPR-32078/11/0008/2223** **Sd./- Superintending Engineer, Khurda Irrigation Division, Khurda**



**GOVERNMENT OF ODISHA, DEPARTMENT OF P.R & D.W**
**INVITATION FOR BIDS (IFB)**
**IDENTIFICATION No: - ATHB - 01 / 2022-23**
**E-mail address: - ori-athmallik@nic.in**

**No.i-117:** 1.The Block Development Officer, Athmallik on behalf of the Governor of Orissa invites Percentage rate bid in single cover system for the works as detailed in the table, from the class of eligible contractors as mentioned in Col.4 (four), registered with the State Government and contractors of equivalent grade/ Class registered with Central Government/ MES / Railway, to be eventually drawn up in PWD P-I form, for execution of Building. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works. The detail Tender Call Notice can be viewed & downloaded from the District website i.e. www.angul.nic.in and in the office of the undersigned during office hour.

| Sl. No. | Name of works | Approx. Value of work excluding 12%GST (Rs. in Lakhs) | Class of Contractor | Bid Security (Rs.) | Cost of document (Non-refundable) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Addl. Class Room 2 nos. Renovation of Old room and Hand Washing Platform at Kankei Uchha Bidyapitha, Pedipathar | 26,61,000 | 'C' & 'B' | 26700.00 | 6000.00 | Three Calendar Months |

1.Sale of Tender Paper- dt.04.11.2022 to dt.17.11.2022 Up to 1 PM except on Sunday & Holiday during office hour. 2.Last date of receipt of Tender Paper:- Up to 5.30 PM of dt.17.11.2022 (through speed post or registered post only). 3. Date of Opening of Tender Paper:- 11.30A.M on 18.11.2022 (in the office of the undersigned).

**Sd./- Block Development Officer, Athmallik**
OIPR-19091/11/0001/2223

